# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୮/୨୦୨୩ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 18/2023 Page 18 ₹ 7.00

୪୯ଶ ଭାଗ ୧୧୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 112 ମୂଲ୍ୟ₹୭/-





**ଯାତ୍ରୀଙ୍କୁ ହୃଦ୍‌ଘାତ, ବିମାନର ଜରୁରୀ ଅବତରଣ**

ରାଞ୍ଚିରୁ ଶୁକ୍ରବାର ପୁଣେ ଯାଉଥିବା ଇଣ୍ଡିଗୋ ବିମାନରେ ଜଣେ ୭୩ ବର୍ଷୀୟ ଯାତ୍ରୀଙ୍କୁ ହୃଦ୍‌ଘାତ ହେବାରୁ ଏହାକୁ ମହାରାଷ୍ଟ୍ରର ନାଗପୁରଠାରେ ଜରୁରୀ ଅବତରଣ କରିବାକୁ ପଡ଼ିଥିଲା। ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ବ୍ୟବଚ୍ଛେଦ ଓ ଅନ୍ୟାନ୍ୟ ପ୍ରକ୍ରିୟା ଲାଗି ମୃତଦେହକୁ ଇନ୍ଦିରା ଗାନ୍ଧୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଯାଇଛି। ବିମାନରେ ଯାତ୍ରୀଙ୍କୁ ହୃଦ୍‌ଘାତ ହେବା ପରେ ସେ ଅଚେତ ହୋଇପଡ଼ିଥିଲେ ବୋଲି କିମ୍ସ-କିଙ୍ଗସ୍‌ୱେ ହସ୍ପିଟାଲ ପକ୍ଷରୁ କୁହାଯାଇଛି।

# ପୁଟିନ୍‌ଙ୍କ ବିରୋଧରେ ଗିରଫ ପରୱାନା

## ୟୁକ୍ରେନୀୟ ଶିଶୁଙ୍କୁ ଅପହରଣର ଯୁଦ୍ଧ ଅପରାଧୀ ରୁଷିଆ ରାଷ୍ଟ୍ରପତି

■ ଆଇସିସି ସଦସ୍ୟ ରାଷ୍ଟ୍ରକୁ ଗଲେ ଗିରଫ ହେବେ

ହେଗ୍, ୧୭।୩

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବିରୋଧରେ ଶୁକ୍ରବାର ନେଦରଲାଣ୍ଡର ହେଗ୍‌ସ୍ଥିତ ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ (ଆଇସିସି) ଗିରଫ ପରୱାନା ଜାରି କରିଛନ୍ତି। ୟୁକ୍ରେନ୍ ଉପରେ ଆକ୍ରମଣ କରି ସେଠାକାର ଶିଶୁମାନଙ୍କୁ ଅପହରଣରେ ସମ୍ପୃକ୍ତି ଅଭିଯୋଗରେ ପୁଟିନ୍‌ଙ୍କୁ 'ଯୁଦ୍ଧ ଅପରାଧୀ' ଭାବେ ଦର୍ଶାଯାଇ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୁଡାନ୍‌ର ଓମାର ଅଲ୍-ବଶିର ଏବଂ ଲିବ୍ୟାର ମୁଆଁମାର ଗଦ୍ଦାଫିଙ୍କ ପରେ ପୁଟିନ୍ ହେଉଛନ୍ତି ତୃତୀୟ କାର୍ଯ୍ୟରତ ରାଷ୍ଟ୍ରପତି, ଯାହାଙ୍କ ବିରୋଧରେ ଆଇସିସି ପକ୍ଷରୁ ଆରେଷ୍ଟ ୱାରେଣ୍ଟ ଜାରି କରାଯାଇଛି। ଅନ୍ୟପକ୍ଷେ ଜାତିସଂଘ ଦ୍ୱାରା ପରିଚାଳିତ ଅନ୍ତର୍ଜାତୀୟ ଅଦାଲତ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପର କୌଣସି ଯଥାର୍ଥତା ନାହିଁ ବୋଲି ମସ୍କୋ କହିଛି।

୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ପୁଟିନ୍ ନିଜ ସେନାକୁ ୟୁକ୍ରେନ୍ ଉପରେ 'ସାମରିକ ଅଭିଯାନ' ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେବେଠୁ ଅଦ୍ୟାବଧି ରୁଷୀୟ ସୈନ୍ୟମାନେ ୟୁକ୍ରେନ୍‌ରେ ବହୁ ଶିଶୁ ଓ ମହିଳାଙ୍କୁ ଅପହରଣ ତଥା ବଳାତ୍କାର କରିଥିବା ଅଭିଯୋଗ ହୋଇଆସୁଛି। ଆଇସିସି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ୟୁକ୍ରେନ୍‌ରୁ ରୁଷିଆକୁ ପିଲାଙ୍କ ସମେତ ଅନ୍ୟମାନଙ୍କୁ ବେଆଇନ ଭାବେ ସ୍ଥାନାନ୍ତର କରିବା ଯୁଦ୍ଧ ଅପରାଧ ପାଇଁ ଦାୟୀ। ଏଥିସହିତ ପୁଟିନ୍‌ଙ୍କ ଅଫିସରେ ଥିବା ଶିଶୁ ଅଧିକାର ଆୟୁକ୍ତ ମାରିଆ ଆଲେକ୍ସେୟେଭ୍‌ନା ଲୋଭାବେଲୋଭାଙ୍କୁ ମଧ୍ୟ ସମାନ ଅଭିଯୋଗରେ ଗିରଫ କରିବା ପାଇଁ ୱାରେଣ୍ଟ ଜାରି କରାଯାଇଛି। ଫଳରେ ପୁଟିନ୍ ଓ ମାରିଆ ଆଇସିସିର କୌଣସି ସଦସ୍ୟ ରାଷ୍ଟ୍ରକୁ ଯାତ୍ରା କଲେ ସେଠାରେ ସେମାନଙ୍କୁ ଗିରଫ କରାଯାଇପାରେ। ଅନ୍ୟପକ୍ଷେ ୟୁକ୍ରେନ୍ ଆକ୍ରମଣର ବର୍ଷକ ମଧ୍ୟରେ ପଡ଼ୋଶୀ ଦେଶରେ ବର୍ବରକାଣ୍ଡ ଭିଆଇଥିବା ଅଭିଯୋଗକୁ ରୁଷିଆ ଖଣ୍ଡନ କରିଆସୁଛି। ଆଇସିସି ରାୟକୁ ନେଇ ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ମାରିଆ ଜାଖେରୋଭା କହିଛନ୍ତି, ରୁଷିଆ ପାଇଁ ଅନ୍ତର୍ଜାତୀୟ ଅପରାଧ ଅଦାଲତଙ୍କ ନିଷ୍ପତ୍ତିର କୌଣସି ମୂଲ୍ୟ ନାହିଁ। ଆଇନଗତ ଦୃଷ୍ଟିରୁ ମଧ୍ୟ ଏହାର କିଛି ଯଥାର୍ଥତା ନାହିଁ। ଆଇସିସିର ରୋମ୍ ଷ୍ଟାଟ୍ୟୁଟ୍‌ରେ ରୁଷିଆ ଏକ ପକ୍ଷ ହୋଇ ନ ଥିବାରୁ ଏହା ଅଧୀନରେ ଉତ୍ତରଦାୟୀ ନୁହେଁ। ସେପଟେ ଆଇସିସି ନିଷ୍ପତ୍ତିକୁ ୟୁକ୍ରେନ୍‌ର ବରିଷ୍ଠ ଅଧିକାରୀମାନେ ପ୍ରଶଂସା କରିଛନ୍ତି। ୟୁକ୍ରେନୀୟ ପ୍ରସିକ୍ୟୁଟର ଜେନେରାଲ ଆଣ୍ଡ୍ରି କୋଷ୍ଟିନ୍ ଏହାକୁ ତାଙ୍କ ଦେଶ ଏବଂ ସମଗ୍ର ଅନ୍ତର୍ଜାତୀୟ ଆଇନ ବ୍ୟବସ୍ଥା ପାଇଁ ଏକ ଐତିହାସିକ ରାୟ ଭାବେ ଅଭିହିତ କରିଛନ୍ତି।



ନେଦରଲାଣ୍ଡର ହେଗସ୍ଥିତ ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ


ଭ୍ଲାଡିମିର ପୁଟିନ୍

## ୨୦ରେ ରୁଷିଆ ଯିବେ ଶି ଜିନ୍‌ପିଙ୍ଗ୍

**ବେଜିଂ/ମସ୍କୋ, ୧୭।୩:** ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ସୋମବାର ମସ୍କୋ ଗସ୍ତ କରି ରୁଷୀୟ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କୁ ସାକ୍ଷାତ କରିବେ। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ଦୁଇ ନେତାଙ୍କ ମଧ୍ୟରେ ଶାନ୍ତି ଆଲୋଚନା ହୋଇପାରେ। ଜିନ୍‌ପିଙ୍ଗ୍ ଗତ ସପ୍ତାହରେ ରାଷ୍ଟ୍ରପତି ଭାବେ ନିଜ ତୃତୀୟ ଇନିଂସ୍ ଆରମ୍ଭ କରିବା ପରେ ଏହା ହେବ ତାଙ୍କ ପ୍ରଥମ ବିଦେଶ ଯାତ୍ରା। ତେଣୁ ଏହି ଐତିହାସିକ ଗସ୍ତ ଉପରେ ସାରା ବିଶ୍ୱର ନଜର ରହିବ। ଚାଇନା ବହିର୍ବ୍ୟାପାର ମୁଖପାତ୍ର ହୁଆ ଚୁନ୍‌ୟିଙ୍ଗ୍ ଶୁକ୍ରବାର ଗଣମାଧ୍ୟମକୁ କହିଛନ୍ତି, ରୁଷିଆ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣକ୍ରମେ ଜିନ୍‌ପିଙ୍ଗ୍ ଆସନ୍ତା ୨୦ରୁ ମସ୍କୋ ଯିବେ। ସେ ସେଠାରେ ୨୨ ତାରିଖ ପର୍ଯ୍ୟନ୍ତ ରହିବେ। ସଂଘର୍ଷ ଓ ବିବାଦର ସମାଧାନ ପାଇଁ ଆଲୋଚନା ହିଁ ଏକମାତ୍ର ପନ୍ଥା ବୋଲି ଆମେ ବିଶ୍ୱାସ କରୁ।



## ସଂକ୍ଷେପରେ

### ଶୀତଳ ଭଣ୍ଡାର ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ୧୦

**ଲକ୍ଷ୍ନୌ, ୧୭।୩:** ଉତ୍ତରପ୍ରଦେଶ ସମ୍ଭଲ ଜିଲାରେ ଏକ ଶୀତଳ ଭଣ୍ଡାର ଛାତ ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ଶୁକ୍ରବାର ୧୦କୁ ବୃଦ୍ଧି ପାଇଛି। ଭୁଶୁଡ଼ିବାର କାରଣ ଜାଣିବା ପାଇଁ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏକ ତଦନ୍ତ କମିଟି ଗଠନ କରିଛନ୍ତି। ଗୁରୁବାର ଚନ୍ଦାଉସି ଥାନା ଅନ୍ତର୍ଗତ ଇନ୍ଦିରା ରୋଡରେ ଥିବା ଶୀତଳ ଭଣ୍ଡାର ଭୁଶୁଡ଼ିବାରୁ ଭଗ୍ନାବଶେଷ ତଳେ ୨୧ ଶ୍ରମିକ ପୋତିହୋଇ ପଡ଼ିଥିଲେ। ସମସ୍ତଙ୍କୁ ମାଟିତଳୁ ବାହାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ ୩ ଜଣ ଗୁରୁତର ଆହତ ହୋଇଥିବା ପୋଲିସ କହିଛି।

### ସିସୋଡିଆଙ୍କ ଇଡି ହାଜତ ମିଆଦ ୫ ଦିନ ବଢ଼ିଲା

**ନୂଆଦିଲ୍ଲୀ, ୧୭।୩:** ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଏଏପି ନେତା ମନୀଷ ସିସୋଡିଆଙ୍କ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତ ମିଆଦକୁ ଦିଲ୍ଲୀର ଏକ ଅଦାଲତ ୫ ଦିନ ବଢ଼ାଇ ଦେଇଛନ୍ତି। ଶୁକ୍ରବାର ଇଡି ସିସୋଡିଆଙ୍କୁ ସ୍ୱତନ୍ତ୍ର ବିଚାରପତି ଏମ୍.କେ. ନାଗପାଲଙ୍କ କୋର୍ଟରେ ହାଜର କରି ହାଜତ ମିଆଦ ୭ ଦିନ ବଢ଼ାଇବାକୁ ନିବେଦନ କରିଥିଲେ। ହାଜତ ଜେରା ବେଳେ ସିସୋଡିଆଙ୍କଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିଛି। ତାଙ୍କୁ ପୂର୍ବତନ ଅବକାରୀ କମିଶନର ରାହୁଲ ସିଂ, ଦିନେଶ ଅରୋରା ଏବଂ ଅମିତ ଅରୋରାଙ୍କ ସହ ମୁହାଁମୁହିଁ ଜେରା କରାଯାଇଥିଲା। ଅଧିକ ତଥ୍ୟ ପାଇଁ ଜେରାର ଆବଶ୍ୟକତା ଥିବା ଇଡି କହିବା ପରେ ବିଚାରପତି ହାଜତ ମିଆଦ ମାର୍ଚ୍ଚ ୨୨ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

### ରାମସହାୟ୍ ଯାଦବ ନେପାଳ ଉପରାଷ୍ଟ୍ରପତି



**କାଠମାଣ୍ଡୁ, ୧୭।୩ (ପି.ଟି.):** ମାଧେସ ଅଞ୍ଚଳର ନେତା ରାମସହାୟ୍ ଯାଦବ ଶୁକ୍ରବାର ନେପାଳର ତୃତୀୟ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ସିପିଏନ୍-ୟୁଏମ୍ଏଲ୍ ପ୍ରାର୍ଥୀ ଆଷ୍ଟଲକ୍ଷ୍ମୀ ଶାକ୍ୟ ଏବଂ ଜନମତ ପାର୍ଟି ପ୍ରାର୍ଥୀ ମମତା ଝାଙ୍କୁ ପରାସ୍ତ କରିଛନ୍ତି। ରାମସହାୟ୍‌ଙ୍କ ପଛରେ ନେପାଳର ୮ ଦଳୀୟ ଶାସକ ମେଣ୍ଟର ସମର୍ଥନ ରହିଥିଲା। ଜନତା ସମାଜବାଦୀ ପାର୍ଟି ନେତା ରାମସହାୟ୍(୫୨)ଙ୍କୁ ୧୫୪ ସଂଘୀୟ ଏବଂ ୩୨୯ ପ୍ରଦେଶିକ ଆଇନପ୍ରଣେତାଙ୍କଠାରୁ ୩୦,୩୨୮ ଭୋଟ ମିଳିଥିଲା।

### ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ୧୦୦ରୁ ୧୧୫ ନମ୍ବର ରଖିଲେ ଛାତ୍ରୀଛାତ୍ର

**ମୁମ୍ବାଇ, ୧୭।୩:** ମୁମ୍ବାଇ ୟୁନିଭର୍ସିଟି (ଏମ୍‌ୟୁ)ର ପଞ୍ଚମ ସେମିଷ୍ଟର ଗଣିତ ପରୀକ୍ଷାରେ ୬ ଜଣ ଛାତ୍ରୀଛାତ୍ର ପୂରା ନମ୍ବରଠାରୁ ଅଧିକ ରଖିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗଣିତ ପରୀକ୍ଷାରେ ମୋଟ ନମ୍ବର ୧୦୦ ଥିବାବେଳେ ୪ ଜଣ ପିଲା ୧୧୫ ଏବଂ ଦୁଇଜଣ ୧୦୪ ନମ୍ବର ଲେଖାଏ ରଖିଛନ୍ତି। ଗତବର୍ଷ ନଭେମ୍ବରରେ ଉକ୍ତ ବିଶ୍ୱବିଦ୍ୟାଳୟର ବିଏସ୍‌ସି ଗଣିତ ପଞ୍ଚମ ସେମିଷ୍ଟର ପରୀକ୍ଷା ହୋଇଥିଲା, ଯାହାର ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି। ପରୀକ୍ଷା ଦେଇଥିବା କେତେଜଣ ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତ ଦର୍ଶାଯାଇଥିବା ବେଳେ ଫଳାଫଳରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଛି। ସେଗୁଡ଼ିକର ସଂଶୋଧନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି।


ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଏଲିଜାବେଥ ବୋର୍ନେ ସମ୍ବିଧାନର ଅନୁଚ୍ଛେଦ ୪୯.୩ ବଳରେ ପାର୍ଲାମେଣ୍ଟରେ ପେନ୍‌ସନ ବିଲ୍‌କୁ ଗୃହୀତ କରାଇବାବେଳେ ନାଣ୍ଟେସ୍‌ରେ ବିକ୍ଷୋଭକାରୀଙ୍କ ହିଂସାତ୍ମକ ପ୍ରଦର୍ଶନ।

## କୋର୍ଟରେ ବନ୍ଦହେବ ଅନୁପଯୁକ୍ତ ଶବ୍ଦ

**ନୂଆଦିଲ୍ଲୀ, ୧୭।୩ (ପି.ଟି.):** ଅଦାଲତରେ ଅନୁପଯୁକ୍ତ ଲିଙ୍ଗଗତ ଶବ୍ଦ ବ୍ୟବହାର ବନ୍ଦ ଲାଗି ଖୁବ୍‌ଶୀଘ୍ର ଏକ ନ୍ୟାୟିକ ଶବ୍ଦକୋଷ ପ୍ରକାଶ ପାଇବ। ଏହି ଶବ୍ଦକୋଷ ବିଚାରପତିମାନଙ୍କୁ ଅନୁପଯୁକ୍ତ ଶବ୍ଦ ବ୍ୟବହାର ବିରୋଧରେ ମାର୍ଗଦର୍ଶନ ଦେବ। ବୁଧବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଲାଗି ସୁପ୍ରିମକୋର୍ଟ ଜେଣ୍ଡର ସେନ୍‌ସିଟାଇଜେଶନ ଆଣ୍ଡ ଇଣ୍ଟରନାଲ କମ୍ପ୍ଲେଣ୍ଟ୍ସ କମିଟି ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ଘୋଷଣା କରିଛନ୍ତି। ଅନୁପଯୁକ୍ତ ବ୍ୟବହାର ଓ ମହିଳାଙ୍କ ପ୍ରତି ଅନୁଚିତ ଶବ୍ଦ ପ୍ରୟୋଗକୁ ଆଦୌ ବରଦାସ୍ତ କରାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

## ୫ମ ଦିନ ପାଇଁ ସଂସଦ ଅଚଳ

ନୂଆଦିଲ୍ଲୀ, ୧୭।୩(ପି.ଟି.)



କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲଣ୍ଡନରେ ଦେଇଥିବା ମନ୍ତବ୍ୟକୁ ବିରୋଧ କରି ଶାସକ ଦଳ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବା ଫଳରେ କ୍ରମାଗତ ପଞ୍ଚମ ଦିନ ପାଇଁ ଶୁକ୍ରବାର ପାର୍ଲାମେଣ୍ଟର ଉଭୟ ଗୃହରେ ଅଚଳାବସ୍ଥା ଲାଗି ରହିଥିଲା। ଫଳରେ ଲୋକ ସଭା ଓ ରାଜ୍ୟ ସଭାକୁ ୨୦ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ଶୁକ୍ରବାର ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ଲୋକ ସଭାରେ କେତେଜଣ କଂଗ୍ରେସ ସଦସ୍ୟ ଗୃହ ମଧ୍ୟଭାଗକୁ ଚାଲିଆସି ରାହୁଲ ଗାନ୍ଧୀଙ୍କୁ କହିବାକୁ ଦେବା ନିମନ୍ତେ ଦାବି କରି ସ୍ଲୋଗାନ ଦେଇଥିଲେ। ଏହା ବ୍ୟତୀ ଶିଳ୍ପପତି ଗୌତମ ଆଦାନୀଙ୍କ ନେତୃତ୍ୱାଧୀନ ଆଦାନୀ ଗ୍ରୁପ୍‌ର ଷ୍ଟକ୍ ଜାଲିଆତି ଅଭିଯୋଗର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଲାଗି ସେମାନେ ଦାବି କରିଥିଲେ। ଏହାର ଜବାବରେ ରାହୁଲ ବିଦେଶରେ ଦେଇଥିବା ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ଦାବି କରି ଟ୍ରେଜେରି ବେଞ୍ଚ ସଦସ୍ୟମାନେ ସ୍ଲୋଗାନ ଦେଇଥିଲେ। ବାଚସ୍ପତି ଓମ୍ ବିର୍ଲା ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖାଗଲା ବୋଲି ସେ ଘୋଷଣା କରିଥିଲେ। ରାଜ୍ୟ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଉପୁଜିଥିଲା। ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ କହିବା ପାଇଁ ଅନୁମତି ନ ମିଳିବାରୁ କଂଗ୍ରେସ ଓ ଅନ୍ୟ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ଶାସକ ଦଳ ସଦସ୍ୟମାନେ ସେମାନଙ୍କ ଆସନରେ ଛିଡ଼ାହୋଇ ଏହାର ପ୍ରତିବାଦ ଜଣାଇଥିଲେ। ସ୍ଲୋଗାନବାଜି ମଧ୍ୟରେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନ୍‌କର ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

## ରାସ୍ତାରେ ପିଲାଙ୍କୁ ଚକୋଲେଟ ବାଣ୍ଟିଲେ ରାଷ୍ଟ୍ରପତି

କୋଲ୍ଲମ, ୧୭।୩

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ପ୍ରଥମ ଥର ପାଇଁ କେରଳ ଗସ୍ତ କରିଥିଲେ। ସେ ପୂର୍ବାହ୍ଣରେ କୋଲ୍ଲମ ଜିଲାର ଅମୃତପୁରୀ ଆଶ୍ରମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଉଥିବାବେଳେ କରୁଣାଗପ୍ପଲ୍ଲୀ ରାସ୍ତାକଡ଼ରେ କେତେଜଣ ସ୍କୁଲ ପିଲା ତାଙ୍କୁ ଦେଖିବା ଲାଗି ଅପେକ୍ଷା କରିଥିଲେ। ରାଷ୍ଟ୍ରପତି ସେମାନଙ୍କୁ ଦେଖି ନିଜ କାର୍‌କେଡ୍‌କୁ ଅଟକାଇଥିଲେ। କାର୍‌ରୁ ଓହ୍ଲାଇ କୁନିକୁନି ଛାତ୍ରୀଛାତ୍ରଙ୍କୁ ଚକୋଲେଟ ବାଣ୍ଟିବା ସହିତ ସେମାନଙ୍କ ସହ କଥା ହୋଇଥିଲେ। ରାଷ୍ଟ୍ରପତିଙ୍କ ଏଭଳି ବ୍ୟବହାର ପିଲାଙ୍କୁ ଉତ୍ସାହିତ କରିଥିଲା। କିଛି ସମୟ ପରେ ରାଷ୍ଟ୍ରପତି ମୁର୍ମୁ ସେମାନଙ୍କଠାରୁ ବିଦାୟ ନେଇଥିଲେ। ପିଲାମାନେ ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସାମାଜିକ ଗଣମାଧ୍ୟମରେ ଏହି ଦୃଶ୍ୟର ଭିଡିଓ ବହୁଳ ପ୍ରସାରିତ ହୋଇଛି।



## ହସ୍ତକ୍ଷେପ କରିବାକୁ ମନାକଲେ ହାଇକୋର୍ଟ

### ବାଧ୍ୟତାମୂଳକ ମତଦାନ ଲାଗି ପିଆଇଏଲ୍

ନୂଆଦିଲ୍ଲୀ, ୧୭।୩(ପି.ଟି.)

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ବାଧ୍ୟତାମୂଳକ ମତଦାନ ଲାଗି କେନ୍ଦ୍ର ସରକାର ଓ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ହସ୍ତକ୍ଷେପ କରିବାକୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। କାହାକୁ ଭୋଟ ଦେବା ଲାଗି ହାଇକୋର୍ଟ ବାଧ୍ୟ କରିପାରିବେ ନାହିଁ। ଆମେ ଆଇନ ପ୍ରଣେତା ନୋହୁଁ। ଏଭଳି ନିର୍ଦ୍ଦେଶ ଦେଇପାରିବୁ ନାହିଁ ବୋଲି ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମା ଏବଂ ଜଷ୍ଟିସ୍ ସୁବ୍ରମଣ୍ୟମ ପ୍ରସାଦଙ୍କ ଖଣ୍ଡପୀଠ କହିଛନ୍ତି। ମତଦାନକୁ ବାଧ୍ୟତାମୂଳକ କରିବା ଲାଗି ସମ୍ବିଧାନରେ କୌଣସି ବ୍ୟବସ୍ଥା ରହିଛି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଅଦାଲତଙ୍କ ସମୟ ନଷ୍ଟ କରିଥିବାରୁ ଜରିମାନା ସହ ପିଆଇଏଲ୍‌କୁ ଖାରଜ କରାଯିବ ବୋଲି ଖଣ୍ଡପୀଠ ଚେତାବନୀ ଦେବା ପରେ ଆବେଦନକାରୀ ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ଏହାକୁ ପ୍ରତ୍ୟାହାର କରିନେଇଥିଲେ।

## ମୋଦିଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଲା କଂଗ୍ରେସ

### ନେହେରୁ ସାଙ୍ଗିଆ ମନ୍ତବ୍ୟ

ନୂଆଦିଲ୍ଲୀ, ୧୭।୩

ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ପରିବାର ତାଙ୍କ ସାଙ୍ଗିଆ କାହିଁକି ବ୍ୟବହାର କରୁ ନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ତବ୍ୟ ଦେଇଥିଲେ। ଏଥିପାଇଁ କଂଗ୍ରେସ ନେତା କେ.ସି. ବେଣୁଗୋପାଳ ଶୁକ୍ରବାର ମୋଦିଙ୍କ ବିରୋଧରେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କରଙ୍କୁ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛନ୍ତି। ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଫେବୃୟାରୀ ୯ରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖୁଥିଲାବେଳେ ନେହେରୁଙ୍କ ସାଙ୍ଗିଆକୁ ନେଇ ମନ୍ତବ୍ୟ ଦେଇଥିଲେ। ଉକ୍ତ ମନ୍ତବ୍ୟ ନେହେରୁ ପରିବାର ବିଶେଷ କରି ଲୋକ ସଭା ସଦସ୍ୟ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ କେବଳ ଅପମାନିତ କରିନାହିଁ ମର୍ଯ୍ୟାଦା ହାନି କରିଛି। ରାଜ୍ୟ ସଭା ଅଧିବେଶନ ପ୍ରକ୍ରିୟା ଓ ପରିଚାଳନା ନିୟମାବଳୀର ରୁଲ୍ ୧୮୮ ଅନୁଯାୟୀ ଭାରତର ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଦେଉଛି ବୋଲି ବେଣୁଗୋପାଳ ତାଙ୍କ ନୋଟିସରେ ଉଲ୍ଲେଖ କରିଛନ୍ତି।

## ରାକୁନ୍ କୁକୁରଠାରୁ କୋଭିଡ୍‌ର ଉତ୍ପତ୍ତି

ନୂଆଦିଲ୍ଲୀ, ୧୭।୩



ଚାଇନାର ଉହାନ ମାର୍କେଟରୁ ରାକୁନ୍ ନାମକ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ଲୋମଶ କୁକୁରଠାରୁ ମାରାତ୍ମକ କୋଭିଡ୍-୧୯ ମହାମାରୀର ଉତ୍ପତ୍ତି ହୋଇଥିଲା ବୋଲି ଭୂତାଣୁ ବିଶେଷଜ୍ଞମାନଙ୍କର ଏକ ଅନ୍ତର୍ଜାତୀୟ ଟିମ୍ ଜାଣିବାକୁ ପାଇଛନ୍ତି। ମହାମାରୀକୁ ୩ ବର୍ଷ ହୋଇଥିବାବେଳେ ଏହାର ଉତ୍ପତ୍ତି ସମ୍ପର୍କରେ ଏବେ ବି ସ୍ପଷ୍ଟ ଚିତ୍ର ମିଳିନାହିଁ। ଏହା ବାଦୁଡ଼ିଠାରୁ ଆସିଥିଲା ନା ଲାବରେଟୋରିରୁ ଲିକ୍ ହୋଇଥିଲା, ତାହାକୁ ନେଇ ରାଜନୈତିକ ଓ ବୈଜ୍ଞାନିକ ବିତର୍କ ଜାରି ରହିଛି। ତେବେ ଆରିଜୋନା, ଉଟାହ ଏବଂ ସିଡ୍‌ନି ୟୁନିଭର୍ସିଟିର ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଇଥିବା ଏକ ନୂଆ ଅଧ୍ୟୟନ ଅନୁଯାୟୀ ରାକୁନ୍ ଡଗ୍‌ଠାରୁ ଏହି ଭୂତାଣୁ ବ୍ୟାପିଥିଲା। ୨୦୨୦ ଜାନୁୟାରୀରେ ହୁଆନାନ୍ ସିଫୁଡ୍ ହୋଲସେଲ୍ ମାର୍କେଟ ଓ ଏହାର ଆଖପାଖରୁ ସଂଗ୍ରହ କରାଯାଇଥିବା ସ୍ୱାବ୍‌ର ଜେନେଟିକ୍ ତଥ୍ୟ ଆଧାରରେ ଏହି ଅଧ୍ୟୟନ କରାଯାଇଛି। ଅଧିକାଂଶ ଜେନେଟିକ୍ ପଦାର୍ଥ ରାକୁନ୍ ଡଗ୍ ସହ ମେଳ ଖାଉଥିବା କୁହାଯାଇଛି। ଏହି ପ୍ରଜାତିର କୁକୁର ଦେଖିବାକୁ କୋକିଶିଆଳି ଭଳି ଏବଂ କୋଭିଡ୍ ଭୂତାଣୁ ସଂକ୍ରମଣ ପାଇଁ ସମର୍ଥ ବୋଲି ଜଣାପଡ଼ିଛି।

## ସିଜେଆଇଙ୍କୁ ଅନ୍‌ଲାଇନ ଟ୍ରୋଲିଂ

### କାର୍ଯ୍ୟାନୁଷ୍ଠାନ ଦାବିରେ ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଲେ ୧୩ ବିରୋଧୀ ନେତା

ନୂଆଦିଲ୍ଲୀ, ୧୭।୩

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ସୋସିଆଲ ମିଡିଆରେ ଟାର୍ଗେଟ କରି ଟ୍ରୋଲ କରୁଥିବା ଅଭିଯୁକ୍ତମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ବିରୋଧୀ ଦଳର ୧୩ ଜଣ ନେତା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପତ୍ର ଲେଖିଛନ୍ତି। ରାଜ୍ୟ ସଭାର କଂଗ୍ରେସ ସଦସ୍ୟ ବିବେକ କେ. ତାଙ୍ଖାଙ୍କ ନେତୃତ୍ୱରେ ଲେଖାଯାଇଥିବା ଉକ୍ତ ପତ୍ରରେ ଦଳର ଦିଗ୍‌ବିଜୟ ସିଂ, ଶକ୍ତିସିଂ ଗୋହିଲ, ପ୍ରମୋଦ ତିୱାରୀ, ଆମି ୟାଗ୍ନିକ, ରଞ୍ଜିତ ରଞ୍ଜନ, ଇମ୍ରାନ ପ୍ରତାପଗର୍ହିଙ୍କ ସମେତ ଏଏପିର ରାଘବ ଚଡ୍ଢା, ଶିବସେନା (ୟୁବିଟି) ସଦସ୍ୟ ପ୍ରିୟଙ୍କା ଚତୁର୍ବେଦୀ ଏବଂ ସମାଜବାଦୀ ପାର୍ଟିର ଜୟା ବଚ୍ଚନ ଓ ରାମଗୋପାଳ ଯାଦବ ସ୍ୱାକ୍ଷର କରିଛନ୍ତି। ଏହି ପ୍ରସଙ୍ଗରେ ତାଙ୍ଖା ଆଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀଙ୍କ ପାଖକୁ ମଧ୍ୟ ଅନ୍ୟ ଏକ ପତ୍ର ଲେଖିଛନ୍ତି। ମହାରାଷ୍ଟ୍ରରେ ରାଜ୍ୟପାଳଙ୍କ ଭୂମିକା ଏବଂ ସରକାର ଗଠନ ମାମଲା ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠରେ ବିଚାରାଧୀନ ଥିବାବେଳେ ଶାସକ ଦଳର ସ୍ୱାର୍ଥକୁ ସମ୍ଭବତଃ ସହାନୁଭୂତି ଦେଖାଇ ଟ୍ରୋଲ୍ ଆର୍ମି ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏଭଳି ଅରୁଚିକର ଏବଂ ନିନ୍ଦନୀୟ ମନ୍ତବ୍ୟ ସୋସିଆଲ ମିଡିଆରେ ଲକ୍ଷ ଲକ୍ଷ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ବୋଲି ବିରୋଧୀ ନେତାମାନେ ଅଭିଯୋଗ କରିଛନ୍ତି।


ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୮/୨୦୨୩ | Bhubaneswar, Saturday, March 18/2023 | ପୃଷ୍ଠା-୧



## ରାହୁଲଙ୍କ ପ୍ରଭାବୀ ବ୍ୟାଟିଂ

କେ.ଏଲ୍. ରାହୁଲଙ୍କ ପ୍ରଭାବୀ ବ୍ୟାଟିଂ ଯୋଗୁ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ବିଜୟୀ ହୋଇଛି।

୧୬

୧୫

## ହନି ସିଂଙ୍କ ଉପରେ ହେବ ଡକ୍ୟୁମେଣ୍ଟାରି

ହନି ସିଂଙ୍କ ଉପରେ ଡକ୍ୟୁମେଣ୍ଟାରି ଫିଲ୍ମ ହେବାକୁ ଯାଉଛି। ଓସ୍କାର ପୁରସ୍କାରପ୍ରାପ୍ତ 'ଏଲିଫ୍ୟାଣ୍ଟ ହୁଇସ୍ପରର୍ସ'ର ନିର୍ମାତା ଗୁନିତ୍ ମୁଙ୍ଗା ଏହାର ଦାୟିତ୍ୱ ନେଇଛନ୍ତି।



# ଆଖି ବୁଜିଲେ ଜଗଦୀଶ, ତହସିଲଦାର ନିଲମ୍ବିତ

## ନୂଆପଡ଼ା ସଦର ତହସିଲ ଅଫିସ୍‌ରେ ଆତ୍ମାହୁତି ଘଟଣା

**ନୂଆପଡ଼ା ଅଫିସ/ ଭୁବନେଶ୍ୱର, ୧୭।୩ (ବ୍ୟୁରୋ)**

ଜମି ବିକ୍ରି ଅନୁମତି ପାଇବା ପାଇଁ ନୂଆପଡ଼ା ସଦର ତହସିଲ ଅଫିସ୍‌କୁ ବାରମ୍ବାର ଦୌଡ଼ି ଦୌଡ଼ି ନୟାନ୍ତ ହେବା ସହ ପ୍ରଶାସନିକ ଅଧିକାରୀଙ୍କ ଦୁର୍ବ୍ୟବହାରର ଶିକାର ହୋଇଆସୁଥିଲେ ଜଗଦୀଶ ଚୌହାନ(୩୬)। ଗୁରୁବାର ମଧ୍ୟ ସମାନ ଅବସ୍ଥା ତାଙ୍କ କ୍ଷେତ୍ରରେ ଘଟିଥିଲା। ତାହାକୁ ସେ ଆଉ ସହ୍ୟ କରି ନ ପାରି ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଶୁକ୍ରବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲା ଭୀମସାର୍‌ରେ ସେ ଆଖିବୁଜିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଓକିଲ ସଂଘ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ମୃତକଙ୍କୁ ନ୍ୟାୟ ଓ କ୍ଷତିପୂରଣ ଦାବିରେ ଓକିଲ ସଂଘ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ତହସିଲଦାର ଦେବେନ୍ଦ୍ର ରାଉତଙ୍କୁ ଉତ୍ତରାଞ୍ଚଳ ଆରଡିସି ଚାକିରିରୁ ନିଲମ୍ବିତ କରିଥିବା ଜିଲାପାଳ ହେମକାନ୍ତ ସାଏ କହିଛନ୍ତି। ସେହିପରି ଓକିଲ ସଂଘ ଏବଂ ଜଗଦୀଶଙ୍କ ମା'ଙ୍କ ଅଭିଯୋଗକ୍ରମେ ତହସିଲଦାର ରାଉତ ଓ ଅତିରିକ୍ତ ତହସିଲଦାର ଅଶେସା ବାଗଙ୍କ ନାମରେ ନୂଆପଡା ଥାନାରେ ଆଇପିସି ଦଫା ୩୦୬, ୫୧୧, ୩୪ ଅନୁଯାୟୀ ଏକ ମାମଲା (ନଂ.୬୪/୨୩) ରୁଜୁହୋଇଛି। ଘଟଣାର ତଦନ୍ତ ଚାଲିଛି, ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ନେଇ ଶୁକ୍ରବାର ବିଧାନସଭାର ଶୂନ୍ୟକାଳରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାର ତଦନ୍ତ କରାଯାଉ। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାଷ୍ଠାନ ଗ୍ରହଣ କରିବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସୂଚନା ଅନୁଯାୟୀ, ନୂଆପଡ଼ା ସଦର ବ୍ଲକ ଜୋଙ୍କ ଥାନା ଆମସେନା ପଞ୍ଚାୟତ କଲ୍ୟାଣପୁର ଗ୍ରାମର ଆତ୍ମାରାମ ଚୌହାନଙ୍କ ମଝିଆ ପୁଅ ହେଉଛନ୍ତି ଜଗଦୀଶ। ଋଣରେ ଏକ ଲୁନା କିଣିଥିଲେ। ମାସିକିଆ କିସ୍ତି ଦେଇ ନ ପାରିବାରୁ ଶୋ'ରୁମ୍ କର୍ମଚାରୀ ଟଙ୍କା ପାଇଁ ହଇରାଣ କରୁଥିଲେ। ଏଣୁ ଋଣ ଶୁଝିବା ପାଇଁ ଭାଗରେ ପାଇଥିବା ୧୬ ଡେସିମିଲ ଜମି ବିକ୍ରି ପାଇଁ ଜାଗଦୀଶଙ୍କ ବାପା ଆତ୍ମାରାମ ୨୦୨୨ ଜାନୁୟାରୀ ୧୫ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଦୀର୍ଘଦିନ ଧରି ଆବେଦନ ଫର୍ମ ପଡ଼ିରହିବା ପରେ ୨୦୨୨ ମାର୍ଚ୍ଚ ୨୯ରେ ପଞ୍ଜୀକୃତ ହୋଇଥିଲା। ଏହାର ଭେରିଫିକେଶନ ପାଇଁ ଚିଠି ନଂ. ୭୯୭/୨୦୨୨ ଅନୁଯାୟୀ ମେ' ୯ରେ ସଦର ତହସିଲ କାର୍ଯ୍ୟାଳୟକୁ ପଠାଯାଇଥିଲା। ଇତିମଧ୍ୟରେ ବର୍ଷେ ବିତିଯାଇଥିଲେ ମଧ୍ୟ ଭେରିଫିକେଶନ ହୋଇପାରି ନ ଥିଲା। ଜଗଦୀଶ ଓ ତାଙ୍କ ମା' ବାରମ୍ବାର ଅଫିସ୍‌କୁ ଦୌଡ଼ିଥିଲେ ମଧ୍ୟ କେହି ସହଯୋଗ କରି ନ ଥିଲେ। ଗୁରୁବାର ଜଗଦୀଶ ଏକାକୀ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ତହସିଲଦାର ଆଶେସା ବାଗଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ଅତିରିକ୍ତ ତହସିଲଦାର ତାଙ୍କୁ ବାରମ୍ବାର କାହିଁକି ଆସୁଛ କହି ଧମକଚମକ ହେଇଥିଲେ। ଏଥିରେ ଜଗଦୀଶ ଭାରସାମ୍ୟ ହରାଇ କାର୍ଯ୍ୟାଳୟରୁ ବାହାରି ଆସି ଦେହରେ ନିଆଁ ଲଗାଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ଭିମ୍‌ସାର୍‌ରେ ଭର୍ତ୍ତି କରାଯାଇଥିଲା।

ଓକିଲ ସଂଘ ଜିଲା ଉପସଭାପତି ପ୍ରକାଶ ସ୍ୱାଇଁ କହିଛନ୍ତି ଯେ, ଜମିଜମା ରେକର୍ଡ କମ୍ପ୍ୟୁଟରୀକରଣରେ ଭଲ ପ୍ରଦର୍ଶନ ପାଇଁ ଦେଶରେ ୭୫ଟି ଜିଲାକୁ ଚିହ୍ନଟ କରାଯାଇଥିଲା। ସେଥିରେ ଓଡ଼ିଶାର ୧୯ଟି ଜିଲା ମଧ୍ୟରୁ ନୂଆପଡ଼ା ଜିଲାପାଳ ହେମକାନ୍ତ ସାଏ ନୂଆଦିଲ୍ଲୀଠାରେ ଜାତୀୟ ପୁରସ୍କାର ପାଇଥିଲେ। ହେଲେ ଏସବୁ ପ୍ରହସନ। ସବୁ ଠିକ ଠାକ୍ ଥିଲେ ଜଣେ ନିରୀହ ବ୍ୟକ୍ତି ଜୀବନ ହାରିଥାନ୍ତା କି ବୋଲି ସେ ପ୍ରଶ୍ନ କରିଛନ୍ତି।

# ପିଏମ୍‌ଓ ଅଫିସର ପରିଚୟ ଦେଇଥିବା ଗୁଜରାଟ ଠକ ଗିରଫ



**କଡ଼ା ସୁରକ୍ଷାରେ ୩ ଥର କଶ୍ମୀର ଯାଇଥିଲେ କିରନ ପଟେଲ**

**ଶ୍ରୀନଗର, ୧୭।୩**

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ବରିଷ୍ଠ ପଦାଧିକାରୀ ପରିଚୟ ଦେଇ ୩ ଥର କଶ୍ମୀର ଉପତ୍ୟକାକୁ ଗସ୍ତ କରିଥିବା ଗୁଜରାଟର ଠକ କିରନ ପଟେଲଙ୍କୁ ଗତ ୩ ତାରିଖରେ ସୁରକ୍ଷା ବଳ ଗିରଫ କରିଛି। ତାଙ୍କ ଗସ୍ତ ବେଳେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଥିଲା। ତେବେ ନିର୍ଦ୍ଦିଷ୍ଟ ସୂତ୍ରରୁ ସୂଚନା ପାଇ ସୁରକ୍ଷା ଅଧିକାରୀମାନେ ଶ୍ରୀନଗରର ଏକ ପଞ୍ଚତାରକା ହୋଟେଲରୁ ତାଙ୍କୁ ଗିରଫ କରିଥିଲେ। ସ୍ଥାନୀୟ କୋର୍ଟ ଶୁକ୍ରବାର ତାଙ୍କୁ ୧୫ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ପୋଲିସ ଅଭିଯୋଗ ଅନୁଯାୟୀ ଯଦି କିରନ ଉପତ୍ୟକାର ବିପଦପୂର୍ଣ୍ଣ ସ୍ଥାନକୁ ଯାଉଥିଲେ, ତେବେ ତାଙ୍କ ପକ୍ଷେ ପ୍ରୋଟୋକଲ ପରିଚାଳନା କିପରି ସମ୍ଭବ ହେଉଥିଲା ବୋଲି ତାଙ୍କ ଓକିଲ ପ୍ରଶ୍ନ କରିଛନ୍ତି। ଏହି ମାମଲାରେ କିରନଙ୍କ ବ୍ୟତୀତ ଅନ୍ୟ କେହି ସମ୍ପୃକ୍ତ ଥିବା ସେ ଅଭିଯୋଗ କରିଛନ୍ତି।

**ଆଜିର ସମ୍ପାଦକୀୟ**

ସୀମାନ୍ତ ଗାଁ ଚିନ୍ତା




# ଡ୍ରାଇଭର ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ଗତ ୩ ଦିନ ଧରି ୧୦ ଦଫା ଦାବି ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ଚଳାଇଥିବା ଡ୍ରାଇଭରମାନେ ଶୁକ୍ରବାର ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି। ଡ୍ରାଇଭର ଏକତା ମହାସଂଘର ଆବାହକ ପ୍ରଶାନ୍ତ ମେନ୍ଦୁଲି ଏକ ଭିଡିଓ ବାର୍ତ୍ତା ଜରିଆରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପିଲାମାନଙ୍କ ପରୀକ୍ଷା ଓ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ରାଜ୍ୟ ସରକାରଙ୍କ ଉପରେ ଭରସା ଅଛି। ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ୯୦ ଦିନରୁ ୯୧ ଦିନ ହେଲେ ପୁଣି ଆନ୍ଦୋଳନକୁ ଜୋରଦାର କରାଯିବ। ଦାବି ପୂରଣ ନ ହେଲେ ପିଲାଛୁଆଙ୍କୁ ଧରି ପୁଣି ରାଜରାସ୍ତାକୁ ଓହ୍ଲାଇବାକୁ ମହାସଂଘ ☞ପୃଷ୍ଠା-୨

# କ୍ଷୁଦ୍ର ଜମାକାରୀଙ୍କ ଅର୍ଥ ଫେରାଇବାକୁ କେନ୍ଦ୍ରର ପ୍ରସ୍ତାବ

**ନୂଆଦିଲ୍ଲୀ, ୧୭।୩**

**ଚିଟ୍‌ଫଣ୍ଡ ଠକେଇ ମାମଲା**

ଚିଟ୍‌ଫଣ୍ଡ କମ୍ପାନୀ ଦ୍ୱାରା ଠକାମିର ଶିକାର ହୋଇଥିବା କ୍ଷୁଦ୍ର ଜମାକାରୀମାନଙ୍କୁ ଅର୍ଥ ପୈଠ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଏକ ପ୍ରସ୍ତାବ ଦେଇଛନ୍ତି। ଏଥିପାଇଁ ସେବି-ସାହାରା ଆକାଉଣ୍ଟରୁ ୫,୦୦୦ କୋଟି ଟଙ୍କା କୋଅପରେଟିଭ୍ ସୋସାଇଟିଗୁଡ଼ିକର କେନ୍ଦ୍ରୀୟ ରେଜିଷ୍ଟ୍ରାରଙ୍କୁ ସ୍ଥାନାନ୍ତର କରିବା ପାଇଁ କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତରେ ଆବେଦନ କରିଛନ୍ତି। କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ହୋଇ କହିଥିଲେ, ସେବି-ସାହାରା ଆକାଉଣ୍ଟରେ ☞ପୃଷ୍ଠା-୨






## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ କୋଇଲି**
**ମୋ ଧନକୁ ଖଟୁଛନ୍ତି ଯୋଡ଼ା ପୋଇଲୀ।**

କିଛି ବ୍ୟକ୍ତି ନିଜର ଥିଲାପଣିଆ ଦେଖେଇ ହୁଅନ୍ତି। ଯୋଡ଼ା ଯୋଡ଼ା ପୋଇଲୀ ବା ଚାକର ବାକର ଅଛନ୍ତି ଖଟୁଛନ୍ତି ମୋର ଆଉ ଚିନ୍ତା କ'ଣ, ଖାଲି ଗୋଡ଼ ଉପରେ ଗୋଡ଼ ପକେଇ ବସିରହିବା ନେଇ ଗର୍ବ କରି କଥା କହିଥାନ୍ତି। ଅନ୍ୟ ଆଗରେ ନିଜର ଚଳଣି, ଥାଟବାଟ ଜାହିର କରିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗେ ଗଲେ ବାଘ ଖାଏ**
**ପଛେ ଗଲେ ସୁନା ପାଏ।**

ସାଧାରଣତଃ ବିଚାର ବୁଦ୍ଧି ନ ଖଟାଇ ଅତ୍ୟନ୍ତ ତରବରରେ ନିଷ୍ପତ୍ତି ନେଲେ ବା ଆଗଭର ହେଲେ ବିପଦର ସମ୍ମୁଖୀନ ହେବାକୁ ପଡିଥାଏ। କିନ୍ତୁ ପଛରେ ଯିବା ଲୋକ ଟିକେ ବିଳମ୍ବ ହେଉ ପଛେ ବୁଝି ବିଚାରି କାମ କଲେ ସେଥିରେ ସୁଫଳ ପାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୨୮କି.ମି. ଚାଲିଲେ ବର

## ୧୦ ଘଣ୍ଟା ବିଳମ୍ବରେ ହେଲା ବାହାଘର


ବରଯାତ୍ରୀଙ୍କ ଗହଣରେ ବର ଚାଲି ଚାଲି କନ୍ୟାଘରକୁ ଯାଉଛନ୍ତି।

**ରାୟଗଡ଼ା,୧୭।୩(ସ୍ୱ.ପ୍ର.)**

ବିବାହ କରିବା ଲାଗି ଜଣେ ବରଙ୍କୁ ୨୮କି.ମି. ଚାଲିବାକୁ ପଡ଼ିଛି। କେବଳ ବର ନୁହେଁ, ତାଙ୍କ ପରିବାରବର୍ଗ ଓ ବନ୍ଧୁବାନ୍ଧବ ମଧ୍ୟ ଚାଲି ଚାଲି କନ୍ୟାଘରେ ପହଞ୍ଚିଛନ୍ତି। ପ୍ରାୟ ୧୦ ଘଣ୍ଟା ବିଳମ୍ବରେ ବିବାହ ସମ୍ପନ୍ନ ହୋଇଛି। ଗୁରୁବାର ରାତିରେ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ବିଭିନ୍ନ ଦାବି ନେଇ ଡ୍ରାଇଭର ମହାସଂଘ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିଥିବା ଯୋଗୁ ଗାଡ଼ି ନ ମିଳିବାରୁ ଏପରି ରୋଚକ ଘଟଣା ଘଟିଛି।

କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ସୁନାଖଣ୍ଡି ପଞ୍ଚାୟତ ପାର୍ତିବେଡ଼ା ଗ୍ରାମର ନରେଶ ପ୍ରାସ୍କାଙ୍କ ଗୁରୁବାର ବିବାହ ଲାଗି ଲଗ୍ନ ସ୍ଥିର ହୋଇଥିଲା। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ଘରକୁ ବନ୍ଧୁବାନ୍ଧବ ଆସି ଯାଇଥିଲେ। ହେଲେ କନ୍ୟାଘର ଏହି ବ୍ଲକ ଅନ୍ତର୍ଗତ ଡିବାଲପାଡୁ ଗ୍ରାମକୁ ଯିବାକୁ ଗାଡ଼ି ମିଳି ନ ଥିଲା। ବରଯାତ୍ରୀ ଯିବାଲାଗି ପୂର୍ବରୁ କେତୋଟି ଭଡ଼ାଗାଡ଼ି ଠିକ୍ କରାଯାଇଥିଲା। ରାତିରେ ବରଯାତ୍ରୀଙ୍କ ଗହଣରେ ବର ପ୍ରୋସେଶନରେ ଯାଇଥାନ୍ତେ। ହେଲେ ବିଡ଼ମ୍ବନାର ବିଷୟ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁ କୌଣସି ଭଡ଼ାଗାଡ଼ି ଆସି ନ ଥିଲା। ପରିବାର ଲୋକେ ବହୁ ଚେଷ୍ଟା କରିଥିଲେ ସୁଦ୍ଧା ଚାଳକମାନଙ୍କ ଆନ୍ଦୋଳନ ଯୋଗୁ ନିରାଶ ହେବାକୁ ପଡ଼ିଥିଲା । ତେଣୁ ବାଧ ହୋଇ ବର ନରେଶ ବିବାହ କରିବା ଲାଗି ପରିବାରବର୍ଗ ଓ ବନ୍ଧୁବାନ୍ଧବଙ୍କ ସହିତ ସନ୍ଧ୍ୟାରୁ ଡିବାଲପାଡୁ ଗ୍ରାମ ଅଭିମୁଖେ ଚାଲିବା ଆରମ୍ଭ କରିଥିଲେ। ପ୍ରାୟ ୨୮କି.ମି. ଚାଲି ଚାଲି ଯାଇ ସେମାନେ ରାତି ପାଖାପାଖି ୩ଟାରେ କନ୍ୟାଘର ନିକଟରେ ପହଞ୍ଚିଥିଲେ। ଶୁକ୍ରବାର ଭୋରରେ ରୀତିନୀତି ଅନୁଯାୟୀ ବିବାହ ସମ୍ପନ୍ନ ହୋଇଥିଲା। ସେପଟେ ଡ୍ରାଇଭର ମହାସଂଘର ଦାବି ପୂରଣ ନେଇ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ସ୍ଥଗିତ ରହିଛି। ରାତିରେ ନବଦମ୍ପତି ଗାଡ଼ିରେ ଘରକୁ ଫେରିବେ ବୋଲି ସୂଚନା ମିଳିଛି।

# ଟାଇମ୍ ମାଗାଜିନ୍‌ରେ ମୟୂରଭଞ୍ଜ


ଶିମିଳିପାଳ ଅଭୟାରଣ୍ୟ

**ନ୍ୟୁୟର୍କ,୧୭।୩**

ଆମେରିକାର ନ୍ୟୁୟର୍କ ସହରରୁ ପ୍ରକାଶ ପାଉଥିବା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ 'ଟାଇମ୍' ପତ୍ରିକାରେ ଓଡ଼ିଶାର ମୟୂରଭଞ୍ଜ ଜିଲାକୁ ସ୍ଥାନିତ କରାଯାଇଛି। ୨୦୨୩ରେ ବିଶ୍ୱର ସବୁଠୁ ୫୦ ଅସାଧାରଣ ଗନ୍ତବ୍ୟସ୍ଥଳ ତାଲିକାରେ ମୟୂରଭଞ୍ଜ ସ୍ଥାନ ପାଇଛି। ଗୁରୁବାର ପ୍ରକାଶିତ ଏହି ତାଲିକାରେ ଭାରତର ଦ୍ୱିତୀୟ ଆକର୍ଷଣୀୟ ଡେଷ୍ଟିନେଶନ୍ ଭାବେ ଲଦାଖକୁ ମାନ୍ୟତା ମିଳିଛି।

ଟାଇମ୍ ଏହାର 'ୱାର୍ଲ୍ଡସ୍ ଗ୍ରେଟେଷ୍ଟ ପ୍ଲେସେସ୍ ଅଫ୍ ୨୦୨୩'ରେ ମୟୂରଭଞ୍ଜର ଶିମିଳିପାଳ ଜାତୀୟ ଉଦ୍ୟାନ ସମ୍ପର୍କରେ ଉଲ୍ଲେଖ କରିଛି। ବିରଳ କଳାବାଘ ଦେଖିବା ଲାଗି ଏହାକୁ ପର୍ଯ୍ୟଟକମାନଙ୍କ ପାଇଁ ବିଶ୍ୱର ଏକମାତ୍ର ସ୍ଥାନ ରୂପେ ଅଭିହିତ କରାଯାଇଛି। ଗତ ନଭେମ୍ବରରେ କଡ଼ା ନିର୍ଦ୍ଦେଶାବଳୀ ସହ ଶିମିଳିପାଳକୁ ଖୋଲାଯାଇଥିବାବେଳେ ଜୈବ ବିବିଧତାର ସୁରକ୍ଷା ନିମନ୍ତେ ଦୈନିକ ୬୦ରୁ ଅଧିକ ଯାନବାହନର ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଏସୀୟ ହାତୀ ଓ ବେଙ୍ଗାଲ ଟାଇଗର ସମେତ ୪୦ରୁ ଊର୍ଦ୍ଧ୍ୱ ପ୍ରଜାତିର ସରୀସୃପଙ୍କ ବାସସ୍ଥାନ ହେଉଛି ଏହି ଚିତ୍ତାକର୍ଷକ ଜାତୀୟ ଉଦ୍ୟାନ। ପର୍ଯ୍ୟଟକମାନେ ସଫାରିରେ ବୁଲି ଏହାର ମନୋମୁଗ୍ଧକାରୀ ଆକର୍ଷଣୀୟ ପ୍ରାକୃତିକ ଶୋଭାରାଜିକୁ ଉପଭୋଗ କରିପାରିବେ। ମୟୂରଭଞ୍ଜକୁ ଅନେକ ବିରଳ ବାଘ ଓ ପ୍ରାଚୀନ ମନ୍ଦିରର ସ୍ଥାନ ଭାବେ ଅଭିହିତ କରି ଟାଇମ୍ ଆହୁରି ଲେଖିଛି, ସହରରେ ପର୍ଯ୍ୟଟକଙ୍କ ପାଇଁ ଆହୁରି ଅନେକ କିଛି କରିବାର ସୁବିଧା ସୁଯୋଗ ରହିଛି। ୟୁନେସ୍କୋର 'ଇନ୍‌ଟାଞ୍ଜିବୁଲ୍ କଲ୍ଟରାଲ ହେରିଟେଜ୍' ତାଲିକାରେ ସ୍ଥାନିତ ହୋଇଥିବା ମୟୂରଭଞ୍ଜର ଛଉନୃତ୍ୟର ମଜା ଆସନ୍ତା ଏପ୍ରିଲରୁ ନେଇପାରିବେ, ଯାହାର ବଡ଼ଧରଣର ଆୟୋଜନ ପୂର୍ବରୁ କୋଭିଡ୍ ମହାମାରୀ ଯୋଗୁ ବନ୍ଦ ରହିଥିଲା। ପ୍ରାଚୀନ କଳା ଓ ଲୋକନୃତ୍ୟର ସମାହାରରେ ଛଉ ପ୍ରଦର୍ଶନ ବେଲଗାଡ଼ିଆ ପ୍ୟାଲେସ୍‌ରେ ଦେଖିବାକୁ ମିଳିବ। ଉକ୍ତ ରାଜପ୍ରାସାଦ ଏବେ ୧୧ ଶୟନକକ୍ଷ ବିଶିଷ୍ଟ ଏକ ହୋଟେଲରେ ପରିଣତ ହୋଇଛି। ପର୍ଯ୍ୟଟକମାନେ ଜିଲାର ମହିଳାମାନଙ୍କ ହସ୍ତତନ୍ତ ଓ ଅନ୍ୟ କଳାକୃତିକୁ ମନଭରି ଦେଖିବା ସହ ସେଗୁଡ଼ିକୁ କିଣିପାରିବେ। ବାରିପଦାରେ ଥିବା ବେଲଗାଡ଼ିଆ ପ୍ୟାଲେସ୍ ଡାଇରେକ୍ଟର ଅକ୍ଷିତା ଭଞ୍ଜଦେଓ ଟାଇମ୍ ମାଗାଜିନ୍‌ର ଏହି ସ୍ୱୀକୃତିକୁ ସମସ୍ତ ଓଡ଼ିଆଙ୍କ ପାଇଁ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି। ଛଉ ନୃତ୍ୟଗୁରୁ ତ୍ରିଲୋଚନ ମହାନ୍ତ କୁହନ୍ତି, ବିଶ୍ୱ ଦରବାରରେ ଛଉନୃତ୍ୟ ଯେଭଳି ପ୍ରସିଦ୍ଧି ଲାଭ କରିଛି ସେହିଭଳି ମୟୂରଭଞ୍ଜ ମହାରାଜାଙ୍କ ବେଲଗଡ଼ିଆସ୍ଥିତ ପ୍ୟାଲେସ ଖ୍ୟାତି ଅର୍ଜନ କରି ପାରିଛି। ଆଗାମୀ ଦିନରେ ବିଦେଶୀ ପର୍ଯ୍ୟଟକଙ୍କ ଭିଡ଼ ଜମିବା ସହ ବହୁ କଳାକାରଙ୍କ ଜୀବନ ଜୀବିକାରେ ଉନ୍ନତି ଆସିପାରିବ। ତେବେ ଉକ୍ତ ତାଲିକାରେ ଡୋମିନିକା, ବାର୍ସିଲୋନା, ଟୋରେସ୍ ଡେଲ୍ ପାଇନ୍ ନ୍ୟାଶନାଲ ପାର୍କ, ଚିଲି, ମାନିଟୋବାର ଚର୍ଚିଲକୁ ମଧ୍ୟ ସ୍ଥାନିତ କରାଯାଇଛି।

# ଇଲେକ୍ଟ୍ରିକ ଗାଡ଼ି କିଣିଲେ ସରକାରୀ ଅଧିକାରୀ ପାଇବେ ଆଡଭାନ୍ସ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ଇଲେକ୍ଟ୍ରିକ ଗାଡ଼ିର ଅଧିକ ପ୍ରଚଳନ ଲାଗି ରାଜ୍ୟ ସରକାର ଏକ ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାରୀ କର୍ମଚାରୀମାନଙ୍କୁ ଏହି ଗାଡ଼ି କିଣିବା ଲାଗି ସରକାର ପ୍ରୋତ୍ସାହନ ଯୋଗାଇଦେବାକୁ ଘୋଷଣା କରିଛନ୍ତି। ସରକାରୀ ଚାକିରିଆଙ୍କୁ ଇଲେକ୍ଟ୍ରିକ ଗାଡ଼ି କିଣିବାକୁ ଏଣିକି ଅଗ୍ରିମ ଭାବେ ଅର୍ଥ ମିଳିବ। ଇଲେକ୍ଟ୍ରିକ କାର୍ ବା ଦୁଇଚକିଆ କିଣିବାକୁ ସରକାର ଅଗ୍ରିମ ଦେବେ। ଗ୍ରୁପ୍ ଏ ବା ବି କର୍ମଚାରୀଙ୍କୁ ଇଲେକ୍ଟ୍ରିକ କାର୍ କିଣିବାକୁ ଆଡଭାନ୍ସ ମିଳିବ। କାର ଦାମ୍‌ର ୭୫% ବା ସର୍ବାଧିକ ୧୫ ଲକ୍ଷ ଆଡଭାନ୍ସ ଦିଆଯିବ। ଠିକ୍ ସେହିପରି ଗ୍ରୁପ୍ ସି' ଓ ଡି' କର୍ମଚାରୀଙ୍କୁ ଦୁଇଚକିଆ କିଣିବାକୁ ଆଡଭାନ୍ସ ମିଳିବ। ଗାଡ଼ି ମୂଲ୍ୟର ୭୫% ବା ସର୍ବାଧିକ ୨ ଲକ୍ଷ ପର୍ଯ୍ୟନ୍ତ ଆଡଭାନ୍ସ ମିଳିବ। ସର୍ବାଧିକ ୧୦୦ଟି ମାସିକିଆ କିସ୍ତିରେ ଦରମାରୁ ଭରଣା କରାଯିବ। ଇଭି ଆଡଭାନ୍ସ ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି।

# ଚଳିତ ବର୍ଷ ୨.୩୩ ଲକ୍ଷ ହେକ୍ଟର ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି କରାଯିବ: ମନ୍ତ୍ରୀ

## ନିର୍ଦ୍ଧାରିତ ସମୟ ପୂର୍ବରୁ ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପ ସାରିବାକୁ ରହିଛି ଲକ୍ଷ୍ୟ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ଆସନ୍ତା ୫ ବର୍ଷରେ ଜଳ ସମ୍ପଦ ଭିତ୍ତିଭୂମି ନିର୍ମାଣ ପାଇଁ ୭୫ ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଜଳ କ୍ଷେତ୍ରରେ ବିକାଶ କାର୍ଯ୍ୟ ପାଇଁ ୧୧,୬୫୫ କୋଟି (କାପେକ୍ସ ଓ ଚାର୍ଜ ପରିମାଣ ସହିତ) ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ୨.୩୩ ଲକ୍ଷ ହେକ୍ଟର ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି କରାଯିବା ପ୍ରସ୍ତାବ ରହିଥିବା ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି।

ଜଳ ସମ୍ପଦ ବିଭାଗ ଖର୍ଚ୍ଚଦାବି ଆଲୋଚନାର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ। ମରୁଡ଼ି ପ୍ରପୀଡ଼ିତ ୨୫,୬୦୦ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦିଆଯିବ। ଗଞ୍ଜାମରେ ଘଟକେଶ୍ୱର ଡ୍ୟାମ୍, ନୟାଗଡ଼ରେ କୁସୁମୀ ବ୍ୟାରେଜ୍ ଏବଂ ଅନୁଗୋଳ ଜିଲାରେ ମନଯୋର ସମ୍ପ୍ରସାରଣ ଭଳି ୩ଟି ବୃହତ୍ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଶେଷ ହେବ। ଚଳିତବର୍ଷ ବଲାଙ୍ଗୀରର ଲୋୟର ସୁକତେଲ ବୃହତ୍ ଜଳସେଚନ ପ୍ରକଳ୍ପ ତଥା କେନ୍ଦୁଝର ଜିଲାର କାନୁପୁର ଜଳସେଚନ ପ୍ରକଳ୍ପରେ ଜଳଭଣ୍ଡାରରେ ଜଳ ସଞ୍ଚୟ କାର୍ଯ୍ୟ ପ୍ରାରମ୍ଭ କରାଯିବ। ଏହା ବ୍ୟତୀତ ବୈତରଣୀ ନଦୀର ଆନନ୍ଦପୁର ବ୍ୟାରେଜ ସହ ସାଳନ୍ଦୀ ନଦୀର ବିଦ୍ୟାଧରପୁର ବ୍ୟାରେଜକୁ ସଂଯୋଗ କରୁଥିବା ସଂଯୋଗୀକରଣ କେନାଲକୁ ଚଳିତବର୍ଷ କାର୍ଯ୍ୟକ୍ଷମ କରାଯିବ। ୬ଟି ନୂତନ ବୃହତ୍ ଏବଂ ମଧ୍ୟମ ପ୍ରକଳ୍ପ ଯଥା- ନବରଙ୍ଗପୁରରେ ନବରଙ୍ଗପୁର ଉଠା ଜଳସେଚନ, ବଲାଙ୍ଗୀରରେ ଅପରଲାନ୍ତ, ନୟାଗଡ଼ରେ ବୃତ୍ତଙ୍ଗ, ଅନୁଗୋଳରେ ସମାକୋଇ, ଗଞ୍ଜାମରେ ପିପଳପଙ୍କା ଓ ମୟୂରଭଞ୍ଜରେ ଖଇରବନ୍ଧର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଜଳ ସଂରକ୍ଷଣ ପାଇଁ ୪୬ଟି ଅନୁମୋଦିତ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର୍ (ନଦୀଗର୍ଭ ଜଳାଶୟ) ବ୍ୟତୀତ ଅତିରିକ୍ତ ୨୦ଟି ନୂତନ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର ନିର୍ମାଣ କାର୍ଯ୍ୟ ହାତକୁ ନିଆଯିବ। ଏଥିପାଇଁ ବଜେଟରେ ୮୫୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା ମାଧ୍ୟମରେ ୧୭ଟି ନୂତନ ବୃହତ୍ ଉଠା ଜଳସେଚନ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏଥିପାଇଁ ୫୦୦ କୋଟିର ବ୍ୟୟବରାଦ କରାଯାଇଛି।

ବନ୍ୟା ପରିଚାଳନା ପାଇଁ ବନ୍ୟା ନିୟନ୍ତ୍ରଣ ବନ୍ଧ ଓ ଜଳ ନିଷ୍କାସନର ଉନ୍ନତୀକରଣ ପାଇଁ ଆଗାମୀ ଆର୍ଥିକ ବର୍ଷରେ ୯୬୧ କୋଟି ଟଙ୍କାର ବ୍ୟୟ ଅଟକଳ ବଜେଟରେ ରଖାଯାଇଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ପୁରୀ ଜିଲାରେ ପାଖାପାଖି ୨୦୦ କିମି ଲୁଣାବନ୍ଧକୁ ସୁଦୃଢ଼ କରିବା ପାଇଁ ୧୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୨୦ ହଜାର ଗଭୀର ନଳକୂଅ ପାଇଁ ୩୦୦ କୋଟି ଟଙ୍କା ଏବଂ ୧୫୦୦ କମ୍ୟୁନିଟି ଉଠା ଜଳସେଚନ ପ୍ରକଳ୍ପ ପାଇଁ ୪୦୦ କୋଟି ଟଙ୍କା ଏବଂ ଅଚଳ ଉଠା ଜଳସେଚନ ପଏଣ୍ଟର ପୁନରୁଦ୍ଧାର ପାଇଁ ୧୯୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୫୦୦ଟି ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ୧୮୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। କେନାଲ ଲାଇନିଂ ପାଇଁ ୨୭୦ କୋଟି, କରନାଳୀ ନିର୍ମାଣ ପାଇଁ ୧୮୦ କୋଟି ଟଙ୍କା ,ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାରେ ୧୨୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଜୟନାରାୟଣଙ୍କ ସମେତ ୧୨ଜଣଙ୍କୁ ସର୍ତ୍ତମୂଳକ ଜାମିନ୍

## ବିଜେଡି କର୍ମୀ ଦିଲେଶ୍ୱର ସାହୁ ହତ୍ୟା ମାମଲା

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

ବରଗଡ଼ ଜିଲାର ବିଜେଡି କର୍ମୀ ଦିଲେଶ୍ୱର ସାହୁ ହତ୍ୟା ମାମଲାରେ ଭାଜପାର ବରିଷ୍ଠ ନେତା ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ସମେତ ୧୨ଜଣଙ୍କୁ ଶୁକ୍ରବାର ଜାମିନ ମିଳିଛି। ଭୁବନେଶ୍ୱରସ୍ଥିତ ଏମ୍‌ପି ଓ ବିଧାୟକଙ୍କ ସ୍ୱତନ୍ତ୍ର କୋର୍ଟର ବିଚାରପତି ସସ୍ମିତା ପାଢ଼ୀ ଏହି ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ସର୍ତ୍ତ ଅନୁଯାୟୀ, ଅଭିଯୁକ୍ତମାନେ କୋର୍ଟଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଯାଇପାରିବେ ନାହିଁ। ସମାନ ଧରଣର ଅପରାଧ କରିବେ ନାହିଁ ବୋଲି ଆଦି ସର୍ତ୍ତ ରହିଛି।

ତେବେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇଥିବା ବେଳେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୨ଜଣ ଅଭିଯୁକ୍ତ ହାଜର ହୋଇଥିଲେ। ତେବେ ଅଭିଯୁକ୍ତମାନଙ୍କୁ ସାକ୍ଷୀମାନେ ଚିହ୍ନଟ କରିବା ପ୍ରକ୍ରିୟା ବାକି ରହିଥିବାରୁ ପ୍ରତି ତାରିଖରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ରଶ୍ମିରଞ୍ଜନ ବ୍ରହ୍ମା ପିଟିଶନ ଦାଖଲ କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୦୧୮ ଫେବୃୟାରୀ ୨୨ ବିଳମ୍ବିତ ରାତିରେ ସୋହେଲା ବ୍ଲକ ଅନ୍ତର୍ଗତ ବନାବିରା ଗ୍ରାମସ୍ଥିତ ଏକ ଆଶ୍ରମ ସାମ୍ନାରେ ଗାଡ଼ିରେ ଯାଉଥିବାବେଳେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଭାଇ ସୁବ୍ରତ ସିଂ, ତାଙ୍କ ଗାଡ଼ି ଚଳାଉଥିବା ବିଜେଡି କର୍ମୀ ଦିଲେଶ୍ୱର ଓ ଅନ୍ୟ ୨ଜଣଙ୍କ ଉପରକୁ ଗୁଳିମାଡ଼ ସହିତ ଇଟା, ପଥର ମାଡ଼ ହୋଇଥିଲା। ତେବେ ଆହତଙ୍କ ମଧ୍ୟରୁ ଚିକିତ୍ସାଧୀନ ଅବସ୍ଥାରେ ଦିଲେଶ୍ୱରଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଏନେଇ ଏକ ମାମଲା(ନଂ.୨୩/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ଜୟନାରାୟଣଙ୍କ ସମେତ ୧୬ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ଜୟନାରାୟଣ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଥିବାବେଳେ ବାବୁଲା ପ୍ରଧାନ ନାମକ ଅନ୍ୟଜଣେ ଅଭିଯୁକ୍ତ ହତ୍ୟା ଉଦ୍ୟମ ମାମଲାରେ ସମ୍ବଲପୁର ଜେଲରେ ଅଛନ୍ତି। ତେବେ ୩ଜଣ ଫେରାର ଥିବାବେଳେ ଅନ୍ୟ ୧୨ଜଣଙ୍କ ନାମରେ ସୋହେଲା ଜେଏମ୍‌ଏଫ୍‌ସି କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ପରେ ସୋହେଲା କୋର୍ଟ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର କୋର୍ଟକୁ ମାମଲା ସ୍ଥାନାନ୍ତର କରିଥିଲେ। ତେଣୁ ଅଭିଯୁକ୍ତମାନଙ୍କୁ ହାଜର ହେବା ପାଇଁ ସ୍ୱତନ୍ତ୍ର କୋର୍ଟ ନୋଟିସ୍ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଡ୍ରାଇଭର ଆନ୍ଦୋଳନ ...

ଧମକ ଦେଇଛି। ସହଯୋଗ ମିଳିଥିବାରୁ ସେ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ରାଜ୍ୟରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଧୀରେ ଧୀରେ ସ୍ଥିତି ସୁଧୁରିବା ଆରମ୍ଭ କରିଛି। ବସ୍ ଚଳାଚଳ କରିବା ସହ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ମଧ୍ୟ ସ୍ୱାଭାବିକ ହୋଇଛି। ରାଜ୍ୟବ୍ୟାପୀ ଡ୍ରାଇଭରଙ୍କ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଗୁରୁବାର ସନ୍ଧ୍ୟାରେ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଡ୍ରାଇଭର ଏକତା ମହାସଂଘ କର୍ମକର୍ତ୍ତା ଓ ରାଜ୍ୟର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୩ ମାସ ମଧ୍ୟରେ ମହାସଂଘର ଦାବିଗୁଡ଼ିକୁ ସମାଧାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ସତ୍ତ୍ୱେ ଡ୍ରାଇଭରମାନେ ଶୁକ୍ରବାର ମଧ୍ୟ ଆନ୍ଦୋଳନ ଚଳାଇଥିଲେ। ଯାତ୍ରୀ ପରିବହନ ସେବା ସହିତ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ମଧ୍ୟ ପ୍ରଭାବିତ ହୋଇଥିଲା। ଆନ୍ଦୋଳନରୁ ଓହରିଯିବାକୁ ମୁଖ୍ୟ ଶାସନ ସଚିବ ଶୁକ୍ରବାର ପୁଣି ଥରେ ଡ୍ରାଇଭରମାନଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟ ଶାସନ ସଚିବ କହିଥିଲେ, ଗତ ୩ ଦିନ ଧରି ଡ୍ରାଇଭରମାନେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିଛନ୍ତି। ସେମାନଙ୍କ ଦାବି ନେଇ ମହାସଂଘ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ହୋଇଛି। ସେମାନଙ୍କର ଯଥାର୍ଥ ଦାବିଗୁଡ଼ିକୁ ଆସନ୍ତା ୩ ମାସ ମଧ୍ୟରେ ପୂରଣ କରିବାକୁ ମହାସଂଘର ଆବାହକଙ୍କୁ ଲିଖିତ ଆକାରରେ ଦିଆଯାଇଥିଲା। ଏହାସତ୍ତ୍ୱେ ସେମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଆନ୍ଦୋଳନରୁ ଓହରିବା ଲାଗି ମଧ୍ୟ ଆନ୍ଦୋଳନକାରୀ ପ୍ରତିଶ୍ରୁତି ଦେଇଥିଲେ। ପିଲାଙ୍କ ମାଟ୍ରିକ ପରୀକ୍ଷା ବେଳେ ଏହି ଆନ୍ଦୋଳନ ହୋଇଛି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଲାଗି ପ୍ରତିଶ୍ରୁତି ଦେଇଥିଲେ ବି ବିଭିନ୍ନ ସ୍ଥାନରେ ରାସ୍ତାରୋକୋ କରାଯାଇଥିଲା। ଏଥିସହ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନ ବାଧାପ୍ରାପ୍ତ ହୋଇଛି। ଦେଶର ମାତ୍ର ୩ ରାଜ୍ୟର ସରକାର ଡ୍ରାଇଭରମାନଙ୍କ କିଛି ଦାବି ପୂରଣ କରିଛନ୍ତି। ତାହାକୁ ଅନୁଧ୍ୟାନ କରି ୩ ମାସ ମଧ୍ୟରେ ସମାଧାନ ଲାଗି ଚେଷ୍ଟା କରାଯିବ। ଏହାସତ୍ତ୍ୱେ ସେମାନେ ଆନ୍ଦୋଳନକୁ ଗଲେ ବୋଲି କହିଛନ୍ତି ମୁଖ୍ୟ ଶାସନ ସଚିବ। ଧର୍ମଘଟ ନାଁରେ ଆଇନକୁ ହାତକୁ ନେବା , ଧନସମ୍ପତ୍ତି ନଷ୍ଟ କରିବା, ଜନସାଧାରଣଙ୍କୁ କ୍ଷତି ପହଞ୍ଚାଇବା ଆଦୌ ଗ୍ରହଣୀୟ ନୁହେଁ । ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନ କରିବା ଠିକ୍ ନୁହେଁ। ଆନ୍ଦୋଳନରୁ ତୁରନ୍ତ ଓହରିଯିବାକୁ ମୁଖ୍ୟ ଶାସନ ସଚିବ ଡ୍ରାଇଭରମାନଙ୍କୁ ନିବେଦନ କରିଥିଲେ। ସେହିପରି ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ କହିଛନ୍ତି, ଡ୍ରାଇଭରଙ୍କ ଆନ୍ଦୋଳନର କୌଣସି ଯଥାର୍ଥ ନାହିଁ। ରାଜ୍ୟ ସରକାରଙ୍କ ନିର୍ଭର ପ୍ରତିଶ୍ରୁତି ପରେ ବି ସେମାନଙ୍କ ଆନ୍ଦୋଳନ ବେଆଇନ। କେତେକ ସ୍ଥାନରେ ପୋଲିସକୁ ବି ଆକ୍ରମଣ କରାଯାଇଛି। ଆନ୍ଦୋଳନ ନାଁରେ ଅସାମାଜିକ ବ୍ୟକ୍ତି ସାମିଲ ହେଉଥିବାରୁ ଆଇନ ଅନୁଯାୟୀ ପୋଲିସକୁ କାର୍ଯ୍ୟାନୁଷ୍ଠାନ ନେବାକୁ ପଡ଼ିବ ବୋଲି ଡିଜିପି କହିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ନିବେଦନ ଓ ପୋଲିସ ମହାନିର୍ଦ୍ଦେଶକଙ୍କ ଚେତାବନୀ ପରେ ଡ୍ରାଇଭର ମହାସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଛି।

### କ୍ଷୁଦ୍ର ଜମାକାରୀଙ୍କ ଅର୍ଥ ...

୨୩,୦୦୦ କୋଟି ଟଙ୍କା କୌଣସି କାର୍ଯ୍ୟରେ ନ ଲାଗି ପଡ଼ିରହିଛି। ସେଥିରୁ କିଛି ଅର୍ଥ ଠକେଇର ଶିକାର ହୋଇଥିବା କ୍ଷୁଦ୍ର ଜମାକାରୀମାନଙ୍କୁ ପୈଠ କରିବା ଲାଗି ମେହେଟ୍ଟା ଅନୁରୋଧ କରିଥିଲେ। ଜମାକାରୀଙ୍କ ଅର୍ଥ ଫେରସ୍ତ ଲାଗି ସରକାର ସହଯୋଗ ବିଭାଗ, ଇଡି, ଏସ୍‌ଏଫ୍‌ଆଇଓ, ଆୟକର ବିଭାଗ, କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ସମେତ ୧୮ଟି ବିଭାଗ ସହ ଆଲୋଚନା କରିଛନ୍ତି। ଏଥିରେ କେତେଜଣ କେନ୍ଦ୍ରମନ୍ତ୍ରୀ ମଧ୍ୟ ଯୋଗ ଦେଇଥିଲେ। ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ସଲିସିଟର ଜେନେରାଲଙ୍କ ଯୁକ୍ତି ଶୁଣିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ସୋମବାରକୁ ଧାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ଚିଟ୍‌ଫଣ୍ଡ ଠକେଇର ଶିକାର ହୋଇଥିବା ହଜାର ହଜାର ଜମାକାରୀ କିପରି ସେମାନଙ୍କ ଅର୍ଥ ଫେରିପାଇବେ ପ୍ରସ୍ତାବ ଦେବା ଲାଗି ଗତ ଜାନୁୟାରୀ ୧୬ରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାର, ଓଡ଼ିଶା ସରକାର ଏବଂ ଚିଟ୍‌ଫଣ୍ଡ ଦୁର୍ନୀତି ସହ ସମ୍ପୃକ୍ତ ଅନ୍ୟାନ୍ୟ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ବିଳମ୍ବ ଯୋଗୁ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଥିବା ଖଣ୍ଡପୀଠ କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦଶମ ଚନ୍ଦ୍ର ପ୍ରଭାବରେ ସ୍ୱାସ୍ଥ୍ୟ, ଜମିଜମା, ବନ୍ଧୁ ସମ୍ପର୍କୀୟ ଦୁଶ୍ଚିନ୍ତା ଦୂର ହେବ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ଅଶାନ୍ତି ଅନୁଭବ କରିପାରନ୍ତି। ଦୀର୍ଘ ଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ବରାଦ ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ**
ରବି ଓ ବୁଧ ସଂଯୋଗରୁ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ। ବ୍ୟବସାୟ କ୍ଷେତ୍ରରେ ଯାନବାହନ, ଦୋକାନବାଡି, ସଭା ସମିତିରୁ ଉପକୃତ ହେବେ। ଆର୍ଥିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ। ପ୍ରିୟଜନଙ୍କ ମାଧ୍ୟମରେ ପାରିବାରିକ ସମସ୍ୟା ସୁଧାରି ନେବା ପାଇଁ ପ୍ରଯତ୍ନ କରିବେ।

**ମିଥୁନ**
ରାଶିରେ ମଙ୍ଗଳ ଥିବାରୁ ଭଲ ସମ୍ପର୍କ ଥିବା ନିଜର ଲୋକମାନେ ଶତ୍ରୁତା କରି ପ୍ରତିବନ୍ଧକ ସାଜିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ର, ସଭାସମିତି, ସଂଗଠନ, ରାଜନୀତିରେ ଆଲୋଚନା ଅସମାପ୍ତ ରହିପାରେ। ଏଜେନ୍ସିପ୍, କଳା, ସାହିତ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ। ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ।

**କର୍କଟ**
ସପ୍ତମଚନ୍ଦ୍ର ହେତୁ ପାରିବାରିକ ଜୀବନ ସୁଖରେ କଟିବା ସାଙ୍ଗକୁ ବ୍ୟବସାୟିକ ସ୍ଥିତି ଭଲ ରହିବ। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ସକାଶେ ପରିବାରରେ ବ୍ୟସ୍ତତା ବଢ଼ିପାରେ। ପରିଜନଙ୍କ ପୁରାତନ ରୋଗର ପୀଡ଼ା ବୃଦ୍ଧି ଜନିତ ସାମୟିକ ବ୍ୟସ୍ତ ରହିବେ। ପଡ଼ୋଶୀଙ୍କଠାରୁ ସାହାଯ୍ୟ ପାଇ କାମ ହାସଲ କରିବେ।

**ସିଂହ**
ଆଜି କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଆର୍ଥିକ ଅନଟନ କାମକୁ କେତେକାଂଶରେ ଅଟକାଇ ଦେଇପାରେ। ନିଜ ଲୋକମାନଙ୍କ ପରୋକ୍ଷ ବିରୁଦ୍ଧାଚରଣ ହେତୁ ଚିନ୍ତାରେ ରହିବେ। ଜମିଜମା ସମ୍ପର୍କୀୟ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିପାରନ୍ତି।

**କନ୍ୟା**
କର୍ମକ୍ଷେତ୍ରରେ ଭୁଲ୍ ନିଷ୍ପତ୍ତି ନେଇ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ବନ୍ଧୁଙ୍କ ସହଯୋଗରେ ପାରିବାରିକ ସମସ୍ୟା ସମାଧାନର ରାସ୍ତା ଖୋଜି ପାଇବେ। ବହୁତ ଦିନରୁ ସ୍ଥଗିତ କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ତଥା ପ୍ରଶାସନ, ପରିବହନ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**
ସାଧାରଣ କଥାକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କ ଭଲ ରହି ନ ପାରେ। କୌଣସି ଏକ କାର୍ଯ୍ୟ ସକାଶେ ଆର୍ଥିକ ସ୍ଥିତି ଦୁଶ୍ଚିନ୍ତାର କାରଣ ହେବ। ସଭାସମିତି, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ରାଜନୀତି, ଶିଳ୍ପ, ବାଣିଜ୍ୟ, ଯାତ୍ରା, କଚେରି ମାମଲା ବିଷୟରେ ଚିନ୍ତିତ ରହିବାକୁ ପଡିବ।

**ବିଛା**
ପରିସ୍ଥିତି ଖରାପ ଦିଗକୁ ଗତି କରୁଥିବା କାରଣରୁ ମନ ଭଲ ରହି ନ ପାରେ। ଦୂରବନ୍ଧୁ, ସଭାସମିତି, ଜମିଜମା, ସମ୍ପର୍କୀୟ ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ଯାହାକୁ ବେଶି ବିଶ୍ୱାସ କରୁଛନ୍ତି ସେହି ବ୍ୟକ୍ତି ଦ୍ୱାରା ପ୍ରତାରିତ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି।

**ଧନୁ**
ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ସମସ୍ୟାର ସରଳ ସମାଧାନ କରିବେ। ପାଖ ପଡ଼ୋଶୀଙ୍କ କଥାକୁ ପ୍ରାଧାନ୍ୟ ଦେଇ ଉପକୃତ ହୋଇପାରନ୍ତି।

**ମକର**
ପରିସ୍ଥିତି ପ୍ରତି ସଜାଗ ରହି କାମ କରିବା ଭଲ ହେବ, ଅନ୍ୟଥା ମାନସିକ ଦୁଶ୍ଚିନ୍ତାରେ ପଡ଼ିବେ। ପ୍ରତିବନ୍ଧକ ଲାଗିରହୁଥିବାରୁ ଭଲ କାମ କଲେ ମଧ୍ୟ ସୁଫଳ ପାଇବା କଷ୍ଟକର ହୋଇପାରେ। ସାଙ୍ଗଠନିକ କାର୍ଯ୍ୟ, ଆଇନ ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ। ଅସାବଧାନତାବଶତଃ ଧନହାନି, କଳହକୁ ଏଡିହେବ ନାହିଁ।

**କୁମ୍ଭ**
ପାରିବାରିକ ସ୍ତରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ଆକସ୍ମିକ କେତେକ ସମସ୍ୟା ଦେଖାଦେବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପ୍ରବାସରେ ନିଃସଙ୍ଗତା ବୋଧ କରି ମନସ୍ତାପ କରିପାରନ୍ତି। ନୀଚ ସଂସର୍ଗରୁ ଦୂରେଇ ରୁହନ୍ତୁ, ନଚେତ୍ ଅସୁବିଧାରେ ପଡ଼ିବେ।

**ମୀନ**
ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି, କିନ୍ତୁ କୌଣସି ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ,ଯାହାକି ସାମୟିକ ଦୁଶ୍ଚିନ୍ତା ସୃଷ୍ଟି କରିବ। ଲେଖାପଢ଼ା,ଗବେଷଣା କ୍ଷେତ୍ର,ପ୍ରଶାସନ ତଥା ସଭାସମିତିରେ ସଫଳତା ହାସଲ କରିବେ। ପଡ଼ୋଶୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

ଆଜି ଚୈତ୍ର କୃଷ୍ଣପକ୍ଷର ସର୍ବସମ୍ମତ ପାପମୋଚନୀ ଏକାଦଶୀ ଯୁକ୍ତ ଦ୍ୱାଦଶୀ, ଶନିବାର, ମାର୍ଚ୍ଚ ୧୮ ତାରିଖ, ରାଶି ନକ୍ଷତ୍ର- ଶ୍ରବଣା/ମକର, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୫ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୫୫ ଗତେ ଘ.୧୦।୨୫ ମଧ୍ୟେ ରାହୁକାଳ।




# ୨୦୧୮ ଜୁନ୍‌ରୁ ମହଙ୍ଗା ଭତ୍ତା ସହ ମିଳିବ ବର୍ଦ୍ଧିତ ପ୍ରାପ୍ୟ

**ହୋମ୍‌ଗାର୍ଡଙ୍କ ସପକ୍ଷରେ ସୁପ୍ରିମକୋର୍ଟଙ୍କ ରାୟ**

- ସ୍ଥାୟୀ କନଷ୍ଟେବଲଙ୍କ ପରି ଦରମା ବଢ଼ିବ
- ୩ ମାସ ମଧ୍ୟରେ ରାଜ୍ୟ ସରକାର ଦେବେ ବକେୟା

**କଟକ ଅଫିସ, ୧୭।୩**

ଓଡ଼ିଶା ପୋଲିସରେ କାର୍ଯ୍ୟରତ ହୋମ୍‌ଗାର୍ଡମାନଙ୍କୁ ସ୍ଥାୟୀ କନଷ୍ଟେବଲଙ୍କ ପରି ଦରମା ଓ ମହଙ୍ଗା ଭତ୍ତା ମିଳିବ। ସ୍ଥାୟୀ କନଷ୍ଟେବଲଙ୍କ ଦରମା ବଢ଼ିବା ଅନୁସାରେ ହୋମଗାର୍ଡଙ୍କ ଦରମା ବି ବଢ଼ିବ। ଏଥିସହ ରାଜ୍ୟ ସରକାର ଏହାକୁ ପିଛିଲା ଭାବେ ୨୦୧୮ ଜୁନ୍‌ରୁ ଲାଗୁ କରିବାକୁ ସୁପ୍ରିମକୋର୍ଟ ରାୟ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଏମ୍. ଆର୍.ଶାହ ଓ ବିଚାରପତି ଏମ୍. ଏମ୍. ସୁନ୍ଦ୍ରେଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି ଏହି ରାୟ ଶୁଣାଇଛନ୍ତି।

ହୋମ୍‌ଗାର୍ଡଙ୍କୁ ସ୍ଥାୟୀ କନଷ୍ଟେବଲଙ୍କ ଭଳି ଦରମା ଓ ମହଙ୍ଗା ଭତ୍ତା ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ଏକ ମାମଲାର ବିଚାର କରି ୨୦୧୬ରେ ରାୟ ପ୍ରଦାନ କରିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦେଶର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହାକୁ ପାଳନ କରିବା ପାଇଁ ୨୦୧୬ ସେପ୍ଟେମ୍ବର ୧୬ରେ ଚିଠି କରାଯାଇଥିଲା। ଅନ୍ୟ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରାଯାଇଥିବାବେଳେ ଓଡ଼ିଶାରେ କରାଗଲା ନାହିଁ। ମନ୍ତ୍ରଣାଳୟ ପକ୍ଷରୁ ଏହି ମର୍ମରେ ପୁଣି ୨୦୧୬ ଅକ୍ଟୋବର ୫ରେ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ସଚିବଙ୍କୁ ଚିଠି କରାଯାଇ ତୁରନ୍ତ ହୋମ୍‌ଗାର୍ଡଙ୍କ ଦରମା ବୃଦ୍ଧି ଓ ମହଙ୍ଗା ଭତ୍ତା ପ୍ରଦାନ ନେଇ ପଦକ୍ଷେପ ନେବାକୁ କୁହାଗଲା। ହେଲେ ଓଡ଼ିଶା ସରକାର ତାହା କଲେ ନାହିଁ। ଏହାକୁ ନେଇ ହୋମଗାର୍ଡମାନଙ୍କ ପକ୍ଷରୁ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ୨୦୧୮ରେ ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠ ଏହି ମାମଲାର ବିଚାର କରି ୨୦୧୬ରୁ ହୋମ୍‌ଗାର୍ଡମାନଙ୍କୁ ବକେୟା ପ୍ରାପ୍ୟ ଦିନକୁ ୫୩୩ ଟଙ୍କା ଲେଖାଏ ଦରମା ହିସାବ କରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଜଣିକିଆ ଖଣ୍ଡପୀଠଙ୍କ ରାୟ ବିରୋଧରେ ଡିଭିଜନ ବେଞ୍ଚରେ ଅପିଲ କରିଥିଲେ। ହାଇକୋର୍ଟଙ୍କ ଡିଭିଜନ ବେଞ୍ଚ ମାମଲାର ବିଚାର କରି ୨୦୧୬ ପରିବର୍ତ୍ତେ ୨୦୨୦ରୁ ବକେୟା ଦରମା ବର୍ଦ୍ଧିତ ଭାବେ ପ୍ରଦାନ କରିବାକୁ ରାୟ ପ୍ରଦାନ କରିଥିଲେ। ହାଇକୋର୍ଟ ଡିଭିଜନ ବେଞ୍ଚର ଏହି ରାୟରେ ହୋମ୍‌ଗାର୍ଡମାନେ ସନ୍ତୁଷ୍ଟ ନ ହୋଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ହୋମ୍‌ଗାର୍ଡମାନଙ୍କ ଆବେଦନର ବିଚାର କରି ଓଡ଼ିଶା ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ଦେଇଥିବା ରାୟ ଅନୁସାରେ ଦିନକୁ ୫୩୩ ଟଙ୍କା ଦରମା ଓ ମହଙ୍ଗା ଭତ୍ତା ହୋମ୍‌ଗାର୍ଡଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହା ୨୦୧୮ ଜୁନ୍‌ରୁ ଲାଗୁ କରିବା ପାଇଁ ରାୟରେ ସ୍ପଷ୍ଟ କରିଛନ୍ତି। ଏଥିସହ ସ୍ଥାୟୀ କନଷ୍ଟେବଲଙ୍କ ପରି ସମୟାନୁସାରେ ବର୍ଦ୍ଧିତ ଦରମା ଓ ମହଙ୍ଗା ଭତ୍ତା ମଧ୍ୟ ହୋମଗାର୍ଡମାନଙ୍କୁ ପ୍ରଦାନ କରାଯିବ। ଆଗାମୀ ୩ ମାସ ମଧ୍ୟରେ ବକେୟା ରାଶି ପ୍ରଦାନ କରିବା ପାଇଁ ରାୟରେ ଉଲ୍ଲେଖ କରାଯାଇଛି। ଆବେଦନକାରୀ ଓଡ଼ିଶା ହ୍ୟୁମାନ ରାଇଟ୍ସ ମିଶନର ରାଜ୍ୟ ସଭାପତି ଦିଲୀପ ଧଳ ଓ ମହିଳା ସଭାପତି ଆରତୀ ମଙ୍ଗରାଜଙ୍କ ପକ୍ଷରୁ ଆଗତ ଏହି ମାମଲାକୁ ଆଇନଜୀବୀ ଶେଖର ଶ୍ରୀବାସ୍ତବ ଓ ପ୍ରେରଣା ସିଂହ ପରିଚାଳନା କରୁଥିଲେ।

# ଅବସରପ୍ରାପ୍ତ ଅଧିକାରୀଙ୍କ ନିଯୁକ୍ତିକୁ ନେଇ ବିରୋଧୀ-ଶାସକ ମୁହାଁମୁହିଁ

- ସିଏମ୍‌ଓ କ'ଣ ଥଇଥାନ କେନ୍ଦ୍ର: ବିରୋଧୀ ଦଳ ନେତା
- ଦିଲ୍ଲୀର ସାଉଥ୍ ବ୍ଲକରେ ବହୁ ରିଟାୟାର୍ଡ ଅଧିକାରୀ ଅଛନ୍ତି: ଅରୁଣ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଅବସର ଗ୍ରହଣ କରିଥିବା ଲୋକଙ୍କୁ ନିଯୁକ୍ତି ଦେବା ନେଇ ଭାଜପା ସରକାରଙ୍କୁ ଘେରିଛି। ଏହି ପ୍ରସଙ୍ଗରେ ଉଭୟ ବିରୋଧୀ ଓ ଶାସକ ଦଳ ସଭ୍ୟମାନେ ମୁହାଁମୁହିଁ ହୋଇଛନ୍ତି। ଶୁକ୍ରବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର କହିଛନ୍ତି, ସିଏମ୍‌ଓ ରିଟାୟାର୍ଡ ଅଫିସରଙ୍କ କ୍ଲବ ପାଲଟିଛି। ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଆର୍. ବାଲକ୍ରିଷ୍ଣନ, ଉପେନ୍ଦ୍ର ତ୍ରିପାଠୀ, ପି.କେ. ମହାପାତ୍ର, ଗୋପବନ୍ଧୁ ଦାସ ପ୍ରମୁଖ ସିଏମ୍‌ଙ୍କ ଅଫିସରେ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଫିସ କ'ଣ ରିଟାୟାର୍ଡ ଲୋକଙ୍କୁ ଥଇଥାନ କରିବାକୁ ହୋଇଛି। ଏଇଟା କ'ଣ ମୋ ସରକାର। ଏଇଟା କ'ଣ ୫-ଟି। ସାଧାରଣ ପ୍ରଶାସନ ବିଭାଗ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ଏହା ଉପରେ ଗୃହରେ ଏକ ଷ୍ଟେଟ୍‌ମେଣ୍ଟ ଦେବାଲାଗି ନିର୍ଦ୍ଦେଶ ଦିଅନ୍ତୁ। ଏହା କହିବା ପରେ ବାଚସ୍ପତି ବିଜେଡି ସଭ୍ୟ ଅରୁଣ ସାହୁଙ୍କୁ କହିବାକୁ ଡାକିଲେ। ସେ କହିଲେ, ମୁଁ ଯଦି ଅନ୍ୟକୁ ଅଙ୍ଗୁଳି ଦେଖାଇବି ତେବେ ମୋ ଆଡ଼କୁ ୪ଟା ଅଙ୍ଗୁଳି ରହିବ। ଶୂନ୍ୟକାଳକୁ କ'ଣ ଏଭଳି ଅପ୍ରସଙ୍ଗରେ ନଷ୍ଟ କରିବାକୁ ହୋଇଛି। ଭାରତବର୍ଷର ସର୍ବୋଚ୍ଚ ସଂସ୍ଥାରେ ଅବସରପ୍ରାପ୍ତ ଲୋକ ଅଛନ୍ତି। ଭାରତବର୍ଷର ସାଉଥ୍ ବ୍ଲକରେ ଥିବା ପ୍ରଧାନମନ୍ତ୍ରୀଙ୍କ ଅଫିସରେ ବହୁ ରିଟାୟାର୍ଡ ଲୋକ ଅଛନ୍ତି। ସମ୍ବିଧାନର କେଉଁ ଭାଗରେ ଲେଖାହୋଇଛି ରିଟାୟାର୍ଡ ଲୋକ ରହିପାରିବେ ନାହିଁ। ହରିୟାଣା, ଗୁଜରାଟ, ମଧ୍ୟପ୍ରଦେଶ, ମହାରାଷ୍ଟ୍ରରେ ବହୁ ରିଟାୟାର୍ଡ ଲୋକ ମୁଖ୍ୟମନ୍ତ୍ରୀଙ୍କ ଅଫିସର ରହିଛନ୍ତି। ଯେଉଁମାନେ ବିଧାନସଭାର ସଦସ୍ୟ ନୁହନ୍ତି ସେମାନଙ୍କ କଥା ଏଠାରେ କାହିଁକି ଆଲୋଚନା କରାଯାଉଛି। ଏ ରୋଗର ନିଦାନ କ'ଣ। ମାନସିକ ରୋଗ ବିଶେଷଜ୍ଞଙ୍କୁ ଦେଖାଇବା କଥା। ଏହା ଶୁଣିବା ପରେ ଭାଜପା ସଭ୍ୟମାନେ ଚିହିଁକି ଉଠିଲେ। ଗୃହର ମଧ୍ୟଭାଗକୁ ଆସି କଡ଼ା ବିରୋଧ କଲେ। ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେଲେ। ହଟ୍ଟଗୋଳକୁ ଦୃଷ୍ଟିରେ ରଖି ବାଚସ୍ପତି ଗୃହକୁ ୧୧ଟା ୪୫ରୁ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

# ବିଧାନସଭାରେ ବିରୋଧୀଙ୍କ ହଟ୍ଟଗୋଳ

**କେନ୍ଦ୍ରାପଡ଼ା ପୋଲ ଭୁଶୁଡ଼ିବା ଘଟଣା**

**ଦୃଷ୍ଟି ଦେବାକୁ ସରକାରଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ**

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

କେନ୍ଦ୍ରାପଡ଼ା ତିନିମୁହାଁଣି ନିକଟରେ ଥିବା ଗୋବରୀ ନଦୀରେ ନିର୍ମାଣାଧୀନ ପୋଲ ବୁଧବାର ଭୁଶୁଡ଼ିଥିଲା। ଏହି ପ୍ରସଙ୍ଗରେ ବିଧାନସଭାରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ଶୁକ୍ରବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି, ନିମ୍ନମାନର କାମ ଯୋଗୁ ପୋଲ ମଝିରୁ ଭୁଶୁଡ଼ି ପଡ଼ିଛି। ଜିଲାପାଳ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଇଞ୍ଜିନିୟର ଦିନେ ବି ସେ ପୋଲ ଦେଖିବାକୁ ଯାଇ ନାହାନ୍ତି। ତାଙ୍କୁ ଏ ପର୍ଯ୍ୟନ୍ତ କାହିଁକି ଗିରଫ କରାଯାଇ ନାହିଁ। କୋଟି କୋଟି ଟଙ୍କା ସରକାରଙ୍କ କ୍ଷତି ହୋଇଛି। ଏ କାହା ବାପର ପୈତୃକ ସମ୍ପତ୍ତି ନୁହେଁ। ଗରିବ ଲୋକଙ୍କ ପଇସା। କଣ୍ଟ୍ରାକ୍ଟରଙ୍କୁ ତୁରନ୍ତ ଗିରଫ କରାଯାଉ। ଏ ନେଇ ରୁଲିଂ ଦେବାକୁ ତାରା ଦାବି କରିଥିଲେ। କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଭାଜପା ସଭ୍ୟମାନେ ମଧ୍ୟ ନିଜ ଆସନରେ ଛିଡ଼ା ହୋଇ ସମର୍ଥନ ଜଣାଇଥିଲେ। ବାଚସ୍ପତି ବିକ୍ରମ କେଶରୀ ଆରୁଖ ଏହି ଘଟଣା ଉପରେ ଦୃଷ୍ଟି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




# ଦୋଷୀଙ୍କୁ ୧୨ବର୍ଷ ଜେଲ

## ଅନାଥ ବାଳିକାଙ୍କୁ ବଳାତ୍କାର ମାମଲା

**ବାରିପଦା ଅଫିସ, ୧୭।୩:** ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶୁକ୍ରବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ ଦୁର୍ଗା ଚରଣ ମିଶ୍ର ଏହାର ବିଚାର କରି ଦୋଷୀଙ୍କୁ ୧୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଗୋରୁମହିଷାଣି ଥାନା ଅନ୍ତର୍ଗତ ଭୀମକାନ୍ଦା ଗ୍ରାମର ଲକ୍ଷ୍ମୀରାମ ବିନ୍ଧାଣୀ(୫୦)। ପ୍ରକାଶ ଯେ, ୨୦୨୦ ଜୁନ ୧୫ରେ ଜଣେ ଅନାଥ ବାଳିକା ସାଙ୍ଗ ସହିତ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଅଭିଯୁକ୍ତ ଲକ୍ଷ୍ମୀରାମ ଦୁହିଁଙ୍କୁ ବୁଲେଇବାକୁ ନେଇଯାଇଥିଲେ। ସେଠାରେ ଜଣେ ସାଙ୍ଗକୁ ଗଛରେ ବାନ୍ଧି ଅନାଥ ବାଳିକାଙ୍କୁ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ପିଉସୀ ଗୋରୁମହିଷାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୪୧/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାକୁ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

# ପୁତୁରା ମାଡ଼ରେ ଦାଦାଙ୍କ ମୃତ୍ୟୁ

**କରଞ୍ଜିଆ, ୧୭।୩:** ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଧୀନ କୁଳିପୋଷି ପଞ୍ଚାୟତର ପଡ଼େଇଧୁଡା ଗ୍ରାମରେ ପାରିବାରିକ କଳହରୁ ପୁତୁରା ମାଡ଼ରେ ଦାଦାଙ୍କ ମୃତ୍ୟୁ ହୋଇଛି। ସରପଞ୍ଚ ଶୁକମତୀ ସର୍ଦ୍ଦାରଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୮୪/୨୩) ରୁଜୁ ହୋଇଛି। ମୃତକ ହେଲେ ସାଧୁଚରଣ ହୋ(୪୨)। ଅଭିଯୁକ୍ତ ପୁତୁରା ଶୁକଦେବ ହୋ(୧୯)ଙ୍କୁ ପୋଲିସ ଗିରଫ କରିଛି। ଗତ ୧୪ତାରିଖରେ ଘରର ଖର୍ଚ୍ଚ ନେଇ ଦାଦା ଓ ପୁତୁରାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶୁକଦେବ ତାଙ୍କ ଦାଦାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଦୁଇ ଦିନ ପରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଉପଭୋକ୍ତାଙ୍କ ତଣ୍ଟି ଚିପିବାକୁ ବିଦ୍ୟୁତ୍ ଘରୋଇକରଣ ହୋଇଛି: ଭାଜପା

**ମୁଲତବୀ ଆଲୋଚନା**

- ବ୍ରିଟିଶ ଶାସନ ଭଳି ଟାଟା କମ୍ପାନୀ ବିଲ୍ ଆଦାୟ କରୁଛି: କଂଗ୍ରେସ
- ଘରୋଇକରଣ ପରେ ସୁଧାର ଆସିଛି: ମନ୍ତ୍ରୀ
- ସାମଗ୍ରିକ ବୈଷୟିକ ଓ ବ୍ୟବସାୟିକ କ୍ଷତି ୨୬%କୁ କମିଛି
- ବିରୋଧୀଙ୍କ କକ୍ଷତ୍ୟାଗ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ବଳକା ରାଜ୍ୟ ବୋଲି ସରକାର କହି ବୁଲୁଛନ୍ତି। ବଳକା ରାଜ୍ୟରେ ବିଜୁଳି ମହଙ୍ଗା କେମିତି ହେଉଛି। ଦିଲ୍ଲୀ ଭଳି ରାଜ୍ୟ ବିଦ୍ୟୁତ୍ ଉତ୍ପାଦନ କରୁନାହିଁ। ମାତ୍ର ସେଠାରେ ଲୋକମାନଙ୍କୁ ମାଗଣା ବିଜୁଳି ମିଳୁଛି। ଉପଭୋକ୍ତାଙ୍କ ତଣ୍ଟି ଚିପିବାକୁ ରାଜ୍ୟ ସରକାର ଘରୋଇ କମ୍ପାନୀକୁ ରାଜ୍ୟର ବିଦ୍ୟୁତ୍ ଦାୟିତ୍ୱ ଦେଇଛନ୍ତି। କମ୍ପାନୀ ଲୋକଙ୍କଠାରୁ ଜୋରଜବରଦସ୍ତି ବିଲ୍ ଆଦାୟ କରୁଛି। ଗତ ୨୩ ବର୍ଷରେ ବିଦ୍ୟୁତ୍ କ୍ଷେତ୍ରରେ ୨୦ ହଜାର କୋଟିର ଦୁର୍ନୀତି ହୋଇଛି। ଟାଟା କମ୍ପାନୀକୁ ଦେଇ ସରକାର ହାତଟେକି ଦେଇଛନ୍ତି। ରାଜ୍ୟରେ ବିଦ୍ୟୁତ୍ ଘରୋଇକରଣକୁ ନେଇ ବିରୋଧୀ ଭାଜପା ଓ କଂଗ୍ରେସ ସରକାରଙ୍କୁ ଜୋରଦାର ଆକ୍ରମଣ କରିଛନ୍ତି। ତୁରନ୍ତ କମ୍ପାନୀ ଜୁଲମ ବନ୍ଦ କରି ରାଜ୍ୟବାସୀଙ୍କୁ ଗୁଣାତ୍ମକ ୨୪ ଘଣ୍ଟିଆ ବିଦ୍ୟୁତ୍ ଦେବା ବ୍ୟବସ୍ଥା କରନ୍ତୁ ବୋଲି ବିରୋଧୀ ଦାବି କରିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି 'ବିଦ୍ୟୁତ୍ ଶୁଳ୍କ ଆଦାୟରେ ଟାଟା ପାୱାର ମାଲାମାଲ, ରାଜ୍ୟବାସୀ ବେହାଲ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଣି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ବିଜୁଳି ବିନା ଆମେ କେହି ବଞ୍ଚିପାରିବା ନାହିଁ। ଓଡ଼ିଶାବାସୀଙ୍କ ତଣ୍ଟିଚିପି ବିଦ୍ୟୁତ୍ ବିଲ୍ ଆଦାୟ କରିବାକୁ ରାଜ୍ୟ ସରକାର ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେଇଛନ୍ତି। ଗତ ୨୩ ବର୍ଷ ଧରି ରାଜ୍ୟରେ ବିଦ୍ୟୁତ୍ ସଂସ୍କାର ଚାଲିଛି। ଯେଉଁ ରାଜ୍ୟ ବିଦ୍ୟୁତ୍ ଉତ୍ପାଦନ କରୁନାହାନ୍ତି ସେମାନେ ମାଗଣାରେ ଦେଉଛନ୍ତି। ଦେଶର ୮ଟି ରାଜ୍ୟକୁ ଛାଡ଼ିଦେଲେ ବାକି ରାଜ୍ୟ ତୁଳନାରେ ଓଡ଼ିଶାରେ ବିଦ୍ୟୁତ୍ ଶୁଳ୍କ ସର୍ବାଧିକ। ରାଜ୍ୟରେ କୋଇଲା, ଜଳ ସମ୍ପଦ ଥାଇ ବିଦ୍ୟୁତ୍ ମହଙ୍ଗା। ସରକାର ବିଦ୍ୟୁତ୍ ଚାହିଦା ପୂରଣ କରିବାକୁ ଅକ୍ଷୟ ଶକ୍ତିର ବିକାଶ କରିପାରିଲେ ନାହିଁ। ଓଡ଼ିଶାରେ ମାତ୍ର ୪୩୫ ମେଗାୱାଟ ଅକ୍ଷୟଶକ୍ତି ବିକାଶ ସୀମିତ ରହିଛି। ଟାଟା କମ୍ପାନୀ ଚଞ୍ଚକତା କରି ବିଲ୍ ଆଦାୟ କରୁଛି। ଘରୋଇ କମ୍ପାନୀକୁ ଆଣି ଉପଭୋକ୍ତାଙ୍କୁ ଲୁଟ୍ କରିବା ବନ୍ଦ କରାଯାଉ ବୋଲି କହିଥିଲେ। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ, ନାଉରୀ ନାୟକ କହିଛନ୍ତି, ୨୪ ବର୍ଷ ଶାସନରେ ୨୪ ଘଣ୍ଟା ବିଦ୍ୟୁତ୍ ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି। ଗାଁ କଥା ଛାଡ଼ନ୍ତୁ ସହରରେ ମଧ୍ୟ ୨୪ ଘଣ୍ଟା ବିଦ୍ୟୁତ୍ ରହୁନାହିଁ। ଟ୍ରାନ୍ସଫର ସମସ୍ୟା ଯୋଗୁ ଗାଁରେ ଆଜି ବି ଲୋଭୋଲଟେଜ ସମସ୍ୟା ରହିଛି। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଦିଲ୍ଲୀ, ପଞ୍ଜାବ ସରକାର ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ମାଗଣାରେ ଯୋଗାଇ ଦେଉଛନ୍ତି। ବଡ଼ ବଡ଼ ପଦବୀରେ ଅଫିସରମାନଙ୍କୁ ଥଇଥାନ କରି ମୋଟା ଅଙ୍କର ଦରମା ଦିଆଯାଉଛି। ଓପିଜିସିରେ ଅଧିକ ଦରମାରେ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଉଛି। ପରିବହନଜନିତ କ୍ଷତି କମାଇବାକୁ କୁହାଯାଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ରିଲାଏନ୍ସର ବକେୟା ଟାଟା କମ୍ପାନୀ ଆଦାୟ କରୁଛି। ଟାଟାକୁ ଦେଇ ସରକାର ହାତଟେକି ବସିଛନ୍ତି।

କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି, ବିଦ୍ୟୁତ୍ ଉପଭୋକ୍ତାଙ୍କ ତଣ୍ଟିଚିପି ମାରି ଦିଆଯାଉଛି। ଗାଁରେ ୧୮ ଘଣ୍ଟା ବିଜୁଳି ରହୁନି। ଟାଟା ପାୱାର ନେଲା ପରେ ବିଲ୍ ଆଦାୟ ବଢ଼ିଛି। ମାସ ମାସ ଧରି ବିଲ୍ ଦେଉନାହାନ୍ତି। ସବୁ ଜାଗାରେ ବିପିଏଲ୍ ଲାଇନ କାଟି ଦିଆଯାଇଛି। ସ୍ୱାଧୀନତାର ଏତେଦିନ ପରେ ବି ପାହାଡ ପର୍ବତ ଅଞ୍ଚଳରେ ଆଜି ବି ଲାଇନ ନାହିଁ। ଟାଟା କମ୍ପାନୀ ବ୍ରିଟିଶ ଶାସନ କରିବା ଭଳି ବିଲ୍ ଆଦାୟ କରୁଛି। ରାଜ୍ୟ ସରକାର ଟାଟା ହାତରେ ୫୧ ପ୍ରତିଶତ ଶେୟାର ଦେଇ ୪୯ ପ୍ରତିଶତ ନିଜ ହାତରେ ରଖିଛନ୍ତି। ପ୍ରଶାସନିକ କ୍ଷମତା କମ୍ପାନୀ ହାତକୁ ଟେକି ଦେଇଛନ୍ତି। ଏଥିଯୋଗୁ କମ୍ପାନୀର ମନମାନି ବଢ଼ିଯାଇଛି ବୋଲି ସେ କହିଛନ୍ତି। ବିଜେଡି ସଭ୍ୟ ଦିବ୍ୟଶଙ୍କର ମିଶ୍ର ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ଟାଟ କମ୍ପାନୀ ଗତ ୩ ବର୍ଷରେ କୌଣସି ବକେୟା ଟଙ୍କା ନେଇନି। ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ଆସନ୍ତା ୫ ବର୍ଷରେ ୫, ୬୪୯ କୋଟି ଟଙ୍କା ଟାଟା ପାୱାର ଖର୍ଚ୍ଚ କରିବ। ଆଗରୁ ଚାରିଆଡ଼େ ଅନ୍ଧାର ଥିଲା। ଓଡ଼ିଶା ଆଜି ଆଲୋକମୟ ହୋଇଛି। ବିଜେଡି ସଭ୍ୟ ଧ୍ରୁବ ଚରଣ ସାହୁ, ରାଜକିଶୋର ଦାସ, ମୁକେଶ ପାଲ ପ୍ରମୁଖ ରାଜ୍ୟର ବିଦ୍ୟୁତ୍ ଘରୋଇକରଣକୁ ସମର୍ଥନ କରିବା ସହ ବିଦ୍ୟୁତ୍ ସଂସ୍କାର ଉପରେ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିଥିଲେ।

ମୁଲତବୀ ପ୍ରସ୍ତାବ ଆଲୋଚନା ଜବାବରେ ଶକ୍ତିମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି, ପାଣି, ପବନ, ନିଆଁ ପରେ ବିଦ୍ୟୁତ୍ ଅତ୍ୟନ୍ତ ଅତ୍ୟାବଶ୍ୟକ। ବିଦ୍ୟୁତ୍ କିଣିବା ପାଇଁ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ଗ୍ରୀଡ୍‌କୋ ବିଦ୍ୟୁତ୍ କିଣି ବଣ୍ଟନ କମ୍ପାନୀ ଜରିଆରେ ଉପଭୋକ୍ତାଙ୍କୁ ଯୋଗାଉଛି। ଟାଟା କମ୍ପାନୀ ମାଲାମାଲ ହେଉଥିବା କଥା ସତ୍ୟ ନୁହେଁ। ବିଦ୍ୟୁତ୍ ଘରୋଇକରଣ ପରେ ରାଜ୍ୟରେ ଗୁଣାତ୍ମକ ବିଦ୍ୟୁତ୍ ସେବା ମିଳିପାରୁଛି। ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ ସରକାର ୨୦ ହଜାର କୋଟି ଖର୍ଚ୍ଚ କରିଛନ୍ତି। ନୂତନ ବିଦ୍ୟୁତ୍ ଆବଣ୍ଟନ କମ୍ପାନୀ ଦାୟିତ୍ୱ ନେବା ପରେ ରାଜ୍ୟରେ ସାମଗ୍ରିକ ବୈଷୟିକ ଓ ବ୍ୟବସାୟିକ କ୍ଷତି ହ୍ରାସ ପାଇଛି। ଏହାଛଡ଼ା ବିଦ୍ୟୁତ୍ ସୁରକ୍ଷା, ଭିତ୍ତିଭୂମିର ବିକାଶ ହୋଇଛି। ୨୦୧୩ରେ ରାଜ୍ୟରେ ବିଦ୍ୟୁତ୍ ବିତରଣଜନିତ କ୍ଷତି ୫୭ ପ୍ରତିଶତ ଥିବାବେଳେ ଏବେ ତାହା ୨୬ ପ୍ରତିଶତକୁ ଖସିଆସିଛି। ରାଜ୍ୟରେ ବିଦ୍ୟୁତ୍ ଚାହିଦା ବଢ଼ିଚାଲିଛି। ପିକ୍ ଆୱାରରେ ୪୮୦୦ରୁ ୫,୨୦୦ ମେଗାୱାଟ୍ ବିଦ୍ୟୁତ୍‌ର ଆବଶ୍ୟକତା ରହିଛି। ଉଚ୍ଚ ଦରରେ କିଣି ଉପଭୋକ୍ତାଙ୍କୁ ଯୋଗାଇ ଦିଆଯାଉଛି। ଯଦି ବିଦ୍ୟୁତ୍‌ରେ ରିହାତି ଦିଆଯିବ ତେବେ ଶ୍ରୀଲଙ୍କା ଭଳି ଅବସ୍ଥା ଭୋଗିବାକୁ ପଡ଼ିବ। ମନ୍ତ୍ରୀଙ୍କ ଉତ୍ତରକୁ ବିରୋଧ କରି ଭାଜପା ଓ କଂଗ୍ରେସ ସଭ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲିଯାଇଥିଲେ।




# ୫ ବର୍ଷରେ ହେବ ୧୫ ହଜାର କି.ମି.ର ଗ୍ରାମୀଣ ରାସ୍ତା: ସଞ୍ଜୟ ସିଂ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ସରକାର ଗ୍ରାମୀଣ ରାସ୍ତାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେଉଛନ୍ତି। ୫୦,୦୦୦ କି.ମି. ରାସ୍ତାକୁ ଖାଲଖମାମୁକ୍ତ କରିବା ଏବଂ ଯାନବାହନ ଚଳାଚଳର ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ ୨୦୨୩-୨୪ରେ ୧୧୫୮.୭୯ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି। ଏହାପୂର୍ବ ବର୍ଷ ତୁଳନାରେ ପ୍ରାୟ ୨୫,୦୦୦ କି.ମି. ଅଧିକ। ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ବଦ୍ଧପରିକର। ସେଥିପାଇଁ ଆଗାମୀ ୫ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଆନୁମାନିକ ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ୧୫,୦୦୦ କି.ମି. ଗ୍ରାମୀଣ ରାସ୍ତା ଏବଂ ବିଜୁ ସେତୁ ଯୋଜନାରେ ଆନୁମାନିକ ୬୦୦୦ କୋଟି ଟଙ୍କା ବିନିଯୋଗରେ ୧୫୦୦ ନୂତନ ସେତୁ ନିର୍ମାଣକରି ସବୁଦିନିଆ ରାସ୍ତା ଯୋଗାଇଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଛନ୍ତି।

ଗୀତଗୋବିନ୍ଦ ସଦନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଛନ୍ତି, ଗ୍ରାମ୍ୟ ଉନ୍ନୟନ ବିଭାଗ ବର୍ତ୍ତମାନ ସଫଳତାର ଶୀର୍ଷରେ ପହଞ୍ଚିଛି। ରାଜ୍ୟର ଅଭିବୃଦ୍ଧି ପଛରେ ଗମନାଗମନର ସୁବ୍ୟବସ୍ଥା ରହିଛି। ଗ୍ରାମାଞ୍ଚଳରେ ରହୁଥିବା ସମାଜର ଶେଷ ବ୍ୟକ୍ତି ପାଖରେ କିପରି ଗମନାଗମନ ସୁବିଧା ପହଞ୍ଚିବ ସେନେଇ ବିଭାଗ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ହାତକୁ ନେଇଛି। ଚଳିତ ୨୦୨୩-୨୪ ଆର୍ଥିକ ବର୍ଷ ବଜେଟକୁ ୭୫୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି; ଯାହା ୨୦୧୯-୨୦ ବଜେଟ ତୁଳନାରେ ୩୫.୫୭% ଅଧିକ। ୨୦୨୩-୨୪ ବର୍ଷରେ ୧୯୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୫୨୬ ନୂତନ ବିଜୁ ସେତୁ ନିର୍ମାଣ ପାଇଁ ବିଭାଗର ବ୍ୟବସ୍ଥା ରହିଛି। ବର୍ତ୍ତମାନ ସୁଦ୍ଧା ବିଭାଗ ଦ୍ୱାରା ୧୨୫୪ ସେତୁ ନିର୍ମାଣ ସରିଛି। ଆଉ ୯୦୦ ସେତୁ ନିର୍ମାଣର ବିଭିନ୍ନ ପର୍ଯ୍ୟାୟରେ ରହିଛି। ଭୂତଳ ଜଳର ପୁନରୁଦ୍ଧାର ଏବଂ ପ୍ରବାହିତ ଜଳର ଆଭ୍ୟନ୍ତରୀଣ ସଂରକ୍ଷଣ ପାଇଁ ବିଭାଗ ୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୦୦ ଆଡ଼ିବନ୍ଧ ପ୍ରକଳ୍ପ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ସୁଦ୍ଧା ୩୨ ଆଡ଼ିବନ୍ଧ କାମ ଶେଷ ହୋଇଛି। ଅନ୍ୟ କେତେକ ପ୍ରମୁଖ ଯୋଜନାରେ ୬୦୦୦ କି.ମି. ରାସ୍ତା ନିର୍ମାଣ ନିମନ୍ତେ ୨୦୬୧ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ଏହା ନିଶ୍ଚିତ ଭାବେ ଗ୍ରାମୀଣ ସଡ଼କ ନେଟ୍‌ୱର୍କରେ ଉନ୍ନତି ଆଣିବ। ବର୍ତ୍ତମାନ ସୁଦ୍ଧା ଏହି ବିଭାଗର ଯୋଜନା ଅଧୀନରେ ୧୦.୬୨୧ କି.ମି. ରାସ୍ତା ନିର୍ମାଣ କରିସାରିଛି। ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳ, ଦୁର୍ଗମ ମାଓବାଦୀପ୍ରବଣ ଅଞ୍ଚଳ ଏବଂ ଅନ୍ୟାନ୍ୟ ରାସ୍ତା ସଂଯୋଗ ନ ଥିବା ଅଞ୍ଚଳର ସଂଯୋଗୀକରଣ ନିମନ୍ତେ ୨୦୦ କି.ମି. ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଛି।



ତୁମର ପଡୋଶୀ ଭିତରେ ଈଶ୍ୱରଙ୍କ ପାଇଁ ବଞ୍ଚ। ତୁମ ନିଜ ଭିତରେ ବି ଈଶ୍ୱରଙ୍କ ପାଇଁ ବଞ୍ଚ। ତୁମ ନିଜ ଦେଶରେ ଓ ତୁମର ଶତ୍ରୁର ଦେଶରେ ବି ଈଶ୍ୱରଙ୍କ ଲାଗି ବଞ୍ଚ ଓ ସମଗ୍ର ମାନବଜାତି ଭିତରେ– ବୃକ୍ଷଲତା ମାଟିପଥର ଓ ପଶୁପକ୍ଷୀଙ୍କ ଭିତରେ– ପୃଥିବୀ ଭିତରେ ଓ ପୃଥିବୀ ବାହାରେ ତୁମେ କେବଳ ଈଶ୍ୱରଙ୍କ ପାଇଁ ବଞ୍ଚ। ତେବେ ଯାଇ ତୁମେ ମୁକ୍ତିର ପଥରେ ପାଦ ଦେଇଛ। **–ଶ୍ରୀଅରବିନ୍ଦ**



# ସୀମାନ୍ତ ଗାଁ ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପାଖାପାଖି ୭୦ଜଣ ମନ୍ତ୍ରୀ ଭାରତ–ଚାଇନା ସୀମା ଅଭିମୁଖେ ଯାଉଛନ୍ତି। ଲଢ଼େଇ କରିବାକୁ ନୁହେଁ, ବରଂ ବହୁ ସଂଖ୍ୟକ ସୀମାନ୍ତ ଗାଁ କି ପ୍ରକାର ସହାୟତା ଆବଶ୍ୟକ କରୁଛନ୍ତି ତାହା ଉପରେ ନିଶ୍ଚିତ ହେବା ଲାଗି ମନ୍ତ୍ରୀମାନେ ସେଠାକୁ ଯାଉଛନ୍ତି। ସୂତ୍ରରୁ ପ୍ରକାଶ, ସୀମାରେ ୧,୪୦୦ ଗାଁ ଚିହ୍ନଟ କରାଯାଇଛି ଏବଂ ସେଠାରେ ଲୋକେ କେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ବୁଝି ସମାଧାନ କରିବା ଲାଗି କେନ୍ଦ୍ରମନ୍ତ୍ରୀମାନେ ଗସ୍ତରେ ଯିବେ। କିଛିଦିନ ତଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସୀମା ପରିଚାଳନା ସଚିବ ଡି.ଏସ୍.ଗଙ୍ଗୱାର ସୀମାରେ ବାସ କରୁଥିବା ପରିବାରଗୁଡ଼ିକ ପାଇଁ ଫୋନ୍ ଯୋଗାଯୋଗ ଉପରେ ସମୀକ୍ଷା କରିବା ପରେ ଉକ୍ତ ନିଷ୍ପତ୍ତି ନିଆଯାଇଥିଲା। ନିକଟରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ ବି ଲଦାଖର ସୀମାନ୍ତ ଗ୍ରାମଗୁଡ଼ିକୁ ଯାଇଥିଲେ। ସୀମାନ୍ତ ଅଞ୍ଚଳରେ ଲୋକମାନେ ପୈତୃକ ଜାଗାରେ ରହିବା ସହ ଗାଁ ଛାଡ଼ି ବାହାରକୁ ନ ଯିବା ସକଶେ ସେମାନଙ୍କୁ ପ୍ରେରିତ କରିବା ଏହି ଭାଇବ୍ରାଣ୍ଟ ଭିଲେଜ ପ୍ରୋଗ୍ରାମର ଲକ୍ଷ୍ୟ। ସୂତ୍ରରୁ ପ୍ରକାଶ, ନିକଟରେ ଦିଲ୍ଲୀରେ ରାଜ୍ୟ ମାନ୍ୟତା ପାଇଁ ଦାବି କରିଥିବା ଲଦାଖବାସୀଙ୍କୁ ଶାନ୍ତ କରିବା ନିମନ୍ତେ ଏହି ଯୋଜନା କରାଯାଇଛି। ବିବାଦୀୟ ଲାଇନ ଅଫ୍ କଣ୍ଟ୍ରୋଲ (ଏଲ୍ଓସି)ରେ ଚାଇନା ବହୁ ସୀମାନ୍ତ ଗାଁ ଓ ରାସ୍ତା ନିର୍ମାଣ କରି ସେସବୁ ତା'ର ଅଞ୍ଚଳ ବୋଲି ଦୃଢ଼ ଭାବେ ଦାବି କରିଛି। ଏଥିପାଇଁ କେନ୍ଦ୍ର ସେମାନଙ୍କ ଅଭିଯାନକୁ ପ୍ରତିହତ କରିବା ପାଇଁ ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ମନ୍ତ୍ରୀମାନେ ମଡେଲ ଗ୍ରାମଗୁଡ଼ିକରେ ଦିନଟିଏ କାଟିବେ ଏପରିକି ସେଠାରେ ରାତିରେ ବି ରହିପାରନ୍ତି। ସେଥିପାଇଁ ସେମାନଙ୍କ ଗସ୍ତକୁ ନେଇ ସୀମାନ୍ତ ରାଜ୍ୟ ବିଶେଷକରି ଜିଲାଗୁଡ଼ିକ ହାଇ ଆଲର୍ଟ ଅଛନ୍ତି।

### ନୂଆ ଜୀବନ ପାଇବ ସିସିଆଇ

କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ)ଏବେ ଜଣେ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ବିନା ଚାଲିଛି। ସିସିଆଇ ସଦସ୍ୟ ସଙ୍ଗୀତା ବର୍ମା ଗତବର୍ଷ ଅକ୍ଟୋବରରୁ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅଛନ୍ତି । ନିକଟରେ ତାଙ୍କ କାର୍ଯ୍ୟକାଳ ୩ ମାସ ପାଇଁ ବୃଦ୍ଧି କରାଯାଇଥିଲା। ଏବେ ସିସିଆଇ ୨ ଜଣ ସଦସ୍ୟଙ୍କୁ ନେଇ କାମ କରୁଛି, ଯାହା ନିର୍ଦ୍ଧାରିତ ସଂଖ୍ୟାର ଅଧା ଏବଂ କୋରମରୁ ଗୋଟିଏ କମ୍। ଏପରିକି କୋରମ୍ ହରାଇବା ପୂର୍ବରୁ ମଧ୍ୟ ସିସିଆଇରେ କମ୍ କର୍ମଚାରୀ ରହିଛନ୍ତି। ଗତ ଦଶନ୍ଧି ମଧ୍ୟରେ ୩୦% ପଦବୀ ବି ପୂରଣ ହୋଇନାହିଁ। ତେବେ କମିଶନରେ ଏବେ ଯାହା କିଛି ସମସ୍ୟା ଅଛି ତାହାକୁ ସରକାର ହିଁ ସୃଷ୍ଟି କରିଛନ୍ତି। ୨୦୧୮ରେ ସବୁଠୁ ବେଶି ପଦବୀ ଖାଲିଥିଲା ଓ ସେତେବେଳେ ସରକାର କମିଶନ ସଦସ୍ୟ ସଂଖ୍ୟା ୭ରୁ ୪କୁ କମାଇ ଦେଇଥିଲେ। ମନ୍ତ୍ରଣାଳୟ ମଧ୍ୟରେ ଏବେ ଏହି ସବୁ ବିଷୟ ଉପରେ ପଦକ୍ଷେପ ନେବା ଆରମ୍ଭ ହେଉଛି । ବିଶେଷକରି ଅଧ୍ୟକ୍ଷ ନିଯୁକ୍ତି ପ୍ରସଙ୍ଗ ଉପରେ ଅଧିକ ଧ୍ୟାନ ଦିଆଯାଉଛି। ସମ୍ଭବତଃ ନିଯୁକ୍ତି ବିଳମ୍ବ ଘଟଣା, ସିସିଆଇର ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଜଣେ ପୂର୍ଣ୍ଣକାଳୀନ ଅଧ୍ୟକ୍ଷଙ୍କ ଅନୁପସ୍ଥିତିର ପ୍ରଭାବ ଏବଂ ତଦନ୍ତ କରିବାରେ ଏହାର କ୍ଷମତାକୁ ନେଇ ବାବୁମାନଙ୍କ ନିଦ ଭାଙ୍ଗିଛି। ଏବେ ସରକାର ବର୍ମାଙ୍କ ସ୍ଥାନରେ ଆଉ ଜଣଙ୍କୁ ଅବସ୍ଥାପିତ କରିବାକୁ ପ୍ରାର୍ଥୀ ଖୋଜୁଛନ୍ତି। ଆଗାମୀ ୧୬ ମାସ ମଧ୍ୟରେ ଏବକାର ଦୁଇ ସଦସ୍ୟ ଅବସର ନେବାକୁ ଥିବାବେଳେ ସରକାର ମଧ୍ୟ ୩ ଜଣ ସଦସ୍ୟ ପଦ ପୂରଣ କରିବାକୁ ବିଜ୍ଞାପନ ଦେଇଛନ୍ତି। ତେବେ ଜଣେ ନୂଆ ଅଧ୍ୟକ୍ଷଙ୍କ ନିଯୁକ୍ତି ସିସିଆଇକୁ ନୂଆ ଜୀବନ ଦେବା ସହ ତା'ର ଧାରାବାହିକ କାର୍ଯ୍ୟକଳାପ ଏବଂ ସ୍ଥାୟିତ୍ୱକୁ ନିଶ୍ଚିତ କରିବାରେ ସହାୟକ ହେବ।

### ବିନିବେଶ ସମସ୍ୟା

ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଯାଇଥିବାରୁ ଅଧିକାରୀମାନେ ଆଭ୍ୟନ୍ତରୀଣ ଅତିରିକ୍ତ ବିଷୟରେ ଅତ୍ୟଧିକ ଜଡ଼ିତ ହୋଇଥିବା ବୁଝାପଡୁଛି। ତେବେ ଅର୍ଥ ସଚିବ ଟି.ଭି. ସୋମନାଥନ ଏବଂ ରେଭିନ୍ୟୁ ସଚିବ ସଞ୍ଜୟ ମାଲହୋତ୍ରା ବର୍ଦ୍ଧିତ ଋଣ ଉପରେ ସମୀକ୍ଷା କରି ତାହାକୁ ସମାଧାନ କରିବାକୁ ଚେଷ୍ଟା କରିବା ଲାଗି ଅନେକ ବୈଠକ ଡକାଇଛନ୍ତି। ଏହା ସହ ବିନିବେଶ କ୍ଷେତ୍ରରେ ନିଆଯାଇଥିବା କିଛି ପଦକ୍ଷେପରେ ବି ସେଭଳି ଅଧିକ ଫଳ ମିଳିନାହିଁ। ତେବେ ଏହି ଦୁଇ ପ୍ରସଙ୍ଗରେ ଗତ ଦୁଇ ସପ୍ତାହ ହେଲା ଅର୍ଥ ମନ୍ତ୍ରଣାଳୟ ଚଳଚଞ୍ଚଳତା ପ୍ରକାଶ କରିବା ଦେଖାଯାଇଛି। ଫେବୃୟାରୀ ବଜେଟରେ କେନ୍ଦ୍ର ସରକାର ବିନିବେଶ ଟାର୍ଗେଟକୁ ପୂର୍ବ ବଜେଟର ୬୫,୦୦୦ କୋଟି ଟଙ୍କାରୁ ୫୦,୦୦୦ କୋଟିକୁ କମାଇ ଦେଇଥିଲେ। ଟାର୍ଗେଟ ହ୍ରାସ କରିବା ସତ୍ତ୍ୱେ ବି ଏହା ବିନିବେଶରୁ ଏବେ ସୁଦ୍ଧା ୩୧,୧୦୭ କୋଟି ଟଙ୍କା ଯୋଗାଡ଼ କରିବାକୁ ସକ୍ଷମ ହୋଇଛି। କିନ୍ତୁ ଅର୍ଥ ବାବୁମାନେ ଭାବୁଛନ୍ତି ଯେ ସେମାନଙ୍କ ପାଖରେ ଏକ ଯୋଜନା ଅଛି । ସେମାନେ ସରକାରୀ ଋଣ ବୃଦ୍ଧିକୁ ସୀମିତ ରଖି ପବ୍ଲିକ ଋଣ ବୋଝ ସହ ସୁଧ ଦେୟ ହ୍ରାସ ପାଇଁ ଯୋଜନା କରୁଛନ୍ତି । ବିନିବେଶରୁ ଯାହା ପ୍ରାପ୍ତି ହେବା କଥା ତାହା ଯଦି କମ୍ ରହେ ତେବେ ପୂରଣ କରିବାକୁ ଅଧିକ ଲାଭ କରୁଥିବା କେନ୍ଦ୍ର ରାଷ୍ଟ୍ରାୟତ୍ତ କମ୍ପାନୀ ଏବଂ ସ୍ୱୟଂଚାଳିତ ସଂସ୍ଥାଗୁଡ଼ିକ ପାଇଁ କରାଯାଇଥିବା ପାଣ୍ଠି ଯୋଗାଣ ବ୍ୟବସ୍ଥା ଓ କେନ୍ଦ୍ରୀୟ ଯୋଜନାଗୁଡ଼ିକ ଉପରେ ନିର୍ଭର କରିବ। ଏଥିରେ କେନ୍ଦ୍ର ନୂତନ ପାଣ୍ଠି ଯୋଗାଣ ବ୍ୟବସ୍ଥାରୁ ୧୩,୦୦୦ କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଯୋଜନାଗୁଡ଼ିକରୁ ୮,୦୦୦ କୋଟି ଟଙ୍କା ବଞ୍ଚାଇପାରିବ ବୋଲି ସୋମନାଥନ ଆଶା ରଖିଛନ୍ତି।

Email: dilipcherian@gmail.com

# ଫେକ୍ ଭିଡିଓର ବିପଜ୍ଜନକ ଖେଳ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ରାଜନୀତିରେ ଫେକ୍ ବା ନକଲି ଭିଡ଼ିଓର ଉପଯୋଗ କୌଣସି ନୂଆ ନୁହେଁ। ଦେଶର ଊଣା ଅଧିକ ସବୁ ପ୍ରମୁଖ ନେତାଙ୍କ ନକଲି ଭିଡ଼ିଓ ତିଆରି କରି ତାକୁ ଭାଇରାଲ କରାଯାଉଛି। ଫେସ୍‌ବୁକ୍, ୟୁଟ୍ୟୁବ୍, ଇନଷ୍ଟାଗ୍ରାମ୍, ହ୍ୱାଟ୍‌ସଆପ୍ ପରି ସାମାଜିକ ଗଣମାଧ୍ୟମର ପ୍ରଚଳନ ପରେ ଏଭଳି ନକଲି ଭିଡ଼ିଓର ପ୍ରାଦୁର୍ଭାବ ବଢ଼ିଯାଇଛି। ବିଶେଷ କରି ହ୍ୱାଟ୍‌ସଆପ୍ ଓ ୟୁଟ୍ୟୁବ୍ ତ ଏବେ ମିଥ୍ୟା ଖବର, ଗୁଜବ ଓ ମିଥ୍ୟା ଭିଡ଼ିଓର ସବୁଠାରୁ ବଡ଼ ଓ ସହଜ ମାଧ୍ୟମ ହୋଇଯାଇଛି। ସାମାଜିକ ଗଣମାଧ୍ୟମରେ ସକ୍ରିୟ କିଛି ଅସାମାଜିକ ବ୍ୟକ୍ତି ବା ସମୂହ ଏସବୁ ଜରିଆରେ ଅନ୍ୟକୁ ବଦନାମ୍ କରିବା, କାହାକୁ ବ୍ଲାକ୍‌ମେଲ କରିବା କିମ୍ବା ସମାଜର ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଘୃଣା ଓ ହିଂସା ସୃଷ୍ଟି କରିବା ଦେଖିବାକୁ ମିଳିଛି। ବିଶେଷ କରି ଧର୍ମାନ୍ଧ ଓ ସାମ୍ପ୍ରଦାୟିକ ଶକ୍ତିମାନେ ସାମାଜିକ ଗଣମାଧ୍ୟମରେ ମିଥ୍ୟା ଓ ମନଗଢ଼ା ଖବର ଓ ଭିଡ଼ିଓକୁ ଭାଇରାଲ କରି ସମାଜରେ ବିଭିନ୍ନ ସମୁଦାୟ ଭିତରେ ଘୃଣା ଓ ବିଦ୍ୱେଷ ବଢ଼ାଇବାକୁ ଚେଷ୍ଟା କରିଥାନ୍ତି।

ଉଦ୍‌ବେଗର ବିଷୟ ହେଲା, ରାଜନୈତିକ ସ୍ୱାର୍ଥରେ ବୃହତ୍ ରାଜନୈତିକ ଦଳର ଆଇଟି ସେଲ୍‌ମାନେ ମିଥ୍ୟା ଖବରର ବଡ଼ ସୂତ୍ର। ସେମାନେ ବିରୋଧୀ ରାଜନୈତିକ ଦଳର ନେତା ଏବଂ ସରକାର ବିରୋଧରେ ମିଥ୍ୟା ଓ ମନଗଢ଼ା ଖବରକୁ ଭାଇରାଲ କରିଥାନ୍ତି। ତେବେ ବଡ଼ କଥା ହେଲା ବହୁଚର୍ଚ୍ଚିତ 'ପୋଷ୍ଟ ଟ୍ରୁଥ୍'ର ଯୁଗରେ ସାମାଜିକ ଗଣମାଧ୍ୟମରେ ପରଷା ଯାଉଥିବା ଏଭଳି ମିଥ୍ୟା ଖବରଗୁଡ଼ିକୁ ଲୋକେ ବିନା ଦ୍ୱିଧାରେ ଅନ୍ତିମ ସତ୍ୟ ବୋଲି ଭାବି ନେଇଥାନ୍ତି। ତେବେ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ପ୍ରାୟୋଜିତ ଏଭଳି ମିଛ ଖବରର ପରିଣତି କେତେ ଗମ୍ଭୀର ହୋଇପାରେ, ତାହା ନିକଟରେ ଘଟିଥିବା ଏକ ଘଟଣାରୁ ସ୍ପଷ୍ଟ ହୋଇଛି। ଗତ କିଛି ସପ୍ତାହ ଧରି ଦେଶର ଗଣମାଧ୍ୟମରେ ତାମିଲନାଡୁରେ ବିହାରୀ ଶ୍ରମିକମାନଙ୍କ ଉପରେ ଆକ୍ରମଣ ଏବଂ ଆତଙ୍କିତ ହୋଇ ସେମାନଙ୍କ ସାମୂହିକ ପଳାୟନର ଖବର ବ୍ୟାପକ ଭାବେ ପ୍ରସାରିତ ହୋଇଛି। ଶ୍ରମିକମାନଙ୍କ ନିର୍ଯାତନା ଓ ପଳାୟନର ଭିଡ଼ିଓ ସବୁ ବିଭିନ୍ନ ସାମାଜିକ ଗଣମାଧ୍ୟମ ବିଶେଷ କରି ୟୁଟ୍ୟୁବରେ ପ୍ରସାରିତ ହେବା ପରେ ବିହାରରେ ଏକରକମ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା। ଭାଇରାଲ ଭିଡ଼ିଓ ଦେଖି ହଜାର ହଜାର ବିହାରୀ ଶ୍ରମିକ ରେଳ ଯୋଗେ ନିଜ ରାଜ୍ୟକୁ ଫେରିବା ଦେଖାଗଲା। ଯଦିଓ ଏହି ଶ୍ରମିକମାନଙ୍କ ଘରକୁ ଫେରିବା ପଛରେ ହୋଲି ଉତ୍ସବ ଏକ ବଡ଼ କାରଣ ଥିଲା, କିନ୍ତୁ ଆକ୍ରମଣର ଭୟ ବି ଏକ କାରଣ ଥିବା ଜଣାପଡ଼ିଛି।

ବିଡ଼ମ୍ବନାର କଥା ହେଲା, ସାମାଜିକ ଗଣମାଧ୍ୟମରେ ବିହାରୀ ଶ୍ରମିକଙ୍କ ଉପରେ କଥିତ ଆକ୍ରମଣର ଭିଡ଼ିଓ ଭାଇରାଲ ହେଉଥିବା ବେଳେ ତାକୁ ତାଳଦେଇ ଭାଜପା ନେତାମାନଙ୍କ ସକ୍ରିୟତା ଦେଖିବାକୁ ମିଳିଥିଲା। ଛୋଟ ବଡ଼ ଅନେକ ଭାଜପା ନେତା ବିନା ଯାଞ୍ଚରେ ଏଭଳି ଭିଡ଼ିଓଗୁଡ଼ିକୁ ନିଜର ଟୁଇଟର ଓ ଫେସ୍‌ବୁକ୍‌ରେ ଶେୟାର କରି ବିହାରର ନୀତୀଶ–ତେଜସ୍ୱୀଙ୍କ ସରକାର ଉପରେ ଆକ୍ରମଣ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍ଦେଶ୍ୟ ଥିଲା ଏହା ଜରିଆରେ ବିହାରୀମାନଙ୍କ ମଧ୍ୟରେ ଜନତା ଦଳ (ୟୁ) ଓ ଆର୍‌ଜେଡିର ମେଣ୍ଟ ସରକାର ବିରୋଧରେ ଘୃଣାର ପରିବେଶ ତିଆରି କରିବା। ଏହିକ୍ରମରେ ବିହାର ବିଧାନସଭାର ଭାଜପା ବିଧାୟକ ଦଳର ନେତା ବିଜୟ ସିହ୍ନା ଏହିସବୁ ଭିଡ଼ିଓକୁ ସତ୍ୟ ବୋଲି କହିବା ସହିତ ଯଦି ଭୁଲ୍ ହୋଇଥାଏ ତାହେଲେ କ୍ଷମା ମାଗିବାକୁ ପ୍ରସ୍ତୁତ ବୋଲି ବାହୁସ୍ଫୋଟ ମାରିଥିଲେ। ବିଧାନ ପରିଷଦର ବିରୋଧୀ ଦଳର ନେତା ସମ୍ରାଟ ଚୌଧୁରୀ ବି ତାମିଲନାଡୁରେ ଶ୍ରମିକଙ୍କ ଉପରେ ଆକ୍ରମଣକୁ ନେଇ ବିହାର ସରକାର ରାଜ୍ୟବାସୀଙ୍କୁ ମିଛ କହି ବିଭ୍ରାନ୍ତ କରୁଛନ୍ତି ବୋଲି କହିଥିଲେ। ଭାଜପା ଦଳର ଅନ୍ୟତମ ସହଯୋଗୀ ଚିରାଗ ପାଶ୍ୱାନ ତୁରନ୍ତ ଚେନ୍ନାଇରେ ପହଞ୍ଚି ରାଜ୍ୟପାଳଙ୍କୁ ଭେଟି ବିହାରୀ ଶ୍ରମିକଙ୍କ ଉପରେ ହେଉଥିବା ତଥାକଥିତ ଅତ୍ୟାଚାର ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଅବସ୍ଥା ଏପରି ହେଲା, ବିହାର ସରକାର ମଧ୍ୟ ଶେଷରେ ଚାପରେ ପଡ଼ି ନିଜର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳକୁ ତାମିଲନାଡୁ ପଠାଇଥିଲେ। ସେମାନେ ସେଠାରେ ତିନି ଚାରି ଦିନ ରହି ସ୍ଥାନୀୟ ଅଫିସର ଏବଂ ପ୍ରବାସୀ ବିହାରୀ ଶ୍ରମିକମାନଙ୍କ ସହ ଆଲୋଚନା କରି ବିହାରୀ ଶ୍ରମିକଙ୍କ ଉପରେ ଆକ୍ରମଣକୁ ଭିତ୍ତିହୀନ ବୋଲି ଜାଣିବା ସହିତ ଏ ସଂକ୍ରାନ୍ତରେ ପ୍ରକାଶିତ ଭିଡ଼ିଓଗୁଡ଼ିକୁ ମିଥ୍ୟା ବୋଲି ସ୍ପଷ୍ଟ କଲେ।




ବିହାର ସରକାର ଇତିମଧ୍ୟରେ ମିଥ୍ୟା ଭିଡ଼ିଓ ପ୍ରସାର କରିଥିବା ଲୋକମାନଙ୍କ ବିରୋଧରେ ମକଦ୍ଦମା ରୁଜୁ କରିବା ସହ ଏ ସଂକ୍ରାନ୍ତରେ ମୋଟ ୩୦ଟି ଭିଡ଼ିଓ ପ୍ରସାରିତ ହୋଇଥିବା କହିଛନ୍ତି। ତେବେ ଚାଞ୍ଚଲ୍ୟକର କଥାଟି ହେଲା, ଏଭଳି ଫେକ୍ ଭିଡ଼ିଓର ପ୍ରସାର ପଛରେ ଏକ ସୁନିୟୋଜିତ ଷଡ଼ଯନ୍ତ୍ରର ଉଜାଗର ହୋଇଛି। ଉପରୋକ୍ତ ଭିଡ଼ିଓଗୁଡ଼ିକ କୌଣସି ସତ ଘଟଣା ନ ଥିଲା ବରଂ ବିହାରୀ ଲୋକଙ୍କ ଭିତରେ ତାମିଲ ବିରୋଧୀ ବିଦ୍ୱେଷ ଓ ଉନ୍ମାଦ ସୃଷ୍ଟି କରିବାକୁ ପାଟନାର ବଙ୍ଗାଳୀଟୋଲାରେ କିଛି ବ୍ୟକ୍ତି ବିଧିବଦ୍ଧ ଭାବେ ସେସବୁକୁ ଶୁଟିଂ କରି ପ୍ରସ୍ତୁତ କରିଥିଲେ। ଏ ସଂକ୍ରାନ୍ତରେ ଯେଉଁ ୧୧ ଜଣଙ୍କ ନାଁରେ ଏତଲା ଦାୟର କରାଯାଇଛି, ସେମାନଙ୍କ ଭିତରେ କେତେଜଣ ୟୁଟ୍ୟୁବର ଓ ତଥାକଥିତ ସାମ୍ବାଦିକ ଅଛନ୍ତି। ସାମାଜିକ ଗଣମାଧ୍ୟମରେ ସେମାନଙ୍କ ୪୨ଟି ଆକାଉଣ୍ଟକୁ ବି ନୋଟିସ୍ ଜାରି କରାଯାଇଛି। ଘଟଣାର ମାଷ୍ଟରମାଇଣ୍ଡ ମନୀଷ କଶ୍ୟପ ଏଭଳି ଭିଡ଼ିଓ ପାଇଁ ହିଂସାର ଦୃଶ୍ୟ ସୃଷ୍ଟି କରିବାକୁ କିଛି କଳାକାର ଓ ଛୋଟ ଅପରାଧୀଙ୍କୁ ଭଡ଼ାରେ ଆଣିଥିବା ଜଣାପଡ଼ିଛି। ମିଥ୍ୟା ଭିଡ଼ିଓ ଜରିଆରେ ଦୁଇ ରାଜ୍ୟର ଲୋକଙ୍କ ମଧ୍ୟରେ ବିଦ୍ୱେଷ ସୃଷ୍ଟି କରି ସ୍ଥାନୀୟ ସରକାରକୁ ନିକମ୍ମା ଓ ବିହାରୀଙ୍କ ସ୍ୱାର୍ଥରକ୍ଷା କରିବାରେ ଅସଫଳ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରାଯାଇଛି। ଯଦି ଉଭୟ ବିହାର ଓ ତାମିଲନାଡୁର ପୋଲିସ ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ନେଇନଥାନ୍ତେ, ତା'ହେଲେ ଦୁଇ ରାଜ୍ୟରେ ଭୟଙ୍କର ଉତ୍ତେଜନା ଓ ହିଂସା ପରିସ୍ଥିତି ସୃଷ୍ଟି ହୋଇଥାନ୍ତା। ତେବେ ଏହି ଫେକ୍ ଭିଡ଼ିଓ କାଣ୍ଡର ଅଭିଯୁକ୍ତମାନଙ୍କ ସହ ଭାଜପା ଦଳର ଘନିଷ୍ଠତା ତଥା ଏଭଳି ଘଟଣାରେ ତୁରନ୍ତ ଭାଜପା ନେତାମାନଙ୍କ ସକ୍ରିୟ ଭୂମିକାରୁ ପ୍ରମାଣିତ ଯେ ରାଜନୈତିକ ସ୍ୱାର୍ଥ ପାଇଁ ଏକ ସୁନିୟୋଜିତ ଷଡ଼ଯନ୍ତ୍ରର ଅଂଶବିଶେଷ ଭାବେ ଏଭଳି ଫେକ୍ ଭିଡ଼ିଓଗୁଡ଼ିକୁ ପ୍ରସ୍ତୁତ କରାଯାଇଥିଲା। ବିଶେଷକରି ନିକଟରେ ଚେନ୍ନାଇରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍‌ଙ୍କ ଜନ୍ମ ଦିବସ ପାଳନ ଉତ୍ସବରେ ବିହାର ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଦେଶର ପ୍ରମୁଖ ବିରୋଧୀ ଦଳ ନେତାମାନଙ୍କ ଯୋଗଦାନ ପରେ ଏଭଳି ଭିଡ଼ିଓ ଓ ଗୁଜବର ପ୍ରସାର କରାଯିବା କୌଣସି ସଂଯୋଗ ନୁହେଁ ବରଂ ଦୁଇ ରାଜ୍ୟରେ ସରକାରରେ ଥିବା ଦଳଗୁଡ଼ିକୁ ବଦନାମ୍ କରିବାକୁ ଏକ ସୁନିୟୋଜିତ ଷଡ଼ଯନ୍ତ୍ର ବୋଲି କୁହାଯାଇପାରେ।

ବିହାରୀ ଶ୍ରମିକଙ୍କ ଉପରେ ଆକ୍ରମଣର ଫେକ୍ ଭିଡ଼ିଓ ପ୍ରସାରଣ କେବଳ ଏକ ଜଘନ୍ୟ ସାମ୍ପ୍ରଦାୟିକ ଅପରାଧ ନୁହେଁ ବରଂ ଆମ ଦେଶ ଓ ଜନଗଣଙ୍କ ବିରୋଧରେ ଏକ ଗମ୍ଭୀର ଷଡ଼ଯନ୍ତ୍ର। ଲଜ୍ଜାଜନକ କଥା ହେଲା, ଗତ ପନ୍ଦର ଦିନ ଧରି ବିହାର ଘଟଣା ନେଇ ଏତେ ସବୁ ଚର୍ଚ୍ଚା ଚାଲିଥିବା ବେଳେ କେନ୍ଦ୍ରର ଭାଜପା ସରକାର ନୀରବ ରହିବା ସନ୍ଦେହଜନକ ମନେହେଉଛି।

ଏକ ସଭ୍ୟ ଓ ଗଣତାନ୍ତ୍ରିକ ସମାଜ ପାଇଁ ଫେକ୍ ନିଉଜ୍‌ର ପ୍ରସାରଣ ଅତ୍ୟନ୍ତ ବିପଜ୍ଜନକ। ଏହା ସର୍ବଦା ସମାଜରେ ଭୟ, ଅଶାନ୍ତି, ଭୁଲ ବୁଝାମଣା, ବିଦ୍ୱେଷ ଓ ହିଂସାକୁ ଜନ୍ମ ଦେଇଥାଏ। ରାଜନୈତିକ ସ୍ୱାର୍ଥରେ ଏହାର ପ୍ରସାରଣ ଯୋଗୁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବା ଏବଂ ଜୀବନହାନିର ସମ୍ଭାବନା ରହିଥାଏ। ତେବେ ଯେଉଁ ଗଣମାଧ୍ୟମ ଓ ରାଜନୈତିକ ନେତାମାନେ ଏଭଳି ଫେକ୍ ଭିଡ଼ିଓକୁ ବିନା ଯାଞ୍ଚରେ ଜନଗଣଙ୍କ ପାଖରେ ପହଞ୍ଚାଇବାର କାମ କରିଛନ୍ତି, ସେମାନେ ଅକ୍ଷମଣୀୟ ଭୁଲ୍ କରିଛନ୍ତି।

ମୋ : ୯୪୩୭୧୬୭୩୯୧

# ମଣିଷ ଗଛ



ଯଦୁମଣି ପାଣିଗ୍ରାହୀ

ଗଛ ଭଳି ପରୋପକାରୀ ଗୁଣ ବୋଧେ ଏ ସଂସାରରେ ଆଉ କାହା ନିକଟରେ ଦେଖିବାକୁ ମିଳେନି। ସମଗ୍ର ଜୀବଜଗତ ପାଇଁ ଉତ୍ସର୍ଗୀକୃତ ତା'ର ଜୀବନ। ଗଛଟିଏର ତ୍ୟାଗ ଓ ଅବଦାନର ପଟାନ୍ତର ନାହିଁ। ଖରା, ବର୍ଷା, ଶୀତ, କାକର ସହି ଅନ୍ୟକୁ ସୁଖ ଦେଉଥିବା ଗଛର ଜୀବନ କେଡ଼େ ମହାନ୍ ସତେ। ହାତ ଘେନି ଗଛଟିଏ ଲଗାଇଲେ କେବେବି ନିରାଶ ହେବାକୁ ପଡ଼େନି। ଗଛଟିଏ ରୋପଣ କରି ତା' ମୂଳରେ ପାଣିଦେବା କି ଘାସ ବାଛିଦେବା ଭଳି ସାମାନ୍ୟ କର୍ତ୍ତବ୍ୟ ସମ୍ପାଦନ କରିପାରିଲେ ଏହା ଦିନେ ବଡ଼ ହୋଇ ଅଶେଷ ଉପକାରରେ ଆସିଥାଏ। ମଣିଷଠାରୁ ପଶୁପକ୍ଷୀ ଓ କୀଟପତଙ୍ଗ ଯାଏ କାହା କାମରେ ନ ଆସେ ଗଛ। ଫୁଲ, ଫଳ, କାଠ, ଛାଇ ଓ ଅମ୍ଳଜାନ ଆଦି ଯୋଗାଇ ଆମ ବଞ୍ଚିବାର ସହାୟତା କରିବା ସହ ଆମ ଜୀବନଶୈଳୀକୁ ସହଜ ଓ ସୁଗମ କରିଥାଏ ଗଛ। ଶାସ୍ତ୍ରରେ କୁହାଯାଇଛି; ''ସେବିତବ୍ୟୋ ମହାବୃକ୍ଷଃ ଫଳଛାୟା ସମନ୍ୱିତଃ, ଯଦି ଦୈବାତ୍ ଫଳ ନାସ୍ତି ଛାୟା କେନ ନିବାର୍ଯ୍ୟତେ।'' ଅର୍ଥାତ୍ ଫଳ ଓ ଛାୟା ଯୁକ୍ତ ଗୋଟିଏ ବିଶାଳ ବୃକ୍ଷର ସେବା କରିବା ଉଚିତ୍। ଯଦିବା କୌଣସି କାରଣରୁ ଉକ୍ତ ଗଛଟି ଫଳ ପ୍ରଦାନ କରିବାକୁ ଅସମର୍ଥ ହୁଏ ତେବେ ଅନ୍ତତଃ ଛାୟା ଟିକେ ତ ପ୍ରଦାନ କରିପାରିବ। ଯଥାର୍ଥରେ ସବୁକିଛି ଅଜାଡ଼ି ଦେବାର ଆଢୁଆଳରେ ଯେମିତି ଲୁଚିରହିଛି ତା'ମନରେ ଅପାର ଆନନ୍ଦ ଓ ଗଭୀର ଆତ୍ମସନ୍ତୋଷ। କେବଳ ଆମେ କାହିଁକି, ଅନେକ ପଶୁପକ୍ଷୀଙ୍କର ବି ଜୀବନ ଜୀବିକା ହେଉଛି ଗଛ। ସତରେ ବଡ଼ ଉଦାର ତା'ର ହୃଦୟ। ସେ ସମଦର୍ଶୀ ଓ ବିଚାରବନ୍ତ । ସାନ ହେଉ କି ବଡ଼ ଅଥବା ଧନୀ କିମ୍ବା ଗରିବର ଭେଦଭାବ ତା' ନିକଟରେ ନାହିଁ। ଅନ୍ୟ ପ୍ରତି ସ୍ନେହ, ଶ୍ରଦ୍ଧା ଓ କୃତଜ୍ଞତାରେ ଭରପୂର ତା' ଅନ୍ତର। ସମସ୍ତେ ତା'ର ପ୍ରିୟ ଓ ଆପଣାର। ଆମ ପୁରାଣ ଶାସ୍ତ୍ରରେ ଗଛକୁ ବୃକ୍ଷ ଦେବତାର ଆସନ ଦିଆଯାଇ ଏହାର ଯଶ ଗାନ କରାଯାଇଛି। ଗଛକୁ ଦେବତା ଭାବେ ଆଜିଯାଏ ବି ପୂଜା କରାଯାଉଛି। ଗଛ ଲଗାଇଲେ ଅଶେଷ ପୁଣ୍ୟ ସାଧନ ହୁଏ ବୋଲି ଲୋକମାନଙ୍କ ମଧ୍ୟରେ ରହିଥିବା ଧାରଣା ଆଜିଯାଏ ବଳବତ୍ତର ରହିଛି। ତେଣୁ ପୂର୍ବକାଳରେ ଉଦାରମନା ଲୋକେ ଗଛ ଲଗାଇବାରେ ଉଭୟ ଶାନ୍ତି ଓ ଆନନ୍ଦ ଅନୁଭବ କରୁଥିଲେ। କେବଳ ସେତିକି ନୁହେଁ, ଆଜି ବି ଅନେକ ଔଷଧୀୟ ବୃକ୍ଷର ଚେର, ପତ୍ର, ଛେଲି ଓ ମୂଳକୁ ଲୋକେ ବିଭିନ୍ନ ରୋଗରୁ ଉପଶମ ପାଇବାକୁ ସିଧାସଳଖ ବ୍ୟବହାର କରୁଛନ୍ତି । ମୋଟ୍ ଉପରେ କେବେବି ଦାନ ପ୍ରତିଦାନର ଆଶା ନ ରଖି ନିରନ୍ତର ଓ ନୀରବଚ୍ଛିନ୍ନ ଭାବେ ଗଛ କେବଳ ଅନ୍ୟର ସେବାରେ ନିଜକୁ ସମର୍ପିତ କରୁଥିବାରୁ ଏ ସଂସାରରେ ଗଛର ଜୀବନ ଧନ୍ୟ ବୋଲି କୁହାଯାଇଛି।

ତେବେ ସୃଷ୍ଟିର ଶ୍ରେଷ୍ଠ ଜୀବ ଭାବେ ଗଛ ଓ ମଣିଷର ସମ୍ପର୍କ ବେଶ୍ ନିବିଡ଼। ମଣିଷର ସୁସ୍ଥ, ନୀରୋଗ ଓ ସୁଖମୟ ଜୀବନଯାପନ ସାଙ୍ଗକୁ ତା'ର ସାମଗ୍ରିକ ବିକାଶ ପଛରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଗଛର ପ୍ରଚ୍ଛନ୍ନ ଭୂମିକା ରହିଥିବା ବେଳେ ଗଛ ପ୍ରତି ମଣିଷ କିନ୍ତୁ ଚିରକାଳ ଅବହେଳା କରିଆସିଛି। ଦେଖିବାକୁ ଗଲେ ଛୋଟ ଗଛଟିଏ ଅବା ମଣିଷ ଶିଶୁଟିଏ ହେଉ, ସେମାନଙ୍କ ବୃଦ୍ଧି ଓ ବିକାଶରେ ସମାନ



ସେବା ଓ ଯତ୍ନ କରିବାର ଆବଶ୍ୟକତା ପଡ଼ିଥାଏ। ଏହି ଦୃଷ୍ଟିରୁ ମଣିଷକୁ ଗଛ ସହ ତୁଳନା କରାଯାଇପାରେ। ମଣିଷ ରୂପକ ଗଛକୁ ସୃଷ୍ଟି କରୁଥିବା ଓ ତାକୁ ଖୁବ୍ ଯତ୍ନ ସହକାରେ ଲାଳନପାଳନ କରି ସାନରୁ ବଡ଼ କରୁଥିବା ମାତାପିତାଙ୍କ ତ୍ୟାଗ ଓ ଅବଦାନକୁ ଭାଷାରେ ପ୍ରକାଶ କଲେ ବି କମ୍ ହେବ ନିଶ୍ଚୟ। ଛୋଟ ଗଛଟି ମୂଳରେ ପାଣି ଦେଇ, ଘାସ ସଫାକରି ଓ ସାର ପିଡ଼ିଆ ଦେଇ ତାକୁ ବଡ଼ କଲାପରି ମଣିଷ ଗଛକୁ ଏକ ପରିପକ୍ୱ ତଥା ସକ୍ଷମ ମଣିଷରେ ରୂପାନ୍ତରିତ କରିବା ପଛରେ ମାତାପିତା, ଆତ୍ମୀୟସ୍ୱଜନ ଓ ପରିବାରବର୍ଗଙ୍କ ଯେଉଁ ନିଃସର୍ତ୍ତ ଏବଂ ନିଃସ୍ୱାର୍ଥପର ଅବଦାନ ରହିଛି, ତା'ର ପ୍ରତିଦାନ କ'ଣ କେବେ ବି ଦେଇପାରୁଛି ମଣିଷ। ବରଂ ସେମାନଙ୍କ ତ୍ୟାଗ ଓ ଅବଦାନକୁ ଭୁଲିଯାଇ ସେମାନଙ୍କ ସହ ବିଶ୍ୱାସଘାତକତା କରିବାକୁ କୁଣ୍ଠାବୋଧ କରୁନି ସେ। ଫଳରେ ପିଲାଟି ଉପରେ ମାତାପିତା ଓ ଅନ୍ୟମାନଙ୍କର ଯେଉଁ ଆଶା ଭରସା ଓ ବିଶ୍ୱାସ ଟିକକ ରହିଥାଏ ତାହା ଶେଷରେ ଭାଙ୍ଗିରୁଜି ଛାର୍‌ଖାର୍ ହୋଇଯାଏ। ପରିଣତ ବୟସରେ ମାତାପିତାଙ୍କୁ ସହାୟ ହେବା ତ ଦୂରର କଥା ସେମାନଙ୍କ ସହ ସବୁ ସମ୍ପର୍କ ତୁଟାଇ ଦେବାକୁ ଶ୍ରେୟସ୍କର ମଣୁଛନ୍ତି ପିଲାମାନେ। ମାତାପିତାଙ୍କ ବ୍ୟତୀତ ଘରର ଜେଜେବାପା, ଜେଜେମାଆ, ବଡ଼ ଭାଇଭଉଣୀ, ଦାଦା ଖୁଡ଼ୀଙ୍କର ତ୍ୟାଗ ଓ ଅବଦାନକୁ ବି ଶେଷରେ କୃତଘ୍ନ ଓ ସ୍ୱାର୍ଥପର ମଣିଷ ବଳି ଚଢ଼ାଇ ଦେଉଛି। ପାରିବାରିକ ତ୍ୟାଗ ଅବଦାନ ବ୍ୟତୀତ ମଣିଷ ଶିଶୁକୁ ସର୍ବାଙ୍ଗ ସୁନ୍ଦର କରି ଗଢ଼ିତୋଳିବା ଦିଗରେ ସାମାଜିକ କ୍ଷେତ୍ରରେ ଅନେକଙ୍କ ଦାନ ଅବଦାନ ରହିଛି । ସେ ଅବଦାନକୁ ବି ମଣିଷ ଭୁଲିଯାଉଛି। ପଡ଼ୋଶୀ, ଗ୍ରାମବାସୀ, ଶିକ୍ଷକ ଓ ସାଙ୍ଗସାଥୀ ଆଦି ଯେଉଁମାନଙ୍କ ସହ ମଣିଷ ମିଶିଛି, ଦୁଃଖସୁଖ ବାଣ୍ଟିଛି, ଦୁନିଆ ବିଷୟରେ ଜାଣିଛି, ବଞ୍ଚିବାର କଳାକୌଶଳ ହାସଲ କରିଛି, ବିପଦଆପଦରେ ସହାୟତା ଲୋଡ଼ିଛି ଆଉ ଜ୍ଞାନ ଆହରଣ ବି କରିଛି, ସେମାନଙ୍କ ସହ ସେ ଅହରହ ବିଶ୍ୱାସଘାତକତା କରିଚାଲିଛି। ଅନେକ ପଶୁପକ୍ଷୀ ଅଛନ୍ତି ଯେଉଁମାନେ କିଛି ଖାଦ୍ୟ, ପାନୀୟ, ଆଦର ଓ ଆଶ୍ରୟ ପାଇବା ପ୍ରତି ବଦଳରେ ମଣିଷର ପୋଷା ମାନିବା ସହ କିଛି ନା କିଛି କାମରେ ସାହାଯ୍ୟ କରୁଛନ୍ତି। ଅଥଚ ପଛକୁ ନ ଚାହିଁ କେବଳ ଆଗକୁ ଦେଖୁଥିବା ମଣିଷ କୃତଘ୍ନତାର ସବୁ ସୀମା ସରହଦ ଅତିକ୍ରମ କରିଯାଇଛି ଯେମିତି। କେବଳ ବ୍ୟକ୍ତିଗତ ସୁଖ ସମୃଦ୍ଧିର ଲାଳସା ମଣିଷର ମଣିଷପଣିଆକୁ ନଷ୍ଟଭ୍ରଷ୍ଟ କରିସାରିଲାଣି। ଯାହାଙ୍କ ଦାନ ଅବଦାନରେ ସେ ନିଜକୁ ସଶକ୍ତ କରାଇବାର ସୁଯୋଗ ହାସଲ କରିଛି ସେହିମାନଙ୍କ ପ୍ରତି ସେ ବିଶ୍ୱାସଘାତକତା କରିବା କେତେଦୂର ସମୀଚୀନ। ଗଛଟିଏ ଲଗାଇଲେ ତା'ଠାରୁ କିଛି ନା କିଛି ପାଇବାର ଆଶା ରହୁଥିବା ବେଳେ ମଣିଷ ଗଛ ଲଗାଇ ଶେଷରେ ଯଦି ନିରାଶ ହେବାକୁ ପଡ଼େ, ତେବେ ଏହାଠାରୁ ବିଡ଼ମ୍ବନା ଆଉ କ'ଣ ଥାଇପାରେ। ସେଥିପାଇଁ କୁହାଯାଇଛି–''ଗଛ ଲଗାଇବୁ ଫଳ ତୁ ଖାଇବୁ କରୁନାହିଁ ତୋତେ ମନା, ମଣିଷ ଗଛ ତୁ ଲଗାନାରେ ବାବୁ ଆବୋରିବ ତୋର ଦାନା।''

**ଶଂଖୁଡ଼ା, ତିହିଡ଼ି, ଭଦ୍ରକ,**
**ମୋ:୯୯୩୭୫୬୫୫୨୭**

## ଏଇ ଭାରତରେ

ପରୀକ୍ଷା ସମୟ ଆସିଲେ ଅଭିଭାବକମାନେ ସେମାନଙ୍କ ପିଲାଙ୍କ ପ୍ରତି ଅତ୍ୟଧିକ ଯତ୍ନଶୀଳ ହୋଇଯାଆନ୍ତି। କହିବାକୁ ଗଲେ ପରୀକ୍ଷା ଚିନ୍ତା ପିଲାଙ୍କୁ ଯେତିକି ନୁହେଁ, ଅଭିଭାବକଙ୍କୁ ତାହାଠାରୁ ବେଶି ଘାରୁଛି। କେବଳ ପାଠପଢ଼ା ନୁହେଁ, ପିଲାମାନେ କେମିତି ଠିକ୍ ସମୟରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ ତାହା ପାଇଁ ଉପଯୁକ୍ତ ବ୍ୟବସ୍ଥା କରୁଛନ୍ତି। କିନ୍ତୁ ଏହାର ଏକ ବ୍ୟତିକ୍ରମ ଅର୍ଥାତ୍ ଜଣେ ଅଭିଭାବକଙ୍କ ଦାୟିତ୍ୱହୀନତା ସାମ୍ନାକୁ ଆସିଛି ଗୁଜରାଟରେ। ଗୁଜରାଟରେ ମାର୍ଚ୍ଚ ୧୭ରେ ଆରମ୍ଭ ହୋଇଥିବା ବୋର୍ଡ ପରୀକ୍ଷାରେ ଜଣେ ଅଭିଭାବକ ତାଙ୍କ ଝିଅକୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବାର ଥିଲା। ହେଲେ ସେ ଭୁଲ୍‌ରେ ଝିଅକୁ ଆଉ ଏକ ପରୀକ୍ଷା କେନ୍ଦ୍ରରେ ଛାଡ଼ି ଚାଲି ଆସିଥିଲେ। ଝିଅ ସେଠାରେ ନିଜ ରୋଲ ନମ୍ବର ଖୋଜିବା ପରେ ତାହା ନ ମିଳିବାରୁ ସେହି କେନ୍ଦ୍ରଟି ତାଙ୍କର ନୁହେଁ ବୋଲି ଜାଣିପାରିଥିଲେ। ପରେ ସେ ଅତି ବିବ୍ରତ ହୋଇପଡ଼ିଥିଲେ। ଏହା ଲକ୍ଷ୍ୟ କରି ଜଣେ ପୋଲିସ ଅଧିକାରୀ ତାଙ୍କଠାରୁ ସବୁକଥା ଜାଣିବା ପରେ ତାଙ୍କ ଗାଡ଼ିରେ ସେହି କେନ୍ଦ୍ରଠାରୁ ୨୦ କି.ମି. ଦୂରରେ ଥିବା କେନ୍ଦ୍ରରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚାଇ ଦେଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ମାର୍ଚ୍ଚ ୧୯୯୮

- ଶ୍ରୀଲଙ୍କାର ଉତ୍ତର ଓ ପୂର୍ବାଞ୍ଚଳରେ ସେନାବାହିନୀର ଯବାନଙ୍କ ସହ ସାନି ସଂଘର୍ଷ ଘଟି ୧୫ ତାମିଲ ଗେରିଲା ନିହତ।
- ସମ୍ବିଧାନର ବିବାଦୀୟ ତ୍ରୟୋଦଶ ସଂଖ୍ୟାନକୁ ଚାଲେଞ୍ଜ କରାଯାଇ ଆଗତ ହୋଇଥିବା ଏକ ପିଟିସନ ପାକିସ୍ତାନ ସୁପ୍ରିମ୍‌କୋର୍ଟରେ ଖାରଜ।
- ମଧ୍ୟପ୍ରଦେଶର ରାଜ୍ୟପାଳ ମହମ୍ମଦ ଶାଫି କ୍ୟୁରେସ୍ି ଉତ୍ତର ପ୍ରଦେଶର ରାଜ୍ୟପାଳ ଭାବେ ଶପଥ ନେଇଛନ୍ତି।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | 9 | | | | |
| | | 2 | 5 | | 8 | | | |
| | | | | 3 | | | | |
| | 8 | | | | | | 2 | 1 |
| | | | | | 4 | 5 | | |
| 4 | 9 | | | 1 | | | | 6 |
| | 5 | 3 | | 4 | | | 8 | 9 |
| 8 | | | | | | | 3 | |
| | | 4 | 7 | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 6 | 5 | 4 | 2 | 9 | 7 | 3 |
| 2 | 9 | 4 | 1 | 7 | 3 | 6 | 8 | 5 |
| 7 | 5 | 3 | 6 | 9 | 8 | 4 | 2 | 1 |
| 6 | 4 | 2 | 8 | 5 | 1 | 3 | 9 | 7 |
| 5 | 7 | 1 | 9 | 3 | 6 | 8 | 4 | 2 |
| 8 | 3 | 9 | 7 | 2 | 4 | 5 | 1 | 6 |
| 4 | 2 | 5 | 3 | 1 | 9 | 7 | 6 | 8 |
| 3 | 1 | 8 | 4 | 6 | 7 | 2 | 5 | 9 |
| 9 | 6 | 7 | 2 | 8 | 5 | 1 | 3 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଦର୍ଶ ନେତା ବନାମ ଉତ୍ତମ ନାଗରିକ

ମହାଶୟ,

ଗୋଟିଏ ପ୍ରଗତିଶୀଳ ଏବଂ ଆଦର୍ଶ ଦେଶ ଗଠନ ପାଇଁ ଆଦର୍ଶ ନେତୃତ୍ୱର ଏକାନ୍ତ ଆବଶ୍ୟକତାକୁ କେହି ଅସ୍ୱୀକାର କରିପାରିବେ ନାହିଁ।ଏଭଳି ନେତୃତ୍ୱ ମଧ୍ୟରେ ରହିଛନ୍ତି ଆମେରିକାର ଜର୍ଜ ୱାଶିଂଟନ, ଲିଙ୍କନ, କେନେଡ଼ି ; ଭାରତର ପଣ୍ଡିତ ଜବାହରଲାଲ ନେହେରୁ, ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ, ବାଜପେୟୀଙ୍କ ସହିତ ଅନେକ ନେତା। ସେହିପରି ଆମ ରାଜ୍ୟର ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ନନ୍ଦିନୀ ଶତପଥୀ ପ୍ରମୁଖ ଚିର ସ୍ମରଣୀୟ। କିନ୍ତୁ ଏବେ କ୍ଷମତାସୀନ ହେଉଥିବା ନେତାମାନେ ନିଜକୁ ପ୍ରାୟୋଜିତ ଏକନମ୍ବର ପ୍ରଚାର କରୁଛନ୍ତି। ବର୍ତ୍ତମାନ କ୍ଷମତା ପାଇଁ ମାଗଣା ଚାଉଳ ଏବଂ ଆବାସ ଯୋଜନାକୁ କେନ୍ଦ୍ରକରି ଯେପରି କଳହର ସୂତ୍ରପାତ କରୁଛନ୍ତି, ସେଥିରେ ସାଧାରଣ ଲୋକ ପ୍ରଭାବିତ ହୋଇ ରାଜ୍ୟସାରା ଅରାଜକତା ବ୍ୟାପି ଗଲାଣି ଆସ୍ତେ ଆସ୍ତେ। ଫଳରେ ପାଇଲାବାଲା ଏବଂ ନ ପାଇଲାବାଲା ଦୁଇ ଶ୍ରେଣୀ ବିଭକ୍ତ ହୋଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ବେଳହୁଁ ସାବଧାନ ନ ହେଲେ ସର୍ବନାଶ ନିଶ୍ଚୟ।

**–ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା**

## ଚିରନ୍ତନୀ

ପୀରତି କୀରତି ବଖାଣି ବସିଲେ
ପଥର ତରଳି ବହିବ ଜଳ
ସବୁ ପୀରତିର ମୂଳରେ ଯା' ଅଛି
ନ କହିବା ତାହା ସବୁଠୁ ଭଲ !

–(ପ୍ରେମର ଅର୍ଥ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୭।୩।୨୦୨୩

| | |
|---|---|
| ୩,୪୪,୫୪୮ ଟଙ୍କା | |
| ସୁନା | ୧୫.୪୦୦ ଗ୍ରାମ୍ |
| ରୁପା | ୧୨.୬୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ନୀଳକଇଁ ପ୍ରକାଶନୀ ପକ୍ଷରୁ ବାର୍ଷିକ ସାରସ୍ୱତ ସମ୍ମେଳନ 'ଭାଷାକ୍ଷରା ୨୦୨୩', ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା ୩୦।
- ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ବିଜିନେସ୍ ଏମିନେନ୍ସ ଆୱାର୍ଡ, ସ୍ୱସ୍ତି ପ୍ରିମିୟମ, ପୂର୍ବାହ୍ନ ୧୦ଟା ୪୫।
- ଗୁଞ୍ଜନ ଏକାଡେମୀ ପକ୍ଷରୁ ସେମିନାର, ଉତ୍କଳ ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟା ୩୦। ନୃତ, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।
- କବି ପ୍ରସନ୍ନ ମିଶ୍ରଙ୍କ ଜୟନ୍ତୀ ଉପଲକ୍ଷେ ଫାଲଗୁନ ଆସର, ବୁଦ୍ଧ ମନ୍ଦିର, ରାମ ମନ୍ଦିର ଲେନ୍, ସନ୍ଧ୍ୟା ୬ଟା।
- ବିଶ୍ୱାତ୍ମ ଚେତନା ପରିଷଦ, ବଲାଙ୍ଗୀର ଏବଂ ଭୁବନେଶ୍ୱର ଭଞ୍ଜଭାରତୀର ମିଳିତ ଆନୁକୂଲ୍ୟରେ ପ୍ରବଚନ କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ୨୯ତମ ଗୁରୁ ପଙ୍କଜ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**

- ଜୈତୁନ୍ ନିଶା ସରକାରୀ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ, କେରଙ୍ଗ, ପୂର୍ବାହ୍ନ ୧୧ଟା।
- ଓକିଲ ସଂଘ ବାର୍ଷିକ ଉତ୍ସବ ଉଦ୍‌ଯାପନୀ ଦିବସ ଏବଂ ମେଲୋଡି କାର୍ଯ୍ୟକ୍ରମ, କୋର୍ଟ ପରିସର, ସନ୍ଧ୍ୟା ୭ଟା।

**କଟକ**

- ସାରଳା ସାହିତ୍ୟ ସଂସଦର ବସନ୍ତ ଉତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦ୍ୱିମାସିକ ଭାଷା-ସାହିତ୍ୟ ଚର୍ଚ୍ଚା, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦ ।

# ୪୫ ମିନିଟ୍ ଫସି ରହିଲେ ସୁରକ୍ଷାକର୍ମୀଙ୍କ ସହ ୫ ପର୍ଯ୍ୟଟକ

ଭୁବନେଶ୍ୱର (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୧୭।୩ (ଡି.ଏନ୍.ଏ.)

## ଧଉଳିରେ ଅଧାରୁ ଅଟକିଗଲା ଲିଫ୍ଟ

ଧଉଳି ଶାନ୍ତିସ୍ତୂପରେ ଶୁକ୍ରବାର ଏକ ବଡ ଦୁର୍ଘଟଣା ଟଳିଯାଇଛି। ପାହାଡ଼ ଉପରକୁ ଯିବାଆସିବା ଲାଗି ରହିଥିବା ଲିଫ୍ଟ ଅଧାରୁ ଅଟକିଯିବାରୁ ଏହା ଭିତରେ ୫ ପର୍ଯ୍ୟଟକ ଓ ଜଣେ ସୁରକ୍ଷା କର୍ମୀ ୪୫ ମିନିଟ୍ ଧରି ଫସି ରହିଥିଲେ। ସେମାନେ ଅଣନିଃଶ୍ୱାସୀ ହୋଇପଡିବା ସହ ଅସୁସ୍ଥ ଅନୁଭବ କରୁଥିଲେ। ତେବେ ଦାୟିତ୍ୱରେ ଥିବା କର୍ମଚାରୀ ପହଞ୍ଚି ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଲିଫ୍ଟ ବନ୍ଦ ହେବାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଯାନ୍ତ୍ରିକ ତ୍ରୁଟି କିମ୍ବା ଆବଶ୍ୟକତାଠାରୁ ଅଧିକ ଲୋକ ଯିବାରୁ ଏଭଳି ସମସ୍ୟା ଉପୁଜିଥିବା ଅନୁମାନ କରାଯାଉଛି। ୫ ପର୍ଯ୍ୟଟକଙ୍କ ମଧ୍ୟରୁ ୨ଜଣ ପଶ୍ଚିମବଙ୍ଗର ହୋଇଥିବାବେଳେ ଅନ୍ୟ ୩ଜଣ ରାଜସ୍ଥାନର ବୋଲି ଜଣାପଡିଛି।

ସୂଚନାନୁଯାୟୀ, ୫ଜଣ ପର୍ଯ୍ୟଟକ ପୂର୍ବାହ୍ନ ୧୧ଟାରେ ଧଉଳି ବୁଲିବାକୁ ଆସିଥିଲେ। ବୁଲାବୁଲି ସାରି ଅପରାହ୍ନ ସାଢ଼େ ୧୨ଟା ପରେ ଲିଫ୍ଟରେ ତଳକୁ ଓହ୍ଲାଉଥିଲେ। ଉକ୍ତ ଲିଫ୍ଟରେ ଜଣେ ସୁରକ୍ଷା କର୍ମୀ ଥିଲେ। ଲିଫ୍ଟଟି ତଳକୁ ଖସିବାବେଳେ ହଠାତ୍ ଅଧାରୁ ଅଟକି ଯାଇଥିଲା। ଏହାପରେ ପର୍ଯ୍ୟଟକମାନେ ଚିତ୍କାର କରି ବଞ୍ଚାଓ ବଞ୍ଚାଓ ବୋଲି ଡାକ ପକାଇଥିଲେ। ଏଥିସହ ଜରୁରିକାଳୀନ ସାଇରନ୍ ମଧ୍ୟ ବଜାଇଥିଲେ। ଚିତ୍କାର ଓ ସାଇରନ୍ ଶବ୍ଦ ଶୁଣି ସେଠାରେ ଉପସ୍ଥିତ ଥିବା ପର୍ଯ୍ୟଟକ ଓ ଦୋକାନୀ ଲିଫ୍ଟ ପାଖକୁ ଦୌଡ଼ି ଆସିଥିଲେ ମଧ୍ୟ କିଛି କରିପାରି ନ ଥିଲେ। ସୁରକ୍ଷାକର୍ମୀଙ୍କୁ ଖୋଜିଥିଲେ ମଧ୍ୟ ସେ ଉକ୍ତ ଲିଫ୍ଟ ଭିତରେ ପର୍ଯ୍ୟଟକଙ୍କ ସହ ଫସି ରହିଥିବା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଧଉଳି ଥାନା ପୋଲିସ ପହଞ୍ଚିବା ସହ ଲିଫ୍ଟ ଦାୟିତ୍ୱରେ ଥିବା ଅନ୍ୟ କର୍ମଚାରୀଙ୍କୁ ଡକାଇଥିଲେ। ୪୫ ମିନିଟ ପରେ ଏକ ପେଚକସ ସାହାଯ୍ୟରେ ଲିଫ୍ଟର ଲକ୍‌କୁ ଖୋଲି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ନିକଟରେ ଶାନ୍ତିସ୍ତୂପ ଧଉଳି ତା'ର ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିଲା। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ଉକ୍ତ ଲିଫ୍ଟ ନିର୍ମାଣ କରାଯାଇଥିଲା। ହେଲେ ଏଥିରେ ସମସ୍ତେ ଯିବା ଆସିବା କରିବା ସହ କ୍ଷମତାଠାରୁ ଅଧିକ ଭାର ଲାଗି ଏହି ଲିଫ୍ଟଟି ବାରମ୍ବାର ଅଚଳ ହୋଇପଡି ଏପରି ଘଟଣା ଘଟୁଛି। ତେବେ ସୁରକ୍ଷା କର୍ମୀମାନେ କାହିଁକି ସାଧାରଣ ପର୍ଯ୍ୟଟକଙ୍କୁ ଲିଫଟରେ ଓ ଅଧିକ ସଂଖ୍ୟାରେ ଯିବାକୁ ଅନୁମତି ଦେଉଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



ଲିଫ୍ଟରୁ ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରାଯାଉଛି।

# ପୁନଃ ଥଇଥାନ ନିୟମ ୧୯୯୦ ଲାଗୁ ପାଇଁ ଦାବି

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

ଓଡ଼ିଶାରୁ ବେସାମରିକ ସେବା ପୁନଃ ଥଇଥାନ ନିୟମ-୨୦୨୦କୁ ଉଚ୍ଛେଦ କରି ପୁଣିଥରେ ପୁନଃ ଥଇଥାନ ନିୟମ-୧୯୯୦ ଲାଗୁ କରିବା ସହ ୩ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ କର୍ମଚାରୀ ଥଇଥାନ ଆଶାୟୀ ସଂଘ ପକ୍ଷରୁ ଶୁକ୍ରବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଦାବି ପୂରଣ ପାଇଁ ବିକ୍ଷୋଭକାରୀମାନେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୃତ ସରକାରୀ କର୍ମଚାରୀଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ଓ ୨୦୦୩-୨୦୦୪ ମସିହାରେ ନିଯୁକ୍ତ ଶିକ୍ଷାସହାୟକଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ ତଥା ଛଟେଇ ଶିକ୍ଷା ସହାୟକଙ୍କୁ ପୁନଃ ନିଯୁକ୍ତି ନେଇ ଦାବି ଉପସ୍ଥାପନ କରାଯାଇଛି। ପୂର୍ବରୁ ୨୦୨୨ ନଭେମ୍ବର ୨୨ରେ ସଂଘ ପକ୍ଷରୁ ଏନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଏହି ଦାବି ପତ୍ରକୁ ଅଣଦେଖା କରାଯାଇଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ନାମକୁ ମାତ୍ର ବୋଲି ସଂଘର ସାଧାରଣ ସମ୍ପାଦକ ସୀମାଞ୍ଚଳ ମିଶ୍ର କହିଛନ୍ତି। ପରବର୍ତ୍ତୀ ସମୟରେ ମୁଖ୍ୟ ଶାସନ ସଚିବଙ୍କୁ ଏକ ଦ୍ୱିପାକ୍ଷିକ ଆଲୋଚନା ପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲେ ମଧ୍ୟ ଅନୁରୋଧକୁ ବିଚାରକୁ ନିଆ ନ ଯିବା ପରିତାପର ବିଷୟ ବୋଲି ସୀମାଞ୍ଚଳ କହିଛନ୍ତି। ରାଜ୍ୟ ସରକାର ଗଣତାନ୍ତ୍ରିକ ଆନ୍ଦୋଳନକୁ ଚପାଇବା ପାଇଁ ଚେଷ୍ଟା କରୁଥିବା ବିକ୍ଷୋଭକାରୀମାନେ ଅଭିଯୋଗ ଆଣିଛନ୍ତି।




ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଦିଲ୍ଲୀରେ ଓଡ଼ିଶା ପର୍ବ ଆୟୋଜନ କରିବ ଓଡ଼ିଆ ସମାଜ

ନୂଆଦିଲ୍ଲୀ, ୧୭।୩

ନୂଆଦିଲ୍ଲୀର ଓଡ଼ିଆ ସମାଜ ସାଂସ୍କୃତି ଉତ୍ସବ ଓଡ଼ିଶା ପର୍ବ-୨୦୨୩ ଆୟୋଜନ କରିବାକୁ ଯାଉଛି। ମାର୍ଚ୍ଚ ୨୪ରୁ ୨୬ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପର୍ବରେ ଓଡ଼ିଶାର ଉନ୍ନତ ତଥା ବିବିଧ ସଂସ୍କୃତି ପ୍ରଦର୍ଶିତ ହେବ। ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଏହି ୩ ଦିନିଆ ପର୍ବକୁ ସାଧାରଣ ଜନତା ଉପଭୋଗ କରିବାର ସୁଯୋଗ ପାଇବେ, ଯେଉଁଠି ଓଡ଼ିଶାର ଅନନ୍ୟ ସଙ୍ଗୀତ, ନୃତ୍ୟ ଓ ନାଟକ ପରମ୍ପରା ସ୍ଥାନ ପାଇବ। କୋଭିଡ୍ ମହାମାରୀ ଯୋଗୁ ୩ ବର୍ଷ ହେଲା ଓଡ଼ିଶା ପର୍ବ ବନ୍ଦ ରହି ଭର୍ଚୁଆଲ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ପର୍ବ ଆୟୋଜନ କରାଯାଉଥିବାରୁ ଆମେ ବହୁତ ଉତ୍ସାହିତ ବୋଲି ଓଡ଼ିଆ ସମାଜ ପକ୍ଷରୁ କୁହାଯାଇଛି। ଏଠାକୁ ଆସି ଉତ୍ସବର ମଜା ନେବା ଲାଗି ଓଡ଼ିଆ ସମାଜର ମୁଖପାତ୍ର କହିଛନ୍ତି।

# ରାଜ୍ୟର ୭ କଲେଜର ରୂପ ବଦଳିବ

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

## ବିକାଶ ପାଇଁ ୩.୧୨ କୋଟିର ପ୍ରକଳ୍ପ ମଞ୍ଜୁର

ରାଜ୍ୟରେ ଥିବା ୭ ବଡ଼ବଡ଼ କଲେଜର ଚେହେରା ବଦଳିବ। ଭିତ୍ତିଭୂମିର ବିକାଶ ହେବା ସହ ସ୍ମାର୍ଟ ଶ୍ରେଣୀଗୃହ କିମ୍ବା ଉତ୍କର୍ଷ କେନ୍ଦ୍ର କରାଯିବ। ଏଥିପାଇଁ ୩ କୋଟି ୧୨ ଲକ୍ଷ ୨୩ ହଜାର ୭୦୨ ଟଙ୍କା ଖର୍ଚ୍ଚ ହେବ। 'ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ'ର ପ୍ରକଳ୍ପ ସମୀକ୍ଷା ବୈଠକରେ ଏହି ଟଙ୍କା ମଞ୍ଜୁର କରାଯାଇଛି। 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସମୀକ୍ଷା ବୈଠକରେ ପ୍ରକଳ୍ପ ନିର୍ମାଣ ଓ ଅର୍ଥ ମଞ୍ଜୁର ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ଟଙ୍କାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଥିବା ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ୍ କଲେଜରେ ପୁରାତନ ଛାତ୍ରୀଛାତ୍ରଙ୍କ ପାଇଁ ଉତ୍କର୍ଷ କେନ୍ଦ୍ର କରାଯିବ। ସେହିପରି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଥିବା ବ୍ରହ୍ମପୁରର ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲରେ ନୂଆ ସ୍ମାର୍ଟ ଶ୍ରେଣୀଗୃହ ଓ ଭିଡିଓ କନ୍‌ଫରେନ୍ସ ହଲ୍ ନିର୍ମାଣ, ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ଛାତ୍ରୀଛାତ୍ରଙ୍କ ପାଇଁ ୟଙ୍ଗ ଟିଙ୍କର ସ୍ପେସ୍ କରାଯିବ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବାଙ୍ଗିରିପୋଷିର ଲକ୍ଷ୍ମୀକାନ୍ତ ଡିଗ୍ରୀ କଲେଜରେ ସାଇକେଲ୍ ଷ୍ଟାଣ୍ଡର ସମ୍ପ୍ରସାରଣ ସହ ବିଜ୍ଞାନ ଲାବ୍ ପ୍ରତିଷ୍ଠା, ଢେଙ୍କାନାଳ ଯୋରନ୍ଦାର ମହିମା ମହାବିଦ୍ୟାଳୟରେ ବୈଦ୍ୟୁତିକ ଉପକରଣ କ୍ରୟ, ଢେଙ୍କାନାଳ ଭୁବନର ବାଜିରାଉତ ମେମୋରିଆଲ୍ ଡିଗ୍ରୀ କଲେଜର ଷ୍ଟାଫ୍ କମନ୍‌ରୁମ୍‌ର ଉନ୍ନତୀକରଣ ଏବଂ ଗଞ୍ଜାମର ଖଲ୍ଲିକୋଟ୍ ଏକକ ବିଶ୍ୱବିଦ୍ୟାଳୟର ସେମିନାର୍ ଲାଇବ୍ରେରି ପାଇଁ ବହି କ୍ରୟ କରାଯିବ। କଲେଜରେ ଏହିସବୁ ବିକାଶ ପାଇଁ ପୁରାତନ ଛାତ୍ରୀଛାତ୍ରମାନେ 'ମୋ କଲେଜ ଅଭିଯାନ' ମାଧ୍ୟମରେ ସହାୟତା ଅର୍ଥ ପ୍ରଦାନ କରିଛନ୍ତି। ସମୀକ୍ଷା ବୈଠକରେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ତଥା 'ମୋ କଲେଜ'ର ଉପାଧ୍ୟକ୍ଷ ବିଷ୍ଣୁପଦ ସେଠୀ, ମୁଖ୍ୟ ପରିଚାଳନା ଅଧିକାରୀ ଅମିୟ କୁମାର ରାଉତ, ବିତ୍ତ ଅଧିକାରୀ ଅନିତା ସାହୁ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଯୁଗ୍ମ ସଚିବ ରୋଜିନା ଦାସ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅନୁସଚିବ ରଶ୍ମିମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ ସୁରକ୍ଷାରେ ଗଲା ତେଲ ଟ୍ୟାଙ୍କର

କଟକ ସଦର, ୧୭।୩(ଡି.ଏନ୍.ଏ.)

ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ ଆନ୍ଦୋଳନ ପରିପ୍ରେକ୍ଷୀରେ ପାରାଦୀପ ଅଞ୍ଚଳରେ ଅଟକି ଥିବା ତେଲ ଟ୍ୟାଙ୍କରକୁ ଶୁକ୍ରବାର କନ୍ଦରପୁର ପୋଲିସ ସୁରକ୍ଷାରେ କଟକରେ ଛାଡିଥିଲା। ସନ୍ଧ୍ୟାସୁଦ୍ଧା ୩୦ଟି ଟ୍ୟାଙ୍କର କଟକ ଅଭିମୁଖେ ଯାଇଥିବା ଜଣାପଡ଼ିଛି। ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଅଭାବ ଦେଖା ଯିବାପରେ ରାଜ୍ୟ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଟ୍ୟାଙ୍କରଗୁଡ଼ିକ କଟକ ଜିଲା ବାହାରକୁ ଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ଆରମ୍ଭ ହେଲା ଗୁରୁ ପଙ୍କଜ ଉତ୍ସବ

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

- ୪ ଶିଳ୍ପୀଙ୍କୁ ସମ୍ବର୍ଦ୍ଧନା
- 'ମାହାରୀ ସମ୍ମାନ' ରାଶି ୧ଲକ୍ଷ ଟଙ୍କା ହେବ

ଗୁରୁପଙ୍କଜଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ଦ୍ୱାରା 'ଗୁରୁ ପଙ୍କଜ ଉତ୍ସବ' ଓ 'ମାହାରୀ ସମ୍ମାନ ପ୍ରଦାନ ଉତ୍ସବ' ଶୁକ୍ରବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଛି। ଗୁରୁ ପଙ୍କଜ ଚରଣ ଦାସଙ୍କ ୧୦୪ତମ ଜୟନ୍ତୀ ଉପଲକ୍ଷେ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଜଗତକୁ ବିଶେଷ ଅବଦାନ ପାଇଁ ୪ଜଣ ଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁ ଶରତ କୁମାର ରଥଙ୍କୁ 'ମାଦେଳୀ ସମ୍ମାନ', ସୁରମଣି ରମେଶ ଚନ୍ଦ୍ର ଦାସଙ୍କୁ 'ବୀଣାକାର ସମ୍ମାନ', ଗୁରୁ ସିକତା ଦାସଙ୍କୁ 'ନାରୁଣୀ ସମ୍ପ୍ରଦା ସମ୍ମାନ' ଓ ଗୁରୁ ନିମକାନ୍ତ ରାଉତଙ୍କୁ 'ଗାଉଣୀ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ କହିଲେ, ଓଡ଼ିଶୀକୁ ବିଶ୍ୱ ଦରବାରରେ ପହଞ୍ଚାଇଥିବା ତ୍ରିମୂର୍ତ୍ତି ଗୁରୁ ପଙ୍କଜ ଚରଣ, କେଳୁଚରଣ ମହାପାତ୍ର ଓ ଦେବପ୍ରସାଦ ଦାସଙ୍କ ଅବଦାନ ଅତୁଳନୀୟ। ସେମାନଙ୍କ ପାଇଁ ହେଉଥିବା ୩ ଉତ୍ସବକୁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସହଯୋଗ ଦିଆଯାଉ। ଉତ୍ସବ ପାଇଁ ରବୀନ୍ଦ୍ର ମଣ୍ଡପକୁ ନିଶୁଳ୍କରେ ପ୍ରଦାନ କରିବା ସହ ଏହି ସମୟରେ ଯେମିତି ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗକୁ ବେଶି ନ ଦୌଡ଼ିବାକୁ ପଡ଼ିବ ସେଥିପାଇଁ ସ୍ଥାୟୀ ବନ୍ଦୋବସ୍ତ କରାଯାଉ। ଏଥିସହ ଗୁରୁ ପଙ୍କଜ ଦାସଙ୍କ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଉ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଲେ, ଅନୁଷ୍ଠାନ ପକ୍ଷରୁ ଥିବା ପ୍ରସ୍ତାବଗୁଡ଼ିକୁ ଲିଖିତ ଆକାରରେ ଦିଆଯାଉ। ବିଭାଗ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଲୋଚନା କରି ଏହାର ବନ୍ଦୋବସ୍ତ କରାଯିବ। କାର୍ଯ୍ୟକ୍ରମ ପାଇଁ ରବୀନ୍ଦ୍ର ମଣ୍ଡପରେ ନିଃଶୁଳ୍କ ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ ପାତ୍ର କହିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶରତ କୁମାର ଦାସ କହିଲେ, ଗୁରୁ ପଙ୍କଜ ଦାସ ଶ୍ରୀଜଗନ୍ନାଥ ମନ୍ଦିରରେ ଥିବା ଓଡ଼ିଶୀ ନୃତ୍ୟକୁ ମଞ୍ଚରେ ପରିଚିତ କରାଇଥିଲେ। ୨୯ବର୍ଷ ଧରି ଏହି ଉତ୍ସବ ଚାଲିଛି। ୧୦ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ଏହି ସମ୍ମାନ ରାଶି ୫୦ହଜାରରେ ପହଞ୍ଚିଛି। ଆଗକୁ ମାହାରୀ ସମ୍ମାନ ବାବଦରେ ୧ଲକ୍ଷ ଟଙ୍କା ଦିଆଯିବ। ଏହି ଅବସରରେ ସେ ମନ୍ତ୍ରୀ ପାତ୍ରଙ୍କୁ ତାଙ୍କ ଜନ୍ମ ସ୍ଥାନ ପୁରୀ ହେଉ ଅବା କୌଣସି ବି ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ତାଙ୍କ ନାମରେ ଏକ ସ୍ମୃତି ଫଳକ କରାଯାଉ ବୋଲି ଅନୁରୋଧ କରିଥିଲେ। ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନ ସଭାପତି ବଟକୃଷ୍ଣ ତ୍ରିପାଠୀ ଉପସ୍ଥିତ ଥିଲେ।

ଗୁରୁଙ୍କ ସମ୍ମାନାର୍ଥେ ସମବେତ ଭାବରେ ନୃତ୍ୟଶିଳ୍ପୀମାନେ ଗୁରୁ ବନ୍ଦନା ପରିବେଷଣ କରିଥିଲେ। ପରେ ଏକକ ନୃତ୍ୟରେ ବର୍ଷା ମୋହିନୀ ଦାସ, ପରେ ଯୁବ ନୃତ୍ୟଶିଳ୍ପୀ ଅଙ୍କିତା ଦାସ, ଆସାମର ଡିମ୍ପିବୈଶ୍ୟ, ସ୍ୱୟଂପ୍ରଭା ମିଶ୍ର, ମନୋସ୍ମିତା ପଣ୍ଡା, ରୁଦ୍ରପ୍ରସାଦ ସ୍ୱାଇଁ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ।






## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସମ୍ପଦ



@ ସ୍ମିତାଞ୍ଜଳି



@ ଉଷାରାଣୀ



@ ଜ୍ୟୋତିରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ଇ-ଟେଣ୍ଡର ପୂର୍ବରୁ ୱେବ୍‌ସାଇଟ : http://www.ireps.gov.in ରେ ଅପଲୋଡ ହୋଇସାରିଛି ।
ସଂ. MCS/Stores/E-Procure/ Tender Notice, ତା.13.03.2023ରିଖ
ଟେଣ୍ଡର ସଂଖ୍ୟା : 92235125
ବିବରଣୀ : COFMOW ବିଶେଷତ୍ୱ ସଂଖ୍ୟା COFMOW/EMCD/CS/LHB/1000/2019, Rev. 2 କିମ୍ବା ନୂତନତମ ସଂଲଗ୍ନ (ଟର୍ଣ୍ଣ କି ଆଧାରରେ) ଅନୁସାରେ CRW / ମଞ୍ଚେଶ୍ୱର ଠାରେ LHB କୋଚ୍‌ଗୁଡିକର ସ୍ପ୍ରିଙ୍ଗ୍ ନିମନ୍ତେ ମାଗନାଫ୍ଲକ୍ସ (Magnaflux) ପରୀକ୍ଷଣ ଯନ୍ତ୍ରର ଯୋଗାଣ, ସଂସ୍ଥାପନ, କାର୍ଯ୍ୟକ୍ଷମ କରିବା । [ୱାରେଣ୍ଟି ସମୟ : ଯୋଗାଣ ତାରିଖ ପରେ 30 ମାସ]
ପରିମାଣ : 01 ଗୋଟି ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.31.03.2023ରିଖ 1500 ଘଣ୍ଟିକାରେ ।
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱର
PR-1086/N/22-23

**ପୂର୍ବ ତଟ ରେଳପଥ**
ଫାଇଲ ସଂ. DRM/Engg/KUR/22-23/E-Tender/163 ତା.13.03.2023ରିଖ
(1) ଟେଣ୍ଡର ସଂ. etender-East-KUR-456-2022, ତା.10.03.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ପୂର୍ବ) ଅଧୀନସ୍ଥ ଘରବଟିଆ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଲୁପ୍ ଲାଇନ୍‌ଗୁଡ଼ିକରେ 30Kmph ଠାରୁ 50Kmph ପର୍ଯ୍ୟନ୍ତ ବେଗ ବଢ଼ାଇବା ସମ୍ବନ୍ଧୀୟ ପ୍ରସ୍ତାବିତ ଫର୍ମେସନ, ଛୋଟ ପୋଲଗୁଡ଼ିକର ସମ୍ପ୍ରସାରଣ ଏବଂ ଅନ୍ୟ ବିବିଧ କାର୍ଯ୍ୟ ସମୂହ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 259.37 ଲକ୍ଷ, EMD (ଟଙ୍କାରେ) : 2,79,700.00
(2) ଟେଣ୍ଡର ସଂ. etender-East-KUR-457-2022, ତା.10.03.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ହରିଦାଶପୁର-ନିର୍ଗୁଣ୍ଡି ସେକ୍ସନ ମଧ୍ୟସ୍ଥ ପ୍ୟାଚ୍‌ଗୁଡ଼ିକରେ ଅପ୍ ଏବଂ ଡାଉନ୍ ଲାଇନ୍‌ରେ 22.90 କି.ମି. କମ୍ପ୍ଲିଟ ଟ୍ରାକ୍ ନବୀକରଣ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 456.50 ଲକ୍ଷ, EMD (ଟଙ୍କାରେ) : 3,78,300.00
(3) ଟେଣ୍ଡର ସଂ. etender-East-KUR-458-2022, ତା.10.03.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସାଳଗାଁ-ଗୁରୁଡ଼ିଝାଟିଆ ସେକ୍ସନ ମଧ୍ୟରେ ନୂତନ ଭାବେ ହସ୍ତାନ୍ତରିତ ତୃତୀୟ ଏବଂ ଚତୁର୍ଥ ଲାଇନ୍‌ରେ ବିବିଧ P.Way କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 112.06 ଲକ୍ଷ, EMD (ଟଙ୍କାରେ) : 2,06,000.00
ଶେଷ ହେବା ଅବଧି : 08 (ଆଠ) ମାସ (କ୍ର.ସଂ.1 ଓ 3 ନିମନ୍ତେ), 12 (ବାର) ମାସ (କ୍ର.ସଂ. 2 ନିମନ୍ତେ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.31.03.2023ରିଖ 1500 ଘଣ୍ଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-1088/N/22-23

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIREMENT**
NUHASS requires one Team-Leader for OTELP-Plus Project, Sundargarh.
Qualification: MSW with 4 years experience in relevant field.
Apply within 7 days to
nuhassbbsr@gmail.com
M.- 9040268680

ସର୍ବସାଧାରଣ ସର୍ଭେ (କ୍ଷେତ୍ର କାର୍ଯ୍ୟ): 10th / +2 ପାସ୍ କିମ୍ବା ଫେଲ୍, ବୟସ: 20-28 ବର୍ଷ, ସ୍ମାର୍ଟ ଫୋନ୍ ଓ ବାଇକ୍ ଜରୁରୀ। ଦରମା- 15,000/- ମାସିକ + ପେଟ୍ରୋଲ + ଖାଇବା ଭତ୍ତା।
ଫୋନ୍/ WhatsApp :
9515249158

**ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
❖ ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ ।
❖ ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
❖ ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ ।
❖ ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ ।
ଯୋଗାଯୋଗ ମୋବାଇଲ ନମ୍ବର
7608962459

**UNO CREDIT**
**WANTED**
ACCOUNTS CUM OPERATIONS EXECUTIVE: (Male, B.Com, Bhubaneswar)
SALES EXECUTIVE: Loan & Securities (For all over Odisha)
M: 8144844738

**REQUIRED**

| Name of post | Qualification | Name of Post |
|---|---|---|
| Lecturer | M.Pharma/B.Pharma | Accountant |
| Lab. Tech. | D.Pharma | Lab Attendant |
| Demonstrator | B.Sc | Peon |
| Allied Lecturer | M.Sc in Microbiology/ B.M.L.T/ D.M.L.T/B.Sc./M.Sc./Nursing | Gardener/Security |
| Visiting Faculty | MD.(Patho)/MD/MBBS | |

Applications are invited within 7 days to the Director Maruti Pharmacy College, Barahagoda, Dist. Bargarh.
Phone No. 9438066954/ 7605930501
Principal

**WANTED**
ଧରିତ୍ରୀ DHARITRI Oriya daily is looking for
**CIRCULATION MANAGERS**
ଭୂମିକା ଏବଂ ଦାୟିତ୍ୱ:-
- ବିତରକ ତଥା ଏଜେଣ୍ଟଙ୍କ ସହିତ ସମନ୍ୱୟ ରକ୍ଷା କରି କମ୍ପାନୀର ବଜାର ସମ୍ବନ୍ଧୀୟ ଆବଶ୍ୟକତାର ନେତୃତ୍ୱ ନେବା ।
- ବିକ୍ରୟ ଲକ୍ଷ୍ୟକୁ ଚିହ୍ନଟ କରିବା ଓ ତାହାକୁ ହାସଲ କରିବା ପାଇଁ ପ୍ରତିଯୋଗିତାମୂଳକ ଟ୍ରାକିଂ ଓ ବିଶ୍ଳେଷଣ କରିବା ।
- ପ୍ରସାରଣକୁ ବିସ୍ତାରିତ କରିବା ପାଇଁ ବିକ୍ରୟ ଲକ୍ଷ୍ୟକୁ ହାସଲ କରିବା ।

ପ୍ରାର୍ଥୀଙ୍କ ଯୋଗ୍ୟତା:-
- ଛପା ଗଣମାଧ୍ୟମରେ ୩ ବର୍ଷର ଫ୍ରଣ୍ଟଲାଇନ୍ ବିକ୍ରୟ ଅଭିଜ୍ଞତା ।

Apply immediately to :
recruitment@dharitri.com
Attractive salary commensurate with experience

## ସଂକ୍ଷେପରେ

### ପରିମଳ ନିୟମ ଉଲ୍ଲଂଘନ: ରିଲାଏନ୍ସ ମାର୍ଟକୁ ଲକ୍ଷେ ଟଙ୍କା ଜରିମାନା

ଭୁବନେଶ୍ୱର, ୧୭।୩ (ବ୍ୟୁରୋ)

ସହରର ପରିମଳ ଏବଂ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦେଉଛି ବିଏମ୍‌ସି। ପରିମଳ ବ୍ୟବସ୍ଥାକୁ ଦୃଢ଼ କରିବା ପାଇଁ କର୍ତ୍ତୃପକ୍ଷଙ୍କ ଅବିରତ ସମୀକ୍ଷା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କେତେକ ବ୍ୟବସାୟିକ ଅନୁଷ୍ଠାନର ବେନିୟମ କାର୍ଯ୍ୟକଳାପ ଦୃଷ୍ଟିଗୋଚର ହୋଇଥିଲା। ନୟାପଲ୍ଲୀ ସ୍ଥିତ ରିଲାଏନ୍ସ ମାର୍ଟର ରୁଗ୍ଣ ପରିମଳ ଅଭ୍ୟାସ ପାଇଁ ୧ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଏଥିସହ ପରିମଳ ଆଚରଣରେ ଗୁଣାତ୍ମକ ପରିବର୍ତ୍ତନ ନ ଆସିବା ଯାଏ ପ୍ରତିଷ୍ଠାନକୁ ସିଲ୍ କରାଯାଇଛି। ନିକଟରେ ଥିବା ଶ୍ରୀ ହୋଟେଲକୁ ମଧ ଭାଙ୍ଗି ଦିଆଯାଇଛି। ଏହି ହୋଟେଲ୍ ପ୍ରାୟ ୧ହଜାରରୁ ୧୨ଶହ ବର୍ଗଫୁଟ ସରକାରୀ ଜମିରେ ବେଆଇନ୍ ନିର୍ମାଣ କରି ବ୍ୟବସାୟ କରାଯାଉ ଥିଲା। ସେହିପରି ୟୁନିଟ-୯ ଅଞ୍ଚଳରେ ଜଣେ ବ୍ୟକ୍ତି ବାହାରେ ଅଳିଆ ପୋଡି ଥିବାରୁ ୫ହଜାର ଟଙ୍କା ଜରିମାନା କରାଯାଇଥିଲା। ଅପରପକ୍ଷେ କିଛିଦିନ ତଳେ ଦକ୍ଷିଣପୂର୍ବ ଜୋନ୍‌ରେ ବାର୍ଡହିଟ୍ ଯୋଗୁଁ ହୋଇଥିବା ଘଟଣା ପାଇଁ ନିକଟସ୍ଥ ଆମିଷ ବଜାର, ଏବଂ ଆଇଆରସି ଭିଲେଜ୍ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଫାଷ୍ଟଫୁଡ୍ ଦୋକାନଗୁଡିକୁ ଉଠାଇ ଦିଆଯାଇଛି। ସେହିପରି କୌଣସି କାନ୍ଥ, ସରକାରୀ ସ୍ଥାନ, ଖୁଣ୍ଟ ଇତ୍ୟାଦିରେ ପୋଷ୍ଟର ମାରିବା, ବେଆଇନ ହୋଡିଂ ବସାଇବା ଆଦି ଉପରେ ମଧ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଶୁକ୍ରବାର ଆଉ ୯ଟି ସଂସ୍ଥା ନାମରେ ଥାନାରେ ଏତଲା ଦାୟର କରାଯାଇଛି। ସମସ୍ତ ବ୍ୟକ୍ତି ପରିମଳ ଆଚରଣରେ ଶୁଦ୍ଧି ଆଣିଲେ ଭୁବନେଶ୍ୱରର ପରିମଳ ସ୍ଥିତିକୁ ଆହୁରି ଉତ୍କୃଷ୍ଟ କରାଯାଇ ପାରିବ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି।

### ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ହସ୍ତତନ୍ତ ଜାତୀୟ ପୁରସ୍କାର ବିଜେତାଙ୍କ ଦାନ

ଭୁବନେଶ୍ୱର,୧୭।୩(ବ୍ୟୁରୋ)- ହସ୍ତତନ୍ତ ଜାତୀୟ ପୁରସ୍କାର ବିଜେତା ତଥା ବରଗଡ଼ ଜିଲାସ୍ଥିତ ଲକି ହାଣ୍ଡଲୁମ୍‌ସ ମୁଖ୍ୟ ସଞ୍ଜୟ ମେହେର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୭୫ହଜାର ଟଙ୍କା ଦାନ କରିଛନ୍ତି। ମେହେର ଉକ୍ତ ଚେକ୍‌କୁ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ରୀତା ସାହୁଙ୍କ ମାଧମରେ ପ୍ରେରଣ କରିଥିଲେ। ଶୁକ୍ରବାର ରାଜ୍ୟ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ମାଧମରେ ମନ୍ତ୍ରୀ ସାହୁ ଏହି ଚେକ୍ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଚେକ୍ ଗ୍ରହଣ କରି ମୁଖ୍ୟ ଶାସନ ସଚିବ ମେହେରଙ୍କୁ ସାଧୁବାଦ ଜଣାଇଛନ୍ତି।



ସଞ୍ଜୟ ମେହେର ପଠାଇଥିବା ଚେକ୍‌କୁ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ପ୍ରଦାନ କରୁଛନ୍ତି।

# ଉଚ୍ଛେଦ କରିବାକୁ ଯାଇ ନାକେଦମ୍



ରାଜମହଲରୁ କଳ୍ପନା ରାସ୍ତା କଡ଼ରେ ଥିବା ବିଏମ୍‌ସି ଭେଣ୍ଡିଂଜୋନ୍ ନିକଟରୁ ଉଚ୍ଛେଦ କରାଯାଉଛି।



ପ୍ରତିବାଦରେ ବ୍ୟବସାୟୀମାନେ ରାସ୍ତା ଅବୋରଧ କରିଛନ୍ତି।

ଭୁବନେଶ୍ୱର, ୧୭।୩ (ବ୍ୟୁରୋ)

■ ରାସ୍ତାରେ ବସିଲେ ଉଠାଦୋକାନୀ
■ ବିଏମ୍‌ସି ବିରୋଧରେ ରାଜରାସ୍ତାକୁ ଓହ୍ଲାଇବ ମହାସଂଘ

ଉଠାଦୋକାନୀ ଏବଂ ବିଏମ୍‌ସି, ବିଡିଏ ମଧରେ ଚାଲିଥିବା ଛକାପଞ୍ଝାର ସ୍ଥାୟୀ ସମାଧାନ ବାହାରି ପାରୁନାହିଁ। ଉଠାଦୋକାନୀମାନେ ଯେଉଁଠି ପାରୁଛନ୍ତି ସେଠି ବେପାର ଜମାଇ ଦେଉଛନ୍ତି। ଅପରପକ୍ଷେ ବର୍ଷବର୍ଷ ଧରି ଦୋକାନ ଦେଇ ପରିବାର ଚଳାଉଥିବା ଉଠାଦୋକାନୀଙ୍କୁ ବିନା ଥଇଥାନରେ ବିଏମ୍‌ସି ବେସାହାରା କରି ଦେଉଛି। ଯାହାକୁ ନେଇ ଅନେକ ସମୟରେ ବିବାଦ ଦେଖାଦେଉଛି। ଶୁକ୍ରବାର ପୁନର୍ବାର କଳ୍ପନା ଛକ ନିକଟରେ ଏପରି ସ୍ଥିତି ଦେଖିବାକୁ ମିଳିଥିଲା। ଉଠାଦୋକାନୀଙ୍କୁ ହଟାଇବାକୁ ଆସିଥିବା ଟିମ୍ ପ୍ରାଇଡ୍‌କୁ ନାକେଦମ୍ ହେବାକୁ ପଡିଥିଲା। ରାଜମହଲରୁ କଳ୍ପନା ରାସ୍ତା କଡ଼ରେ ଥିବା ବିଏମ୍‌ସି ଭେଣ୍ଡିଂଜୋନ୍ ପାଖରେ ରହିଥିବା ଉଠାଦୋକାନ ଉଚ୍ଛେଦ କରିବାକୁ ଯାଇଥିବାବେଳେ ସେମାନଙ୍କୁ ଦୋକାନୀମାନେ ଘେରି ଯାଇଥିଲେ। ପାଟିତୁଣ୍ଡ ହେବା ସହ କେତେଜଣ ବ୍ୟବସାୟୀ ରାସ୍ତା ମଝିରେ ବସି ଉଚ୍ଛେଦକୁ ବିରୋଧ କରିଥିଲେ। ଏହାଦ୍ୱାରା ପ୍ରାୟ ୧ଘଣ୍ଟା ଧରି ରାସ୍ତା ଜାମ୍ ରହିବା ସହ ଗାଡ଼ିମୋଟର ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୋକାନୀମାନଙ୍କୁ ବୁଝାଶୁଝା କରିଥିଲା। ସେହିପରି ଉଚ୍ଛେଦକାରୀ ଟିମ୍‌କୁ ଫେରିବାକୁ ପଡିଥିଲା। ମାତ୍ର ପୁଣିଥରେ ସନ୍ଧ୍ୟାରେ ସମ୍ପୃକ୍ତ ଦୋକାନ ଉଚ୍ଛେଦ କରିବାକୁ ଟିମ୍ ପହଞ୍ଚିବା ପରେ ଦୋକାନୀମାନେ ସେମାନଙ୍କୁ ବାଡେଇବାକୁ ଗୋଡାଇଥିଲେ। ଫଳରେ ପୁନର୍ବାର ସେମାନଙ୍କୁ ଖାଲି ହାତରେ ଫେରିବାକୁ ପଡିଥିଲା। ତେବେ ବିଶ୍ୱକପ୍ ହକି ଥିବାରୁ ସହରରୁ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। ଏଥିସହ ହକି ପରେ ସେମାନେ ପୁନର୍ବାର ସେଠାରେ ବେପାର କରି ପାରିବେ ବୋଲି କୁହାଯାଇଥିଲା। ମାତ୍ର ହକି ପରେ ବି ସେମାନଙ୍କୁ ଉଚ୍ଛେଦ କରାଯାଉଥିବାରୁ ବ୍ୟବସାୟୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସଭାପତି ପ୍ରତାପ ସାହୁ କହିଛନ୍ତି, ଅପରାଜିତା ଷଡ଼ଙ୍ଗୀ କମିଶନର ଥିବା ସମୟରେ ଦୋକାନୀମାନେ ସେହି ଖାଲ ଯାଗାକୁ ପୋତି ବେପାର କରୁଛନ୍ତି। ପ୍ରାୟ ୮୩ଜଣ ଉଠାଦୋକାନୀ ସେଠାରେ ବସୁଥିବାବେଳେ ତରଭୁଜ, ଛତୁଠାରୁ ଆରମ୍ଭ କରି ଅନ୍ୟାନ୍ୟ ଫଳ ବିକ୍ରି କରୁଛନ୍ତି। ସେମାନଙ୍କ ମଧ୍ୟରୁ କିଛିଜଣ ଟଲି ରଖି ସେଠାରେ ବେପାର କରି ପରିବାର ଚଳାଉଛନ୍ତି। ବିଏମ୍‌ସି ଉଠାଦୋକାନୀଙ୍କୁ ଉଠାଇ ସେଠାରେ ଥିବା ଏକ ବସ୍ତ୍ରାଳୟ ପାଇଁ ପାର୍କିଂ ବ୍ୟବସ୍ଥା କରିବାକୁ ଯୋଜନା କରୁଛି। ସମ୍ପୃକ୍ତ ବସ୍ତ୍ରାଳୟ ମାଲିକଙ୍କ ଠାରୁ ଟଙ୍କା ନେଇ ଏତେ ସଂଖ୍ୟକ ଗରିବଙ୍କ ପେଟକୁ ଲାତ ମାରୁଛି। ଏହାକୁ ଜମାରୁ ବରଦାସ୍ତ କରାଯିବ ନାହିଁ। ଯଦି ବିଏମ୍‌ସି ଆଗକୁ ଏଭଳି କାର୍ଯ୍ୟ ଜାରି ରଖେ ତେବେ ପୁନର୍ବାର ଉଠାଦୋକାନୀମାନେ ରାସ୍ତାକୁ ଓହ୍ଲାଇବା ସହ ଏହାର ଉଚିତ୍ ଜବାବ ଦେବେ ବୋଲି ପ୍ରତାପ ଚେତାବନୀ ଦେଇଛନ୍ତି।

## ଶ୍ରୀ ଜୁଏଲର୍ସ ଉପରକୁ ବୋମାମାଡ଼

### ମାଲିକ ଆହତ, ଦୁର୍ବୃତ୍ତ ଫେରାର

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୪ ସ୍ଥିତ ଶ୍ରୀ ଜୁଏଲର୍ସ ଉପରକୁ ଶନିବାର ରାତି ପ୍ରାୟ ୯ଟା ୪୫ରେ ବୋମାମାଡ଼ ହୋଇଛି। ଏଥିରେ ମାଲିକ ରମାକାନ୍ତ ମହାରଣା ଆହତ ହୋଇଛନ୍ତି। ତାଙ୍କ ଗୋଡ଼ରେ କ୍ଷତ ସୃଷ୍ଟି ହୋଇଥିବା ବେଳେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବୋମା ମାଡ଼ରେ ରମାକାନ୍ତଙ୍କ ଦୋକାନ ସାମାନ୍ୟ କ୍ଷତି ହୋଇଛି। ଅନ୍ୟପକ୍ଷରେ ବୋମାମାଡ଼ ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳ ଛାଡ଼ି ଫେରାର ହୋଇଯାଇଛନ୍ତି। ତେବେ ଲୁଟ୍ ଉଦ୍ଦେଶ୍ୟରେ ଏହି ବୋମା ମାଡ଼ କରାଯାଇଥିବା ସନ୍ଦେହ କରାଯାଉଛି।

ସୂଚନା ଅନୁଯାୟୀ, ରମାକାନ୍ତ ଦୋକାନ ବନ୍ଦ କରି ସଟର୍ ପକାଉଥିଲେ। ଏହି ସମୟରେ ୨ରୁ ଅଧିକ ଦୁର୍ବୃତ୍ତ ବାଇକରେ ସେଠାକୁ ଆସି ହଠାତ୍ ଦୋକାନ ଉପରକୁ ୨ଟି ବୋମା ପକାଇଥିଲେ। ହେଲେ ବୋମାଟି ଦୋକାନର କିଛି ଦୂରରେ ପଡ଼ି ରମାକାନ୍ତଙ୍କ ଆଡ଼କୁ ଛିଟିକି ଆସିଥିଲା। ଏହି ସମୟରେ ସେ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ହୋହଲ୍ଲା କରି ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ସେଠାରୁ ପଳାଇଥିଲେ। ଏନେଇ ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ଘଟଣା ସଂକ୍ରାନ୍ତରେ ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ। ବୋମାମାଡ଼ର କାରଣ ଜଣାପଡ଼ି ନ ଥିବା ବେଳେ ଆମେ ପ୍ରାଥମିକ ତଦନ୍ତ ଜାରି ରଖିଛୁ ବୋଲି ସେ କହିଛନ୍ତି।

## ‘ଅଣୁଗଳ୍ପ ମାନସାଙ୍କ’ ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର,୧୭।୩ (ବ୍ୟୁରୋ)

ବାଲୁଗାଁ ଏସ୍‌ଡିପିଓ ତଥା କବି ମାନସ ରଞ୍ଜନ ବାରିକଙ୍କ ପୁସ୍ତକ ‘ଅଣୁଗଳ୍ପ ମାନସାଙ୍କ’ ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ଅଡିଟୋରିୟମ୍‌ଠାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏଡିଜି ପୋଲିସ ଟ୍ରେନିଂ ଅରୁଣ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ, ସମ୍ମାନିତ ଅତିଥି ଭାବେ ଆଇଜି ପୋଲିସ ଟ୍ରେନିଂ ଏସ୍.ସାଇନି ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଗାଳ୍ପିକ ତଥା ଶିକ୍ଷାବିତ୍ ଶିବ ମିଶ୍ର ଯୋଗଦେଇଥିଲେ। ପୁସ୍ତକରେ ଲେଖକ ସାମ୍ପ୍ରତିକ ଘଟଣାକୁ ଅତି କମ୍ ଶବ୍ଦରେ ଚମତ୍କାର ଭାବେ କ୍ଷୁଦ୍ର କାହାଣୀ ବ୍ୟାଖ୍ୟା କରିଛନ୍ତି। ଏଥିସହ ସମକାଳୀନ ଘଟଣାକୁ ସର୍ବକାଳୀନ ରୂପେ ସୃଷ୍ଟି କରିପାରିଛନ୍ତି ବୋଲି ଅତିଥିମାନେ ମତ ଦେଇଥିଲେ। ପୁସ୍ତକଟି ପଶ୍ଚିମା ପବ୍ଲିକେଶନ ଦ୍ୱାରା ପ୍ରକାଶିତ ହୋଇଛି। ଚିଲିକା ସାହିତ୍ୟ ସଂସଦ ସଭାପତି ବାଳ ମୁକୁନ୍ଦ ଦାଶ ମଞ୍ଚ ପରିଚାଳନା କରିଥିବାବେଳେ ଏକାଡେମୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଗୋପାଳ ନନ୍ଦ ଧନ୍ୟବାଦ ଦେଇଥିଲେ।

## ‘ଡାକୋଟାରେ ନାହିଁ ହରିଣ ଚିହ୍ନ, ପ୍ରକୃତ ରଙ୍ଗ ଦିଆଯାଇନି’



ଭୁବନେଶ୍ୱର ବିମାନ ବନ୍ଦର ପରିସରରେ ଥିବା ଡାକୋଟା ବିମାନକୁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପୂଜାର୍ଚ୍ଚନା କରାଯାଉଛି।

ପୁରୀ ଅଫିସ, ୧୭।୩

ଭୁବନେଶ୍ୱର ବିମାନବନ୍ଦର ପରିସରରେ ପ୍ରଦର୍ଶିତ ହେଉଥିବା ଡାକୋଟା ବିମାନ ସମ୍ମୁଖରେ ଶୁକ୍ରବାର ଶ୍ରୀଜଗନ୍ନାଥ ସେନା ବିକ୍ଷୋଭ କରିଛି। ପୁରୀ ସହରରେ ଏହି ବିମାନ ରଖାଯିବାକୁ ଦାବି କରାଯାଇଛି। ଏଥିସହ ଡାକୋଟାରେ ଫୁଲ ଦିଆଯାଇ ପୂଜାର୍ଚ୍ଚନା କରାଯାଇଛି। ଡାକୋଟାରେ କଳିଙ୍ଗ ଏୟାର ଲାଇନ୍ସର ହରିଣ ଚିହ୍ନ ନ ଥିବାବେଳେ ପ୍ରକୃତ ରଙ୍ଗ ଦିଆଯାଇନାହିଁ ବୋଲି ଶ୍ରୀଜଗନ୍ନାଥ ସେନା ଅଭିଯୋଗ ଆଣିଛି।

ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରିୟ ଡାକୋଟା ବିମାନକୁ କବାଡ଼ିଆକୁ ବିକିଦେବା ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା। ମାତ୍ର ଶ୍ରୀଜଗନ୍ନାଥ ସେନାର ହସ୍ତକ୍ଷେପ ପରେ ବିକ୍ରି ସ୍ଥଗିତ ରହିଥିଲା। ସେହିପରି ଡାକୋଟାକୁ ଓଡ଼ିଶା ଫେରାଇ ଆଣିବା ଲାଗି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ବିମାନ ଚଳାଚଳ ମନ୍ତ୍ରୀ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ମଧ ଦିଆଯାଇଥିଲା। ଶେଷରେ କୋଲକାତାରୁ ଓଡ଼ିଶାକୁ ଡାକୋଟା ବିମାନ ଫେରିଲା। ବିମାନକୁ ଏକ ଭଲ ସ୍ଥାନରେ ରଖିବା ପାଇଁ କେନ୍ଦ୍ର ବିମାନ ଚଳାଚଳ ବିଭାଗ ଅନୁମତି ଦେଇଥିଲା। ତେବେ ଦୁଃଖର ବିଷୟ ବିମାନ ଆସିବା ବେଳେ ରାଜ୍ୟ ସରକାର ଶ୍ରୀଜଗନ୍ନାଥ ସେନାକୁ ଭୁଲିଗଲେ। ଉଦ୍‌ଘାଟନ ସମୟରେ ନିମନ୍ତ୍ରଣପତ୍ର ଦେଲେ ନାହିଁ। ଡାକୋଟାକୁ ପୁରୀ ଆଣିବା ପାଇଁ ଶ୍ରୀଜଗନ୍ନାଥ ସେନା ଦାବି କରିଥିଲା। ମାତ୍ର ସରକାର ତାହାକୁ ଭୁବନେଶ୍ୱର ବିମାନ ବନ୍ଦରରେ ରଖିଲେ। ଫଳରେ ବିମାନକୁ ଦେଶ ବିଦେଶର ପର୍ଯ୍ୟଟକ ଦେଖିପାରୁନାହାନ୍ତି। ସେହିପରି ବିମାନରେ ପ୍ରକୃତ ରଙ୍ଗ ଲଗାଯାଇନାହିଁ, ଅଲଗା ରଙ୍ଗ ଦିଆଯାଇଛି। କଳିଙ୍ଗ ଏୟାର ଲାଇନ୍ସର ଚିହ୍ନ ହରିଣ ରହିଥାଏ, ଯାହାକୁ ଡାକୋଟା ବିମାନରେ ଦିଆଯାଇନାହିଁ। ତେଣୁ ସରକାର ଉକ୍ତ ବିମାନରେ ଡାକୋଟାର ପ୍ରକୃତ ରଙ୍ଗ ଦେବା ସହ ହରିଣ ଚିହ୍ନକୁ ସ୍ଥାନିତ କରନ୍ତୁ ବୋଲି ପଟ୍ଟନାୟକ ଦାବି କରିଛନ୍ତି।

## ରାସ୍ତାରୁ ହଟିଲା ୮୮ ଦୋକାନ, ହୋଟେଲ

ଭୁବନେଶ୍ୱର, ୧୭।୩ (ବ୍ୟୁରୋ)

ବିଡିଏ ପକ୍ଷରୁ ବରମୁଣ୍ଡା, କଳାରାହାଙ୍ଗ, ଡମଣା ଓ ନୟାପଲ୍ଲୀ ଅଞ୍ଚଳରୁ ୮୮ଟି ଦୋକାନ ଏବଂ ହୋଟେଲ ଉଚ୍ଛେଦ କରାଯାଇଛି। ପ୍ରଥମ ଉଚ୍ଛେଦରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ନଂ.୧ ଓ ୩ ବରମୁଣ୍ଡାସ୍ଥିତ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ ନିକଟରୁ ଉଚ୍ଛେଦ କରିଥିଲେ। ଏଥିରେ ୨୭ଟି ଫାଷ୍ଟଫୁଡ/ ଟିଫିନ ଷ୍ଟଲ, ଡ. ଆମ୍ବେଦକର ଏସ୍‌ସି ଓ ଏସ୍‌ଟି କ୍ଲବର ୪ଟି ଛାତଘର, ୭ଟି ଆଜବେଷ୍ଟସ ନିର୍ମିତ ଦୋକାନ, ୨୫ଟି କ୍ୟାବିନ, ୩ଟି ହଷ୍ଟେଲ, ୧୧ଟି ପଲିଥିନ ନିର୍ମିତ ଦୋକାନ ଏବଂ ୫ଟି ଫଳ ଓ ପରିବା ଦୋକାନ ଭଙ୍ଗାଯାଇଥିଲା। ସେହିପରି ସ୍କ୍ୱାଡ୍ ନଂ. ୬ ଓ ୮ ୱାର୍ଡ ନମ୍ବର-୨ ଅନ୍ତର୍ଗତ କଳାରାହାଙ୍ଗଠାରେ ପ୍ରଭାତ ଭିଲା ପ୍ଲଟ୍ ନଂ.୩୦ ରେ ହୋଇଥିବା ଜବରଦଖଲ ଉଚ୍ଛେଦ କରିଥିଲା। ଏଠାରେ ଥିବା ସରକାରୀ ରାସ୍ତା ଜମିକୁ ମଡ଼ାଇ ବିଭୁତି ଭୂଷଣ ଆଚାର୍ଯ୍ୟ ନାମକ ବ୍ୟକ୍ତି ଏକ ଛାତ ଘର ନିର୍ମାଣ କରିଥିଲେ। ଏହାକୁ ଉଚ୍ଛେଦ କରିବା ଦ୍ୱାରା ପ୍ରାୟ ୯ଶହ ବର୍ଗଫୁଟ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ୱାର୍ଡ ନମ୍ବର-୮ ଅନ୍ତର୍ଗତ ଡମଣା ଛକରୁ ୬ଟି ଅର୍ଦ୍ଧ ନିର୍ମିତ ଦୋକାନ ଭଙ୍ଗାଯାଇଥିଲା। ଶେଷରେ ନୟାପଲ୍ଲୀ ଅଞ୍ଚଳ ରାସ୍ତାରୁ ମଧ ଜବରଦଖଲ ଉଚ୍ଛେଦ କରାଯାଇ ଥିଲା। ଏଥିରେ ଗୋଟିଏ ହୋଟେଲ, ୨ଟି ଫାଷ୍ଟଫୁଡ ଦୋକାନ ଓ ଗୋଟିଏ କ୍ୟାବିନକୁ ଭଙ୍ଗା ଯାଇଥିଲା। ଆଇଆରସି ଭିଲେଜ ଅନ୍ତର୍ଗତ ଇନ୍ଦ୍ରଧନୁ ମାର୍କେଟରୁ ଫାଷ୍ଟଫୁଡ ଓ ହୋଟେଲ ଭଙ୍ଗାଯାଇଥିଲା। ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର ଓ ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ କରାଯାଇଥିଲା।

## ଭାଗୀରଥି ନନ୍ଦ ସେରିଫେଡ୍ ସଭାପତି



ଭୁବନେଶ୍ୱର, ୧୭।୩(ବ୍ୟୁରୋ)

ରାଜ୍ୟ ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) ସଭାପତି ଭାବେ କଟକ ଜିଲା ଟିଗିରିଆ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଭାଗୀରଥି ନନ୍ଦ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହାପୂର୍ବରୁ ସେ ୨୦୦୯ରୁ ୨୦୧୨ ପର୍ଯ୍ୟନ୍ତ ଏହି ସଂସ୍ଥାର ସଭାପତି, ୧୯୯୬ରୁ ଦୁଇବର୍ଷ ଏବଂ ୨୦୧୫ରୁ ୨୦୨୦ ଯାଏ ବୋର୍ଡ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ସୋମବାର ଭୁବନେଶ୍ୱରସ୍ଥିତ ସେରିଫେଡ୍ କାର୍ଯ୍ୟାଳୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହେବା ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଶକ୍ତିମନ୍ତ୍ରୀ ପ୍ରତାପ ଦେବ, କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ଉପଦେଷ୍ଟା ସୁବ୍ରତ ଛାଟୋଇ, ପର୍ଯ୍ୟବେକ୍ଷକ ଚିନ୍ମୟୀ ଦାସ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ନୂତନ ଭାବେ ନିର୍ବାଚିତ ହୋଇଥିବା ୨୧ଜଣ ବୋର୍ଡ ସଦସ୍ୟଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ବୁଣାକାର ଏବଂ ଆଦିବାସୀ ଅଞ୍ଚଳର ରେଶମ ଚାଷୀଙ୍କ ସାମଗ୍ରିକ ଉନ୍ନତି ପାଇଁ ପ୍ରୟାସ କରିବେ ବୋଲି ସେ କହିଛନ୍ତି।

## ‘ତ୍ରିଗାଟୋ’ର ଶିଶୁ କଳାକାର ପ୍ରଜ୍ୱଳ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ବଲିଉଡ ଚଳଚ୍ଚିତ୍ର ‘ତ୍ରିଗାଟୋ’ ଶୁକ୍ରବାର ସର୍ବଭାରତୀୟ ସ୍ତରରେ ମୁକ୍ତିଲାଭ ହୋଇଛି। ଭୁବନେଶ୍ୱରରେ ଶୁଟିଂ ହୋଇଥିବା ଏହି ଫିଲ୍ମରେ ଅନେକ ଓଡ଼ିଆ କଳାକାରଙ୍କୁ ଅଭିନୟ କରିବାର ସୁଯୋଗ ମିଳିଛି। ଅଭିନେତା କପିଲ ଶର୍ମାଙ୍କ ପୁଅ ଭୂମିକାରେ କଟକର ଶିଶୁ କଳାକାର ପ୍ରଜ୍ୱଳ ସାହୁ କାର୍ତ୍ତିକ ଅଭିନୟ କରିଛନ୍ତି। ଶୁକ୍ରବାର ସ୍ଥାନୀୟ ଘରୋଇ ହୋଟେଲରେ ଓଡ଼ିଶା ଫିଲ୍ମ ଫେଷ୍ଟିଭାଲ୍ ଓ ଆୱାର୍ଡସ୍ ଆନୁକୂଲ୍ୟରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଶିଶୁ କଳାକାର ପ୍ରଜ୍ୱଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ଉଲ୍ଲାସ ଚନ୍ଦ୍ର ବେହୁରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ବାପୁଲେଙ୍କା, ଓଡ଼ିଶା ଚଳଚ୍ଚିତ୍ର କଳାକାର ସଂଘର ସାଧାରଣ ସମ୍ପାଦକ ଶ୍ରୀତମ୍ ଦାସ, ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ସଞ୍ଜୟ ନାୟକ, ଅଭିନେତା ସୁଭାଶିଷ ଶର୍ମା ପ୍ରମୁଖ ଅତିଥିଭାବେ ଯୋଗଦେଇ ଓଡ଼ିଶାର ଏହି ପ୍ରତିଭାବାନ ଶିଶୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ ରୁଚି ଫୁଡ୍‌ଲାଇନ୍‌ର ପରିଚାଳନା ନିର୍ଦ୍ଦେଶକ ଡ.ଶରତ କୁମାର ସାହୁଙ୍କ ନାତି ତଥା ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ ଓ ସଲିନା ସାହୁଙ୍କ ପୁଅ। କରୋନା ମହାମାରୀ ସମୟରେ ସଂଘର୍ଷରତ ଫୁଡ୍ ଡେଲିଭରୀ କରୁଥିବା ଜଣେ ବ୍ୟକ୍ତିର ଦୁଃଖ ଓ ଜୀବନ ଉପରେ ନିର୍ମିତ ଏହି ଚଳଚ୍ଚିତ୍ରର ଟ୍ରେଲର୍ ଶୋ ଲୋକପ୍ରିୟ ହୋଇପାରିଛି। ‘ତ୍ରିଗାଟୋ’ ଫିଲ୍ମକୁ ପ୍ରଯୋଜିକା ତଥା ଅଭିନେତ୍ରୀ ନନ୍ଦିତା ଦାସ ନିର୍ଦ୍ଦେଶନା ଦେଇଛନ୍ତି। ମାତ୍ର ୧୩ବର୍ଷ ବୟସରେ ବଲିଉଡ୍‌ରେ ଡେବ୍ୟୁ କରିଥିବା ପ୍ରଜ୍ୱଳ ସାହୁ ଅଭିନୟ କରିବା ନିଜର ସଉକ୍ ବୋଲି ପ୍ରକାଶ କରିଛନ୍ତି। ସେଥିପାଇଁ ସେ କୌଣସି ସ୍ୱତନ୍ତ୍ର ତାଲିମ୍ ନେଇନାହାନ୍ତି। ନିଜର ଆତ୍ମବିଶ୍ୱାସ ବଳରେ ସେ ଏ ଶୁଭାରମ୍ଭ କରିଥିବା ବେଳେ ବାପା ବହୁତ ପ୍ରେରଣା ଯୋଗାଇଛନ୍ତି ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ବିଷ୍ଣୁ ମିଶ୍ରଙ୍କ ଦ୍ୱାରା ନିର୍ମିତ ଏହି ଶିଶୁ କଳାକାର ସାହୁଙ୍କୁ ନେଇ ଓମ୍ ସମ୍ପର୍କିତ ଏକ ସ୍ୱତନ୍ତ୍ର ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ସୌମ୍ୟଜିତ୍ ପରିଡ଼ା, ଅମୃତ ରଞ୍ଜନ ଦାସ, ଅସିତ୍ ସାମଲ, ଜ୍ଞାନରଞ୍ଜନ ରାୟ, ସ୍ମୃତିଶିକ୍ତ ସାମନ୍ତରାୟ, ସନ୍ତୋଷ ନାୟକ, ପତିତପାବନ ପଣ୍ଡା ପ୍ରମୁଖ ପରିଚାଳନା କରିଥିବା ବେଳେ ଦିବ୍ୟଜ୍ୟୋତି ସାହୁ ସହଯୋଗ କରିଥିଲେ।




## ଓଡ଼ିଶୀ ନୃତ୍ୟକୁ ଜନାଦୃତ କରିଥିଲେ ପଙ୍କଜଚରଣ

### ଆଦି ନାଟ୍ୟଗୁରୁ ପଙ୍କଜଚରଣଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୭।୩(ବ୍ୟୁରୋ)



ଆଦି ନାଟ୍ୟଗୁରୁ ଭାବେ ପରିଚିତ ପଙ୍କଜଚରଣ ଦାସଙ୍କ ୧୦୪ତମ ଜୟନ୍ତୀ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥ ଗୁରୁ ପଙ୍କଜଚରଣଙ୍କ ପ୍ରତିମୂର୍ତ୍ତିସ୍ଥଳରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଶୀ ନୃତ୍ୟକୁ ନୂତନ ଧାରାରେ ପରିବେଷଣ କରି ଓ ଏହି ନୃତ୍ୟ ଶିକ୍ଷାଦାନ ମାଧ୍ୟମରେ ଓଡ଼ିଶାର ଆଧ୍ୟାତ୍ମିକ ଲୋକକଳା ଓଡ଼ିଶୀ ନୃତ୍ୟକୁ ଦେଶ ବିଦେଶରେ ଜନାଦୃତ କରିବାରେ ଗୁରୁ ପଙ୍କଜ ଦାସଙ୍କ ଭୂମିକା ଅତୁଳନୀୟ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଗୁରୁ ବନ୍ଦନା କରିଥିବା ବେଳେ ଶିକ୍ଷାବିତ କାମଦେବ ମହାପାତ୍ର କବିତା ଆବୃତ୍ତି କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ଡ. ମିହିର ପଟ୍ଟନାୟକ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, ନିମାକାନ୍ତ ରାଉତରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଡ. ରଙ୍ଗାଧର ସାହୁ, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ଗିରିଜା ଶଙ୍କର ମହାପାତ୍ର ଉଇ ଫର୍ ଭୁବନେଶ୍ୱର ସଦସ୍ୟ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ମର୍ଦ୍ଦଳ ବାଦକ ବିଜୟ କୁମାର ବାରିକ, ଡ. ବିଜୟ କୁମାର ଜେନା, ଡ. ମନୋରଞ୍ଜନ ପ୍ରଧାନ, ବ୍ରଜବଲ୍ଲଭ ନାୟକ ଓ ପୁଣ୍ୟଶ୍ଳୋକ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ୫ ଦିନରେ ମଲେଣି ୨ ବାର୍‌ହା

**ବେଗୁନିଆ, ୧୭।୩(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଡିଙ୍ଗର ପଞ୍ଚାୟତ ଅନ୍ତର୍ଗତ ଲେହଙ୍ଗ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ୫ଦିନ ପୂର୍ବେ ଗ୍ରାମ ନିକଟରେ ଥିବା ପୋଖରୀରୁ ଏକ ମୃତ ବାର୍‌ହାକୁ ବନ ବିଭାଗ ଉଦ୍ଧାର କରିଥିବା ବେଳେ ଶୁକ୍ରବାର ମାଧବ ଚନ୍ଦ୍ର ବେହେରାଙ୍କ ଜମିରେ ଥିବା ପରିତ୍ୟକ୍ତ କୂଅରୁ ଆଉ ଏକ ମୃତ ବାର୍‌ହା ଗ୍ରାମବାସୀ ଉଦ୍ଧାର କରିଛନ୍ତି। ତେବ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଜଳାଭାବ ଯୋଗୁ ମୃତ୍ୟୁ ହୋଇଥାଇପାରେ ବୋଲି ଆଶଙ୍କା କରାଯାଉଛି। ସ୍ଥାନୀୟ ଡାଳଖାଇ ଜଙ୍ଗଲରେ ବନ୍ୟପ୍ରାଣୀ ରହିଆସୁଛନ୍ତି। ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ କ୍ରମାଗତଭାବେ ବନ୍ୟପ୍ରାଣୀଙ୍କ ସଂଖ୍ୟା ହ୍ରାସ ପାଉଛି। ଏଥିସହ ଅବାଧ ଶିକାର ମଧ ବଢ଼ିଚାଲିଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

### ଅନନ୍ୟ କଳାକାର ଥିଲେ ରାଜକିଶୋର

**ବେଗୁନିଆ, ୧୭।୩(ଡି.ଏନ୍.ଏ.):** ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମର କଳାକାର ରାଜ କିଶୋର ପଟ୍ଟନାୟକଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅତିଥିଭାବେ ସୁବାସ ଚନ୍ଦ୍ର ମହାପାତ୍ର, ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ରାଜକିଶୋରଙ୍କ ସ୍ମୃତି ଚାରଣ କରିବା ସହ ବେଗୁନିଆ ବ୍ଲକବାସୀ ଜଣେ ଅନନ୍ୟ କଳାକାରଙ୍କୁ ହରାଇଲେ। ସ୍ଥାନୀୟ ଅଞ୍ଚଳ ପାଇଁ ଏହା ଶୂନ୍ୟସ୍ଥାନ ବୋଲି ସଭାପତି ପାଣିଗ୍ରାହୀ କହିଥିଲେ। ପ୍ରକାଶ ଯେ, ରାଜ କିଶୋର ଜୀବନସାରା ବିଭିନ୍ନ କାର୍ଯ୍ୟକ୍ରମରେ ଝୁମୁକା ବଜାଇ ନିଜକୁ ଜଣେ ଅନନ୍ୟ କଳାକାରର ପରିଚୟ ସୃଷ୍ଟି କରିଥିଲେ।

### ୱାର୍ଡ ସଭ୍ୟାସଭ୍ୟଙ୍କ ପ୍ରଶିକ୍ଷଣ କର୍ମଶାଳା

**କୃଷ୍ଣପ୍ରସାଦ, ୧୭।୩(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସଭାଗୃହରେ ୱାର୍ଡମେମ୍ବରମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ, କ୍ଷମତା ଆଦି ସମ୍ପର୍କିତ ୩ ଦିନିଆ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଡିଓ ମନୋଜ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜବଲ୍ଲଭ ମିଶ୍ର, ହାଡ଼ିବନ୍ଧୁ ସେଠୀ କର୍ମଶାଳାରେ ପ୍ରଶିକ୍ଷକଭାବେ ଯୋଗଦେଇ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ସହ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଅବଗତ କରାଇଥିଲେ। ପ୍ରଭାତ ଜେନା, ଆଲୋକ ଖୁଣ୍ଟିଆ ଶିବିର ପରିଚାଳନାରେ କରିଥିଲେ।

### ଓକିଲ ସଂଘର ବାର୍ଷିକ ଉତ୍ସବ

**ଖୋର୍ଦ୍ଧା ଅଫିସ, ୧୭।୩:** ଖୋର୍ଦ୍ଧା ଜିଲା ଓକିଲ ସଂଘର ଦୁଇଦିନିଆ ବାର୍ଷିକ ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ କୋର୍ଟ ପରିସରରେ ସାମାଜିକ ନାଟକ 'ମଣିଷ ଗଛର ଛାଇ' ମଞ୍ଚସ୍ଥ ହୋଇଯାଇଛି। ପୃଥିରାଜ ମହାନ୍ତିଙ୍କ ରଚିତ ନାଟକର ନିର୍ଦ୍ଦେଶନା ଦେଇଛନ୍ତି ସମୀର ବଡ଼ଜେନା। ବରିଷ୍ଠ ଓକିଲ ବିଧାନ ଚନ୍ଦ୍ର ମହାନ୍ତି ସହନିର୍ଦ୍ଦେଶକ ରହିଛନ୍ତି। ଶିଶିର ପରିଡ଼ା ଖଳନାୟକ ଭୂମିକାରେ ରହିଥିବା ବେଳେ ସନ୍ତୋଷ ଦାସ ଓ ମାନସ ପାଟ୍ଟଶାଣୀ ହାସ୍ୟ ଅଭିନେତା ଏବଂ ଅନ୍ୟ ଭୂମିକାରେ ବିଧାନ ଚନ୍ଦ୍ର ମହାନ୍ତି, ମନୋଜ ପଟ୍ଟନାୟକ, ପ୍ରଭାତ ବେହେରା, ଲିଙ୍ଗରାଜ ସାହୁ, ରିତେଶ ସାହୁ, ମାନସ ରଞ୍ଜନ ପଟ୍ଟନାୟକ, ଲକ୍ଷ୍ମଣ ପରିଡା, ବିଶ୍ୱକେଶ ମହାପାତ୍ର, ବିଜୟ ସାମନ୍ତସିଂହାର, ସଞ୍ଜୟ ଦାସ, ଅରଭିଲ ମହାପାତ୍ର, ରଞ୍ଜନ ପଟ୍ଟନାୟକ ପ୍ରମୁଖ ରହିଛନ୍ତି। ନାରୀ ଭୂମିକାରେ ରିନା ପରିଡ଼ା, ହାସ୍ୟ ଅଭିନେତ୍ରୀ ଓ ଅନ୍ୟ ଚରିତ୍ରରେ ମୌସୁମୀ ଜେନା, ଲକ୍ଷ୍ମୀପ୍ରିୟା ମଣ୍ଡଳ ଓ ପ୍ରଭାତୀ ବାରିକ ରହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର ଅଧକ୍ଷତା କରିଥିଲେ। ଫ୍ୟାମିଲି ଜଜ୍ ରାଜେଶ ନାଏର, ଅତିରିକ୍ତ ଜିଲା ଦୌରାଜଜ୍ ଅଜୟ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ସମ୍ପାଦକ ପ୍ରଦୀପ ମିଶ୍ର ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଦେଢ଼ ମାସରେ ୨୬.୯୫ ଲକ୍ଷ ଜରିମାନା ଆଦାୟ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ):** ମଦ୍ୟପଙ୍କ ବିରୋଧ କମିଶନରେଟ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ଫେବୃୟାରୀ ପହିଲାରୁ ମାର୍ଚ୍ଚ ୧୫ ମଧରେ ବିଭିନ୍ନ ଥାନା ପକ୍ଷରୁ ଚଢ଼ାଉ କରାଯାଇ ଆଇନ ଉଲ୍ଲଂଘନ କରିଥିବା ୫,୧୮୩ଜଣଙ୍କ ନିକଟରୁ ୨୬ଲକ୍ଷ ୯୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିରୁ ଖାରବେଳନଗର ଥାନା ସର୍ବାଧିକ ୭୦୯ଜଣଙ୍କଠାରୁ ୩ଲକ୍ଷ ୪୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଧିମେଇଛି ଜଟଣୀ ଓଭରବ୍ରିଜ୍ କାମ

**ମାସେ ଘୁଞ୍ଚିଗଲା ଲୋକାର୍ପଣ କାର୍ଯ୍ୟକ୍ରମ**

**ଖୋର୍ଦ୍ଧା ଅଫିସ/ଜଟଣୀ, ୧୭।୩(ଡି.ଏନ୍.ଏ.)**

ଜଟଣୀ ଓଭରବ୍ରିଜ୍ ନିର୍ମାଣ ହେଲେ ବହୁ ଲୋକ ଉପକୃତ ହେବେ। ୨୦୨୨ ଏପ୍ରିଲ ପହିଲାରେ ଏହି ଓଭରବ୍ରିଜ୍ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ସେ ସମୟର ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ମାତ୍ର ସରିଲା ନାହିଁ। ସେହିପରି ଚଳିତବର୍ଷ ଏପ୍ରିଲ ପହିଲା ତଥା ଓଡ଼ିଶା ଦିବସରେ ଓଭରବ୍ରିଜ୍ ଉଦ୍‌ଘାଟନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ। ତେବେ ପ୍ରତିଶ୍ରୁତି ଅନୁଯାୟୀ ଆଉ ୧୩ ଦିନ ରହିଥିବା ବେଳେ ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି। ଅନ୍ୟପଟେ ୭ ବର୍ଷରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟ ଚାଲୁଥିବା ବେଳେ ଆସନ୍ତା ମେ'୨୫ରେ ଏହି ଓଭରବ୍ରିଜ୍ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରାଯିବ ବୋଲି ପୁଣି ବିଧାୟକ ରାଉତରାୟ କହିଛନ୍ତି।

ପ୍ରକାଶ ଯେ, ୨୦୧୫ ମସିହାରେ ଜଟଣୀ ଆନ୍ଧ୍ରବ୍ୟାଙ୍କ ଛକଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ୧୧୩୩ ମିଟର ଲମ୍ବର ଏହି ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ମୋଟ୍ ୫୪ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟଅଟକଳରେ ଆରମ୍ଭ ହୋଇଥିଲା। ଓଭରବ୍ରିଜ୍ କାର୍ଯ୍ୟ ୨୦୧୭ ସୁଦ୍ଧା ଶେଷହେବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ତେବେ ନିମ୍ନମାନର କାମ ହେଉଥିବା ନେଇ ୨୦୧୮ରେ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ପଣ୍ଡା ଇନ୍‌ଫ୍ରା ବିରୋଧରେ ଅଭିଯୋଗ ଆସିଥିଲା। ଏହାକୁ ନେଇ ବିବାଦ ଉଠିବା ପରେ ଅଭିଯୋଗକୁ ଭିତ୍ତିକରି ନିର୍ମାଣକାରୀ ସଂସ୍ଥାକୁ ସରକାର ବିଦାକରି ପୁନଃ ଟେଣ୍ଡର କରିଥିଲେ। ପରେ ଅନ୍ୟ ଏକ କନ୍‌ଷ୍ଟ୍ରକ୍ସନ କମ୍ପାନୀ ଏହାର ନିର୍ମାଣ ଦାୟିତ୍ୱ ନେଇଥିଲା। ପରେ ଉକ୍ତ ସଂସ୍ଥା ବିରୋଧରେ ମଧ ଅନୁରୂପ ଅଭିଯୋଗ ଆସିଥିଲା। ପରବର୍ତ୍ତୀ ସମୟରେ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ରାଜ୍ୟ ସରକାର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଲେ। ଏବେ ଏହାର ନିର୍ମାଣ ଖର୍ଚ୍ଚ ୧୦୦ କୋଟିରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ତେବେ କରୋନା ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚ ୨୦ରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ସଂକ୍ରମଣ ହାର ହ୍ରାସ ପରେ ସରକାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ କାର୍ଯ୍ୟ କଚ୍ଛପ ଗତିରେ ଚାଲିଥିବାରୁ ଲୋକେ ରେଲ୍‌ୱେ ଅଣ୍ଡରପାସ୍ ଉପରେ ନିର୍ଭର କରୁଛନ୍ତି। ଜଟଣୀରୁ ସୁନ୍ଦରପଦା ଦେଇ ଭୁବନେଶ୍ୱର ଏବଂ ପିପିଲିକୁ ଏହି ଅଣ୍ଡରପାସ୍ ସଂଯୋଗ କରୁଛି। ତେବେ ଉଭୟପଟୁ ଖାଲ ଏବଂ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ ଏବଂ ଡ୍ରେନ୍‌ପାଣି ନିଷ୍କାସନର କୌଣସି ବାଟ ନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ଏଠାରେ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଅନେକ ସମୟରେ ମଧ ଛୋଟବଡ଼ ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ତୁରନ୍ତ ନିର୍ମାଣ କାର୍ଯ୍ୟ ସାରିବାକୁ ଜଟଣୀ ସହରବାସୀ ଦାବି କରିଛନ୍ତି।

ଦୀର୍ଘ ୭ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଓଭରବ୍ରିଜ୍ ନିର୍ମାଣ ଚାଲିଛି। ନିର୍ମାଣରେ ମନ୍ଥରତା ଯୋଗୁ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ସତ୍ତ୍ୱେ କାମ ଶେଷ ହୋଇପାରୁନାହିଁ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ପ୍ରଶାସନ ଓ ପୂର୍ବତଟ ରେଳ ବିଭାଗର ଦାୟିତ୍ୱହୀନତାକୁ ଜଟଣୀବାସୀ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ ଶ୍ରେୟ ନେବା ପାଇଁ ନିର୍ମାଣ ବିଳମ୍ବ ଘଟୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଆଗକୁ ନିର୍ବାଚନ ରହିଛି। ଶାସକ ଦଳ ଏବଂ କଂଗ୍ରେସ ମଧରେ ଛକାପଞ୍ଝା ଲାଗିରହିଥିବା ବେଳେ ବଳିପଡ଼ୁଛନ୍ତି ଜଟଣୀବାସୀ। ଓଭରବ୍ରିଜ୍ ନିର୍ମାଣ ନେଇ ଜଟଣୀ ବିଧାୟକ ରାଉତରାୟ ଏବଂ ପୂର୍ବତନ ବିଧାୟକ ତଥା ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟ ନିଜ ସମର୍ଥକଙ୍କ ସହ ବହୁବାର ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଧ ଦୌଡ଼ରେ ରହିଛନ୍ତି। ଓଭରବ୍ରିଜ୍ ନିର୍ବାଚନ ପୂର୍ବରୁ ଉଦ୍‌ଘାଟନ ହୋଇଗଲେ ନିଜ ପତିଆରା କମିଯିବା ଆଶଙ୍କାରେ ନେତାମାନେ ଜାଣିଶୁଣି ପଛଘୁଞ୍ଚା ଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।



**ଏମାନେ ଯାହା କୁହନ୍ତି...**

"ରେଳ ବିଭାଗର ଆଉ ୭ ଦିନର କାର୍ଯ୍ୟ ରହିଛି। ଏଥିସହ ଖୁବ୍‌ଶୀଘ୍ର ଜିଲା ପ୍ରଶାସନ ପକ୍ଷରୁ ମଧ କାର୍ଯ୍ୟ ସାରିବାକୁ ଚେଷ୍ଟା କରାଯାଉଛି। ମେ'୨୫ରେ ଏହି ଓଭରବ୍ରିଜ୍ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରାଯିବ।
**- ସୁରେଶ କୁମାର ରାଉତରାୟ, ଜଟଣୀ ବିଧାୟକ**

"ଜଟଣୀ ଓଭରବ୍ରିଜ୍ ନିର୍ମାଣ ହେଲେ ବହୁ ଲୋକ ଉପକୃତ ହେବେ। ଏହାର ନିର୍ମାଣ କାର୍ଯ୍ୟ ତ୍ୱରିତ ଗତିରେ ଚାଲିଛି। ଏହି କାର୍ଯ୍ୟର ଅଗ୍ରଗତି ନେଇ ଜିଲା ପ୍ରଶାସନ, ପୂର୍ତ୍ତ ବିଭାଗ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଛି। ଖୁବ୍‌ଶୀଘ୍ର ଲୋକଙ୍କ ଉଦ୍ଦେଶ୍ୟରେ ଏହା ଲୋକାର୍ପିତ ହେବ।
**- ବିଭୂତି ଭୂଷଣ ବଳବନ୍ତରାୟ, ବିଜେଡି ଜିଲା ସଭାପତି**

"ଡ୍ରାଇଭରମାନଙ୍କ ଆନ୍ଦୋଳନ ଯୋଗୁ ଠିକାସଂସ୍ଥା ପକ୍ଷରୁ ଉଚ୍ଛେଦ ପାଇଁ ମେଶିନ ଆସିପାରିନାହିଁ। ମେଶିନ ଆସିବା ପରେ ବଡ଼ବଜାରରେ ରହିଯାଇଥିବା କେତେକ ଦୋକାନ ଗୃହ ଉଚ୍ଛେଦ କରିବାକୁ ଦୁଇଦିନ ଲାଗିବ। ଏହାପରେ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ।
**- ରୁମାନା ଜାଫ୍ରି, ଜଟଣୀ ତହସିଲଦାର**

"ସ୍ଥାନୀୟ ନେତୃବୃନ୍ଦ ଓ ପ୍ରଶାସନ ମଧରେ ସମନ୍ୱୟ ଅଭାବ ଯୋଗୁ ସାଧାରଣ ଜନତା ହଇରାଣ ହେଉଛନ୍ତି। ଅନେକ ସ୍ଥାନରେ ଓଭରବ୍ରିଜ୍ ଆରମ୍ଭ ହୋଇ ଲୋକାର୍ପିତ ହୋଇସାରିଲାଣି। କିନ୍ତୁ ଏଠାରେ ବିଭିନ୍ନ ଆଳ ଦେଖାଯାଇ ଏପର୍ଯ୍ୟନ୍ତ କାମ ସରିପାରି ନାହିଁ।
**- ସର୍ବେଶ୍ୱର ଖେଲାର, ସାମାଜିକ କର୍ମୀ, ଜଟଣୀ**

## 'ଭଲ ପାଠ ପଢ଼ି ବିଦ୍ୟାଳୟର ଗୌରବ ରଖ'

**ଖୋର୍ଦ୍ଧା ଅଫିସ, ୧୭।୩**

ଖୋର୍ଦ୍ଧା ବ୍ଲକ ମଲିପଡ଼ା ନୋଡାଲ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶିକ୍ଷକ ମହାସଂଘର କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ବିଶ୍ୱାଳ ମୁଖ୍ୟ ଅତିଥି, ସମିତିସଭ୍ୟା ସସ୍ମିତା ମହାପାତ୍ର, ମୋ ବିଦ୍ୟାଳୟ କମିଟି ସଭାପତି ପ୍ରମୋଦ କୁମାର ପ୍ରତାପସିଂହ, ପରିଚାଳନା କମିଟି ସଭାପତି କେ. ରାଉତ, ଖବରଦାତା ଗୋପାଳକୃଷ୍ଣ ପ୍ରଧାନ, ଉମେଶ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ରଜନୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭଲ ମଣିଷ ହୋଇ ବିଦ୍ୟାଳୟର ନାମ ରଖିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସିନିୟର, ଜୁନିୟର ଓ ସବ୍‌ଜୁନିୟର୍ ୪୦ ବିଭାଗର ୧୭୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଚଳିତ ବର୍ଷ ସୁନାଝିଅ ପ୍ରତିଯୋଗିତାରେ ଦେବସ୍ମିତା ବାରିକ, ମନୀଷା ସେଠୀ ପୁରସ୍କୃତ ହୋଇଥିବା ବେଳେ ମନସ୍ୱିନୀ ମହାପାତ୍ରଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବେ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଛି। ଶିକ୍ଷୟିତ୍ରୀ ମନୋରମା ହାତୀ ଓ ନମିତା ମଙ୍ଗରାଜ ସଂଯୋଜନା ଏବଂ ରୀତାରାଣୀ ଦେବୀ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ର ଦଳଗତ ନୃତ୍ୟ ପରିବେଷଣ କରିଥିଲେ।



ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରଶିକ୍ଷଣ କର୍ମଶାଳାରେ ଯୋଗଦେଇଥିବା ୱାର୍ଡ ସଭ୍ୟାସଭ୍ୟମାନେ।

## ଏକାଠି ହେଲେ ୧୫ ମୌଜାର ଠାକୁର

**ଖୋର୍ଦ୍ଧା ଅଫିସ, ୧୭।୩**

ଦୋଳଯାତ୍ରା ପରମ୍ପରା ମଧରେ ଅନ୍ୟତମ ହେଉଛି ଖୋର୍ଦ୍ଧା ବ୍ଲକ ଗୋଲବାଇ ଦଶଦୋଳ ଯାତ୍ରା। ଚୈତ୍ରମାସ କୃଷ୍ଣପକ୍ଷ ଦଶମୀ ତିଥି ରାତିରେ ରୀତିନୀତି ଅନୁଯାୟୀ ଗ୍ରାମର ଅଧିଷ୍ଠାତ୍ରୀ ମା' ଭଗବତୀ ସ୍ୱମନ୍ଦିରରୁ ସୁଜ୍ଜିତ ବିମାନରେ ବିଜେ ହୋଇ ଶୋଭାଯାତ୍ରାରେ ବାହାରିଥାନ୍ତି। ଏହି ସମୟରେ ପାରମ୍ପରିକ ବାଦ୍ୟଯନ୍ତ୍ର, ହୁଳହୁଳି, ଶଙ୍ଖନାଦ ସହ ମା'ଙ୍କ ଜୟ ଜୟକାରରେ ଗାଁଦାଣ୍ଡରେ ସୃଷ୍ଟି ହୋଇଥାଏ ଆଧାତ୍ମିକ ପରିବେଶ। ଶୁକ୍ରବାର ବିଳମ୍ବିତ ରାତିରେ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ବିରାଟ ପଟୁଆରରେ ଥାନପତି ମା' ଭଗବତୀ ସୁସଜ୍ଜିତ ବିମାନରେ ବିଜେ କରିଥିଲେ। ଆୟୋଜକ କମିଟି ପକ୍ଷରୁ ନିମନ୍ତ୍ରିତ ପାଇ ୧୫ଟି ମୌଜାରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଦେବଦେବୀ ବିମାନରେ ଆସି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଦଶମୀଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ଏହି ଦୋଳଯାତ୍ରା ଆୟୋଜନ ହୋଇଥାଏ। ମେଳଣ ପଡ଼ିଆରେ ମୀନାବଜାର ସହ ଘରକରଣା ସାମଗ୍ରୀ ପସରା ପଡ଼ିଛି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ୍ ହେବା ସହ କିଣାକିଣି, ଫାଷ୍ଟଫୁଡ୍, ବୁଲାବୁଲିର ମଜା ନେଇଥାନ୍ତି। ଏକ ଭାଇଚାରା ବାର୍ତ୍ତା ବହନ କରେ ଗୋଲବାଇ ଦୋଳ ମେଳଣ। ସନ୍ଧ୍ୟାରେ ନାମ ସଂକୀର୍ତ୍ତନରେ ପଡ଼ିଆ ପ୍ରକମ୍ପିତ ହୋଇଥାଏ। ସନ୍ଧ୍ୟା ଆଳତି ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥାଏ। ମେଳଣର ଶେଷ ଦିବସରେ ଭଗବତୀଙ୍କ ସହ ଚତୁଃପାର୍ଶ୍ୱରେ ବିମାନ ରୂଢ଼ ସମସ୍ତ ଠାକୁର ଏକାଠି ହୋଇଥାନ୍ତି। ଶ୍ରଦ୍ଧାଳୁମାନେ ଫଗୁ ଠାକୁରଙ୍କ ନିକଟରେ ଅର୍ପଣ କରି ପରସ୍ପରକୁ ଶୁଭେଚ୍ଛା ଜଣାଇଥାନ୍ତି। ପରେ ନିମନ୍ତ୍ରିତ ଠାକୁରମାନେ ବିମାନରେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥା'ନ୍ତି। ସଂସ୍କୃତି ଗବେଷକ ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ କୁହନ୍ତି, ପରମ୍ପରା ଅନୁସାରେ ଦଶଦୋଳ ଯାତ୍ରାର ଥାନପତି ହେଉଛନ୍ତି ମହାପ୍ରଭୁ ନୃସିଂହନାଥ। ଏହି ପଞ୍ଚାୟତ ଅଧୀନ ପ୍ରସିଦ୍ଧ ଗଙ୍ଗା ପାହାଡ଼ରେ ଅନୁଷ୍ଠିତ ହେଉଥିଲା। ସମୟକ୍ରମେ କୌଣସି କାରଣବଶତଃ ମା' ଭଗବତୀ ଥାନପତି ଭାବେ ବିଜେ କରିଆସୁଛନ୍ତି। ତେବେ ଏହି ପରମ୍ପରା ବହୁ ପ୍ରାଚୀନ। ସମୟକ୍ରମେ ଏହାର ବ୍ୟାପକତା ବୃଦ୍ଧି ପାଇବା ସହ ଏହାର ପରାମ୍ପରା ଉଜ୍ଜୀବିତ ରହିଛି। ଯାତ୍ରାର ସୁପରିଚାଳନା ନିମନ୍ତେ ଦଶଦୋଳ ଯାତ୍ରା କମିଟି ରହିଛି।

## ମାର୍କଣ୍ଡେୟ ପୁଷ୍କରିଣୀ ପରିସରରୁ ହରିଣ ଉଦ୍ଧାର

**ପୁରୀ ଅଫିସ, ୧୭।୩**

ମାର୍କଣ୍ଡେୟ ପୁଷ୍କରିଣୀ ପରିସରରୁ ଏକ ଅଣ୍ଡିରା ହରିଣକୁ ବନ ବିଭାଗ ଉଦ୍ଧାର କରିଛି। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ଗୋଟିଏ ହରିଣ ମାର୍କଣ୍ଡେୟ ପୁଷ୍କରିଣୀ ପରିସରରେ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ବର୍ତ୍ତମାନ ମାର୍କଣ୍ଡେୟ ପୁଷ୍କରଣୀର ପାଣି ଶୁଖାଯାଇ ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ହରିଣଟି ଏହି ପୁଷ୍କରଣୀ ପରିସରରେ ବୁଲୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ହରିଣଟିକୁ ଉଦ୍ଧାର କରି ବାଲୁଖଣ୍ଡ ଅଭୟାରଣ୍ୟରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ଖାଦ୍ୟ ଅନ୍ୱେଷଣରେ ହରିଣଟି ଜନ ବସତି ଆଡ଼କୁ ଆସିବା ସହ ମାର୍କଣ୍ଡେୟ ପୁଷ୍କରିଣୀକୁ ଚାଲି ଆସିଥିବା ଅନୁମାନ କରାଯାଉଛି।

## ଆତ୍ମତୃପ୍ତି ମିଳିଛି, ସମ୍ପର୍କ ଯୋଡୁଛି

**ଖୋର୍ଦ୍ଧା ଅଫିସ, ୧୭।୩**

ଖୋର୍ଦ୍ଧା ଶ୍ରୀରାମନଗରର ଦୀପକ ସାମନ୍ତରାୟ(୩୬)। ସେ ଏକ ଘରୋଇ କମ୍ପାନୀରେ କାମ କରିବା ସହ ପ୍ରଥମକରି ଖବରକାଗଜ ବାଣ୍ଟିବା ଆରମ୍ଭ କରିଥିଲେ। ପ୍ରଥମେ ୫୦ ଖଣ୍ଡ ଖବରକାଗଜ ବିକ୍ରି ଆରମ୍ଭ କରିଥିବା ବେଳେ ୫ଶହରେ ପହଞ୍ଚିଛି। ତେବେ କରୋନା ପରଠାରୁ ୩ ଶହ ଖବରକାଗଜ ବିକ୍ରି କରୁଛନ୍ତି। ଦୁଇ ପୁଅ, ସ୍ତ୍ରୀ, ମା'ବାପାଙ୍କୁ ନେଇ ତାଙ୍କ ପରିବାର। ବଡ଼ପୁଅ ୯ମ ଶ୍ରେଣୀରେ ପଢୁଥିବା ବେଳେ ସାନ ୪ର୍ଥରେ ଅଧ୍ୟୟନ କରୁଛି। ଦୁଇ ପୁଅଙ୍କୁ ପାଠ ପଢ଼ାଇ ଭଲ ମଣିଷ କରାଇବାର ସ୍ୱପ୍ନ ଦେଖିଛନ୍ତି ଦୀପକ। ଭୋର୍ ୫ଟାରୁ ଉଠି ଦୀପକ ନିତ୍ୟକର୍ମ ସାରି ସାଇକେଲ ଧରି ପେପର ପଏଣ୍ଟରେ ପହଞ୍ଚିଯାଆନ୍ତି। ସେଠାରୁ ଖବରକାଗଜ ସଂଗ୍ରହ ପରେ ନିଜ ଗନ୍ତବ୍ୟପଥରେ ଆଗେଇ ଚାଲନ୍ତି। ଖୋର୍ଦ୍ଧା ପୁରୁଣା ବସ୍‌ଷ୍ଟାଣ୍ଡ, ମେଡିକାଲ, ଶ୍ରୀରାମନଗର, ଷ୍ଟେଟ୍‌ବ୍ୟାଙ୍କ ଛକ, ନୂଆ ବସ୍‌ଷ୍ଟାଣ୍ଡ, ଟିଏଲ୍‌ସି ରୋଡ୍ ସମେତ ବିଭିନ୍ନ କମ୍ପାନୀ ଏବଂ ଅଫିସ୍ ନିକଟରେ ସେ ଖବରକାଗଜ ପହଞ୍ଚାଇଥାନ୍ତି। ସକାଳ ୬ରୁ ୯ ପର୍ଯ୍ୟନ୍ତ ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାଇଥାନ୍ତି। ସକାଳେ ଖବରକାଗଜ ବିକ୍ରି ସରିବା ପରେ ଘର ପେଣ୍ଟିଂ କାମ ମଧ କରନ୍ତି। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପରିଶ୍ରମ ପରେ ମଧ ସେ ଥକି ନ ପଡ଼ି ଆସନ୍ତାକାଲି ପାଇଁ ନିଜକୁ ପ୍ରସ୍ତୁତ କରିଥାନ୍ତି।

ଏନେଇ ଦୀପକ କୁହନ୍ତି, ସକାଳେ ଚାହା କପ୍ ସହ ଖବରକାଗଜ ପଢ଼ିବା ପ୍ରତି ଲୋକଙ୍କ ରୁଚି ରହିଥାଏ। ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚିଗଲେ, ସେମାନଙ୍କ ଆନନ୍ଦର ସୀମା ରହି ନ ଥାଏ। ଯେଉଁଦିନ ପେପର ପହଞ୍ଚିବାରେ ବିଳମ୍ବ ହୋଇଥାଏ, ଲୋକେ ଘର ସମ୍ମୁଖରେ ଅପେକ୍ଷା କରିଥାନ୍ତି। ଆଜି ଏତେ ବିଳମ୍ବ ବୋଲି ପଚାରିବା ସହ କେହି ଭାବର ଆଦାନପ୍ରଦାନ କରିଥାନ୍ତି। ଗତ କିଛିମାସ ତଳେ ପେପର ଦେବା ଲାଗି ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହେବା ସହ ତାଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ଏଥିଲାଗି ଡାକ୍ତର ତାଙ୍କୁ ତିନିମାସ ବିଶ୍ରାମ ନେବାକୁ ପରାମର୍ଶ ଦେଇଥିଲେ। ତେବେ ଜୀବନ ସଂଗ୍ରାମରେ ହାରି ନ ଯାଇ ବଡ଼ପୁଅ ଓ ସହଯୋଗୀଙ୍କ ସହାୟତାରେ ଲୁନାରେ ବସି ପେପର ପହଞ୍ଚାଇବା ଜାରି ରଖିଥିଲେ। କରୋନା ସଂକ୍ରମଣ ଭୟରେ ଲୋକେ ପେପର ନେବା ବନ୍ଦ କରିଦେଇଥିଲେ। ଏବେ ସ୍ଥିତି ସ୍ୱାଭାବିକ ହେବା ପରେ ଲୋକଙ୍କ ମାନସିକ ସ୍ଥିତିରେ ପରିବର୍ତ୍ତନ ଆସିଛି। ପେପର ବନ୍ଦ କରିଦେଇଥିବା ଲୋକେ ପୁଣି ନେଉଛନ୍ତି।


ଦୀପକ ସାମନ୍ତରାୟ

## ଏଏପି କର୍ମୀ ସମ୍ମିଳନୀ

**ବୋଲଗଡ଼, ୧୭।୩(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡ଼କୁମାରୀ ପଞ୍ଚାୟତ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପ ପରିସରରେ ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଏପି ଖୋର୍ଦ୍ଧା ଜଲା ସଭାପତି ଶୁଭାଶିଷ ସ୍ୱାଇଁ, ସାଙ୍ଗଠନିକ ସମ୍ପାଦକ ପ୍ରମୋଦ ନନ୍ଦ, ସ୍ଥାନୀୟ ନିର୍ବାଚନମଣ୍ଡଳୀ ଏଏପିର ସଭାପତି କଳ୍ପତରୁ ପଣ୍ଡା ଯୋଗଦେଇଥିଲେ। ୧୧ ପଞ୍ଚାୟତରୁ ଆସିଥିବା କର୍ମୀମାନେ ପ୍ରଥମେ ଦେଶ ତଥା ବିଦେଶରେ ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଦିଲ୍ଲୀର ପୂର୍ବତନ ଶିକ୍ଷାମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଗିରଫର ନିନ୍ଦା କରାଯିବା ସହିତ ସ୍ଥାନୀୟ ବିଧାନସଭା କ୍ଷେତ୍ରର ବିପର୍ଯ୍ୟସ୍ତ ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ସୁଧାର ଆଣିବା ପାଇଁ ଏଏପି ହିଁ ସମର୍ଥ। ଏହି ବାର୍ତ୍ତା ତୃଣମୂଳସ୍ତରରେ ପ୍ରତି ଭୋଟର ନିକଟରେ ପହଞ୍ଚାଇବାର ସଙ୍କଳ୍ପ କର୍ମୀମାନେ ନେଇଥିଲେ। ସମ୍ମିଳନୀରେ କୈମୁର୍ ଖାନ୍, କିଶୋର ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ମହାପାତ୍ର, ଚିତ୍ତରଞ୍ଜନ ଆଚାର୍ଯ୍ୟ, କେଦାର ସାହୁ, କବିରାଜ ଗୋଚ୍ଛିଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।


କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ଏଏପି କର୍ମକର୍ତ୍ତା।

## ମହାବୀର କପ୍ କ୍ରିକେଟ: ବ୍ରାହ୍ମଣଦେଓ ଚାମ୍ପିୟନ

**କୃଷ୍ଣପ୍ରସାଦ, ୧୭।୩(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଭାଗବତ ଦେବ ସାଂସ୍କୃତିକ ଯୁବକ ସଂଘ ଏବଂ ଜେବିଏସ୍ ଆକ୍ୟୁଆଟିକ୍‌ର ମିଳିତ ଆନୁକୂଲ୍ୟରେ ଉଦୟନାଥ ଷ୍ଟାଡିୟମଠାରେ ଚାଲିଥିବା ଜିଲାସ୍ତରୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟରେ ବ୍ରାହ୍ମଣଦେଓ ଟିମ୍ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ମା' ଚାମୁଣ୍ଡା କ୍ରିକେଟ ଟିମ୍ ବ୍ରାହ୍ମଣଦେଓ ଏବଂ ଗଞ୍ଜାମ ଜିଲାର ମା' ଚିଲିକା ରାଣୀ ସ୍ପୋର୍ଟିଂ କ୍ଲବ ରମ୍ଭା ମଧରେ ହୋଇଥିଲା। ବ୍ରାହ୍ମଣଦେଓ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୨୦୨ ରନ୍ ସଂଗ୍ରହ କରିଥିଲା। ଜବାବରେ ରମ୍ଭା ଟିମ୍ ଆବଶ୍ୟକ ରନ୍ ସଂଗ୍ରହ କରି ନ ପାରି ପରାଜିତ ହୋଇଥିଲା। ସୁନୀଲ କୁମାର ଜେନା, ସୁରେନ୍ଦ୍ର ନାଥ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ପବିତ୍ର କୁମାର ଜେନା ଓ ମହେନ୍ଦ୍ର କୁମାର ଜେନା ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ଅଜୟ କୁମାର ପ୍ରଧାନ, ସୀମାଞ୍ଚଳ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାଜପା ନେତ୍ରୀ ଉପାସନା ମହାପାତ୍ର, ଜେବିଏସ୍ ଆକ୍ୟୁଆଟିକ୍ ମୁଖ୍ୟ ପରିଚାଳକ ବାଲୁଙ୍କେଶ୍ୱର ବିଶ୍ୱାଳ, ସମାଜସେବୀ ଦାମୋଦର ଜେନା, ଉତ୍ତମ କୁମାର ତରେଇ, ରାମଚନ୍ଦ୍ର ସେଠୀ, ଅଶୋକ କୁମାର ବିଶ୍ୱାଳ, ଦୁଷ୍ମନ୍ତ କୁମାର ନାୟକ, ବିଷ୍ଣୁ ପ୍ରସାଦ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଯୁବକ ସଂଘର କାହ୍ନୁଚରଣ ଜେନା ମଞ୍ଚ ପରିଚାଳନା କରିଥିଲେ। ସଂଗ୍ରାମ ଜେନା, ଦଣ୍ଡପାଣି ଜେନା, ଧୁଶାସନ ତରେଇ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

# ଆକର୍ଷଣ ସାଜିଲା ୨୦୦ରୁ ଊର୍ଦ୍ଧ୍ୱ ସୁସଜ୍ଜିତ ବିମାନ

**ସାକ୍ଷୀଗୋପାଳ, ୧୭।୩ (ସ୍ୱ.ପ୍ର./ ଡି.ଏନ୍.ଏ.)**

ପୁରୀ ଜିଲାର ପ୍ରସିଦ୍ଧ ଶୁକଳ ମେଳଣ ବେଶ୍ ମହାସମାରୋହରେ ପାଳିତ ହେଉଛି। ତେବେ ମେଳଣରେ ମୁଖ୍ୟ ଆକର୍ଷଣ ସାଜିଥିଲା ବିଭିନ୍ନ ବ୍ଲକରୁ ଠାକୁରଙ୍କ ନେଇ ଆସିଥିବା ୨୦୦ରୁ ଊର୍ଦ୍ଧ୍ୱ ସୁସଜ୍ଜିତ ଦୋଳବିମାନ। ବିମାନରେ ପ୍ରତ୍ୟେକ ଗ୍ରାମର ଆରାଧ୍ୟ ଠାକୁର ଓ ଠାକୁରାଣୀ ଥିବାବେଳେ ମେଳଣ ପଡ଼ିଆରେ ବିରାଜମାନ କରିଥିଲେ। ଏହାର ଥାନାପତି ଭାବେ ତୃତୀୟା ଦେବ ଜଗନ୍ନାଥ ବିରାଜମାନ କରିଛନ୍ତି। ଥାନପତି ତୃତୀୟା ଦେବ ପ୍ରଭୁ ଶ୍ରୀଜଗନ୍ନାଥ ଖୋର୍ଦ୍ଧାର ରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ସମୟରେ ପ୍ରତିଷ୍ଠା ହୋଇଥିଲେ।

ପ୍ରଥମେ ମେଳଣ ପଡ଼ିଆରେ ତୃତୀୟା ଦେବ ଜଗନ୍ନାଥଙ୍କ ବିରାଜମାନ ପରେ ଶୁକଳ ନିକଟସ୍ଥ ମାର୍କଣ୍ଡ ପଡାର ହରଶିବ ଶ୍ରୀ ନୀଳକଣ୍ଠେଶର ଦେବ ଠାକୁର ବିରାଜମାନ କରିଥିଲେ। ଏହାପରେ ସତ୍ୟବାଦୀ, ବ୍ରହ୍ମଗିରି, ପୁରୀ ସଦର, କଣାସ ଓ ଡେଲାଙ୍ଗ ବ୍ଲକର ବିଭିନ୍ନ ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ସୁସଜ୍ଜିତ ବିମାନରେ ଠାକୁରଙ୍କ ସହ ବିରାଜମାନ କରିଥିଲେ। ଏହି ମେଳଣର ମୁଖ୍ୟ ପୃଷ୍ଠପୋଷକ ଥିଲେ ତତ୍କାଳୀନ ଏମାର ମଠ ମହନ୍ତ ଗଦାଧର ରାମାନୁଜ ଦାସ ମହାରାଜ। ଏଠାରେ ଏମାର ମଠର ଏକ ଖମାର ମଠ ଥିଲା। ମେଳଣଟି ଦଶଦୋଳ ହୋଇଥିବାରୁ ଏହା ଦୋଳ ପୂର୍ଣ୍ଣିମା ପରେ



ଶୁକଳ ମେଳଣ ପଡ଼ିଆରେ ଠାକୁରଙ୍କ ସୁସଜ୍ଜିତ ଦୋଳ ବିମାନ।

## ଶୁକଳ ମେଳଣ

ନବମୀ ଦଶମୀ ଏକାଦଶୀ ୩ ଦିନ ଧରି ଅନୁଷ୍ଠିତ ହୋଇଥାଏ। ଏହି ମେଳଣରେ ଗ୍ରାମାଞ୍ଚଳର ଗୃହ ଉପକରଣ ବିକ୍ରି ବଟା ସହ କୃଷି ଉପକରଣ ବିକ୍ରି ହୋଇଥିଲା। ମନୋରଞ୍ଜନ ପାଇଁ ସ୍ଥାନୀୟ ଯାତ୍ରା କମିଟି ଦ୍ୱାରା ପ୍ରତିଷ୍ଠିତ ଯାତ୍ରା ପାର୍ଟିଙ୍କୁ ନେଇ ଯାତ୍ରା ପରିବେଷଣ କରାଯିବା ସହ ରାମଲୀଳା ମଧ୍ୟ ହୋଇଥିଲା। ଏହି ମେଳଣ ଦେଖିବା ପାଇଁ ବିଭିନ୍ନ ବ୍ଲକରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଆଜି ସାଗରସ୍ନାନ ମେଳଣର ଜମାଣ ଉତ୍ସବ

## ଫଗୁ ଖେଳି ଆସିବେ ଗୋପାଳଜୀଉ

**ଗୋପ, ୧୭।୩ (ଡି.ଏନ୍.ଏ.)**

ବ୍ରିଟିଶ ଅମଳରୁ ଅର୍ଥାତ ୧୮୦୬ ମସିହାରୁ ହିନ୍ଦୁ ଓ ମୁସଲମାନ ଭାଇଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନା କରିବା ଉଦ୍ଦେଶ୍ୟରେ ଗୋପ ଅଞ୍ଚଳରେ ପାଳିତ ହୋଇଆସୁଛି ଅତି ପୁରାତନ ଭାଇଚାରା ମେଳଣ ସାଗର ସ୍ନାନ ମେଳଣ। ଏହି ମେଳଣର ଜମାଣ ଉତ୍ସବ ଶନିବାର ସନ୍ଧ୍ୟାରେ ଆରମ୍ଭ ହେବ। ମେଳଣର ଥାନପତି କୁହାଯାଉଥିବା ପ୍ରଭୁ ଗୋପାଳଜୀଉ ଫଗୁ ଖେଳି ଆସ୍ଥାନକୁ ଆସିବେ ବୋଲି ଜଣାପଡିଛି। ପରେ ବାହାରେ ଅପେକ୍ଷାରତ ଅନ୍ୟାନ୍ୟ ଠାକୁର ରୀତିନୀତି ଶେଷ ହେବା ପରେ ଆସ୍ଥାନରେ ବସିବେ। ଏହି ଜମାଣ କାର୍ଯ୍ୟକ୍ରମ ଶନିବାର ଆରମ୍ଭ ହୋଇ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ଏହି ମେଳଣ ଦେଖିବା ପାଇଁ ଆଖପାଖ ଗ୍ରାମର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ଲୋକକଥା ଅନୁଯାୟୀ, ୧୮୦୬ ମସିହାରେ ଗୋପ ଥାନା ହାଜତରେ ପ୍ରଭୁ ଗୋପାଳଜୀଉ ବନ୍ଧା ହୋଇ ରହିଥିଲେ। ସେ ସମୟରେ ଥାନା ଦାୟିତ୍ୱରେ ଥିବା ମୁସଲମାନ ସମ୍ପ୍ରଦାୟର ଦାରୁଗା ବାବୁଙ୍କୁ ଗୋପାଳଜୀଉ ସ୍ୱପ୍ନାଦେଶ କରି ମୋତେ ହାଜତରୁ ବାହାର କରି ଗୋପରେ ଭାଇଚାରା ସୃଷ୍ଟି କରି କୁଶଭଦ୍ରା ନଦୀ କୂଳରେ ମେଳଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ମୁଁ ଆତସବାଜି ଦେଖିବା ପାଇଁ ଇଚ୍ଛା କରୁଛି ବୋଲି କହିବାରୁ ଆତସବାଜି ମଧ୍ୟ କରାଯାଇଥିଲା। କିନ୍ତୁ ଏହି ହିନ୍ଦୁ ମୁସଲମାନ ମେଳଣ କୁହାଯାଉଥିବା ଆତସବାଜି ସମୟରେ ପ୍ରଭୁ ଗୋପାଳଜୀଉଙ୍କ ଦୋଳ ବିମାନ ଉପରେ ବାଣ ପଡ଼ି ବିମାନ ଜଳି ଯାଇଥିବା ବେଳେ ପ୍ରଭୁ ଗୋପାଳଜୀଉଙ୍କ ଗୋଟିଏ ଆଖି କଣା ହୋଇଯାଇଥିଲା। ସେହିଦିନଠାରୁ ମଧ୍ୟ ପ୍ରଭୁ ଗୋପାଳଜୀଉଙ୍କୁ କଣା ଗୋପାଳଜୀଉ ବୋଲି ଶ୍ରଦ୍ଧାଳୁମାନେ କୁହନ୍ତି। କାହିଁ କେଉଁ କାଳରୁ ଏହି ପରମ୍ପରା ଓ ଭାଇଚାରାର ମେଳଣ ଅନୁଷ୍ଠିତ ହୋଇଆସୁଛି। ପୂର୍ବରୁ ଏହି ହିନ୍ଦୁ ମୁସଲମାନ ଭାଇଚା ର ମେଳଣ ମାସ ମାସ ଧରି ଚାଲୁଥିବା ବେଳେ ଏହି ମେଳଣରୁ ବିବାହ ବ୍ରତ ସହିତ ଅନ୍ୟାନ୍ୟ କାର୍ଯ୍ୟ ଲାଗି ଲୋକମାନେ ବର୍ଷକ ଲାଗି ଘରକରଣା ସାମଗ୍ରୀ କିଣି ନେଉଥିଲେ। ଏବେ କିନ୍ତୁ ଏହି ମେଳଣ ୭ଦିନ ଧରି ଚାଲୁଛି। ଏହି ମେଳଣକୁ ଶତାଧିକ ଦୋଳ ବିମାନରେ ଠାକୁର ରୀତିନୀତି ଅନୁସାରେ ଆସିଥାନ୍ତି।

## ସଂକ୍ଷେପରେ

### ମାର୍କଣ୍ଡେୟ ପୁଷ୍କରିଣୀ ପରିସରରୁ ହରିଣ ଉଦ୍ଧାର

ପୁରୀ ଅଫିସ, ୧୭।୩: ମାର୍କଣ୍ଡେୟ ପୁଷ୍କରିଣୀ ପରିସରରୁ ଏକ ଅଣ୍ଡିରା ହରିଣକୁ ବନ ବିଭାଗ ଉଦ୍ଧାର କରିଛି। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ଗୋଟିଏ ହରିଣ ମାର୍କଣ୍ଡେୟ ପୁଷ୍କରିଣୀ ପରିସରରେ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ବର୍ତ୍ତମାନ ମାର୍କଣ୍ଡେୟ ପୁଷ୍କରଣୀର ପାଣି ଶୁଖାଯାଇ ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ହରିଣଟି ଏହି ପୁଷ୍କରଣୀ ପରିସରରେ ବୁଲୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ହରିଣଟିକୁ ଉଦ୍ଧାର କରି ବାଲୁଖଣ୍ଡ ଅଭୟାରଣ୍ୟରେ ଛାଡ଼ି ଦେଇଥିବା ଜଣାପଡିଛି। ଖାଦ୍ୟ ଅନ୍ୱେଷଣରେ ହରିଣଟି ମାର୍କଣ୍ଡେୟ ପୁଷ୍କରିଣୀ ପରିସରକୁ ଚାଲି ଆସିଥିବା ଅନୁମାନ କରାଯାଉଛି।

### ମହିଳାଙ୍କୁ ସଶକ୍ତ କରିବାକୁ ଆହ୍ୱାନ

ଜିଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ମହିଳା ସମାବେଶ

ପୁରୀ ଅଫିସ,୧୭।୩ - ୧୦୭ତମ ବିଜୁ ଜୟନ୍ତୀ ଅବସରରେ ପୁରୀ ଜିଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ମହିଳା ସମାବେଶ ଶୁକ୍ରବାର ଜିଲା ବିଜେଡି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ପୂର୍ବତନ ନଗରପାଳ ତଥା ଜିଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଶାନ୍ତିଲତା ପ୍ରଧାନଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ବିଜୁ ଜନତା ଦଳ ସଭାପତି ମହେଶ୍ୱର ମହାନ୍ତି ସମାବେଶରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନଗର ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ବିନୋଦିନୀ ଦାସ, ନଗର ବିଜୁ ଜନତା ଦଳ ସଭାପତି ସବ୍ୟସାଚୀ ମହାପାତ୍ର, ପୂର୍ବତନ ପୌର ସଦସ୍ୟ ବଳରାମ ରେଡ୍ଡି, ଭକ୍ତଚରଣ ଦାସ, କୃଷ୍ଣଚନ୍ଦ୍ର ପଣ୍ଡା, ନାରାୟଣ ପଟ୍ଟନାୟକ, ରାଜ୍ୟ ମହିଳା ନେତ୍ରୀ ପୁଷ୍ପାଞ୍ଜଳି ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଅଭିଭାଷଣରେ ମହିଳାଙ୍କୁ ସଶକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପୁରୀ ପୌରସଂସ୍ଥା ଅନ୍ତର୍ଗତ ବିଭିନ୍ନ ୱାର୍ଡ ଓ ପୁରୀ ସଦରର କେତେଜଣ ମହିଳା କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଆନ୍ତଃ ଜିଲା ସିପକ୍ ଟାକ୍ରର ମ୍ୟାଚ୍ ଉଦ୍ଯାପିତ

ପୁରୀ ଅଫିସ, ୧୭।୩: ତାଳବଣିଆ ଷ୍ଟାଡିୟମରେ ଆୟୋଜିତ ଆନ୍ତଃ ଜିଲା ସିପକ୍ ଟାକ୍ରର ମ୍ୟାଚ ଉଦ୍ଯାପିତ ହୋଇଯାଇଛି। ମୋଟ ୩୮ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ପୁରୁଷ ବର୍ଗରେ ୮ ଓ ମହିଳା ବର୍ଗରେ ୫ ଟିମ୍ ଭାଗ ନେଇଥିଲେ। ପୁରୁଷ ବର୍ଗରେ କଟକ, କିସ୍, ସୁନ୍ଦରଗଡ଼, ଗଜପତି, ରାୟଗଡ଼ା, ଭଦ୍ରକ, ଜଗତସିଂପୁର ଓ ପୁରୀ ଦଳ ଅଂଶଗ୍ରହଣ କରିଥିଲେ। ସେହିପରି ମହିଳା ବର୍ଗରେ କିସ୍, ଭଦ୍ରକ, ଜଗତସିଂହପୁର, କଟକ ସହର ଓ କଟକ ଜିଲା ଭାଗନେଇଥିଲେ। ପୁରୁଷ ବର୍ଗରେ ରାୟଗଡ଼ା ଜିଲା ଏବଂ ମହିଳା ବିଭାଗରେ କିସ୍ ଟିମ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥି ଭାବେ ହାଇଟେକ୍ ଗ୍ରୁପ୍ ଅଧକ୍ଷ ତିରୁପତି ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଜିଲା ଜୀବନ ବିନ୍ଦୁ ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ପୃଥ୍ୱୀରାଜ ସାହୁ, ସଞ୍ଜୟ କୁମାର ନାୟକ, ଦେବ ପ୍ରସାଦ ମିଶ୍ର, ସମ୍ପାଦକ ରାମଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାକୁ ସ୍ୱରୂପ କୁମାର ସେନାପତି, କୃଷ୍ଣଚନ୍ଦ୍ର ପଣ୍ଡା ଏବଂ ପ୍ରକାଶ ଚନ୍ଦ୍ର ବାରିକ ପ୍ରମୁଖ ପରିଚାଳନା କରିଥିଲେ।




ପୁରୀ ବିଜେଡି କାର୍ଯ୍ୟାଳୟରେ ଜିଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ଆୟୋଜିତ ମହିଳା ସମାବେଶରେ ମଞ୍ଚାସୀନ ବରିଷ୍ଠ କର୍ମକର୍ତ୍ତାମାନେ ।

# ଚାକିରି ଦେବା ନାଁରେ ୪ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ

## ପୋଷ୍ଟମ୍ୟାନ୍‌ଙ୍କ ସମେତ ୨ ଗିରଫ

**ବ୍ରହ୍ମଗିରି, ୧୭।୩ (ଡି.ଏନ୍.ଏ.)**

ପୁରୀର ଏକ ମେଡିକାଲ କଲେଜରେ ଚାକିରି କରାଇଦେବାକୁ କହି ୪ଜଣଙ୍କଠାରୁ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଇଥିବା ଅଭିଯୋଗରେ ବ୍ରହ୍ମଗିରି ଥାନା ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଖଜୁରିଆ ପୋଷ୍ଟ ଅଫିସରେ କାର୍ଯ୍ୟରତ ପୋଷ୍ଟମେନ୍ କାର୍ତ୍ତିକ ସେଠୀ ଓ ତାଙ୍କ ସହଯୋଗୀ ନଡ଼େଇଘଣାର ବଟକୃଷ୍ଣ ଭୋଇ। ଏ ନେଇ ପୋଲିସ ଏକ ମାମଲା (ନଂ.୫୬/୨୩) ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅଞ୍ଚଳର ସବୁଜ ପ୍ରସାଦ ପ୍ରଧାନଙ୍କୁ ପୁରୀର





ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ଡାଟା ଏଣ୍ଟ୍ରି ଅପେରଟର ଭାବେ ରଖିଦେବାକୁ କହି କାର୍ତ୍ତିକ ୪୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନେଇଥିଲେ। କିନ୍ତୁ କିଛିଦିନ ପରେ ଚାକିରି ଦେବା ତ ଦୂରର କଥା ଟଙ୍କା ମଧ୍ୟ ଫେରାଇ ନ ଥିଲେ। ଫଳରେ ସବୁଜ ଠକେଇର ଶିକାର ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ କରି କାର୍ତ୍ତିକଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲେ। ହେଲେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ପୋଲିସ ନିକଟରେ କାର୍ତ୍ତିକଙ୍କ ନାମରେ ବିଭିନ୍ନ ଥାନାରେ ୧୦ରୁ ଊର୍ଦ୍ଧ୍ୱ ଅଭିଯୋଗ ରହିଥିବା ଜଣାପଡ଼ିଥିଲା। ଏପରିକି କାର୍ତ୍ତିକଙ୍କ ସହ ତାଙ୍କର ଜଣେ ସହଯୋଗୀ ବଟକୃଷ୍ଣ ମଧ୍ୟ ଥିବା ଜଣାପଡ଼ିବା ସହ ଦୁହେଁ ମିଶି ଲୋକଙ୍କୁ ଚାକିରି ଆଶା ଦେଖା ଟଙ୍କା ଠକେଇ କରୁଥିବା ଜଣାପଡ଼ିଥିଲା। ବଟକୃଷ୍ଣ ନିଜକୁ ପୁରୀ ସିଡିଏମଓଙ୍କ ପିଅନ ଥିବା ଲୋକଙ୍କୁ ପରିଚୟ ଦେଇ ବିଭିନ୍ନ ଚାକିରି କରାଇ ଦେବାକୁ କହି ବ୍ରହ୍ମଗିରି ଅଞ୍ଚଳର ସନ୍ତୋଷିନୀ ପ୍ରଧାନ, ବନ୍ଧମୁଣ୍ଡାର ସରସ୍ୱତୀ ସାହୁ ଭଳି ୪ଜଣଙ୍କଠାରୁ ପ୍ରାୟ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଇ ଯାଇଥିବା ଅଭିଯୋଗ ହୋଇଥିଲା।

# ଘର ଭଡ଼ା ମାଗିବାରୁ ମାଲିକଙ୍କୁ ବ୍ଲାକ୍‌ମେଲ୍: ଦମ୍ପତି ଗିରଫ

**ଭୁବନେଶ୍ୱର, ୧୭।୩ (ବ୍ୟୁରୋ) :**

ଭଡ଼ା ମାଗିବାରୁ ଘର ମାଲିକଙ୍କୁ ବ୍ଲାକ୍‌ମେଲ କରିବା ସହ ନକଲି କାଗଜପତ୍ର ଜରିଆରେ ତାଙ୍କ ଘର ହାତେଇବାକୁ ଉଦ୍ୟମ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଏକ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ଅଞ୍ଚଳରେ ରହୁଥିବା ସନ୍ଦୀପ ପ୍ରସାଦ ଓ ସୋନାଟା ଦାସ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅଭିଯୋଗ ଅନୁସାରେ, ଅଭିଯୁକ୍ତ ଦମ୍ପତି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଅଭିଯୋଗକାରୀ ମହିଳା ସୁମନ ମିଶ୍ରଙ୍କ ଘରକୁ ୨୦୧୭ରୁ ଭଡାକୁ ନେଇ ବିୟୁଟି ପାର୍ଲର କରିଥିଲେ। ବର୍ଷେ ପାଖାପାଖି ରହିବା ପରେ ଭଡା (ମାସିକ ୨୦ ହଜାର ଟଙ୍କା) ନ ଦେବାରୁ ମାଲିକ ଘର ଖାଲି କରିବାକୁ କହିଥିଲେ। ହେଲେ ଦମ୍ପତି ଘର ଖାଲି ନ କରିବାରୁ ଘର ମାଲିକ ଚନ୍ଦ୍ରଶେଖରପୁର ଥାନାରେ ଗତବର୍ଷ ଜୁଲାଇ ୭ରେ ଅଭିଯୋଗ କରିଥିଲେ। ପୋଲିସକୁ ଅଭିଯୁକ୍ତ ଦମ୍ପତି ଉକ୍ତ ଘରର ନକଲି କାଗଜପତ୍ର ଦେଖାଇ କିଣିଥିବା କଥା କହିଥିଲେ। ପରେ ଘର ମାଲିକ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ଜାଣିବା ପରେ ସୋନାଟା ଘର ମାଲିକାଣୀ ସୁମନଙ୍କ ସ୍ୱାମୀଙ୍କ ନାମରେ ମିଛ ବଳାତ୍କାର ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମହିଳା ଥାନା ପୋଲିସ ମାମଲା ରୁଜୁ କରି ସୁମନଙ୍କ ସ୍ୱାମୀଙ୍କୁ ଆଣି ପଚରାଉଚରା କରିଥିଲା। ପରେ ତାଙ୍କୁ ଛାଡ଼ି ଦେଇଥିଲା। ତେବେ କୋର୍ଟରେ କାଗଜପତ୍ର ଯାଞ୍ଚରୁ ସବୁ ନକଲି ଜଣାପଡିଥିଲା। କୋର୍ଟଙ୍କ ନିର୍ଦ୍ଦେଶ ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଅଭିଯୁକ୍ତ ଦମ୍ପତିଙ୍କ ଗିରଫ କରିଥିଲା।

# ବ୍ରାହ୍ମଣଦେଓ ଟିମ୍ ଚାମ୍ପିୟନ



ଚାମ୍ପିୟନ ଟିମ୍‌ର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଉଛି ।

## ଜିଲାସ୍ତରୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ

**କୃଷ୍ଣପ୍ରସାଦ, ୧୭।୩ (ଡି.ଏନ୍.ଏ.):**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଭାଗବତ ଦେବ ସାଂସ୍କୃତିକ ଯୁବକ ସଂଘ ଏବଂ ଜେବିଏସ୍ ଆକ୍ୟୁଆଟିକ୍‌ର ମିଳିତ ଆନୁକୂଲ୍ୟରେ ଉଦୟନାଥ ଷ୍ଟାଡିୟମଠାରେ ଚାଲିଥିବା ଜିଲାସ୍ତରୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟରେ ବ୍ରାହ୍ମଣଦେଓ ଟିମ୍ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ମା' ଚାମୁଣ୍ଡା କ୍ରିକେଟ ଟିମ୍ ବ୍ରାହ୍ମଣଦେଓ ଏବଂ ଗଞ୍ଜାମ ଜିଲାର ମା' ଚିଲିକା ରାଣୀ ସ୍ପୋର୍ଟିଂ କ୍ଲବ ରମ୍ଭା ମଧ୍ୟରେ ହୋଇଥିଲା। ବ୍ରାହ୍ମଣଦେଓ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୨୦୨ ରନ୍ ସଂଗ୍ରହ କରିଥିଲା। ଜବାବରେ ରମ୍ଭା ଟିମ୍ ଆବଶ୍ୟକ ରନ୍ ସଂଗ୍ରହ କରି ନ ପାରି ପରାଜିତ ହୋଇଥିଲା। ସୁନୀଲ କୁମାର ଜେନା, ସୁରେନ୍ଦ୍ର ନାଥ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ପବିତ୍ର କୁମାର ଜେନା ଓ ମହେନ୍ଦ୍ର କୁମାର ଜେନା ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ଅଜୟ କୁମାର ପ୍ରଧାନ, ସୀମାଞ୍ଚଳ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାଜପା ନେତ୍ରୀ ଉପାସନା ମହାପାତ୍ର, ଜେବିଏସ୍ ଆକ୍ୟୁଆଟିକ୍ ମୁଖ୍ୟ ପରିଚାଳକ ବାଲୁଙ୍କେଶ୍ୱର ବିଶ୍ୱାଳ, ସମାଜସେବୀ ଦାମୋଦର ଜେନା, ଉତ୍ତମ କୁମାର ତରେଇ, ରାମଚନ୍ଦ୍ର ସେଠୀ, ଅଶୋକ କୁମାର ବିଶ୍ୱାଳ, ଦୁଷ୍ମନ୍ତ କୁମାର ନାୟକ, ବିଷ୍ଣୁ ପ୍ରସାଦ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଯୁବକ ସଂଘର କାହ୍ନୁଚରଣ ଜେନା ମଞ୍ଚ ପରିଚାଳନା କରିଥିଲେ। ସଂଗ୍ରାମ ଜେନା, ଦଣ୍ଡପାଣି ଜେନା, ଧୁଶାସନ ତରେଇ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# 'ବାତ୍ୟା ପ୍ରତିରୋଧ ଗୃହ ଯୋଗାଇ ଦିଆଯାଉ'

## ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟିର ଦାବି

**ପୁରୀ ଅଫିସ, ୧୭।୩:**

ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଗତ ଜାନୁୟାରୀ ୬ରେ କମିଟି ପକ୍ଷରୁ ବିଧାନସଭା ଘେରାଉ ପରିପ୍ରେକ୍ଷୀରେ ରାଜ୍ୟ ଉନ୍ନୟନ ଆୟୁକ୍ତଙ୍କ ସହିତ ୪ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ମାର୍ଚ୍ଚ ୧୩ରେ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା ହୋଇଥିଲା। କମିଟିର ମୁଖ୍ୟତଃ ୪ଟି ଦାବି ରହିଛି। ସେଗୁଡ଼ିକ ହେଲା, ୪ ଲକ୍ଷ ଟଙ୍କାର ବାତ୍ୟା ପ୍ରତିରୋଧକ ଗୃହ ଯୋଗାଣ ନେଇ ଏପ୍ରିଲ ସୁଦ୍ଧା କେନ୍ଦ୍ର ସରକାରଙ୍କ ସହ ଆଲୋଚନା ପୂର୍ବକ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଉ। ଫନୀ ମହାବାତ୍ୟାରେ ୭୫୬୮ ଜଣଙ୍କର କ୍ଷତି ସମ୍ବଳିତ ଜିପିଏସ୍ ଫଟୋ ଗ୍ରହଣ ପୂର୍ବକ କାର୍ଯ୍ୟାନୁଷ୍ଠାନ ହେଉ। ପୁରୀ-ଗଞ୍ଜାମର ପୂର୍ବାଞ୍ଚଳ ସ୍ଥଳପଥ ସଂଯୋଗୀକରଣ ଲାଗି ଚିଲିକା ଉପରେ ସେତୁ ନିର୍ମାଣ ନିମନ୍ତେ କମିଟି ଗଠନ ଏବଂ ଧନୁଆ ନଦୀର ସ୍ଥାୟୀ ବନ୍ୟା ପ୍ରତିକାର ପାଇଁ ବିଶେଷଜ୍ଞ ଦଳ ଗଠନ କରାଯିବାକୁ କମିଟି ଦାବି କରିଛି। ସରକାର ତୁରନ୍ତ ପଦକ୍ଷେପ ନ ନେଲେ ପୁଣି ଆନ୍ଦୋଳନ କରାଯିବ ବୋଲି କର୍ମକର୍ତ୍ତା କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଆବାହକ ବିହାରୀବନ୍ଧୁ ପଲାଇ, ସମ୍ପାଦକ ରଘୁନାଥ ସାହୁ, ଗଦାଧର ସାମନ୍ତସିଂହାର, ଯମେଶ୍ୱର ବାରିକ ଏବଂ ବାନାମ୍ବର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବାପାଇଁ ଆସିଥିବା ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ।

# 'ଡାକୋଟାରେ ନାହିଁ ହରିଣ ଚିହ୍ନ, ପ୍ରକୃତ ରଙ୍ଗ ଦିଆଯାଇନି'

## ବିମାନ ପୁରୀ ଆଣିବାକୁ ଦାବିକଲା ଶ୍ରୀଜଗନ୍ନାଥ ସେନା

**ପୁରୀ ଅଫିସ, ୧୭।୩:**

ଭୁବନେଶ୍ୱର ବିମାନବନ୍ଦର ନିକଟସ୍ଥ ଡାକୋଟା ବିମାନ ସମ୍ମୁଖରେ ଶୁକ୍ରବାର ଶ୍ରୀଜଗନ୍ନାଥ ସେନା ବିକ୍ଷୋଭ କରିଛି। ପୁରୀ ସହରରେ ଏହି ବିମାନ ରଖାଯିବାକୁ ଦାବି କରାଯାଇଛି। ଏଥିସହ ଡାକୋଟାରେ ଫୁଲ ଦିଆଯାଇ ପୂଜାର୍ଚ୍ଚନା କରାଯାଇଛି। ଡାକୋଟାରେ କଳିଙ୍ଗ ଏୟାର ଲାଇନ୍ସର ହରିଣ ଚିହ୍ନ ନ ଥିବାବେଳେ ପ୍ରକୃତ ରଙ୍ଗ ଦିଆଯାଇନାହିଁ ବୋଲି ଶ୍ରୀଜଗନ୍ନାଥ ସେନା ଅଭିଯୋଗ ଆଣିଛି।

ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରିୟ ଡାକୋଟା ବିମାନକୁ କବାଡ଼ିଆକୁ ବିକିଦେବା ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା। ମାତ୍ର ଶ୍ରୀଜଗନ୍ନାଥ ସେନାର ହସ୍ତକ୍ଷେପ ପରେ ବିକ୍ରି ସ୍ଥଗିତ ରହିଥିଲା। ସେହିପରି ଡାକୋଟାକୁ ଓଡ଼ିଶା ଫେରାଇ ଆଣିବା ଲାଗି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ବିମାନ ଚଳାଚଳ ମନ୍ତ୍ରୀ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ମଧ୍ୟ ଦିଆଯାଇଥିଲା। ଶେଷରେ କୋଲକାତାରୁ ଓଡ଼ିଶାକୁ ଡାକୋଟା ବିମାନ ଫେରିଲା। ବିମାନକୁ ଏକ ଭଲ ସ୍ଥାନରେ ରଖିବା ପାଇଁ କେନ୍ଦ୍ର ବିମାନ ଚଳାଚଳ ବିଭାଗ ଅନୁମତି ଦେଇଥିଲା। ତେବେ ଦୁଃଖର ବିଷୟ ବିମାନ ଆସିବା ବେଳେ ରାଜ୍ୟ ସରକାର ଶ୍ରୀଜଗନ୍ନାଥ ସେନାକୁ ଭୁଲିଗଲେ। ଉଦ୍‌ଘାଟନ ସମୟରେ ନିମନ୍ତ୍ରଣପତ୍ର ଦେଲେ ନାହିଁ। ଡାକୋଟାକୁ ପୁରୀ ଆଣିବା ପାଇଁ ଶ୍ରୀଜଗନ୍ନାଥ ସେନା ଦାବି କରିଥିଲା। ମାତ୍ର ସରକାର ତାହାକୁ ଭୁବନେଶ୍ୱର ବିମାନ ବନ୍ଦରରେ ରଖିଲେ। ଫଳରେ ବିମାନକୁ ଦେଶ ବିଦେଶର ପର୍ଯ୍ୟଟକ ଦେଖିପାରୁନାହାନ୍ତି। ସେହିପରି ବିମାନରେ ପ୍ରକୃତ ରଙ୍ଗ ଲଗାଯାଇନାହିଁ, ଅଲଗା ରଙ୍ଗ ଦିଆଯାଇଛି। କଳିଙ୍ଗ ଏୟାର ଲାଇନ୍ସର ଚିହ୍ନ ହରିଣ ରହିଥାଏ, ଯାହାକୁ ଡାକୋଟା ବିମାନରେ ଦିଆଯାଇନାହିଁ। ତେଣୁ ସରକାର ଉକ୍ତ ବିମାନରେ ଡାକୋଟାର ପ୍ରକୃତ ରଙ୍ଗ ଦେବା ସହ ହରିଣ ଚିହ୍ନକୁ ସ୍ଥାନିତ କରନ୍ତୁ ବୋଲି ପଟ୍ଟନାୟକ ଦାବି କରିଛନ୍ତି।



ଭୁବନେଶ୍ୱର ବିମାନ ବନ୍ଦର ନିକଟରେ ଥିବା ଡାକୋଟା ବିମାନକୁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପୂଜାର୍ଚ୍ଚନା କରାଯାଉଛି ।

## ନାରୀ ସେବାସଂଘ ପରିବାର ପରାମର୍ଶ କେନ୍ଦ୍ରର ଆଲୋଚନାଚକ୍ର

**କଟକ ଅଫିସ:** ଓଡ଼ିଶା ନାରୀ ସେବାସଂଘ ପରିବାର ପରାମର୍ଶ କେନ୍ଦ୍ର ପକ୍ଷରୁ ଏକ ଆଲୋଚନାଚକ୍ର କାଠଯୋଡ଼ିବିହାରସ୍ଥିତ ତାରିଣୀ ବସ୍ତିରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦିକା ଆଭା କାନୁନ୍‌ଗୋ, ସାମାଜିକ କର୍ମୀ ଶର୍ମିଷ୍ଠା ନାଥ, ସଙ୍ଗଠନ ସମ୍ପାଦିକା ମୀରା ବେଉରା ଯୋଗଦେଇ ସୁସ୍ଥ, ନିଶାମୁକ୍ତ ପରିବାର ଓ ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ପରାମର୍ଶ କେନ୍ଦ୍ରର କାଉନ୍‌ସିଲର ସରୋଜିନୀ ଓଝା, ଜ୍ୟୋତିର୍ମୟୀ ନନ୍ଦୀ, ଅମ୍ବିକା ପଲାଇ, କୌଶଲ୍ୟା ଓଝା, ବୈଜୟନ୍ତୀମାଳା ଖଟୁଆ ବସ୍ତିର ମହିଳାମାନଙ୍କୁ ସଚେତନ କରାଇଥିଲେ।

## ସଂକ୍ଷେପରେ

### ଦାୟିତ୍ୱରେ ଥିବା ସଂସ୍ଥା ନିଜ ଗାଡ଼ି କାମରେ ଲଗାଉ

**ପରିମଳ ସମସ୍ୟା ସମ୍ପର୍କିତ ବୈଠକ**

**କଟକ ଅଫିସ,୧୭।୩:** କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୫୯ଟି ୱାର୍ଡର ସଫେଇ ଦାୟିତ୍ୱ ୩ଟି ଘରୋଇ ସଂସ୍ଥାକୁ ଦିଆଯାଇଛି। ସମସ୍ତ ୱାର୍ଡକୁ ୩ଟି ଜୋନ୍‌ରେ ବିଭକ୍ତ କରାଯାଇଥିବାବେଳେ ଉକ୍ତ ସଂସ୍ଥା ସେଠାରେ ସଫେଇ କରିବ। ଶୁକ୍ରବାର ଜୋନ୍-୧ ଏବଂ ଜୋନ୍-୨ରେ ପରିମଳ ସମସ୍ୟାକୁ ନେଇ ସିଏମ୍‌ସି ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୋନ୍-୧ ଓ ଜୋନ୍-୨ ଅଧୀନରେ ଆସୁଥିବା କର୍ପୋରେଟରମାନେ ଯୋଗ ଦେଇଥିଲେ। ସିଏମ୍‌ସି ପକ୍ଷରୁ ୩ଟି ଘରୋଇ ସଂସ୍ଥା ସହର ସଫେଇ କରୁଥିବାବେଳେ ଘରକୁ ଘର ଆବର୍ଜନା ଉଠାଇବା ପାଇଁ ନିୟୋଜିତ ଛୋଟ ଗାଡ଼ି (ଏଲସିଭି ଓ ବିଓଭି)କୁ ମଞ୍ଜୁ ନାମକ ସଂସ୍ଥାକୁ ଦିଆଯାଇଛି। ତେବେ ଯେଉଁ ଜୋନ୍‌ଗୁଡ଼ିକ ଘରୋଇ ସଂସ୍ଥାକୁ ବଣ୍ଟନ କରାଯାଇଛି ସେଠାରେ ସେହି ସଂସ୍ଥା ନିଜସ୍ୱ ଗାଡ଼ି କାମରେ ଲଗାଇବା ପାଇଁ କର୍ପୋରେଟର ଲିଜାରାଣୀ ରାଉତ ଦାବି କରିଥିଲେ। ବିଶେଷକରି ପ୍ରତ୍ୟୁଷ ସଂସ୍ଥା ନେଇଥିବା ୱାର୍ଡରେ ଉପୁଜୁଥିବା ସମସ୍ୟା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ବିଭିନ୍ନ ସମୟରେ ସମନ୍ୱୟ ଅଭାବରୁ ଉପୁଜୁଥିବା ଅସୁବିଧା ଦୂର କରିବାକୁ ଦାବି ହୋଇଥିଲା।

### 'ବିଜ୍ଞାନ ବିନା ଜୀବନ, ଜୀବିକା ଅସମ୍ଭବ'

**କଟକ ଅଫିସ,୧୭।୩:** ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ ସମାଜର ମିଳିତ ଆନୁକୂଲ୍ୟରେ ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ ଶୁକ୍ରବାର ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରାଙ୍ଗସ୍ଥିତ ଆଇଜିଆଇଟି ଗଣିତ ବିଭାଗର ପ୍ରଫେସର ଡ. ନଳିନୀକାନ୍ତ ଚୌଧୁରୀ ଯୋଗଦେଇ ଯୁବପିଢ଼ି ଉପଯୁକ୍ତ ଶିକ୍ଷା ଗ୍ରହଣରେ ବ୍ରତୀ ହେବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଆଇଜିଆଇଟି ଗଣିତ ବିଭାଗର ଅନ୍ୟତମ ପ୍ରଫେସର ଡ. ସ୍ମୃତି ମହାନ୍ତି ଯୋଗଦେଇ କହିଥିଲେ, ବିଜ୍ଞାନର ଅବଦାନ ଦୈନନ୍ଦିନ ଜୀବନରେ ପ୍ରତିଫଳିତ। ବିଜ୍ଞାନ ବିନା ଜୀବନ ଓ ଜୀବିକା ଅସମ୍ଭବ ବୋଲି ସେ କହିଥିଲେ। ଯୁକ୍ତ ୩ ବିଜ୍ଞାନ ସମାଜର ଉପ ସଭାପତି ତଥା ଗଣିତ ବିଭଗର ମୁଖ୍ୟ ଡ. ବିଚିତ୍ରା ପାଣି ଅତିଥି ପରିଚୟ ପ୍ରଦାନ, ସହକାରୀ ସଭାପତି ଡ. ପ୍ରଭାତ ମଞ୍ଜରୀ ମହାନ୍ତି ବାର୍ଷିକ ବିବରଣୀ ପାଠ, ଉଦ୍ଭିଦ ବିଜ୍ଞାନ ବିଭାଗର ଅଧାପିକା ସୋମାନୀ ଜେଠୀ ମଞ୍ଚ ପରିଚାଳନା ଓ ଯୁକ୍ତ୨ ବିଜ୍ଞାନ ସମାଜର ଉପସଭାପତି ସରେଶ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

### ଚୌଦ୍ୱାର କଲେଜରେ ବାର୍ଷିକ ସମ୍ମାନ

**ଚୌଦ୍ୱାର,୧୭।୩(ଡି.ଏନ୍.ଏ.):** ଚୌଦ୍ୱାର କଲେଜ ରାଜନୀତି ବିଜ୍ଞାନ ବିଭାଗର ବାର୍ଷିକ ସମ୍ମାନ ଶୁକ୍ରବାର କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଏକବିଂଶ ଶତାବ୍ଦୀରେ ସାଧାରଣ ପ୍ରଶାସନର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷ ଡ. ରମେଶ ଚନ୍ଦ୍ର ଦେବତା ଯୋଗଦେଇ ଓଡ଼ିଶାରେ ୫-ଟିର ସଫଳ ଉପଯୋଗ କାରଣରୁ ସାଧାରଣ ଜନତାଙ୍କ ପ୍ରଶାସନ ଉପରେ ଅଧିକ ଆଶା ଓ ବିଶ୍ୱାସ ବଢୁଥିବା କହିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଯୁକ୍ତେଶ୍ୱର ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ସ୍ୱର୍ଣ୍ଣମୟୀ ତ୍ରିପାଠୀ ଯୋଗଦେଇ ପ୍ରଶାସନିକ ସୁପରିଚାଳନା ଓ ଜନସାଧାରଣଙ୍କ କଲ୍ୟାଣ ଦିଗରେ ୫-ଟିର ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ନବାଗତା ଅଧାପିକା ସରିତା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବିଭାଗର ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧାପକ ସୁମନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧାପକ ଶରତ କୁମାର ମଲ୍ଲିକ, ପ୍ରଭାକର ମିଶ୍ର, ରଶ୍ମି ରାଉତରାୟ, କ୍ଷୀରାବ୍ଧୀ ଚୌଧୁରୀ, ମୋହିତ କର, ମମତା ସାହୁ, ଚିତ୍ତରଞ୍ଜନ ଦାସ, ସସ୍ମିତା ଭୂୟାଁ, ବସନ୍ତ କୁମାର ବିଶ୍ୱାଳ, ଦେବାଶିଷ ସାହୁ, ଚନ୍ଦ୍ରଶେଖର ପଣ୍ଡା, ସ୍ୱାଭିମାନ ସାମନ୍ତରାୟ, ସବିତା ମହାନ୍ତି, ନଗେନ୍ଦ୍ର ନାଥ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପିକା ବିସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

# ନୂତନ ଆଭିମୁଖ୍ୟରେ ପ୍ରଚଳିତ ହୋଇଛି ମିଲେଟ୍ ମିଶନ

**କଟକ ଅଫିସ, ୧୭।୩**



କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

**ମିଲେଟ୍ କାଫେ, ସୂଚନା କେନ୍ଦ୍ର ଉଦ୍‌ଘାଟିତ**

- ଉତ୍ପାଦନ ବୃଦ୍ଧି ନିମନ୍ତେ ଚାଷୀଙ୍କୁ ତାଲିମ ଦିଆଯିବ
- ଜିଲାର ୩ ବ୍ଲକରେ ହେବ ମାଣ୍ଡିଆ ଚାଷ

ଲଘୁଶସ୍ୟରେ ପ୍ରଚୁର ପରିମାଣର ଭିଟାମିନ, ଖଣିଜ ଓ ପ୍ରତିଉପଚାୟକ (ଆଣ୍ଟିଅକ୍ସିଡେଣ୍ଟ) ରହିଥାଏ। ଏହାଦ୍ୱାରା ନୀରୋଗ ଜୀବନଶୈଳୀକୁ ପ୍ରୋତ୍ସାହନ ମିଳିଥାଏ। ମିଲେଟ୍ କାଫେ ଓ ସୂଚନା କେନ୍ଦ୍ର ଉଦ୍‌ଘାଟନ ହେବା ଫଳରେ ଲୋକମାନଙ୍କର ମିଲେଟ୍ ପ୍ରତି ଥିବା ପାରମ୍ପରିକ ରୁଚି ପୁନଃ ଉଜ୍ଜୀବିତ ହୋଇପାରିବ। ଋତୁଚକ୍ରର ବିବର୍ତ୍ତନକୁ ଦୃଷ୍ଟିରେ ରଖି ମିଲେଟ୍ ମିଶନକୁ ଏକ ନୂତନ ଆଭିମୁଖ୍ୟରେ ପ୍ରଚଳନ କରାଯାଇଛି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

କଟକ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବାରବାଟୀ ପ୍ୟାଲେସ୍‌ରେ ମିଲେଟ୍ କାଫେ ଓ ସୂଚନା କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମନ୍ତ୍ରୀ ସ୍ୱାଇଁ ଉଦ୍‌ଘାଟନ କରି କହିଥିଲେ, ମିଲେଟ୍ ଟ୍ରପିକାଲ କ୍ଲାଇମେଟ୍‌ରେ ଉତ୍ପନ୍ନ ହୋଇ ସ୍ୱାସ୍ଥ୍ୟର ପୁଷ୍ଟିସାଧନ କରିପାରୁଛି। ଏହାକୁ ମୂଲ୍ୟଯୁକ୍ତ କରିବା, ପୁଷ୍ଟିଶସ୍ୟ ବଜାର ସୃଷ୍ଟି କରିବା ସହ ପୁଷ୍ଟିଶସ୍ୟ ଆଧାରିତ ଉତ୍ପାଦଗୁଡ଼ିକର ରପ୍ତାନୀକୁ ପ୍ରୋତ୍ସାହିତ କରିବା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଆଗାମୀ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯିବା ନିମନ୍ତେ ସ୍ଥିର କରାଯାଇଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି କହିଥିଲେ, ଉତ୍ପାଦନ ବୃଦ୍ଧି ନିମନ୍ତେ ଚାଷୀଙ୍କୁ ଉପଯୁକ୍ତ ତାଲିମ ଦିଆଯିବ। ସେମାନଙ୍କ ଦ୍ୱାରା ଉତ୍ପାଦିତ ଶସ୍ୟର ବଜାର ଚାହିଦା ବୃଦ୍ଧି କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ। ପ୍ରତ୍ୟେକ ମିଲେଟ୍ ଚାଷୀଙ୍କୁ ପରିଚୟପତ୍ର ସହ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ସେହିପରି ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଜିଲାର ୩ଟି ବ୍ଲକ (ତିଗିରିଆ, ବଡମ୍ବା, ନରସିଂହପୁର)ରେ ମାଣ୍ଡିଆ ଚାଷ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ଉତ୍ସବରେ ବିଧାୟକ ମହମ୍ମଦ ମୋକିମ, ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ସୁଦାମ କୁମାର ନାୟକ ସ୍ୱାଗତ ଭାଷଣ, ଓଡ଼ିଶା ମିଲେଟ୍ ମିଶନର ଯୁଗ୍ମ ନିର୍ଦ୍ଦେଶକ ଶୈଳେନ୍ଦ୍ର କୁମାର ମହାନ୍ତି ମାଣ୍ଡିଆ ଚାଷ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। ମିଲେଟ୍ ଚାଷୀଙ୍କ ନିମନ୍ତେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓୟୁଏଟି ପ୍ରଫେସର ଡା. ସର୍ବନାରାୟଣ ମିଶ୍ର, ସୁଶାନ୍ତ କୁମାର ଚୌଧୁରୀ, ସହକାରୀ କୃଷି ନିର୍ଦ୍ଦେଶକ ବିଶ୍ୱନାଥ ଦାସ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲା ମିଶନ ଶକ୍ତି ସଂଯୋଜିକା ସ୍ୱାଗତିକା ପରିଡା ଉପସ୍ଥିତ ଥିଲେ। କଟକ ସଦର ଉପଜିଲାପାଳ କମଳଜିତ ଦାସ ଅତିଥି ପରିଚୟ ଓ ଆଠଗଡ କୃଷି ଅଧିକାରୀ ପର୍ଶୁରାମ ବେହେରା ଧନ୍ୟବାଦ ଦେଇଥିଲେ।

# ପ୍ରତି ଘରେ ବହିଘର ରହିବା ଦରକାର

**କଟକ ଅଫିସ,୧୭।୩**

**କଟକ ଲେଖକ ସହଯୋଗ ସମିତିର ବାର୍ଷିକ ଉତ୍ସବ**

କଟକ ଲେଖକ ସହଯୋଗ ସମିତିର ୪୪ତମ ବାର୍ଷିକ ଉତ୍ସବ ଶ୍ରୀରାମଚନ୍ଦ୍ର ଭବନରେ ଶୁକ୍ରବାର ପାଳିତ ହୋଇଯାଇଛି। ଡା. ରବିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଚାରପତି ଦୁର୍ଗାପ୍ରସନ୍ନ ଚୌଧୁରୀ ଯୋଗଦେଇ ସାହିତ୍ୟକୁ କାଳଜୟୀ କରିବା ଦିଗରେ ସମସ୍ତେ ଉଦ୍ୟମ କରିବାକୁ କହିଥିଲେ। ବରେଣ୍ୟ ଅତିଥି ଡା. ନିତ୍ୟାନନ୍ଦ ସ୍ୱାଇଁ କହିଥିଲେ, ପ୍ରତି ଘରେ ଠାକୁରଘର ଭଳି ବହିଘର ରହିବା ଦରକାର। ସମ୍ମାନିତ ଅତିଥି ଇଂ. ରାଜେନ୍ଦ୍ର ନାରାୟଣ ଦାସ ଅନ୍‌ଲାଇନ୍‌ରେ ବହି ଅପେକ୍ଷା ବଜାରରୁ ପୁସ୍ତକ କିଣିବା ଉପରେ ଅଭିଭାବକମାନେ ଗୁରୁତ୍ୱ ଦେବାକୁ କହିଥିଲେ। ଏହି ଅବସରରେ ଡ. ଚିନ୍ମୟୀ ମହାପାତ୍ର, ପୀତବାସ ରାଉତରାୟ, ରତ୍ନାକର ନାୟକ, ଡ. ବୈଜୟନ୍ତୀ ମିଶ୍ର, ଅରୂପ ଲାଲ ଘୋଷ ଓ ପ୍ରଫେସର କୁଳମଣି ଜେନାଙ୍କ ସମେତ କେତେଜଣ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନରସିଂହ ମହାପାତ୍ର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଆଦିତ୍ୟ ପ୍ରତାପ ଧଳ ସ୍ୱାଗତ ଭାଷଣ, ରଘୁନାଥ ମହାପାତ୍ର ବିବରଣୀ ପାଠ ଓ ଅରୁଣା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।



କଟକ ଲେଖକ ସହଯୋଗ ସମିତିର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ମଣ୍ଡି ବନ୍ଦ ପ୍ରତିବାଦରେ ବିକ୍ଷୋଭ




ଓଡ଼ିଶା କୃଷକ ସଭା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

**କଟକ ଅଫିସ, ୧୭।୩**

ଟୋକନ ପାଇଥିବା ଚାଷୀଙ୍କଠାରୁ ଧାନ ସଂଗ୍ରହ ନ କରି ମଣ୍ଡି ବନ୍ଦ କରିବା ପ୍ରତିବାଦରେ ଓଡ଼ିଶା କୃଷକ ସଭା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ଟୋକନ ପାଇଥିବା ସମସ୍ତ ଚାଷୀଙ୍କଠାରୁ ଧାନ କିଣାଯାଇ ନାହିଁ। ଫଳରେ କଟକ ଜିଲାରେ ଶତାଧିକ ଚାଷୀ ମଣ୍ଡିରେ ଧାନ ଦେବାରୁ ବଞ୍ଚିତ ହୋଇଛନ୍ତି। ୨୪ ସପ୍ତାହ ଧାନ କିଣିବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଥିଲେ ମଧ୍ୟ ମାତ୍ର ୭ ସପ୍ତାହ ଧାନ କିଣାଯାଇଛି। ସମବାୟ ସମିତିଗୁଡ଼ିକ ଧାନ ନ କିଣିବା ଫଳରେ ଗରିବ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏପରି କି ସେମାନେ ବାଧ୍ୟ ହୋଇ ବ୍ୟବସାୟୀଙ୍କୁ ଧାନ ବିକ୍ରି କରୁଛନ୍ତି। ଏହାଦ୍ୱାରା ବ୍ୟବସାୟୀ ଲାଭବାନ ହେଉଛନ୍ତି। ଏଣୁ ଧାନ ବିକ୍ରି କରିବା ସୁଯୋଗରୁ ବଞ୍ଚିତ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏହି ବିକ୍ଷୋଭରେ ସଙ୍ଗଠନର ଜିଲା ସମ୍ପାଦକ ଡମ୍ବରୁଧର ସାହୁ, ଜିଲା ଉପସଭାପତି ବଦ୍ରି ନାରାୟଣ ଦାଶ, ଟାଙ୍ଗୀ-ଚୌଦ୍ୱାର ବ୍ଲକ କୃଷକ ସଭା ସଭାପତି ମହେନ୍ଦ୍ର ବେହେରା, ସମ୍ପାଦକ ରମେଶ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ସମବାୟ ସମିତିର ସାଧାରଣ ବୈଠକ

**କଟକ ସଦର,୧୭।୩(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତ ପାଟଣା ସେବା ସମବାୟ ସମିତିର ସାଧାରଣ ବୈଠକ ଶୁକ୍ରବାର ବିରିବାଟିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସଦର ଶାଖା ପରିଚାଳକ ରଣଜିତ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ବୈଠକରେ ଖରିଫ ଫସଲ ଋଣ ଓ ଜମା ଅର୍ଥ ମିନିବ୍ୟାଙ୍କ ଜରିଆରେ ଆଦାୟ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ସମବାୟ ସମିତି ସଭାପତି ସମର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବସନ୍ତ ବେହେରା, ବନିତା ମହନ୍ତ, କାବୁଲ ପାତ୍ରଙ୍କ ସମେତ ଚାଷୀମାନେ ଯୋଗଦେଇଥିଲେ। ପରେ ଅନ୍ୟ ଏକ ବୈଠକରେ ସଭାପତି ବେହେରା କଟକ ଜିଲା ବିଜେଡି ଉପସଭାପତି ଭାବେ ମନୋନୀତ ହୋଇ ଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ବାର୍ଷିକ ଉତ୍ସବ

**କଟକ ଅଫିସ, ୧୭।୩**

ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ପକ୍ଷରୁ ବାର୍ଷିକ ଉତ୍ସବ 'ବିହାଗ' ସଂସ୍ଥାନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କମଳଜିତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୀ ଶିକ୍ଷା ଓ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପ୍ରଫେସର ଅଞ୍ଜୁମନ ଆରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶାରେ ହିନ୍ଦୀର ବିକାଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରଫେସର ରଘୁନାଥ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଡ. ଅର୍ଜୁନ ନାୟକଙ୍କ ସମ୍ପାଦନା ଓ ଡ. ଜାନକୀ ଝା ଏବଂ ଶିଳ୍ପୀ ରବି ରଥଙ୍କ ସହଯୋଗରେ ସମ୍ପାଦିତ ବାର୍ଷିକ ପତ୍ରିକା 'ସୃଷ୍ଟି' ଉନ୍ମୋଚିତ ହୋଇଥିଲା। ଡ. ଲୋପାମୁଦ୍ରା ବେହେରା ବିବରଣୀ ପାଠ, ଡ. ଜାନକୀ ଝା ମାନପତ୍ର ପାଠ, ସୌରଭ ମିଶ୍ର ଓ ସବିନା ଆରା ବେଗମ୍ ମଞ୍ଚ ସଞ୍ଚାଳନା ଏବଂ ଡ. ଶତାବ୍ଦୀ ବେହେରା ଧନ୍ୟବାଦ ଦେଇଥିଲେ। ଏଥିରେ ସହକାରୀ ଅଧ୍ୟାପକ ପ୍ରିୟଙ୍କା ସ୍ୱାଇଁ, ରାଜୀବ ଲୋଚନ ସାହୁ, ରାଜକିଶୋର ମହାପାତ୍ର, ପ୍ରଶାନ୍ତ ନନ୍ଦ, ରଶ୍ମିରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

# ଓଡ଼ିଶା ଦିବସ ସମାରୋହ ପ୍ରସ୍ତୁତି ବୈଠକ

**କଟକ ଅଫିସ, ୧୭।୩**

ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରି ସରକାରୀ ଅନୁଷ୍ଠାନଗୁଡ଼ିକରେ ଆଲୋକ ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଉପଜିଲାପାଳ କମଳଜିତ ଦାସ ଯୋଗଦେଇ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି ପ୍ରଶାସନିକ ସ୍ତରରେ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ବୈଠକରୁ ମିଳିଥିବା ସୂଚନା ମୁତାବକ, ସହରରେ ଡାକବାଜି ଯନ୍ତ୍ର ଯୋଗେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ, ଗୋରାକବର, କ୍ୟାଣ୍ଟନମେଣ୍ଟସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି, ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ତଥା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ ହେବ। ଉକ୍ତ ଦିନ ସନ୍ଧ୍ୟାରେ କଟକ ଶହୀଦ ଭବନରେ ସାଧାରଣ ସଭା ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତି ବୈଠକରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସନ୍ତୋଷ ରାଉତ, ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲ, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, କଟକ ସଦର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପା ରାଉତ, ଭାରପ୍ରାପ୍ତ ସହକାରୀ ସୂଚନା ଅଧିକାରୀ ଅଭିରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିଘାଟ ବନ୍ଦ ପ୍ରତିବାଦରେ ଧାରଣା

**କଣ୍ଟାପଡା, ୧୭।୩(ଡି.ଏନ୍.ଏ.)**

କଣ୍ଟାପଡା ତହସିଲ ଅନ୍ତର୍ଗତ ବଳଦା ବାଲିଘାଟକୁ ତହସିଲ ପ୍ରଶାସନ ସାମୟିକ ଭାବେ ବନ୍ଦ କରିବା ପ୍ରତିବାଦରେ ସୁବାସ ପରିଡାଙ୍କ ନେତୃତ୍ୱରେ ସ୍ଥାନୀୟ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣାରେ ବସିଛନ୍ତି। ବାଲିଘାଟ ନ ଖୋଲିବା ପର୍ଯ୍ୟନ୍ତ ନିୟମିତ ଧାରଣା ଦିଆଯିବ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଶାସନ ବଳଦା ବାଲିଘାଟକୁ ସାମୟିକ ବନ୍ଦ କରିଥିବାବେଳେ ତୀର୍ଥପଡା-୧ ବାଲିଘାଟରୁ ବାଲି ଉତ୍ତୋଳନ ଚାଲୁରହିଛି। ଅପରପକ୍ଷରେ ପ୍ରଶାସନ ୫ଟି ବାଲିଘାଟ ନିଲାମକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି। ଗୋଟିଏ ବାଲିଘାଟକୁ ସାମୟିକ ବନ୍ଦ କରିବା ଓ ୫ଟି ବାଲିଘାଟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଫଳରେ ଖୋଲାଥିବା ଗୋଟିଏ ମାତ୍ର ବାଲିଘାଟର ନିଲାମଧାରୀ ମନଇଚ୍ଛା ବାଲିର ଦାମ ବଢ଼ାଇ ବିକ୍ରିକରି ଚାଲିଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳର ଗରିବ ଲୋକମାନେ ଘର କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୀର୍ଥପଡା-୧ ବାଲିଘାଟରୁ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଅଞ୍ଚଳରୁ ବାଲି ଉତ୍ତୋଳନ କରିବା ସମ୍ପର୍କରେ କଣ୍ଟାପଡା ତହସିଲ ଓ କଟକ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହୋଇଛି। ହେଲେ ଉକ୍ତ ବାଲିଘାଟକୁ ଅନୁକମ୍ପା ଦେଖାଇ ବନ୍ଦ ନ କରିବା ପଛରେ ପ୍ରଶାସନର କ'ଣ ଉଦ୍ଦେଶ୍ୟ ରହିଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତୀର୍ଥପଡା-୧ ବାଲିଘାଟରେ ୨ଜଣ ପ୍ରଶାସନିକ ଅଧିକାରୀ ଭାଗୀଦାରୀ ରହିଥିବାରୁ ପ୍ରଶାସନ ଏଥିପ୍ରତି ଆଖିବୁଜି ଦେଇଥିବା ଅଭିଯୋଗକାରୀମାନେ ରାଜସ୍ୱ ବିଭାଗର ଅତିରିକ୍ତ ସଚିବଙ୍କୁ ଲିଖିତଭାବେ ଜଣାଇଛନ୍ତି। ଏ ସମ୍ପର୍କରେ କଣ୍ଟାପଡା ତହସିଲଦାର ମିତାଞ୍ଜଳି ଦାଶଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।



କଟକ ଶହୀଦ ଭବନରେ ହିରୋ ଓମ୍ ସ୍ମାଇଲ୍ସ ପକ୍ଷରୁ ଅନୁଷ୍ଠିତ ଧ୍ୟାନ କା ଜ୍ଞାନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବ୍ୟକ୍ତିବୃନ୍ଦ।




ଦି କଟକ ବାର୍ ଆସୋସିଏଶନ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ଆସୋସିଏଶନର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### ଘର ଭଡ଼ା ମାଗିବାରୁ ମାଲିକଙ୍କୁ ବ୍ଲାକ୍‌ମେଲ, ଦମ୍ପତି ଗିରଫ

**ଭୁବନେଶ୍ୱର,୧୭।୩(ବ୍ୟୁରୋ) :** ଭଡ଼ା ମାଗିବାରୁ ଘର ମାଲିକଙ୍କୁ ବ୍ଲାକ୍‌ମେଲ କରିବା ସହ ନକଲି କାଗଜପତ୍ର ଜରିଆରେ ତାଙ୍କ ଘର ହାତେଇବାକୁ ଉଦ୍ୟମ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ଅଞ୍ଚଳରେ ରହୁଥିବା ସନ୍ଦୀପ ପ୍ରସାଦ ଓ ସୋନାଟା ଦାସ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅଭିଯୋଗ ଅନୁସାରେ, ଅଭିଯୁକ୍ତ ଦମ୍ପତି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଅଭିଯୋଗକାରୀ ମହିଳା ସୁମନ ମିଶ୍ରଙ୍କ ଘରକୁ ୨୦୧୭ରୁ ଭଡାକୁ ନେଇ ବିୟୁଟି ପାର୍ଲର କରିଥିଲେ। ବର୍ଷେ ରହିବା ପରେ ଭଡା (ମାସିକ ୨୦ ହଜାର ଟଙ୍କା) ନ ଦେବାରୁ ମାଲିକ ଘର ଖାଲି କରିବାକୁ କହିଥିଲେ। ହେଲେ ଦମ୍ପତି ଘର ଖାଲି ନ କରିବାରୁ ମାଲିକ ଥାନାରେ ଗତବର୍ଷ ଜୁଲାଇ ୭ରେ ଅଭିଯୋଗ କରିଥିଲେ। ପୋଲିସ ଦମ୍ପତିଙ୍କୁ ପଚରାଉଚରା କରିବାବେଳେ ସେମାନେ ଉକ୍ତ ଘରର ନକଲି କାଗଜପତ୍ର ଦେଖାଇ କିଣିଥିବା କଥା କହିଥିଲେ। ଏହାପରେ ଘର ମାଲିକ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଏହା ଜାଣିବା ପରେ ସୋନାଟା ଘର ମାଲିକାଣୀ ସୁମନଙ୍କ ସ୍ୱାମୀଙ୍କ ନାମରେ ମହିଳା ଥାନାରେ ଏକ ମିଛ ବଳାତ୍କାର ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମହିଳା ଥାନା ପୋଲିସ ମାମଲା ରୁଜୁ କରି ସୁମନଙ୍କ ସ୍ୱାମୀଙ୍କୁ ପଚରାଉଚରା କରିଥିଲା। ଘଟଣା ଦିନ ସୁମନଙ୍କ ସ୍ୱାମୀ ଘରେ ନ ଥିବା ଜାଣିବା ପରେ ପୋଲିସ ତାଙ୍କୁ ଛାଡ଼ି ଦେଇଥିଲା। କୋର୍ଟରେ କାଗଜପତ୍ର ଯାଞ୍ଚରୁ ସବୁ ନକଲି ଜଣାପଡିଥିଲା। କୋର୍ଟଙ୍କ ନିର୍ଦ୍ଦେଶ ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଅଭିଯୁକ୍ତ ଦମ୍ପତିଙ୍କ ଗିରଫ କରିଥିଲା।

### ସାମାଜିକ ନିରାପତ୍ତା, ଶ୍ରମିକ ସଶକ୍ତୀକରଣ ସମ୍ପର୍କିତ କର୍ମଶାଳା

**ଭୁବନେଶ୍ୱର,୧୭।୩(ବ୍ୟୁରୋ):** ସାମାଜିକ ନିରାପତ୍ତା ଓ ଶ୍ରମିକ ସଶକ୍ତୀକରଣ ସମ୍ପର୍କିତ ଏକ ଦିବସୀୟ କର୍ମଶାଳା ସ୍ଥାନୀୟ ରେଡକ୍ରସ୍ ଭବନରେ ଅନୁଷ୍ଠିତ ହୋଇଯାଇଛି। ସିସିଡବ୍ଲୁଡି, ଆକ୍ସନ୍‌ଏଡ୍ ଓ ଦତୋପନ୍ତ ଥେଙ୍ଗାଡି ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଏବଂ ବିକାଶବୋର୍ଡ, ଶ୍ରମ ଓ ରୋଜଗାର ମନ୍ତ୍ରାଳୟ ପକ୍ଷରୁ ଏହି କର୍ମଶାଳା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଏବଂ ବିକାଶ ବୋର୍ଡ, ଆଞ୍ଚଳିକ ନିର୍ଦ୍ଦେଶାଳୟର ଶିକ୍ଷାଧିକାରୀ ବସନ୍ତ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କର ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥିଭାବେ ଆକ୍ସନଏଡର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ଅନ୍ୟତମ ବକ୍ତା ଭାବେ ଆକ୍ସନଏଡ୍‌ର ଶୁଭେନ୍ଦୁ ରାୟ ଓ ବିଏନ୍‌ଦୁର୍ଗା ସାମିଲ ଥିଲେ। ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସରକାରଙ୍କ ସାମାଜିକ ନିରାପତ୍ତା ଯୋଜନାରୁ ଉପକୃତ ହୋଇଥିବା ଲକ୍ଷ୍ମୀ ନହରା ଓ ଚନ୍ଦ୍ରମଣି ବେହେରା ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମକୁ ମାନସ ରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ପ୍ରାରମ୍ଭିକ ସୂଚନା ଭାସ୍କର ଚନ୍ଦ୍ର ପ୍ରଧାନ ଓ ଦମୟନ୍ତୀ ସାହୁ ଧନ୍ୟବାଦ ଦେଇଥିଲେ।

# ରାଜପଥ ପାର୍ଶ୍ୱରେ ପୁଣି ଖୋଲିଲା ଆମିଷ ବଜାର

**ଭୁବନେଶ୍ୱର, ୧୭।୩ (ବ୍ୟୁରୋ)**



- ଥଇଥାନ କରୁ ନ ଥିବାରୁ ପୁରୁଣା ସ୍ଥାନକୁ ଫେରିଲେ ବେପାରୀ
- ମାଛ ଓ ମାଂସ ବ୍ୟବସାୟୀଙ୍କ ମଧ୍ୟରେ ବିବାଦ

ରାଜରାସ୍ତା ବିଶେଷକରି ଜାତୀୟ ରାଜପଥ କଡ଼ରେ ଆମିଷ ବିକ୍ରି କରିବା ଦ୍ୱାରା ସେଠାକାର ପରିବେଶ ଦୂଷିତ ହେବା ସହ ଦୁର୍ଗନ୍ଧ ହେଉଛି। ସେହିପରି ରାସ୍ତାରେ ଯାତାୟାତ ସମୟରେ ମାଛ, ମାଂସ କଟା ଦୃଶ୍ୟ ରାଜଧାନୀର ଛବିକୁ ମଳିନ କରୁଛି। ତେଣୁ ହକି ବିଶ୍ୱକପ୍‌କୁ ନଜରରେ ରଖି ଜାତୀୟ ରାଜପଥ କଡ଼ରେ ଆମିଷ ବ୍ୟବସାୟ କରିବାକୁ ବିଏମ୍‌ସି ବାରଣ କରିଥିଲା। ୨୦୨୨ ଡିସେମ୍ବର ୫ରେ ଏ ନେଇ ବିଏମ୍‌ସି ଏବଂ ଆମିଷ ବ୍ୟବସାୟୀ ସଂଘ ସହ ଆଲୋଚନା କରି ନିଷ୍ପତ୍ତି ହୋଇଥିଲା। ଏଥିସହ ସମସ୍ତ ବ୍ୟବସାୟୀଙ୍କ ପାଇଁ ଆମିଷ ହାଟ ବା ଭେଣ୍ଡିଂଜୋନ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦିଆଯାଇ ଥିଲା। ଏହି କ୍ରମରେ ଜୟଦେବ ବିହାର ରାସ୍ତାକଡ଼ରେ ଆମିଷ ବ୍ୟବସାୟ ବନ୍ଦ ହୋଇଥିଲା। ବ୍ୟବସାୟୀମାନେ ଜୟଦେବ ବିହାରରୁ ଉଠି ନିକଟରେ ଥିବା ଦୁର୍ଗା ମଣ୍ଡପ ପାଖରେ ବେପାର ଆରମ୍ଭ କରିଥିଲେ। ମାତ୍ର ସେଠାରେ ମଣ୍ଡପବାଲା ବେପାର କରିବାକୁ ଦେଲେ ନାହିଁ। ସେହିପରି ମଣ୍ଡପ ରାସ୍ତାଠାରୁ ବହୁ ଭିତରକୁ ରହୁଥିବାରୁ ଲୋକମାନେ ସେଠାକୁ ଯାଉନାହାନ୍ତି। ତେଣୁ ରୋଜଗାର ହେଉ ନ ଥିବାରୁ ମାଛ ବ୍ୟବସାୟୀମାନେ ଗତ ସପ୍ତାହେ ହେବ ପୁଣିଥରେ ରାଜରାସ୍ତାକଡ଼ରେ ବେପାର ଆରମ୍ଭ କରିଛନ୍ତି। ଅପରପକ୍ଷେ ଚିକେନ୍ ଏବଂ ମଟନ୍ ବ୍ୟବସାୟୀଙ୍କୁ ସେଠାରେ ବ୍ୟବସାୟ କରିବାକୁ ବାରଣ କରାଯାଉଛି। ଶୁକ୍ରବାର ଆମିଷ ବାର ହୋଇଥିବାରୁ ସମ୍ପୃକ୍ତ ଅଞ୍ଚଳରେ ମାଛ ବେପାରୀ ବସିଥିଲେ। ତାଙ୍କ ଦେଖାଦେଖି ଚିକେନ୍ ଓ ମଟନ୍ ବ୍ୟବସାୟୀ ସେଠାକୁ ଯାଇ ବେପାର କରିବାକୁ ଉଦ୍ୟତ ହେବା ବେଳକୁ ତାଙ୍କୁ ବାରଣ କରାଯାଇଥିଲା। ଫଳରେ ଉଭୟ ବ୍ୟବସାୟୀଙ୍କ ଭିତରେ କଥା କଟାକଟି ହୋଇଥିଲା। ପରେ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡିଥିଲା। ଏ ସମ୍ପର୍କରେ ଅଲ୍ ଓଡ଼ିଶା ଆମିଷ ବ୍ୟବସାୟୀ ମହାସଂଘ ରାଜ୍ୟ ସଭାପତି ସେକ୍ ମୁନ୍ତାକିମ୍ ବକ୍ସ କହିଛନ୍ତି, ଏଭଳି ସ୍ଥିତି କେବଳ ବିଏମ୍‌ସି ପାଇଁ ଉପୁଜୁଛି। ହକି ସମୟରେ ବ୍ୟବସାୟୀଙ୍କୁ ଜୟଦେବ ବିହାର ରାସ୍ତାକଡ଼ରୁ ଉଠାଯାଇଥିଲା। ହେଲେ ସେମାନେ କିଭଳି ଚଳିବେ ସେନେଇ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ଗୋଟିଏ ସ୍ଥାନରେ ବ୍ୟବସାୟୀମାନେ ଏଭଳି ଅବମାନନା କଲେ ତାଙ୍କ ଦେଖାଦେଖି ଅନ୍ୟ ସ୍ଥାନରେ ବି ଏଭଳି ହେବ। ପୂର୍ବରୁ ସେହି ଅଞ୍ଚଳରେ ୩୨ଜଣ ମାଛ ବ୍ୟବସାୟୀ ଥିବାବେଳେ ୫ଜଣ ମଟନ୍ ବ୍ୟବସାୟୀ ଏବଂ ୨ଜଣ ଚିକେନ୍ ବ୍ୟବସାୟୀ ରହିଥିଲେ। ଉଚ୍ଛେଦ ପରେ ଏବେ ସେମାନେ ବେସାହାରା ହୋଇ ପଡିଛନ୍ତି। ସ୍ଥାୟୀ ଭାବେ ଥଇଥାନ ନ ହେବା ପର୍ଯ୍ୟନ୍ତ ସେମାନଙ୍କ ପାଇଁ ଅସ୍ଥାୟୀ ଜାଗା ପ୍ରଦାନ କରିବାକୁ ଦାବି କରାଯାଇଛି। ଅପରପକ୍ଷେ ଇତି ମଧ୍ୟରେ ୩ ମାସ ବିତି ଯାଇଥିଲେ ବି ବ୍ୟବସାୟୀଙ୍କ ଥଇଥାନ ପାଇଁ ବିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଭେଣ୍ଡିଂଜୋନ୍ ନିର୍ମାଣ ଦୂରର କଥା ସଂଘ ସହ ଆଲୋଚନା ମଧ୍ୟ କରାଯାଉ ନାହିଁ। ଯାହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି।

# ଦୈନିକ ସର୍ବନିମ୍ନ ମଜୁରି ଦାବିକଲେ ଜଳ ଯୋଗାଣ କର୍ମଚାରୀ



ବିଭିନ୍ନ ଦାବି ନେଇ ଜଳ ଯୋଗାଣ କର୍ମଚାରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଭୁବନେଶ୍ୱର,୧୭।୩ (ବ୍ୟୁରୋ)**

ରାଜ୍ୟ ସରକାରଙ୍କ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ନିୟୋଜିତ ଠିକା, ଅସ୍ଥାୟୀ ଓ ଏସ୍‌ଇଏମ୍ କର୍ମଚାରୀ ଦୈନିକ ସର୍ବନିମ୍ନ ମଜୁରି ଦାବି କରିଛନ୍ତି। ଓଡ଼ିଶା ପାଇପ୍ ୱାଟର ୱାର୍କର୍ସ ଆସୋସିଏଶନ ପକ୍ଷରୁ ଶତାଧିକ କର୍ମଚାରୀ ଶୁକ୍ରବାର ଲୋୟର ପିଏଜିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିକ୍ଷୋଭକାରୀମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ। ମାସକ ମଧ୍ୟରେ ଦାବି ପୂରଣ ନ ହେଲେ ଏପ୍ରିଲ ୧୯ରେ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଥିବା ବାସଭବନ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସଂଘ ସଭାପତି ହୃଷୀକେଶ ସେଠୀ ଓ ସାଧାରଣ ସମ୍ପାଦକ ମନୋଜ ମହାନ୍ତି କହିଛନ୍ତି। ସେହିପରି ଏପ୍ରିଲ ୨୮ରେ ଅର୍ଥମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀସ୍ଥିତ ବାସଭବନ ଘେରାଉ କରାଯିବ ବୋଲି ଜଳଯୋଗାଣ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି।

# ଦେଢ଼ ମାସରେ ୨୬.୯୫ ଲକ୍ଷ ଜରିମାନା ଆଦାୟ

**ଭୁବନେଶ୍ୱର,୧୭।୩ (ବ୍ୟୁରୋ)**

ମଦ୍ୟପଙ୍କ ବିରୋଧରେ କମିଶନରେଟ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଫେବୃୟାରୀ ପହିଲାରୁ ମାର୍ଚ୍ଚ ୧୫ ମଧ୍ୟରେ ବିଭିନ୍ନ ଥାନା ପକ୍ଷରୁ ଚଢ଼ାଉ କରାଯାଇ ୫,୧୮୩ଜଣ ମଦ୍ୟପଙ୍କ ନିକଟରୁ ୨୬ଲକ୍ଷ ୯୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିରୁ ଖାରବେଳନଗର ଥାନା ସର୍ବାଧିକ ୭୦୯ଜଣଠାରୁ ୩.୪୫ଲକ୍ଷ ଟଙ୍କା ଜରିମାନା, ଶହୀଦନଗର ଥାନା ୩୯୭ଜଣଙ୍କ ନିକଟରୁ ୨.୬୫ଲକ୍ଷ, ମୈତ୍ରୀବିହାର ଥାନା ୩୩୮ଜଣଙ୍କଠାରୁ ୧.୬୯ଲକ୍ଷ, ଲକ୍ଷ୍ମୀସାଗର ଥାନା ୩୩୫ଜଣଠାରୁ ୨.୮ଲକ୍ଷ ଏବଂ ନୟାପଲ୍ଲୀ ଥାନାରୁ ୩୨୪ଜଣଙ୍କଠାରୁ ୧.୬୩ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି।




ବାଲକାଟୀସ୍ଥିତ ପ୍ରତାପଶାସନ ସେବା ସମବାୟ ସମିତିର ଶୁକ୍ରବାର ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା।

### ପ୍ରତାପଶାସନ ସମବାୟ ସମିତିର ବାର୍ଷିକ ବୈଠକ

**ବାଲକାଟୀ,୧୭।୩ (ଡି.ଏନ୍.ଏ.)**

ପ୍ରତାପଶାସନ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ ଶୁକ୍ରବାର ସ୍ଥାନୀୟ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଛି। ସମିତି ସଭାପତି ନଳିନୀକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟ ବିପିନି ବିହାରୀ ପାତ୍ର, ସନ୍ତୋଷ ମହାନ୍ତି, ସୋମନାଥ ସ୍ୱାଇଁ, ସରପଞ୍ଚ ରୀନା ବେହେରା, ଗଙ୍ଗାଧର ମହାରି, ରଞ୍ଜନ ମହାପାତ୍ର, ସରପଞ୍ଚ ରମାଲତା ନାୟକ, ବେଣୁଧର ଭୋଇ, ବସନ୍ତ ସାହୁ ଉପସ୍ଥିତ ଥିଲେ। ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ପାଦକ ସାଗର ସୁନ୍ଦରାୟ ପରିଚାଳନା କରିଥିଲେ।

# ଗୀତଗୋବିନ୍ଦ ସଦନ ପାଠାଗାର ବୁଲି ଦେଖିଲେ ଦକ୍ଷତା ବିକାଶ ମନ୍ତ୍ରୀ



ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ପାଠାଗାରରେ ଛାତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର, ୧୭।୩ (ବ୍ୟୁରୋ)**

ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼େଇ ଶୁକ୍ରବାର ସୂଚନା ଭବନ ପରିସରସ୍ଥିତ ଗୀତଗୋବିନ୍ଦ ସଦନ ପାଠାଗାର ପରିଦର୍ଶନ କରିଥିଲେ। ଗ୍ରାମ୍ୟ ଉନ୍ନୟନ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଏବଂ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ମନ୍ତ୍ରୀଙ୍କୁ ପାଠାଗାର ବୁଲାଇ ଦେଖାଇବା ସହ ଏହାର ସୁବ୍ୟବସ୍ଥା, କ୍ରମବର୍ଦ୍ଧିଷ୍ଣୁ ପାଠକଙ୍କ ଉପସ୍ଥାନ ଏବଂ ପାଠାଗାରରେ ଉପଲବ୍ଧ ଖବରକାଗଜ, ପତ୍ରପତ୍ରିକା ଓ ପୁସ୍ତକ ବିଷୟରେ ଅବଗତ କରାଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପରିଚାଳିତ ଏହି ପାଠାଗାରରେ ୧୧ଟି ଦୈନିକ ଇଂରାଜୀ ଓ ୨୦ରୁ ଅଧିକ ଦୈନିକ ଓଡ଼ିଆ ଖବରକାଗଜ ଏବଂ ୩୫ଟି ବିଭିନ୍ନ ପ୍ରକାରର ଉପଯୋଗୀ ପତ୍ରପତ୍ରିକା ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ନିମନ୍ତେ ଉପଲବ୍ଧ ହେଉଛି। ମନ୍ତ୍ରୀ ଉପସ୍ଥିତ ପାଠିକା ପାଠକଙ୍କୁ ସେମାନଙ୍କ ଅନୁଭୂତି ତଥା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏଠାକୁ ପ୍ରତିଦିନ ପ୍ରାୟ ୨ଶହ ମେଧାବୀ ଛାତ୍ରୀଛାତ୍ର ପଢ଼ିବା ପାଇଁ ଆସୁଛନ୍ତି। ପ୍ରତିବର୍ଷ ବହୁ ଛାତ୍ରୀଛାତ୍ର ଉକ୍ତ ପାଠାଗାରରେ ଅଧ୍ୟୟନ କରି ସଫଳତାର ସହ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହେଉଛନ୍ତି। ଏହି ପାଠାଗାର ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ପରିଦର୍ଶନ ସମୟରେ ସୁରେନ୍ଦ୍ର ନାଥ ପରିଡାଙ୍କ ସମେତ ବିଭାଗୀୟ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିହାରରୁ ଆଉ ଜଣେ ମାଷ୍ଟରମାଇଣ୍ଡ ଗିରଫ

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

**ଚାକିରି ଦେବା ନାଁରେ ବଡ଼ ଠକେଇ ଘଟଣା**
- ଠକେଇ ତଥ୍ୟ ଥିବା ଲାପଟପ୍ ଜବତ
- ପୂର୍ବରୁ ଗିରଫ ହୋଇଥିଲେ ୨ ଅଭିଯୁକ୍ତ

ଚାକିରି ଦେବା ନାଁରେ ଓଡ଼ିଶା ସମେତ ୧୭ ରାଜ୍ୟର ପ୍ରାୟ ଦେଢ଼ଲକ୍ଷ ଆଶାୟୀଙ୍କଠାରୁ ୬.୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ ଆଉ ଜଣେ ମାଷ୍ଟରମାଇଣ୍ଡ୍‌ଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ବିହାରରୁ ଗିରଫ କରିଛି। ସେ ହେଲେ ବିହାର ସିୱାନ ଜିଲା ମହାରାଜଗଞ୍ଜ ଅଞ୍ଚଳର ଅମିତ କୁମାର ସିଂ। ତାଙ୍କଠାରୁ ଠକେଇ ସମ୍ବନ୍ଧିତ ତଥ୍ୟ ଥିବା ଏକ ଲାପଟପ୍ ଜବତ ହୋଇଛି। ଅଭିଯୁକ୍ତ ଅମିତଙ୍କୁ ବୁଧବାର ଗିରଫ ପରେ ସ୍ଥାନୀୟ ସିୱାନସ୍ଥିତ ଏସିଜେଏମ୍-୬ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଶୁକ୍ରବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ମାସେ ତଳେ ମୁଖ୍ୟ ଅଭିଯୁକ୍ତ ଧରମପାଲ ସିଂ ଓ ୩ ସପ୍ତାହ ତଳେ ସହଯୋଗୀ ଜୟରାମ ତିୱାର ଗିରଫ ହୋଇ ଜେଲରେ ଅଛନ୍ତି। ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଜାରି ରଖିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ଗ୍ରାମୀଣ ରୋଜଗାର କଲ୍ୟାଣ ସଂସ୍ଥାନ ନାଁରେ ଏକ ନକଲି ସରକାରୀ ୱେବ୍‌ସାଇଟ୍ ଖୋଲିଥିଲେ। ଦିଲ୍ଲୀରେ ଏହାର ପଞ୍ଜୀକୃତ କାର୍ଯ୍ୟାଳୟ ସହ ମୁମ୍ବାଇ, ଭୋପାଳ ଓ ଡେରାଡୁନ୍‌ରେ ମଧ୍ୟ ଶାଖା ଖୋଲିଥିଲେ। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଆଦି ୧୭ଟି ରାଜ୍ୟରେ ନେଟ୍‌ୱର୍କ ତିଆରି କରିଥିଲେ। ପରେ ଉକ୍ତ ୱେବ୍‌ସାଇଟ୍‌ରେ ସରକାରୀ ଢାଞ୍ଚାରେ ବିଜ୍ଞାପନ ଦେଇ ଚାକିରି ଆଶାୟୀଙ୍କୁ ଫସାଇଥିଲେ। ଜିଲା ଓ ବ୍ଲକ୍ କୋଅର୍ଡିନେଟର ଆଦି ବହୁ ପଦବୀ ପାଇଁ ଖବରକାଗଜ ଜରିଆରେ ବିଜ୍ଞାପନ ଦେଉଥିଲେ। ୱେବ୍‌ସାଇଟ ମାଧ୍ୟମରେ ଆଶାୟୀମାନେ କେବଳ ଆବେଦନ କରିପାରିବେ ବୋଲି କୁହାଯାଉଥିଲା। ଅନ୍‌ଲାଇନ୍ ଫି' ବାବଦକୁ ଜେନେରାଲ ଏବଂ ଓବିସି ବର୍ଗ ପାଇଁ ୩୭୦ ଟଙ୍କା ଥିବାବେଳେ ଜନଜାତି ପିଲାଙ୍କ ଲାଗି ୧୭୦ ଟଙ୍କା ରହିଥିଲା। ଫି' ଦାଖଲ ସହ ଆବେଦନ କରୁଥିବା ଆଶାୟୀଙ୍କୁ ଅନ୍‌ଲାଇନ ଜରିଆରେ ପରୀକ୍ଷା ଓ ସାକ୍ଷାତ୍‌କାର ନେବାକୁ ଅଭିଯୁକ୍ତମାନେ କହୁଥିଲେ। ପରବର୍ତ୍ତୀ ସମୟରେ ସମସ୍ତ ଆଶାୟୀଙ୍କୁ ଅଯୋଗ୍ୟ କହି କାଟିଦେଉଥିଲେ। ହେଲେ ଫି' ବାବଦକୁ ବହୁ କୋଟି ଟଙ୍କା ଠକି ନେଉଥିଲେ। ଏନେଇ ଅଭିଯୋଗ ପରେ ଜାନୁୟାରୀ ୨୫ରେ ଇଓଡବ୍ଲ୍ୟୁ ଏକ ମାମଲା (ନଂ.୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡ଼ିଛି, ଅଭିଯୁକ୍ତ ଅମିତ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି (ଆଇଟି)ରେ ସ୍ନାତକ କରିଥିବାବେଳେ ସେ ୱେବ୍‌ସାଇଟ୍ ତିଆରି କରିବା ସହ ପରିଚାଳନା କରୁଥିଲେ। ଏଥିସହ ବିଜ୍ଞାପନ ଦେବାରେ ତାଙ୍କର ମୁଖ୍ୟ ଭୂମିକା ଥିଲା। ଏପରିକି ବିଭିନ୍ନ ୱାଲେଟ ଖୋଲି ବେଆଇନ ଟଙ୍କାକୁ ନେଣଦେଣ କରୁଥିଲେ ବୋଲି କୁହାଯାଇଛି।

# ଦାର୍ଶନିକ ଯତୀନ୍ଦ୍ରନାଥଙ୍କ ସ୍ମୃତିସଭା



**ଭୁବନେଶ୍ୱର, ୧୭।୩ (ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗ ଏବଂ ନିଖିଳ ଉତ୍କଳ ଦର୍ଶନ ପରିଷଦ ଆନୁକୂଲ୍ୟରେ ସୁପ୍ରତିଷ୍ଠିତ ଦାର୍ଶନିକ ଯତୀନ୍ଦ୍ରନାଥ ମହାନ୍ତିଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଦର୍ଶନ ବିଭାଗ ମୁଖ୍ୟ ଡ. ସରୋଜକାନ୍ତ କର ଯୋଗଦେଇ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଦର୍ଶନଶାସ୍ତ୍ରକୁ ଯତୀନ୍ଦ୍ରନାଥଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ସଭାପତି ପ୍ରଫେସର ବିଜୟାନନ୍ଦ କର ଯୋଗଦେଇ ଯତୀନ୍ଦ୍ରନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାପାତ୍ର, ଅନ୍ୟତମ ଅତିଥି ଭାବେ ନିଖିଳ ଉତ୍କଳ ଦର୍ଶନ ପରିଷଦ ସମ୍ପାଦକ ଡ. ସଚ୍ଚିନ୍ଦ୍ର ରାଉଳ, ପ୍ରଫେସର ଶରତ ଚନ୍ଦ୍ର ପାଣିଗ୍ରାହୀ, ଡ. ନନ୍ଦିନୀ ମିଶ୍ର ପ୍ରମୁଖ ଯୋଗଦେଇ ତାଙ୍କ ଅମାୟିକ ବ୍ୟକ୍ତିତ୍ୱର ସ୍ମୃତିଚାରଣ କରିଥିଲେ।

# ଜଳ ସମ୍ପଦ ବିଭାଗର ଖର୍ଚ୍ଚଦାବି ଗୃହୀତ

**ଭୁବନେଶ୍ୱର, ୧୭।୩ (ବ୍ୟୁରୋ)**

- ୩୧୪ ବ୍ଲକରେ ୩୫ ଭାଗ ଜଳସେଚନ ସୁବିଧା କରିବେ କହିଥିଲେ, କିନ୍ତୁ ହେଲାନି: ସାଲୁଜା
- ଜଳସେଚନ ବଢ଼ି ନ ଥିଲେ ଉତ୍ପାଦନ ବଢ଼ି ନ ଥାଆନ୍ତା: ଶଶିଭୂଷଣ
- ମହାନଦୀ ପାଇଁ ତୁମ୍ବିତୋଫାନ କରୁଥିଲେ,ଏଯାଏଁ ତଳମୁଣ୍ଡରେ ଡ୍ୟାମ୍ କରିପାରିଲେନି: ମହାଲିଙ୍ଗ

ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ଜଳ ସମ୍ପଦ ବିଭାଗ ପାଇଁ ଆଣିଥିବା ବ୍ୟୟ ଅଟକଳ ବିଧାନସଭାରେ ଶୁକ୍ରବାର ଗୃହୀତ ହୋଇଯାଇଛି। ଜଳ ସମ୍ପଦ ବିଭାଗ ଖର୍ଚ୍ଚଦାବି ଆଲୋଚନା ସମୟରେ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ବିରୋଧୀ ସଦସ୍ୟ ସମାଲୋଚନା କରିଥିବା ବେଳେ ସଫଳତାର କଥା ଶାସକ ଦଳର ସଦସ୍ୟମାନେ ବଖାଣିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ରାଜ୍ୟ ସରକାର ଜଳସେଚନ କ୍ଷେତ୍ରରେ ସମ୍ପୂର୍ଣ୍ଣ ଫେଲ୍ ହୋଇଛନ୍ତି। ରାଜ୍ୟ ସରକାର ରାଜ୍ୟର ୩୫ ପ୍ରତିଶତ ଜମି ପାଇଁ ଏ ପର୍ଯ୍ୟନ୍ତ ଜଳସେଚନ ସୁବିଧା କରିପାରିନାହାନ୍ତି। ନଦୀରେ ଆସୁଥିବା ଅଧିକ ଜଳକୁ ସଂରକ୍ଷିତ କରି ରଖିବାରେ ଏ ସରକାର ସମ୍ପୂର୍ଣ୍ଣ ଫେଲ୍ ହୋଇଛି। କେବଳ କାଗଜ କଲମରେ ବହୁ ଜମିରେ ଜଳସେଚନ ସୁବିଧା କରାଇଥିବା ନେଇ ସରକାର ମିଛ ତଥ୍ୟ ଦେବାରେ ବ୍ୟସ୍ତ ବୋଲି ସେ କହିଛନ୍ତି। ଶାସକ ଦଳ ସଦସ୍ୟ ଦିବ୍ୟଶଙ୍କର ମିଶ୍ର ଜଳ ସମ୍ପଦ ବିଭାଗ ପକ୍ଷରୁ କରାଯାଇଥିବା ଅନେକ ନୂଆ କାର୍ଯ୍ୟ ସମ୍ପର୍କରେ ତଥ୍ୟ ରଖିଥିଲେ। ଏହା ସହ ଏଥର ବଜେଟରେ ସରକାର କରିଥିବା ବିଭିନ୍ନ ସୁବିଧା ସମ୍ପର୍କରେ ମତ ରଖିଛନ୍ତି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣକରି ସରକାରଙ୍କ ଉପରେ ବର୍ଷିଥିଲେ। କଂଗ୍ରେସ ସରକାର ରାଜ୍ୟରେ ଥିବା ସମୟରେ ଯେତିକି ଜଳସେଚନ ଜମିକୁ ହୋଇଛି ଏହାପରଠାରୁ ୨୫ ବର୍ଷର ସରକାରରେ ଅଧିକ କୌଣସି କାର୍ଯ୍ୟ କରାଯାଇପାରି ନାହିଁ। ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ ଆଲୋଚନାରେ ଅଂଶଗ୍ରହଣ କରି କହିଛନ୍ତି, ଦେବଗଡ଼ ଜିଲା ପାଇଁ ଏହି ବଜେଟରେ କିଛି ବ୍ୟବସ୍ଥା କରାଯାଇନାହିଁ। ଏହାସହ ବିଭିନ୍ନ ପ୍ରକଳ୍ପରେ ବ୍ୟୟବରାଦ କରାଯାଇ ନ ଥିବା ଉଲ୍ଲେଖ କରିଛନ୍ତି। ବିଜେଡି ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି, ଜଳସେଚନରେ କେନ୍ଦ୍ର ଓଡ଼ିଶା ପ୍ରତି ଅବହେଳା ପ୍ରଦର୍ଶନ କରିବା ସହ ପାତରଅନ୍ତର ନୀତି ଆପଣାଉଛି। ହେଲେ ଓଡ଼ିଶା ବର୍ତ୍ତମାନ ବଳକା ରାଜ୍ୟରେ ପରିଣତ ହେବା ସହ ଚାଷୀର ଉତ୍ପାଦନ ୨ ଗୁଣା ହୋଇପାରିଛି। କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା କହିଛନ୍ତି, ରାଜ୍ୟ ସରକାର ସମୁଦାୟ ୩୧୪ ବ୍ଲକରେ ୩୫ ଭାଗ ଜଳସେଚନ ସୁବିଧା କରିବେ ବୋଲି କହିଥିଲେ, ହେଲେ ତାହା ଏ ପର୍ଯ୍ୟନ୍ତ ହୋଇପାରିଲାନାହିଁ। ୪୬ଟି ବ୍ଲକରେ ୩୫ ଭାଗ ସେଚ ସୁବିଧା ହୋଇ ନ ଥିବା ମନ୍ତ୍ରୀ ଉତ୍ତରରେ କହିଛନ୍ତି। ସେହିପରି କେବିକେ ଜିଲାର ୮୦ ବ୍ଲକରୁ ୧୭ ବ୍ଲକରେ ମଧ୍ୟ ୩୫ ଭାଗ ଜଳସେଚନ ସୁବିଧା କରାଯାଇନାହିଁ। ବଡ଼ ବଡ଼ ନଦୀର ପାଣି ସମୁଦ୍ରକୁ ଚାଲିଯାଉଛି। ହେଲେ ସରକାର ଡ୍ୟାମ୍ କରିବା ପାଇଁ ସକ୍ଷମ ହେଉନାହାନ୍ତି। ସେହିପରି ହୀରାକୁଦର ପାଣିକୁ ଶିଳ୍ପପତିମାନଙ୍କୁ ଦିଆଯାଉଥିବାବେଳେ ତଳମୁଣ୍ଡରେ ଚାଷୀଙ୍କୁ ପାଣି ମିଳୁନାହିଁ। ଛତିଶଗଡ଼ ଭଳି ଶିଳ୍ପପତିଙ୍କ ଟଙ୍କାରେ ସରକାର ରିଜର୍ଭୟର ବସାନ୍ତୁ ବୋଲି ସେ ଦାବି କରିଛନ୍ତି। ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ଅଧିକ ସେଚ ପାଇଁ ଆମେ ସମର୍ଥ ହୋଇଛୁ। ଅନେକ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମସ୍ୟା ଏକ ବଡ଼ ବାଧକ ସାଜୁଛି। ଜଳସେଚନ ବଢ଼ି ନ ଥିଲେ ଉତ୍ପାଦନ ବଢ଼ି ନ ଥାନ୍ତା। ଚାଉଳ ରପ୍ତାନିରେ ଓଡ଼ିଶା ତୃତୀୟ। କୃଷିକ୍ଷେତ୍ରରେ ରାଜ୍ୟକୁ ବହୁତ ସ୍ୱୀକୃତି ମିଳିଛି। ଏହାର ମୂଳ ଆଧାର ଜଳ ସମ୍ପଦ ବିଭାଗ। ଏଥିରେ ଅନେକ ସଂସ୍କାର ଅଣାଯାଇଛି। ଭାଜପା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି, ଜଳ ସମ୍ପଦ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଛି। ହୀରାକୁଦ ଡ୍ୟାମ୍‌ର ନିରାପତ୍ତା ପ୍ରତି ସରକାର ଚିନ୍ତିତ ନୁହନ୍ତି। ମହାନଦୀ ପାଇଁ ତୁମ୍ବିତୋଫାନ କରୁଥିଲେ ହେଲେ ଆଜି ପର୍ଯ୍ୟନ୍ତ ତଳମୁଣ୍ଡରେ ଚେକ୍ ଡ୍ୟାମ୍ କରିପାରିଲେ କି ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ୭୦-୮୦ ଭାଗ ପାଣି ସମୁଦ୍ରକୁ ଚାଲିଯାଉଛି। କଂଗ୍ରେସ ସରକାର ବେଳେ ବହୁ ଡ୍ୟାମ୍ କରାଯାଇଥିଲା। ୨୩ ବର୍ଷରେ ଗୋଟିଏ ବି ଡ୍ୟାମ୍ ରାଜ୍ୟ ସରକାର କରିପାରିଲେନହିଁ। ଡିଜାଇନରେ ବହୁ ପ୍ରକଳ୍ପ ଅଟକି ରହୁଛି ବୋଲି ସେ କହିଛନ୍ତି। ବିଜେଡି ବିଧାୟକ ପ୍ରଣବ ବଳବନ୍ତରାୟ କହିଛନ୍ତି, ଜଳସେଚନର ବିକାଶ ରାଜ୍ୟରେ ଦ୍ରୁତଗତିରେ ଆଗେଇ ଚାଲିଛି। ଭାଜପା ବିଧାୟକ ସୂର୍ଯ୍ୟବଂଶୀ ସୁରଜ ନଦୀଗୁଡ଼ିକର ଦୁର୍ଦ୍ଦଶା ସମ୍ପର୍କରେ କହିଛନ୍ତି। ବୈତରଣୀ ଭଦ୍ରକବାସୀଙ୍କ ପାଇଁ ବର୍ତ୍ତମାନ କାଳ ସାଜିଥିବାବେଳେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ନଦୀବନ୍ଧ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ବିଜେଡି ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି, ୨୦୦୦ ମସିହାରେ ଓଡ଼ିଶାରେ ୩୬ ଲକ୍ଷ ହେକ୍ଟର ଜଳସେଚନ ସୁବିଧା ଥିବାବେଳେ ଏବେ ଏହା ୬୬ ଲକ୍ଷ ହେକ୍ଟର ହେବାକୁ ଯାଉଛି। ସେହିପରି ଖାଦ୍ୟଶସ୍ୟ ଉତ୍ପାଦନ ୫୦ ଲକ୍ଷ ମେଟ୍ରିକ୍ ଟନରୁ ବଢ଼ି ୧୩୦ ଲକ୍ଷ ମେଟ୍ରିକ୍ ଟନରେ ପହଞ୍ଚିଲାଣି। ବିଜେଡି ବିଧାୟକ ସତ୍ୟନାରାୟଣ ପ୍ରଧାନ, ଭାଜପା ବିଧାୟକ ନବଚରଣ ମାଝି ଏବଂ ବିଜେଡି ବିଧାୟକ ରମେଶ ଚନ୍ଦ୍ର ସାଏ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଘରଭଡ଼ା ମାଗିବାରୁ ମାଲିକଙ୍କୁ ବ୍ଲାକ୍‌ମେଲ୍, ଦମ୍ପତି ଗିରଫ

ଭୁବନେଶ୍ୱର,୧୭।୩(ବ୍ୟୁରୋ) : ଭଡ଼ା ମାଗିବାରୁ ଘର ମାଲିକଙ୍କୁ ବ୍ଲାକ୍‌ମେଲ କରିବା ସହ ନକଲି କାଗଜପତ୍ର ଜରିଆରେ ତାଙ୍କ ଘର ହାତେଇବାକୁ ଉଦ୍ୟମ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଏକ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ଅଞ୍ଚଳରେ ରହୁଥିବା ସନ୍ଦୀପ ପ୍ରସାଦ ଓ ସୋନାଟା ଦାସ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅଭିଯୋଗ ଅନୁସାରେ, ଅଭିଯୁକ୍ତ ଦମ୍ପତି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଅଭିଯୋଗକାରୀ ମହିଳା ସୁମନ ମିଶ୍ରଙ୍କ ଘରକୁ ୨୦୧୭ରୁ ଭଡାକୁ ନେଇ ବିୟୁଟି ପାର୍ଲର କରିଥିଲେ। ବର୍ଷେ ପାଖାପାଖି ରହିବା ପରେ ଭଡା (ମାସିକ ୨୦ ହଜାର ଟଙ୍କା) ନ ଦେବାରୁ ମାଲିକ ଘର ଖାଲି କରିବାକୁ କହିଥିଲେ। ହେଲେ ଦମ୍ପତି ଘର ଖାଲି ନ କରିବାକୁ ବାଧ ହୋଇ ଘର ମାଲିକ ଚନ୍ଦ୍ରଶେଖରପୁର ଥାନାରେ ଗତବର୍ଷ ଜୁଲାଇ ୭ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଅଭିଯୁକ୍ତ ଦମ୍ପତିଙ୍କୁ ପଚରାଉଚରା କରିବାବେଳେ ସେମାନେ ଉକ୍ତ ଘରର ନକଲି କାଗଜପତ୍ର ଦେଖାଇ କିଣିଥିବା କଥା କହିଥିଲେ। ଏହାପରେ ଘର ମାଲିକ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଏହା ଜାଣିବା ପରେ ସୋନାଟା ଘର ମାଲିକାଣୀ ସୁମନଙ୍କ ସ୍ୱାମୀଙ୍କ ନାମରେ ମହିଳା ଥାନାରେ ଏକ ମିଛ ବଳାତ୍କାର ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମହିଳା ଥାନା ପୋଲିସ ମାମଲା ରୁଜୁ କରି ସୁମନଙ୍କ ସ୍ୱାମୀଙ୍କ ଉଠାଇ ଆଣି ପଚରାଉଚରା କରିଥିଲା। ଘଟଣା ଦିନ ସୁମନଙ୍କ ସ୍ୱାମୀ ଘରେ ନ ଥିବା ଜାଣିବା ପରେ ପୋଲିସ ତାଙ୍କୁ ଛାଡ଼ି ଦେଇଥିଲା। କୋର୍ଟରେ କାଗଜପତ୍ର ଯାଞ୍ଚରୁ ସବୁ ନକଲି ଜଣାପଡିଥିଲା। କୋର୍ଟଙ୍କ ନିର୍ଦ୍ଦେଶ ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଅଭିଯୁକ୍ତ ଦମ୍ପତିଙ୍କ ଗିରଫ କରିଥିଲା।

### 'ଡାକୋଟାରେ ନାହିଁ ହରିଣ ଚିହ୍ନ, ପ୍ରକୃତ ରଙ୍ଗ ଦିଆଯାଇନି'

ପୁରୀ ଅଫିସ, ୧୭।୩: ଭୁବନେଶ୍ୱର ବିମାନବନ୍ଦର ନିକଟସ୍ଥ ଡାକୋଟା ବିମାନ ସମ୍ମୁଖରେ ଶୁକ୍ରବାର ଶ୍ରୀଜଗନ୍ନାଥ ସେନା ବିକ୍ଷୋଭ କରିଛି। ପୁରୀ ସହରରେ ଏହି ବିମାନ ରଖାଯିବାକୁ ଦାବି କରାଯାଇଛି। ଏଥିସହ ଡାକୋଟାରେ ଫୁଲ ଦିଆଯାଇ ପୂଜାର୍ଚ୍ଚନା କରାଯାଇଛି। ଡାକୋଟାରେ କଳିଙ୍ଗ ଏୟାର ଲାଇନ୍ସର ହରିଣ ଚିହ୍ନ ନ ଥିବାବେଳେ ପ୍ରକୃତ ରଙ୍ଗ ଦିଆଯାଇନାହିଁ ବୋଲି ଶ୍ରୀଜଗନ୍ନାଥ ସେନା ଅଭିଯୋଗ ଆଣିଛି। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରିୟ ଡାକୋଟା ବିମାନକୁ କବାଡ଼ିଆକୁ ବିକିଦେବା ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା। ମାତ୍ର ଶ୍ରୀଜଗନ୍ନାଥ ସେନାର ହସ୍ତକ୍ଷେପ ପରେ ବିକ୍ରି ସ୍ଥଗିତ ରହିଥିଲା। ସେହିପରି ଡାକୋଟାକୁ ଓଡ଼ିଶା ଫେରାଇ ଆଣିବା ଲାଗି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ବିମାନ ଚଳାଚଳ ମନ୍ତ୍ରୀ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ମଧ ଦିଆଯାଇଥିଲା। ଶେଷରେ କୋଲକାତାରୁ ଓଡ଼ିଶାକୁ ଡାକୋଟା ବିମାନ ଫେରିଲା। ବିମାନକୁ ଏକ ଭଲ ସ୍ଥାନରେ ରଖିବା ପାଇଁ କେନ୍ଦ୍ର ବିମାନ ଚଳାଚଳ ବିଭାଗ ଅନୁମତି ଦେଇଥିଲା। ତେବେ ଦୁଃଖର ବିଷୟ ବିମାନ ଆସିବା ବେଳେ ରାଜ୍ୟ ସରକାର ଶ୍ରୀଜଗନ୍ନାଥ ସେନାକୁ ଭୁଲିଗଲେ। ଉଦ୍‌ଘାଟନ ସମୟରେ ନିମନ୍ତ୍ରଣପତ୍ର ଦେଲେ ନାହିଁ ବୋଲି ପଟ୍ଟନାୟକ ଅଭିଯୋଗ କରିଛନ୍ତି।

### ସାହିତ୍ୟିକାଙ୍କୁ ସୁଷମା ସ୍ୱରାଜ ସମ୍ମାନ

ରଘୁନାଥପୁର,୧୭।୩(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ସାଦେଇପୁର ଗ୍ରାମର ସାହିତ୍ୟ ସାଧିକା ତେଜସ୍ୱିନୀ ପଣ୍ଡାଙ୍କୁ ଭାଜପା ପ୍ରଦେଶ ମହିଳା ମୋର୍ଚ୍ଚା ପକ୍ଷରୁ ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ଅବସରରେ ସୁଷମା ସ୍ୱରାଜ ସମ୍ମାନରେ ସମ୍ମାନିତ କରାଯାଇଛି। ପ୍ରଦେଶ ମହିଳା ମୋର୍ଚ୍ଚା ସମ୍ପାଦିକା ଜୟଲକ୍ଷ୍ମୀ ମହାନ୍ତି, ନାରିନେତ୍ରୀ ଗୀତାଞ୍ଜଳି ସାହୁ ଓ ସ୍ମିତା ପ୍ରଧାନ ତେଜସ୍ୱିନୀଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ମାନପତ୍ର ପ୍ରଦାନ କରିଥିଲେ। ତେଜସ୍ୱିନୀ ୩ କବିତା ସଙ୍କଳନ ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନ ଦର୍ଶନ ଉପରେ ବହି ଲେଖି ଚର୍ଚ୍ଚିତ ହୋଇଥିଲେ। ଏହାଛଡା ସେ ଅନେକ ଅଗ୍ରଣୀ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହେବା ସହ ମୁଖ୍ୟମନ୍ତ୍ରୀଙ୍କଠାରୁ ମଧ ପ୍ରଶଂସିତ ହୋଇଛନ୍ତି।ସାହିତ୍ୟ ସାଧନା ତଥା ଭାଷା ସାହିତ୍ୟ ସୁରକ୍ଷାର ସ୍ୱପ୍ନକୁ ସମ୍ମାନ ଜଣାଇ ଚଳିତ ବର୍ଷ ତାଙ୍କୁ ସୁଷମା ସ୍ୱରାଜ ସମ୍ମାନ ପ୍ରଦାନ କରାଗଲା ବୋଲି ସମ୍ପାଦିକା ମହାନ୍ତି ପ୍ରକାଶ କରିଛନ୍ତି। ସମ୍ମାନିତ ବେଳେ ମାତା କଳ୍ପନା ଦାଶ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

# ୮ ସପ୍ତାହରେ ୧୦ ଲକ୍ଷ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

**ରାୟଗଡ଼ାରେ ହାଜତ ମୃତ୍ୟୁ ମାମଲା**

କଟକ ଅଫିସ,୧୭।୩:

ରାୟଗଡ଼ାର ଜଣେ ଆଦିବାସୀ ଯୁବକଙ୍କ ହାଜତ ମୃତ୍ୟୁ ମାମଲାର ବିଚାର କରି ହାଇକୋର୍ଟ ଆବେଦନକାରୀ ତଥା ମୃତକଙ୍କ ସ୍ତ୍ରୀଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାୟ ପ୍ରଦାନ କରିଛନ୍ତି। ସିଆରପିଏଫ୍ ଏବଂ ଓଡ଼ିଶା ପୋଲିସ ୫ ଲକ୍ଷ ଟଙ୍କା ଲେଖାଏ ମୋଟ ୧୦ ଲକ୍ଷ ଟଙ୍କା ଆବେଦନକାରୀଙ୍କୁ ୮ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠ ଏହି ମାମଲାର ବିଚାର କରି କ୍ଷତିପୂରଣ ପ୍ରଦାନରେ ବିଳମ୍ବ ହେଲେ ୬% ହାରରେ ସୁଧ ସହ କ୍ଷତିପୂରଣ ରାଶି ପ୍ରଦାନ କରିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୦ ଜୁନ୍ ୩ରେ ରାୟଗଡ଼ାର ଆଦିବାସୀ ଯୁବକ ପିଦେରା କଡଇସ୍କାଙ୍କ ମୃତଦେହ ସ୍ଥାନୀୟ ସରପଞ୍ଚଙ୍କୁ ହସ୍ତାନ୍ତର କରାଯାଇଥିଲା। ପିଦେରା ଜଣେ ଗରିବ ବ୍ୟକ୍ତି ହୋଇଥିବାରୁ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଥିଲେ। ସେ କାର୍ଯ୍ୟ ଅନ୍ୱେଷଣରେ କେରଳ ଯାଇଥିଲେ। ସେଠାରୁ ସେ ଅନ୍ୟ ଜଣେ ଆଦିବାସୀ ଯୁବକ ମନ୍ଧା ମାଝି ସହ ତାଙ୍କ ଗ୍ରାମ ସରିକିମାକୁ ଫେରୁଥିଲେ। ଜଙ୍ଗଲରୁ ଜନ୍ତୁ ଶିକାର କରିବା ପାଇଁ ମନ୍ଧାଙ୍କ ନିକଟରେ ଏକ ଦେଶୀ ବନ୍ଧୁକ ରହିଥିଲା। ସେମାନେ ଜଙ୍ଗଲରେ ଥିବାବେଳେ ସିଆର୍‌ପିଏଫ୍ କର୍ମଚାରୀମାନେ ଗୁଡାରିରୁ ଚନ୍ଦ୍ରପୁରକୁ ମାଓବାଦୀ କୋମ୍ବିଂ ଅପରେଶନ ସାରି ଫେରୁଥିଲେ। ଏହି ଦୁଇ ଜଣଙ୍କୁ ସେମାନେ ଧରି ନେଇ ଚନ୍ଦ୍ରପୁର ଥାନା ହାଜତରେ ରଖିବା ସହ ଅତ୍ୟନ୍ତ ନିର୍ଦ୍ଦୟ ଭାବେ ବୁଟ୍, ବନ୍ଧୁକ, ଲାଠି ଓ ଗୋଇଠା ମାରିଥିଲେ।




ମନ୍ଧାଙ୍କ ଲାଇସେନ୍ସ ବନ୍ଧୁକ ରହିଥିବାରୁ ତାଙ୍କୁ ଛାଡ଼ି ଦିଆଯାଇଥିବାବେଳେ ପିଦେରାଙ୍କୁ ଅଟକ ରଖାଯାଇଥିଲା। ମାତ୍ର ପିଦେରାଙ୍କୁ ଅଟକ ରଖିବା ନେଇ ସିଆର୍‌ପିଏଫ୍ କୌଣସି କାଗଜପତ୍ରରେ ଲେଖି ନ ଥିଲା କି ତାଙ୍କ ଘରକୁ ବା ସମ୍ପର୍କୀୟଙ୍କୁ ଖବର ଦେଇ ନ ଥିଲା। ଜୁନ୍ ୩ରେ ଚନ୍ଦ୍ରପୁର ସରପଞ୍ଚ ସୁବାସ ମାଝିଙ୍କୁ ଚନ୍ଦ୍ରପୁର ତତ୍କାଳୀନ ଥାନାଧିକାରୀ ମେସେଜ ପଠାଇ ଥାନାକୁ ଆସିବାକୁ କହିଥିଲେ। ସରପଞ୍ଚ ପିଦେରାଙ୍କ ପରିବାର ଲୋକଙ୍କ ସହ ସେଠାରେ ପହଞ୍ଚିବା ପରେ ପିଦେରାଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ଗାଁକୁ ନ ନେଇ ରାୟଗଡ଼ାରେ ପୋଡ଼ିଦେବାକୁ ପୋଲିସ ତାଙ୍କୁ ବାଧ୍ୟ କରିଥିଲା। ମାତ୍ର ସରପଞ୍ଚ ଏଥିରେ ରାଜି ନ ହେବାରୁ ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲା। ମୃତକଙ୍କ ସ୍ତ୍ରୀ ମାରିଆ କଡ଼ାଇସ୍କାଙ୍କ ଆବେଦନକ୍ରମେ ହାଇକୋର୍ଟରେ ରୁଜୁ ମାମଲାକୁ ଆଇନଜୀବୀ ପ୍ରଶାନ୍ତ କୁମାର ଜେନା ପରିଚାଳନା କରୁଥିଲେ।

## ମୂଳବସନ୍ତ ଦୋଳ ମେଲଣ ଉଦ୍‌ଯାପିତ



ଦୋଳ ବିମାନ ଆଗରେ ବିଭିନ୍ନ ମେଲଣ କମିଟିର ସଦସ୍ୟମାନେ ।

ମାହାଙ୍ଗା,୧୭।୩(ସ୍ୱ.ପ୍ର.):

ମାହାଙ୍ଗା ବ୍ଲକର ମୂଳବସନ୍ତ ଦୋଳ ମେଲଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ୭ରୁ ଅଧିକ ବିମାନ ମେଲଣ ପଡ଼ିଆରେ ପହଞ୍ଚିଥିଲେ। ପ୍ରଥମେ ଥାନପତିଭାବେ ଭାବଗ୍ରାହୀ କର ବିମାନ ମେଲଣ ପଡ଼ିଆକୁ ଯାଇଥିଲା। ପରେ ଅନ୍ୟ ବିମାନଗୁଡ଼ିକ ପହଞ୍ଚିଥିଲେ। ଏଥିରେ ମେଲଣ କମିଟି ସଭାପତି ସନ୍ତୋଷ କୁମାର କର, ସମ୍ପାଦକ ଅଜୟ ଭଦ୍ର, ସରପଞ୍ଚଙ୍କ ପ୍ରତିନିଧି କବି ପ୍ରଶାନ୍ତ କୁମାର କର, ପୂର୍ବତନ ସରପଞ୍ଚ ଭ୍ରମରବର ରାଉତରାୟ, ତପନ ବଳବନ୍ତରାୟ, ତ୍ରୈଲୋକ୍ୟ ବିହାରୀ ଦାସ, ରାଘବ ସେଠୀ, ଅମୀୟ ବଳବନ୍ତରାୟ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଯଦୁମଣି ପ୍ରଧାନ, ସୁକାନ୍ତ ରାଉତ, ଅଭୟ ବଳଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ। ଭାଇଚାରା ପରମ୍ପରା ବଜାୟ ରଖିବାପାଇଁ ଗ୍ରାମବାସୀ ପରସ୍ପର ମଧ୍ୟରେ ଅବିର ଲଗାଇଥିଲେ। ଏହି ମେଳଣରେ ବହୁ ଉଠା ଦୋକାନ ପସରା ଖୋଲିଥିଲେ।

# 'ଚକ୍ଷୁ ପରୀକ୍ଷା ଦ୍ୱାରା ଗ୍ଲୁକୋମା ରୋଗ କମିବ'




ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳନ ଅବସରରେ ଜୁଡିସିଆଲ ଏକାଡେମୀ ନିକଟରୁ ବାହାରିଥିବା ସଚେତନତା ଶୋଭାଯାତ୍ରା ।

**ବିଶ୍ୱ ଗ୍ଲୁକୋମା ସପ୍ତାହ**

କଟକ ଅଫିସ, ୧୭।୩:

ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ସିଡିଏ ସେକ୍ଟର-୬ସ୍ଥିତ ଚିକିତ୍ସାଳୟ ପରିସରରେ ବିଶ୍ୱ ଗ୍ଲୁକୋମା ସପ୍ତାହ ଶୀର୍ଷକ ସଚେତନତା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଏଥିରେ ଚିକିତ୍ସାଳୟର ସଭାପତି ଜଗବନ୍ଧୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚକ୍ଷୁର ଯତ୍ନ ଉପରେ ଗୁରୁତ୍ୱ ଦେଇଥିଲେ। ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଦ୍ୱାରା ଗ୍ଲୁକୋମା ରୋଗ କମିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ରୋଟାରୀ କ୍ଲବ ଅଫ୍ କଟକ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ବିଶ୍ୱାଳ, ମ୍ୟାନେଜିଂ ଟ୍ରଷ୍ଟି ଦେବାଶିଷ ପଣ୍ଡା, ରୋଟାରୀ କ୍ଲବ୍ ଅଫ୍ କଟକର ସଭାପତି ବିଜୟଦାସ ମହାପାତ୍ର, ଚିକିତ୍ସାଳୟ ଉପସଭାପତି ସୁଜିତାଭ ଶତପଥୀ, ସମୀର ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ୪୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ନିୟମିତ ଚକ୍ଷୁ ପରୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଡା. ସୋନାଲି ଷଡ଼ଙ୍ଗୀ, ଅକ୍ଷୟ କୁମାର ଦେଓ, ସୁଜାତା ପ୍ରିୟଦର୍ଶିନୀ, ଅକ୍ଷୟ ସାହୁ, ବିଶ୍ୱରଞ୍ଜନ ସାହୁ, ଅକ୍ଷୟ କୁମାର ନାୟକ, ଶୁନେଶ୍ୱର ସ୍ୱାଇଁ, ପ୍ରଶାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନିକ ଅଧିକାରୀ ମୌରିୟସ ଲାକ୍ରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜୁଡିସିଆଲ ଏକାଡେମୀ ନିକଟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ରୋଟାରୀ ଚିକିତ୍ସାଳୟ ପର୍ଯ୍ୟନ୍ତ ଯାଇଥିଲା।

## ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ

ସାଲେପୁର,୧୭।୩(ଡି. ଏନ.ଏ):

ସାଲେପୁର ତହସିଲଦାର ଶିବ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏନେଇ ତହସିଲ ପ୍ରଶାସନ ପକ୍ଷରୁ ଭୀମଦାସପୁର, ଜଗୁଲାଇପଡ଼ା ଓ ଧର୍ମାଗତପୁର ରାଜସ୍ୱ ନିରୀକ୍ଷକଙ୍କ ଅଞ୍ଚଳରେ ବେଆଇନ ଭାବେ ଗଢ଼ି ଉଠିଥିବା ଇଟାଭାଟି ଉପରେ ଚଢ଼ାଉ କରାଯାଇଥିଲା। ଅତିରିକ୍ତ ତହସିଲଦାର ତପସିନୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୀମଦାସପୁର ରାଜସ୍ୱ ନିରୀକ୍ଷକ ଶାରଦା ପ୍ରସନ୍ନ ସାହୁ, ଜଗୁଲାଇପଡ଼ା ରାଜସ୍ୱ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ, ଧର୍ମାଗତପୁର ରାଜସ୍ୱ ନିରୀକ୍ଷକ ଲକି ବେହେରା ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଅପରପକ୍ଷେ ଏକ ସ୍ଥାନରେ ବେଆଇନ ଭାବେ ଇଟାଭାଟି ପୋଡୁଥିବା ଜଣେ ବ୍ୟକ୍ତି ପ୍ରଶାସନକୁ ଜରିମାନା ଦେବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଫଳରେ ପ୍ରଶାସନ ପକ୍ଷରୁ ଅଗ୍ନିଶମ ବିଭାଗକୁ ଡକାଇ ଇଟାଭାଟିରେ ପାଣି ପକାଇ ଲିଭାଇବାକୁ ଉଦ୍ୟମ କରାଯାଇଥିଲା। ଏହାପରେ ସମ୍ପୃକ୍ତ ବ୍ୟକ୍ତି ତହସିଲ ପ୍ରଶାସନକୁ ଜରିମାନା ଦେଇଛନ୍ତି।

## ଶିକ୍ଷିତା ନାରୀ ସମାଜକୁ ଷଡ଼ଯନ୍ତ୍ରରୁ ରକ୍ଷା କରିପାରିବ



ମହିଳା ସମାବେଶରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅତିଥିମାନେ ।

ଆଠଗଡ଼,୧୭।୩(ସ୍ୱ.ପ୍ର.)

ନିଜ ଶକ୍ତିକୁ ଜାଣିଥିବା ଶିକ୍ଷିତା ନାରୀ ସମାଜକୁ ଷଡ଼ଯନ୍ତ୍ରରୁ ରକ୍ଷା କରିପାରିବ। ପୁଞ୍ଜିବାଦୀ ବଜାରୀକରଣ ବ୍ୟବସ୍ଥାରୁ ସମାଜକୁ ରକ୍ଷା କରିବା ପାଇଁ ନାରୀ ସଙ୍କଳ୍ପବଦ୍ଧ ହେବା ଉଚିତ୍। ଆଠଗଡ଼ ନିର୍ବାଚନ ମଣ୍ଡଳୀ ବିଜୁ ମହିଳା ଜନତା ଦଳ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ମହୋତ୍ସବ ପଡ଼ିଆରେ ଆୟୋଜିତ ଏକ ବିଶାଳ ମହିଳା ସମାବେଶ ଓ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ନ୍ୟାଶନାଲ ଫେଡେରେଶନ ଅଫ ଇଣ୍ଡିଆନ ଓମେନ୍ସ କାର୍ଯ୍ୟକର୍ତ୍ତା ଡ.ଅମୃତା ପାଠକ ଏହା କହିଛନ୍ତି। ଏହି ଅବସରରେ ମହିଳା ସଶକ୍ତୀକରଣ, ଲିଙ୍ଗଗତ ସମାନତା, ସ୍ୱାଧୀନତା ସଂଗ୍ରାମରେ ମହିଳାଙ୍କ ଅବଦାନ ତଥା ସାମ୍ପ୍ରତିକ ସାମାଜିକ-ରାଜନୈତିକ ପ୍ରରିପ୍ରେକ୍ଷୀରେ ମହିଳାଙ୍କ ଭୂମିକା ଆଦି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାନେତ୍ରୀ ଶାନ୍ତିଲତା ବେହେରା ଅଧ୍ୟକ୍ଷତାରେ କରିଥିବାବେଳେ ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ଓଡ଼ିଶା ଉଚ୍ଚନ୍ୟାଳୟ ଆଇନଜୀବୀ ସୁଜାତା ଦାଶ, ଅଡ଼ଶପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରଧ୍ୟାପିକା ଡ.ଚିରଶ୍ରୀ ଇନ୍ଦ୍ରଶ୍ରୀ, ସର୍ବଭାରତୀୟ ଛାତ୍ରସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ପ୍ରମୁଖ ଯୋଗଦେଇ ଥିଲେ। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସଂଯୋଜନାରେ ଟିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ବିଜେଡି ମହିଳା ସଭାନେତ୍ରୀ ରୂପା ଦଳେଇ, ଆଠଗଡ଼ ଏନ୍ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ମଧୁସ୍ମିତା ସେଠୀ, ଜିଲା ପରିଷଦ ସଭ୍ୟା ମିନତି ଗାଗରାଇ, ସସ୍ମିତା ରାଉତ, ମିତା ରାଉତ, ନିରୁପମା ଭଞ୍ଜ, ବାସନ୍ତୀ ରାଉଳ ସମେତ ବହୁ ମହିଳା ସରପଞ୍ଚ, ସମିତି ସଭ୍ୟା କାଉନସିଲର ଯୋଗଦେଇଥିଲେ।

# 'ଦକ୍ଷ, ସଶକ୍ତ ହୁଅନ୍ତୁ ମହିଳା'



ନିମପୁର ଖେଳ ପଡିଆରେ ଅନୁଷ୍ଠିତ ସମାବେଶରେ ଯୋଗଦେଇଥିବା ମହିଳାମାନେ ।

କଟକ ଅଫିସ/ମଙ୍ଗୁଳି-ଜଗତପୁର,୧୭।୩ (ଡି.ଏନ୍.ଏ.)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ସ୍ଥାନୀୟ ନିମପୁର ଖେଳ ପଡିଆରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ କହିଥିଲେ, ମହିଳା ସଶକ୍ତିକରଣ ଦିଗରେ ମହିଳାମାନଙ୍କ ପାଇଁ ୫୦% ସ୍ଥାନ ସରକ୍ଷଣ, ମହିଳାମାନେ ଆଗେଇଲେ ରାଜ୍ୟ ଆଗେଇବ। ସେଥିପାଇଁ ବିଜେଡି ସବୁବେଳେ ମା'ମାନଙ୍କ ପାଇଁ କାମ କରିଛି ଓ କରି ଚାଲିବ। ସେମାନେ ସଶକ୍ତ ଓ ଦକ୍ଷ ହୁଅନ୍ତୁ ବୋଲି ବିଶ୍ୱାଳ କହିଥିଲେ। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ଚୌଦ୍ୱାର-କଟକ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସୌଭାଗିନୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ମହାନଗର ନିଗମ(ସିଏମ୍‌ସି)ଡେପୁଟୀ ମେୟର ଦମୟନ୍ତୀ ମାଝୀ, ମୁଖ୍ୟବକ୍ତା ସିଏମ୍‌ସି ମେୟର ସୁବାସ ସିଂ, ବିଶିଷ୍ଟ ଅତିଥି ଭାବେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇଥିଲେ। ଚୌଦ୍ୱାର ନଗର ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା ଧନ୍ୟବାଦ ଦେଇଥିଲେ। ଏଥିରେ ପଞ୍ଚାୟତ ସମିତିସଭ୍ୟା, ସରପଞ୍ଚ, କଟକ ଜିଲା ଓ ନଗର ମହିଳା ନେତୃବୃନ୍ଦଙ୍କ ସମେତ ବହୁସଂଖ୍ୟକ ମହିଳା ଯୋଗଦେଇଥିଲେ।

### ଚାକିରି ଦେବା ନାଁରେ ବଡ଼ ଠକେଇ ଘଟଣା

## ବିହାରରୁ ଆଉଜଣେ ମାଷ୍ଟରମାଇଣ୍ଡ ଗିରଫ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ଚାକିରି ଦେବା ନାଁରେ ଓଡ଼ିଶା ସମେତ ୧୭ ରାଜ୍ୟର ପ୍ରାୟ ଦେଢ଼ଲକ୍ଷ ଆଶାୟୀଙ୍କଠାରୁ ୬.୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ ଆଉ ଜଣେ ମାଷ୍ଟରମାଇଣ୍ଡଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ବିହାରରୁ ଗିରଫ କରିଛି। ସେ ହେଲେ ବିହାର ସିୱାନ ଜିଲା ମହାରାଜଗଞ୍ଜ ଅଞ୍ଚଳର ଅମିତ କୁମାର ସିଂ। ତାଙ୍କଠାରୁ ଠକେଇ ସମ୍ବନ୍ଧିତ ତଥ୍ୟ ଥିବା ଏକ ଲାପଟପ୍ ଜବତ ହୋଇଛି। ଅଭିଯୁକ୍ତ ଅମିତଙ୍କୁ ବୁଧବାର ଗିରଫ ପରେ ସ୍ଥାନୀୟ ସିୱାନସ୍ଥିତ ଏସିଜେଏମ୍-୬ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଶୁକ୍ରବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଏହି ମାମଲାରେ ମାସେ ତଳେ ମୁଖ୍ୟ ଅଭିଯୁକ୍ତ ଧରମପାଲ ସିଂ ଓ ୩ ସପ୍ତାହ ତଳେ ସହଯୋଗୀ ଜୟରାମ ତିୱାର ଗିରଫ ହୋଇ ଜେଲରେ ଅଛନ୍ତି।

## ଭାଗୀରଥି ନନ୍ଦ ସେରିଫେଡ୍ ସଭାପତି



ଭୁବନେଶ୍ୱର, ୧୭।୩(ବ୍ୟୁରୋ)

ରାଜ୍ୟ ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) ସଭାପତି ଭାବେ କଟକ ଜିଲା ଟିଗିରିଆ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଭାଗୀରଥି ନନ୍ଦ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହାପୂର୍ବରୁ ସେ ୨୦୦୯ରୁ ୨୦୧୨ ପର୍ଯ୍ୟନ୍ତ ଏହି ସଂସ୍ଥାର ସଭାପତି, ୧୯୯୬ରୁ ଦୁଇବର୍ଷ ଏବଂ ୨୦୧୫ରୁ ୨୦୨୦ ଯାଏ ବୋର୍ଡ ସଦସ୍ୟ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସୋମବାର ଭୁବନେଶ୍ୱରସ୍ଥିତ ସେରିଫେଡ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ନିର୍ବାଚନରେ ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ଏହାପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଶକ୍ତିମନ୍ତ୍ରୀ ପ୍ରତାପ ଦେବ, କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ଉପଦେଷ୍ଟା ସୁବ୍ରତ ଛାଟୋଇ, ପର୍ଯ୍ୟବେକ୍ଷକ ଚିନ୍ମୟୀ ଦାସ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ନୂତନ ଭାବେ ନିର୍ବାଚିତ ହୋଇଥିବା ୨୧ଜଣ ବୋର୍ଡ ସଦସ୍ୟଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ବୁଣାକାର ଏବଂ ଆଦିବାସୀ ଅଞ୍ଚଳର ରେଶମ ଚାଷୀଙ୍କ ସାମଗ୍ରିକ ଉନ୍ନତି ପାଇଁ ପ୍ରୟାସ କରିବେ ବୋଲି ସେରିଫେଡ୍ ସଭାପତି ନନ୍ଦ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ୨୪ ଘଣ୍ଟିଆ ଜଳଯୋଗାଣକୁ ଗୁରୁତ୍ୱ

**ରମ୍‌ଜାନ ପ୍ରସ୍ତୁତି ବୈଠକ**

କଟକ ଅଫିସ,୧୭।୩

ଆସନ୍ତା ସପ୍ତାହରୁ ରମ୍‌ଜାନ୍ ମାସ ଆରମ୍ଭ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ସହରରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ରାସ୍ତା ସଫେଇ ସହ ଚୂନ ପକାଯିବା ଓ ଷ୍ଟ୍ରିଟ୍ ଲାଇଟ୍ ମରାମତି ପାଇଁ ପଦକ୍ଷେପ ନିଆଯିବ। ସେହିଭଳି ଡ୍ରେନ୍ ସଫେଇ, ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା ସହ ରାତିରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କରାଯିବ। ଏନେଇ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସ୍ଥାନୀୟ ବିଜୁଭବନ ପରିସରରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ୱାର୍ଡର କର୍ପୋରେଟର ଓ ମୁରବୀ ଯୋଗଦେଇଥିଲେ। କଦମରସୁଲ, ଇଦ୍‌ଗା, ଦେୱାନ ବଜାର, ଦରଘାବଜାର, ଯୋବ୍ରା, ଗୋପାଳପୁର, କେଶରପୁର, ଓଡ଼ିଆ ବଜାର, ସୁତାହାଟ ଅଞ୍ଚଳର ମସ୍‌ଜିଦ୍‌ଗୁଡ଼ିକ ଆଲୋକୀକରଣ କରାଯିବ। ମେୟର ସିଂ ଓ କମିଶନର ନିଖିଲ ପଠ୍ୱନ କଲ୍ୟାଣ ମସ୍‌ଜିଦ୍ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବେ। ସେହିଭଳି ମସ୍‌ଜିଦ୍ ନିକଟ ଅଞ୍ଚଳ ସଫା କରାଯିବ। ବୈଠକରେ ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, କର୍ପୋରେଟର କେ. ଜାଫ୍ରିନ, କ୍ୟୁରେସା ନୂର, ମହମ୍ମଦ ଇଫତେକାର ଆଲମ, ମୋନାଲିସା ଦାସ, ସ୍ୱର୍ଣ୍ଣପ୍ରଭା ପଶାୟତ, ଲିଜାରାଣୀ ରାଉତ, ଜନାର୍ଦ୍ଦନ ପରିଡ଼ା, ଝିଲି ବିହାରୀ, ଆରତୀ ସାହୁ, ପୂର୍ବତନ କର୍ପୋରେଟର ରମ୍‌ଜାନ୍ ଖାନ୍, ମହମ୍ମଦ ସକିଲ, ଡ. ଆୟୁବ ଖାନ୍, ଏ. ହୁସେନ ପ୍ରମୁଖ ଯୋଗଦେଇଥିଲେ ।

# 'ଜ୍ୱିଗାଟୋ'ର ଶିଶୁ କଳାକାର ପ୍ରଜ୍ୱଳ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ବଲିଉଡ ଚଳଚ୍ଚିତ୍ର 'ଜ୍ୱିଗାଟୋ' ଶୁକ୍ରବାର ସର୍ବଭାରତୀୟ ସ୍ତରରେ ମୁକ୍ତିଲାଭ ହୋଇଛି। ଭୁବନେଶ୍ୱରରେ ଶୁଟିଂ ହୋଇଥିବା ଏହି ଫିଲ୍ମରେ ଅନେକ ଓଡ଼ିଆ କଳାକାରଙ୍କୁ ଅଭିନୟ କରିବାର ସୁଯୋଗ ମିଳିଛି। ଅଭିନେତା କପିଲ ଶର୍ମାଙ୍କ ପୁଅ ଭୂମିକାରେ କଟକର ଶିଶୁ କଳାକାର ପ୍ରଜ୍ୱଳ ସାହୁ କାର୍ତ୍ତିକ ଅଭିନୟ କରିଛନ୍ତି। ଶୁକ୍ରବାର ସ୍ଥାନୀୟ ଘରୋଇ ହୋଟେଲରେ ଓଡ଼ିଶା ଫିଲ୍ମ ଫେଷ୍ଟିଭାଲ୍ ଓ ଆୱାର୍ଡସ୍ ଆନୁକୂଲ୍ୟରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଶିଶୁ କଳାକାର ପ୍ରଜ୍ୱଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ଉଲ୍ଲାସ ଚନ୍ଦ୍ର ବେହୁରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି




ବାପୁଲେଙ୍କା, ଓଡ଼ିଶା ଚଳଚ୍ଚିତ୍ର କଳାକାର ସଂଘର ସାଧାରଣ ସମ୍ପାଦକ ଶ୍ରୀତମ୍ ଦାସ, ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ସଞ୍ଜୟ ନାୟକ, ଅଭିନେତା ସୁଭାଶିଷ ଶର୍ମା ପ୍ରମୁଖ ଅତିଥିଭାବେ ଯୋଗଦେଇ ଓଡ଼ିଶାର ଏହି ପ୍ରତିଭାବାନ ଶିଶୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ ରୁଚି ଫୁଡ୍‌ଲାଇନ୍‌ର ପରିଚାଳନା ନିର୍ଦ୍ଦେଶକ ଡ.ଶରତ କୁମାର ସାହୁଙ୍କ ନାତି ତଥା ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ ଓ ସଲିନା ସାହୁଙ୍କ ପୁଅ। କରୋନା ମହାମାରୀ ସମୟରେ ସଂଘର୍ଷରତ ଫୁଡ୍ ଡେଲିଭରୀ କରୁଥିବା ଜଣେ ବ୍ୟକ୍ତିର ଦୁଃଖ ଓ ଜୀବନ ଉପରେ ନିର୍ମିତ ଏହି ଚଳଚ୍ଚିତ୍ରର ଟ୍ରେଲର୍ ଶୋ ଲୋକପ୍ରିୟ ହୋଇପାରିଛି। 'ଜ୍ୱିଗାଟୋ' ଫିଲ୍ମକୁ ପ୍ରଯୋଜିକା ତଥା ଅଭିନେତ୍ରୀ ନନ୍ଦିତା ଦାସ ନିର୍ଦ୍ଦେଶନା ଦେଇଛନ୍ତି। ମାତ୍ର ୧୩ବର୍ଷ ବୟସରେ ବଲିଉଡ୍‌ରେ ଡେବ୍ୟୁ କରିଥିବା ପ୍ରଜ୍ୱଳ ସାହୁ ଅଭିନୟ କରିବା ନିଜର ସଉକ୍ ବୋଲି ପ୍ରକାଶ କରିଛନ୍ତି। ସେଥିପାଇଁ ସେ କୌଣସି ସ୍ୱତନ୍ତ୍ର ତାଲିମ୍ ନେଇନାହାନ୍ତି। ନିଜର ଆତ୍ମବିଶ୍ୱାସ ବଳରେ ସେ ଏ ଶୁଭାରମ୍ଭ କରିଥିବା ବେଳେ ବାପା ବହୁତ ପ୍ରେରଣା ଯୋଗାଇଛନ୍ତି ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ଚିଣ୍ଟୁ ମିଶ୍ରଙ୍କ ଦ୍ୱାରା ନିର୍ମିତ ଏହି ଶିଶୁ କଳାକାର ସାହୁଙ୍କୁ ନେଇ ଓମ୍ ସମ୍ପର୍କିତ ଏକ ସ୍ୱତନ୍ତ୍ର ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ସୌମ୍ୟଜିତ୍ ପରିଡ଼ା, ଅମୃତ ରଞ୍ଜନ ଦାସ, ଅସିତ୍ ସାମଲ, ଜ୍ଞାନରଞ୍ଜନ ରାୟ, ସ୍ମୃତିଶିକ୍ତ ସାମନ୍ତରାୟ, ସନ୍ତୋଷ ନାୟକ, ପତିତପାବନ ପଣ୍ଡା ପ୍ରମୁଖ ପରିଚାଳନା କରିଥିବା ବେଳେ ଦିବ୍ୟଜ୍ୟୋତି ସାହୁ ସହଯୋଗ କରିଥିଲେ।

# ଚେକ୍‌ଡ୍ୟାମ୍ ନିର୍ମାଣ ଦାବି ତେଜିଲା

**ଖୋର୍ଦ୍ଧା ଅଫିସ,୧୭।୩**

ପ୍ରତିବର୍ଷ ପ୍ରତିବର୍ଷ ମହାନଦୀର ଉପର ଓ ତଳ ମୁଣ୍ଡରେ ବର୍ଷା ଯୋଗୁ ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ହୀରାକୁଦ ଗେଟ୍ ଖୋଲିବା ଦ୍ୱାରା ମହାନଦୀର ଶାଖାନଦୀ ରାଜୁଆ, ଦୟାରେ ଜଳସ୍ତର ବଢ଼ିଥାଏ। ରାଜୁଆ ନଦୀର ବନ୍ୟାଜଳ ଖୋର୍ଦ୍ଧା ବ୍ଲକର ଓରବରସିଂ, ନରଣଗଡ଼ ଏବଂ ବ୍ରଜମୋହନପୁର ପଞ୍ଚାୟତରେ ପ୍ରବେଶ କରିଥାଏ। ଫଳରେ ଏହିସବୁ ପଞ୍ଚାୟତର ୧୦ଟି ଗ୍ରାମ ବନ୍ୟାଜଳରେ ପ୍ରଭାବିତ ହୋଇଥାଏ। ଗ୍ରାମବାସୀ ଏକପ୍ରକାର ଜଳବନ୍ଦୀ ରହିବା ସହ ଚାଷଜମି ପାଣିରେ ବୁଡ଼ିରହିଥାଏ। ଫଳରେ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହୋଇଥା'ନ୍ତି। ନିଅଣ୍ଟିଆ ବର୍ଷା, ଲଘୁଚାପ ବର୍ଷାରେ ଚାଷୀକୁଳ କ୍ଷତିଗ୍ରସ୍ତ ହେଉଥିବା ବେଳେ ରାଜୁଆ ନଦୀର ବନ୍ୟାଜଳ ଏହି ଗ୍ରାମବାସୀଙ୍କ ପାଇଁ ଏକପ୍ରକାର ଅଭିଶାପ ପାଲଟିଛି। ଶେଷ ପର୍ଯ୍ୟାୟରେ ବନ୍ୟାଜଳ ମାଡ଼ିବାରୁ ଫସଲ ଉଜୁଡ଼ି ଯାଉଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ରାଜୁଆ ନଦୀ ଉପରେ ମାଣିକିଆ ତଥା ଜୋକଝରୀଠାରେ ଚେକ୍‌ଡ୍ୟାମ୍ ନିର୍ମାଣ ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ନିକଟରେ ଏକାଧିକ ଚାଷୀଙ୍କୁ ନେଇ ବୈଠକ ହୋଇଥିଲା। ରାଜୁଆ ନଦୀରେ ଚେକ୍‌ଡ୍ୟାମ୍ ନିର୍ମାଣ ନେଇ ଆଲୋଚନା କରିଥିଲେ। ଉକ୍ତ ସ୍ଥାନରେ ଡ୍ୟାମ୍ ନିର୍ମାଣ ହେଲେ ଖୋର୍ଦ୍ଧା ବ୍ଲକର ନରଣଗଡ଼, ବ୍ରଜମୋହନପୁର, ଓରବରସିଂ ପଞ୍ଚାୟତ ସମେତ ପୁରୀ ଜିଲା କଣାସ ବ୍ଲକର ଗଡ଼ସାନପୁଟ, ପାଣ୍ଡିଆକେରା, ବଡ଼ାସ ଆଦି ପଞ୍ଚାୟତର ଶତାଧିକ ଚାଷୀ ଉପକୃତ ହେବେ। ଏପରି କି ଚାଷୀ ଏନେଇ ବାରମ୍ବାର ଦାବିକରି ବିଫଳ ହେବା ପରେ ପରିବା ଚାଷ ପାଇଁ ମଲାଗୁଣୀ ଓ ରାଜୁଆ ନଦୀରେ ବାଲିବସ୍ତା ଦେଇ ଜମିକୁ ପାଣି ମଡ଼ାଇବା ବ୍ୟବସ୍ଥା କରିଥିଲେ। ତେବେ ବାଲିବସ୍ତା ଭୁଶୁଡ଼ି ପଡ଼ିବାରୁ ଚାଷୀଙ୍କ ଉଦ୍ୟମ ବିଫଳ ହୋଇଥିଲା। ଦୀର୍ଘବର୍ଷ ଧରି ଚାଷୀ ଏନେଇ ଜିଲା ପ୍ରଶାସନଠାରୁ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଦାବିକରି ଆସୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏନେଇ ନିକଟରେ ଅନୁଷ୍ଠିତ ଚାଷୀ ମେଳିରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆଗକୁ ଚେକ୍‌ଡ୍ୟାମ୍ ନିର୍ମାଣ ନେଇ ବଡ଼ଧରଣର ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଚାଷୀଙ୍କ ସମସ୍ୟା ନେଇ ଭାରତୀୟ କିଷାନ ସଂଘ ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି। ଏହି ଡ୍ୟାମ୍ ନିର୍ମାଣ ହେଲେ ଖୋର୍ଦ୍ଧା ଓ ପୁରୀ ଜିଲାର ବହୁ ଚାଷୀ ଉପକୃତ ହେବେ ବୋଲି କିଷାନ ସଂଘର ଜିଲା ସଭାପତି ମଧୁସୂଦନ ଦାସ ଓ ଗଗନ ପ୍ରତିହାରୀ କହିଛନ୍ତି। ଅନ୍ୟପଟେ ଜିଲା ଯୋଜନା ବୋର୍ଡ କମିଟି ସଭାପତି ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ଏଥିରେ ହସ୍ତକ୍ଷେପ ଲାଗି କେତେଜଣ ବୁଦ୍ଧିଜୀବୀ, ଚାଷୀ ଲିଖିତଭାବେ ଅନୁରୋଧ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ରାଜୁଆ ନଦୀ ଉପରେ ଖୋର୍ଦ୍ଧା ଓ କଣାସ ବ୍ଲକର ବହୁଚାଷୀ ନିର୍ଭରଶୀଳ। କଣାସ ବ୍ଲକର ଢୋଲପାଟଣାଠାରେ ଏକ ଆନିକଟ ନିର୍ମାଣ କରାଯାଇଥିଲେ ସୁଦ୍ଧା ଚାଷୀଙ୍କ ଚାଷଜମିକୁ ବୁନ୍ଦାଏ ପାଣି ଏପର୍ଯ୍ୟନ୍ତ ମିଳିପାରିନାହିଁ। ବର୍ଷା ଓ ବନ୍ୟାଜଳ ଚିଲିକାକୁ ଯାଉଛି। କଣାସ ବ୍ଲକର ୧୪ ଓ ଖୋର୍ଦ୍ଧା ବ୍ଲକର ୧୫ ଗ୍ରାମର ଚାଷଜମିକୁ କେନାଲ ଦ୍ୱାରା ସଂଯୋଗ କରାଯାଇନାହିଁ। ଚେକ୍‌ଡ୍ୟାମ୍ ନିର୍ମାଣ ହେଲେ ଚାଷୀ ଉପକୃତ ହେବେ ବୋଲି ଏଥିରେ ଉଲ୍ଲେଖ ରହିଛି।

### ଚାଷୀଙ୍କ ଦୁଃଖ ରାଜୁଆ ନଦୀ

■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

### ଏମାନେ ଯାହା କୁହନ୍ତି...

" ରାଜୁଆ ନଦୀ ସମସ୍ୟା ସହିତ ଅବଗତ ଅଛି। ଏହାର ସ୍ଥାୟୀ ସମାଧାନ ଲାଗି ସତ୍ୟବାଦୀ ବିଧାୟକଙ୍କ ସହ ଆଲୋଚନା କରିଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛୁ। ଖୁବଶୀଘ୍ର ଚେକ୍ ଡ୍ୟାମ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ବିଭାଗୀୟ ମନ୍ତ୍ରୀ, ସଚିବଙ୍କୁ ଏ ସମ୍ପର୍କରେ ପୂର୍ବରୁ ଆଲୋଚନା କରିଛି। ଖୁବଶୀଘ୍ର ସମସ୍ୟା ସମାଧାନ ଲାଗି ଚେଷ୍ଟା କରାଯିବ।

**-ରାଜେନ୍ଦ୍ର କୁମାର ସାହୁ, ବେଗୁନିଆ ବିଧାୟକ**

" ଚାଷୀ ଓ ଚାଷର ପିଛା ଛାଡୁନି ପ୍ରାକୃତିକ ବିପର୍ଯ୍ୟୟ। ପ୍ରତି ବର୍ଷ ସ୍ୱଳ୍ପ ବୃଷ୍ଟି, ଲଘୁଚାପଜନିତ ବନ୍ୟା, ଅଦିନିଆ ବର୍ଷ ପରେ ବାତ୍ୟା ଓ ବନ୍ୟା ଦାଉ ସାଜୁଛି। ନଦୀବନ୍ଧରେ ଘାଇ, ବର୍ଷାଜଳ ମାଡି ହଜାର ହଜାର ହେକ୍ଟର ଚାଷଜମିର ଫସଲ ନଷ୍ଟ ହୋଇଛି। ତେବେ ରାଜୁଆ ଡ୍ୟାମ ନିର୍ମାଣ କରାଗଲେ ସମସ୍ୟା ସମାଧାନ ହୋଇପାରିବ। ସରକାରଙ୍କ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ।

**- ଶ୍ରୀରଞ୍ଜନ ମଙ୍ଗରାଜ, ଭାଜପା କୃଷକ ନେତା**

" ଶରଧାପୁରଠାରୁ ଲେଖନପୁର ୨କିମି ପର୍ଯ୍ୟନ୍ତ ରାଜୁଆ ନଦୀର ପଶ୍ଚିମ ପାଖରେ ବନ୍ଧ ନାହିଁ। ଏହି ବନ୍ଧ ନିର୍ମାଣ କରାଗଲେ ଉପରୋକ୍ତ ୩ ପଞ୍ଚାୟତରେ ବନ୍ୟା ସମସ୍ୟା ଦୂର ହୋଇଯିବ। ଏଠାରେ ବନ୍ଧ ନିର୍ମାଣ କିମ୍ବା ଲେଖନପୁରଠାରେ ଏକ ଆଡିବନ୍ଧ ନିର୍ମାଣ କରାଗଲେ, ସମସ୍ୟାର ସମାଧାନ ହୋଇଯିବ। ଖୋର୍ଦ୍ଧା ବ୍ଲକର ବନ୍ୟା ପ୍ଲାବିତ ଗ୍ରାମଗୁଡିକ ଉପକୃତ ହୋଇପାରିବ। ବନ୍ଧ ନିର୍ମାଣ ପାଇଁ ଚାଷୀ ଜିଲା ପ୍ରଶାସନଠାରୁ ସରକାରଙ୍କ ନିକଟରେ ବାରମ୍ବାର ଗୁହାରି କରୁଛନ୍ତି। କେବଳ ପ୍ରତିଶ୍ରୁତି ମିଳୁଛି, ସମାଧାନ ହେଉନାହିଁ।

**ବଲ୍ଲଭ ବଳିୟାରସିଂ, ହିରିମୂଳ ଗ୍ରାମବାସୀ**

## ସଂକ୍ଷେପରେ

### ଚାକିରି ଦେବା ନାଁରେ ଠକେଇ ଘଟଣା: ମାଷ୍ଟରମାଇଣ୍ଡ ଗିରଫ

**ଭୁବନେଶ୍ୱର,୧୭।୩(ବ୍ୟୁରୋ):** ଚାକିରି ଦେବା ନାଁରେ ଓଡ଼ିଶା ସମେତ ୧୭ ରାଜ୍ୟର ପ୍ରାୟ ଦେଢ଼ଲକ୍ଷ ଆଶାୟୀଙ୍କଠାରୁ ୬.୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ ଆଉ ଜଣେ ମାଷ୍ଟରମାଇଣ୍ଡ୍‌ଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ବିହାରରୁ ଗିରଫ କରିଛି। ସେ ହେଲେ ବିହାର ସିୱାନ ଜିଲା ମହାରାଜଗଞ୍ଜ ଅଞ୍ଚଳର ଅମିତ କୁମାର ସିଂ। ତାଙ୍କଠାରୁ ଠକେଇ ସମ୍ବନ୍ଧିତ ତଥ୍ୟ ଥିବା ଏକ ଲାପଟପ୍ ଜବତ ହୋଇଛି। ଅଭିଯୁକ୍ତ ଅମିତଙ୍କୁ ବୁଧବାର ଗିରଫ ପରେ ସ୍ଥାନୀୟ ସିୱାନସ୍ଥିତ ଏସିଜେଏମ୍-୬ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଶୁକ୍ରବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ମାସେ ତଳେ ମୁଖ୍ୟ ଅଭିଯୁକ୍ତ ଧରମପାଲ ସିଂ ଓ ୩ ସପ୍ତାହ ତଳେ ସହଯୋଗୀ ଜୟରାମ ତିୱାର ଗିରଫ ହୋଇ ଜେଲରେ ଅଛନ୍ତି। ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଜାରି ରଖିଥିବା ସୂଚନା ମିଳିଛି।

### ‘ଡାକୋଟାରେ ନାହିଁ ହରିଣ ଚିହ୍ନ, ପ୍ରକୃତ ରଙ୍ଗ ଦିଆଯାଇନି’

**ପୁରୀ ଅଫିସ, ୧୭।୩**

ଭୁବନେଶ୍ୱର ବିମାନବନ୍ଦର ନିକଟସ୍ଥ ଡାକୋଟା ବିମାନ ସମ୍ମୁଖରେ ଶୁକ୍ରବାର ଶ୍ରୀଜଗନ୍ନାଥ ସେନା ବିକ୍ଷୋଭ କରିଛି। ପୁରୀ ସହରରେ ଏହି ବିମାନ ରଖାଯିବାକୁ ଦାବି କରାଯାଇଛି। ଏଥିସହ ଡାକୋଟାରେ ଫୁଲ ଦିଆଯାଇ ପୂଜାର୍ଚ୍ଚନା କରାଯାଇଛି। ଡାକୋଟାରେ କଳିଙ୍ଗ ଏୟାର ଲାଇନ୍ସର ହରିଣ ଚିହ୍ନ ନ ଥିବାବେଳେ ପ୍ରକୃତ ରଙ୍ଗ ଦିଆଯାଇନାହିଁ ବୋଲି ଶ୍ରୀଜଗନ୍ନାଥ ସେନା ଅଭିଯୋଗ ଆଣିଛି। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରିୟ ଡାକୋଟା ବିମାନକୁ କବାଡ଼ିଆକୁ ବିକିଦେବା ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା। ମାତ୍ର ଶ୍ରୀଜଗନ୍ନାଥ ସେନାର ହସ୍ତକ୍ଷେପ ପରେ ବିକ୍ରି ସ୍ଥଗିତ ରହିଥିଲା। ସେହିପରି ଡାକୋଟାକୁ ଓଡ଼ିଶା ଫେରାଇ ଆଣିବା ଲାଗି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ବିମାନ ଚଳାଚଳ ମନ୍ତ୍ରୀ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ମଧ୍ୟ ଦିଆଯାଇଥିଲା। ଶେଷରେ କୋଲକାତାରୁ ଓଡ଼ିଶାକୁ ଡାକୋଟା ବିମାନ ଫେରିଲା। ବିମାନକୁ ଏକ ଭଲ ସ୍ଥାନରେ ରଖିବା ପାଇଁ କେନ୍ଦ୍ର ବିମାନ ଚଳାଚଳ ବିଭାଗ ଅନୁମତି ଦେଇଥିଲା। ବିମାନ ଆସିବା ବେଳେ ରାଜ୍ୟ ସରକାର ଶ୍ରୀଜଗନ୍ନାଥ ସେନାକୁ ଭୁଲିଗଲେ ବୋଲି ପଟ୍ଟନାୟକ କହିଛନ୍ତି।

### କଥାକାର ବଂଶୀଧରଙ୍କ ସ୍ମୃତିସଭା

**ଖୋର୍ଦ୍ଧା ଅଫିସ,୧୭।୩:** ଔପନ୍ୟାସିକ, କଥାକାର, ନାଟ୍ୟକାର ତଥା ‘ମହଲ’ ପତ୍ରିକାର ପ୍ରତିଷ୍ଠାତା ବଂଶୀଧର ରାଉତଙ୍କ ଏକାଦଶାହ ଅବସରରେ ସ୍ମୃତିସଭା ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶୁକ୍ରବାର ଆୟୋଜିତ ହୋଇଯାଇଛି। ସଂସଦ ସଭାପତି ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ଡ. ପଦ୍ମଜ ପାଳ, ଡ. ଦିଲୀପ ଶ୍ରୀଚନ୍ଦନ, ଡ. ନାରାୟଣ ରାଓ, କବି ଓ ଔପନ୍ୟାସିକ ଅଜୟ ସ୍ୱାଇଁ, କବିସୂର୍ଯ୍ୟ ମିଶ୍ର, କାବ୍ୟାଲୋକର ସମ୍ପାଦକ ଭିକାରୀ ଦଳ, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ତାଙ୍କ ଅନନ୍ୟ କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଆକାଶବାଣୀ, ଦୂରଦର୍ଶନ, ବୃତ୍ତଚିତ୍ର ଓ ଧାରାବାହିକର ନିର୍ଦ୍ଦେଶକ ଭାବେ ସେ ରାଜ୍ୟରେ ସୁପରିଚିତ ଥିଲେ। ତାଙ୍କର ୨୫ରୁ ଊର୍ଦ୍ଧ୍ୱ ଉପନ୍ୟାସ ଓ ୨୦ରୁ ଊର୍ଦ୍ଧ୍ୱ ନାଟକ ରହିଛି। ଓଡ଼ିଆ ସାହିତ୍ୟର ବିକାଶ ପାଇଁ ବଂଶୀଧର ବହୁ ବାଧାବିଘ୍ନ ସତ୍ତ୍ୱେ ଆଜୀବନ ସାଧନା ଅବ୍ୟାହତ ରଖିଥିଲେ। ଓଡ଼ିଆ ସାହିତ୍ୟକୁ ତାଙ୍କ ଅବଦାନ ଅତୁଳନୀୟ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଶବ୍ଦ ଓ ସ୍ୱପ୍ନର ଜୀବନ୍ତ ମହଲ ବଂଶୀଧର ରାଉତ ସ୍ମରଣିକାଙ୍କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ ଭୀମସେନ ପ୍ରଧାନ, ତ୍ରିଲୋଚନ ମହାପାତ୍ର, ଶିବସୁନ୍ଦର ପଟ୍ଟନାୟକ, ରାମଶଙ୍କର, ପ୍ରମୋଦ ଚରଣ ଦାଶ, ଅଭିନେତା କୃଷ୍ଣଚନ୍ଦ୍ର ହରିଚନ୍ଦନ, ଡ. ଗୁରୁପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରାୟ, ବୃନ୍ଦାବନ ପଣ୍ଡା, ଡ. ଯୋଗେଶ ଚନ୍ଦ୍ର ରଥ, ସୁରେଶ ଚନ୍ଦ୍ର ବିଶ୍ୱାଳ, ବାସୁଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଂସଦ ଉପସଭାପତି ଇତିଶ୍ରୀ ସାହୁଙ୍କ ସଂଯୋଜନାରେ କବି ଆରତୀ ମଞ୍ଜରୀ ଦାସ, ସନ୍ନ୍ୟାସୀ ନାୟକ, ବିକ୍ରମ କେଶରୀ ଚମ୍ପତି କବିତା ପାଠ କରିଥିଲେ। ପକ୍ଷୀଘରର ସମ୍ପାଦକ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦକ ଶିଶୁ ସାହିତ୍ୟିକ ବିଭୁ ପ୍ରସାଦ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।



**ଖୋର୍ଦ୍ଧା:** କଥାକାର ବଂଶୀଧର ରାଉତଙ୍କ ଏକାଦଶାହ ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ପ୍ରାକୃତିକ ଉତ୍ସ ପରିଚାଳନା ସମ୍ପର୍କିତ କର୍ମଶାଳା

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

ପ୍ରାକୃତିକ ଉତ୍ସ ପରିଚାଳନା ପାଇଁ ଭୂତତ୍ତ୍ୱ ତଥ୍ୟ ବିଶ୍ଳେଷଣ ସମ୍ପର୍କିତ ଏକ ଦୁଇଦିନିଆ ଜାତୀୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗରେ ଆୟୋଜିତ ଏହି କର୍ମଶାଳରେ ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ ପରିଚାଳନା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଛି। ବର୍ତ୍ତମାନ ପୃଥିବୀ, ଜଳ, ଜଙ୍ଗଲ ଏବଂ ଖଣିଜ ପଦାର୍ଥ ବିଶ୍ୱର ଅନେକ କାରଣରୁ ବିପଦରେ ପଡିଛି। ନୂତନ ଟେକ୍ନୋଲୋଜି ତଥା ଦ୍ୱାରା ଏହାର ସମାଧାନର ବାଟ ଫିଟିପାରିବ ବୋଲି କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମତପ୍ରକାଶ କରିଛନ୍ତି। ଆୟୋଜକଆଶିଷଚନ୍ଦ୍ରପାଠୀକର୍ମଶାଳା ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ରୁମାନାଖାତୁନଧନ୍ୟବାଦଦେଇଥିଲେ।

## ଚିଲିକା ନୂଆପଡ଼ାରେ ଦଶଦୋଳ ମେଳଣ



**କୃଷ୍ଣପ୍ରସାଦ,୧୭।୩(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ନୂଆପଡ଼ାରେ ଐତିହାସିକ ଦଶଦୋଳ ମେଳଣ ଆରମ୍ଭ ହୋଇଯାଇଛି। ମୁଖ୍ୟ ପୀଠାଧୀଶ ଶ୍ରୀଗୁପ୍ତେଶ୍ୱର ଦେବଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରୁ ୧୬ ଠାକୁର ସୁସଜ୍ଜିତ ବିମାନରେ ପଟୁଆରରେ ଆସି ମଣ୍ଡପରେ ବିରାଜମାନ ହୋଇଥିଲେ। ପ୍ରତ୍ୟହ ଲୋକନୃତ୍ୟ ଭାରତଲୀଳା ସହ ଅପେରା ପାର୍ଟି ନାଟକ ପରିବେଷଣ କରୁଛନ୍ତି। ଚଳିତ ବର୍ଷ ପ୍ରଶାସନର କଟକଣା ଯୋଗୁ ଆତସବାଜି ପ୍ରଦର୍ଶନକୁ ବାରଣ କରାଯାଇଛି। ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନା, ସମ୍ପାଦକ ସୁକାନ୍ତ ପ୍ରଧାନଙ୍କ ସମେତ ୩୫ ଜଣିଆ କମିଟି ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକଙ୍କ ନେତୃତ୍ୱରେ ଫୋର୍ସ ମୁତୟନ କରାଯାଇଛି।

## ଚାକିରି ଦେବା ନାଁରେ ୪ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ

### ପୋଷ୍ଟମ୍ୟାନ୍ ସମେତ ୨ ଗିରଫ

**ବ୍ରହ୍ମଗିରି,୧୭।୩(ଡି.ଏନ୍.ଏ.)**

ପୁରୀର ଏକ ମେଡିକାଲ କଲେଜରେ ଚାକିରି କରାଇଦେବାକୁ କହି ୪ଜଣଙ୍କଠାରୁ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଇଥିବା ଅଭିଯୋଗରେ ବ୍ରହ୍ମଗିରି ଥାନା ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଖଜୁରିଆ ପୋଷ୍ଟ ଅଫିସରେ କାର୍ଯ୍ୟରତ ପୋଷ୍ଟମ୍ୟାନ କାର୍ତ୍ତିକ ସେଠୀ ଓ ତାଙ୍କ ସହଯୋଗୀ ନଡ଼େଇଘଣାର ବଟକୃଷ୍ଣ ଭୋଇ। ଏ ନେଇ ପୋଲିସ ଏକ ମାମଲା (ନଂ.୫୬/୨୩) ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅଞ୍ଚଳର ସବୁଜ ପ୍ରସାଦ ପ୍ରଧାନଙ୍କୁ ପୁରୀର ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ଡାଟା ଏଣ୍ଟ୍ରି ଅପେରଟର ଭାବେ ରଖିଦେବାକୁ କହି କାର୍ତ୍ତିକ ୪୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନେଇଥିଲେ। କିନ୍ତୁ କିଛିଦିନ ପରେ ଚାକିରି ଦେବା ତ ଦୂରର କଥା ଟଙ୍କା ମଧ୍ୟ ଫେରାଇ ନ ଥିଲେ। ଫଳରେ ସବୁଜ ଠକେଇର ଶିକାର ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ କରି କାର୍ତ୍ତିକଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲେ। ହେଲେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ପୋଲିସ ନିକଟରେ କାର୍ତ୍ତିକଙ୍କ ନାମରେ ବିଭିନ୍ନ ଥାନାରେ ୧୦ରୁ ଊର୍ଦ୍ଧ୍ୱ ଅଭିଯୋଗ ରହିଥିବା ଜଣାପଡ଼ିଥିଲା। ଏପରିକି କାର୍ତ୍ତିକଙ୍କ ସହ ତାଙ୍କର ଜଣେ ସହଯୋଗୀ ବଟକୃଷ୍ଣ ମଧ୍ୟ ଥିବା ଜଣାପଡ଼ିବା ସହ ଦୁହେଁ ମିଶି ଲୋକଙ୍କୁ ଚାକିରି ଆଶା ଦେଖା ଟଙ୍କା ଠକେଇ କରୁଥିବା ଜଣାପଡ଼ିଥିଲା। ବଟକୃଷ୍ଣ ନିଜକୁ ପୁରୀ ସିଡିଏମଓଙ୍କ ପିଅନ ଥିବା ଲୋକଙ୍କୁ ପରିଚୟ ଦେଇ ବିଭିନ୍ନ ଚାକିରି କରାଇ ଦେବାକୁ କହି ବ୍ରହ୍ମଗିରି ଅଞ୍ଚଳର ସନ୍ତୋଷିନୀ ପ୍ରଧାନ, ବନ୍ଧମୁଣ୍ଡାର ସରସ୍ୱତୀ ସାହୁ ଭଳି ୪ଜଣଙ୍କଠାରୁ ପ୍ରାୟ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଇ ଯାଇଥିବା ଅଭିଯୋଗ ହୋଇଥିଲା।

### ଦୈନିକ ସର୍ବନିମ୍ନ ମଜୁରି ଦାବିକଲେ ଜଳ ଯୋଗାଣ କର୍ମଚାରୀ

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ନିୟୋଜିତ ଠିକା, ଅସ୍ଥାୟୀ ଓ ଏସ୍‌ଇଏମ୍ କର୍ମଚାରୀ ଦୈନିକ ସର୍ବନିମ୍ନ ମଜୁରି ଦାବି କରିଛନ୍ତି। ଓଡ଼ିଶା ପାଇପ୍ ୱାଟର ୱାର୍କର୍ସ ଆସୋସିଏଶନ ପକ୍ଷରୁ ଶତାଧିକ କର୍ମଚାରୀ ଶୁକ୍ରବାର ଲୋୟର ପିଏଜିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ମାସକ ମଧ୍ୟରେ ଦାବି ପୂରଣ ନ ହେଲେ ଏପ୍ରିଲ ୧୯ରେ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଥିବା ବାସଭବନ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସଂଘ ସଭାପତି ହୃଷୀକେଶ ସେଠୀ ଓ ସାଧାରଣ ସମ୍ପାଦକ ମନୋଜ ମହାନ୍ତି କହିଛନ୍ତି। ଏପ୍ରିଲ ୨୮ରେ ଅର୍ଥମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀସ୍ଥିତ ବାସଭବନ ଘେରାଉ କରାଯିବ।

### ପ୍ରତାପଶାସନ ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ

**ବାଲକାଟୀ,୧୭।୩(ଡି.ଏନ୍.ଏ.):** ପ୍ରତାପଶାସନ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ ଶୁକ୍ରବାର ବାଲକାଟୀସ୍ଥିତ ମଙ୍ଗଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ସମିତି ସଭାପତି ନଳିନୀକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଖୋର୍ଦ୍ଧା ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟ ବିପିନି ବିହାରୀ ପାତ୍ର, ସନ୍ତୋଷ କୁମାର ମହାନ୍ତି, ସରକଣା ସେବା ସମବାୟ ସଭାପତି ସୋମନାଥ ସ୍ୱାଇଁ, ସରପଞ୍ଚ ରୀନା ବେହେରା, ସମିତିସଭ୍ୟ ଗଙ୍ଗାଧର ମହାରି, ରଞ୍ଜନ କୁମାର ମହାପାତ୍ର, ସରପଞ୍ଚ ରମାଲତା ନାୟକ, ବେଣୁଧର ଭୋଇ, ବସନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୃଷି ସମବାୟ ସମିତି ମାଧମରେ ଚାଷୀଙ୍କ ନିକଟରେ ରାସାୟନିକ ସାର, ଔଷଧ, ଫସଲ କ୍ଷତିପୂରଣ ସହାୟତା, କୃଷିବିମା, ଋଣ ଓ ଅନ୍ୟାନ୍ୟ ଆର୍ଥିକ ସହାୟତା ରାଶି ପହଞ୍ଚାଇବା ଲାଗି ସରକାର ଗୁରୁତ୍ୱ ଦେଉଥିବା ବେଳେ ଚାଷୀମାନେ ଏଥିପ୍ରତି ସଚେତନ ହେବାକୁ ଉପସ୍ଥିତ ସମବାୟ ବିତ୍ତ ଓ ଚାଷୀ ପ୍ରତିନିଧିମାନେ ପରାମର୍ଶ ଦେଇଥିଲେ। ସମ୍ପାଦକ ସାଗର ସୁନ୍ଦରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏକାଠି ହେଲେ ୧୫ ଗାଁ ଠାକୁର

### ଭାଇଚାରାର ବାର୍ତ୍ତା ଦିଏ ଜରିପୁଟ ମେଳଣ

**ଖୋର୍ଦ୍ଧା ଅଫିସ,୧୭।୩**

ଖୋର୍ଦ୍ଧା ଉପକଣ୍ଠ ଜରିପୁଟ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଛି ଦଶଦୋଳ ମେଳଣ। ଜରିପୁଟ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ୩ଦିନ ଧରି ଆଡମ୍ବରରେ ଆୟୋଜିତ ହୋଇଥାଏ। ଆଖପାଖ ୧୫ ଗ୍ରାମର ଠାକୁର ଏକାଠି ହୋଇଛନ୍ତି। ଗ୍ରାମର ଚନ୍ଦ୍ରଶେଖର ମହାଦେବ ହେଉଛନ୍ତି ଥାନପତି। ରୀତିନୀତି ପରମ୍ପରା ଅନୁସାରେ ରାତିରେ ପଟୁଆରରେ ଚନ୍ଦ୍ରଶେଖର ମହାଦେବ ଶୋଭାଯାତ୍ରାରେ ମନ୍ଦିରରୁ ବାହାରି ମେଳଣ ପଡିଆରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଦୋଳ ମଣ୍ଡପରେ ବିଜେ କରିଥିଲେ। ଚନ୍ଦ୍ରଶେଖର ମହାଦେବଙ୍କ ପଛରେ ନିମନ୍ତ୍ରିତ ଅନ୍ୟ ଗାଁର ଠାକୁରମାନେ ଶୋଭାଯାତ୍ରାରେ ସାମିଲ ହୋଇ ମେଳଣ ପଡିଆରେ ନିଜ ଆସନରେ ବିଜେ କରିଥିଲେ।

ଏହି ମେଳଣ ଉତ୍ସବରେ ଶିଆଳିଆର ମଦନ ମୋହନ, କଦଳିବାଡ଼ିର ଭଗବତ ବାସୁଦେବ, ଦେଉଳଟାଙ୍ଗୀର ସୋମନାଥ ଦେବ, ଦଧିମାଛଗାଡିଆର ରାଧାମୋହନ ଦେବ, ଭାଟପଡାର ସୋମନାଥ, ଜରିପୁଟର ରଘୁନାଥ, ଗୋପିନାଥ, କଙ୍କଡାହାଡର ଐଶାନେଶ୍ୱର, ପାଟପୁରର ରାଧାକୃଷ୍ଣ, ପାନବରଜର ବାଲୁଙ୍କେଶ୍ୱର, ଭାଲିଆବାଡିର ରାଧାକାନ୍ତ, କଲ୍ୟାଣପୁରର ସ୍ୱପ୍ନେଶ୍ୱର, ଜକରାର ଲୋକନାଥ ଏବଂ ବୋତଲମା ଗ୍ରାମର ଧବଳେଶ୍ୱର ମହାଦେବ ଏକାଠି ହୋଇଛନ୍ତି। ଗ୍ରାମ୍ୟ କମିଟି ସଭାପତି ଦିବାକର ମର୍ଦ୍ଦରାଜ କୁହନ୍ତି, ୧୦୩ବର୍ଷ ହେବ ଏହି ମେଳଣ ଉତ୍ସବ ଆୟୋଜନ ହୋଇ ଆସୁଛି। ପୂର୍ବରୁ ମୋର ଜେଜେ ପରିବାରର ସୁଖମନାସୀ ଏହି ମେଳଣ ଆରମ୍ଭ କରିଥିଲେ। କିଛି ବର୍ଷ ଚାଲିବା ପରେ ଏହାକୁ ବନ୍ଦ କରିଦେବାକୁ ସ୍ଥିର କରିଥିଲେ। ତେବେ ଏହି ମେଳଣ ଯାତ୍ରା ଜାରି ରଖିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ସେବେ ଠାରୁ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଏହି ଯାତ୍ରା ଆୟୋଜିତ ହୋଇ ଆସୁଛି। ନିଜେ ୪୦ବର୍ଷ ହେଲା ସେ ଏହି ମେଳଣ ଯାତ୍ରାର ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସୁଥିବା ସେ କହିଛନ୍ତି। ତିନି ଦିନ ବ୍ୟାପୀ ମେଳଣ ପଡିଆରେ ପ୍ରବଳ ସମାଗମ ହୋଇଥାଏ। ମୀନାବଜାର, ଘର କରଣା ସାମଗ୍ରୀ, ବିଭିନ୍ନ ଖାଦ୍ୟ ଷ୍ଟଲ ଖୋଲିଥାଏ। ଜରିପୁଟି ମେଳଣ ଭାଇଚାରାର ବାର୍ତ୍ତା ଦେଇଥାଏ।

## କୁଦିଆରୀ ଦଶଦୋଳ ମେଳଣ ଆରମ୍ଭ

**ଜଟଣୀ,୧୭।୩(ଡି.ଏନ୍.ଏ.)**

କୁଦିଆରୀ ଦଶଦୋଳ ମେଳଣ ଜମାଣ ଶୁକ୍ରବାର ମଧ୍ୟରାତ୍ରିରେ ଆରମ୍ଭ ହୋଇଛି। ମେଳଣ ଉପଲକ୍ଷେ ମା'ଝଡ଼େଶ୍ୱରୀ ପୂଜା କମିଟି ଓ ମା'ସନ୍ତୋଷୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବଲିଉଡ ନାଇଟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମା'ଝଡ଼େଶ୍ୱରୀଙ୍କ ୩୬ତମ ବାର୍ଷିକ ଉତ୍ସବ ଉପଲକ୍ଷେ ପୂଜା କମିଟିର ସଭାପତି ବିଶିଷ୍ଟ ସମାଜସେବୀ ତଥା ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ସୁଦର୍ଶନ ସୁନ୍ଦରୟଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଯୋଗଦେଇଥିଲେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ଜଟଣୀ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ଛୋଟରାୟ, ଜଟଣୀ ନଗରପାଳ ଅନନ୍ତ ଶତପଥୀ, ବିଜେଡି ଜିଲା କୋଷାଧକ୍ଷ ରାଜକିଶୋର ସ୍ୱାଇଁ, ସ୍ଥାନୀୟ କାଉନସିଲର ଶଶାଙ୍କ ଶେଖର ରାୟ, ପୂର୍ବତନ ନଗରପାଳ ନିର୍ମଳ ମଙ୍ଗରାଜ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଦୁଇ ଖବରଦାତା ଓ ପ୍ରଖ୍ୟାତ କଣ୍ଠଶିଳ୍ପୀ ସୁରେଶ ୱାଡେକରଙ୍କୁ ସମ୍ମାନିତ କରାଯାଇଥିଲା। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ବିଜେଡି ଉପସଭାପତି କୈଳାସ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଜମାଣ ଉତ୍ସବରେ ସମସ୍ତ ନୀତିକାନ୍ତି ପରେ ରାତି ୧୨ ଟାରେ ମନ୍ଦିରରୁ ଶ୍ରୀପତିତପାବନ ଓ ଚନ୍ଦ୍ରଶେଖର ଦେବ ପଟୁଆରରେ ଯାଇ ସ୍ଥାନୀୟ ନୀଳକଣ୍ଠସ୍ୱର ସାହି ଦେଇ ମେଳଣ ପଡିଆରେ ଖୁଣ୍ଟି ଲାଗି ହୋଇଥିଲେ। ମା' ଝଡ଼େଶ୍ୱରୀ ଓ ସନ୍ତୋଷୀ ମା'ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥାନୀୟ ପଡିଆରେ ବଲିଉଡ ନାଇଟ ଆୟୋଜନ କରାଯାଉଥିଲା। ଏଥିରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ସୁରେଶ ୱାଡେକର ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ମୁକୁଳା ଆକାଶ ଯୁବଗୋଷ୍ଠୀ ପକ୍ଷରୁ ମେଳଣ ପଡିଆରେ ଓଡ଼ିଶାର କଳାକାରଙ୍କୁ ନେଇ ମେଲୋଡି କାର୍ଯ୍ୟକ୍ରମ ଆୟୋଜନ କରାଯଇଥିଲା। ଦର୍ଶକଙ୍କ ପ୍ରବଳ ଗହଳିକୁ ଦୃଷ୍ଟିରେ ରଖି ଆୟୋଜକ ମେଳଣ କମିଟି ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯଇଥିଲା।



ସଭାରେ ଉପସ୍ଥିତ ଅତିଥିମାନେ ।



କାର୍ଯ୍ୟକ୍ରମରେ ସୁରେଶ ୱାଡେକର ସଙ୍ଗୀତ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ୨୦ରେ ଗୋଷ୍ଠୀ ସହାୟିକାଙ୍କ ବିଧାନସଭା ଘେରାଉ

ପୁରୀ ଅଫିସ, ୧୭।୩: ସର୍ବଭାରତୀୟ ଶ୍ରମିକ ସଙ୍ଗଠନ ଏଆଇଟିୟୁସି ନେତୃତ୍ୱରେ ପରିଚାଳିତ ଓଡ଼ିଶା ଗୋଷ୍ଠୀ ସହାୟିକା (ସିଆର୍‌ପି-ସିଏମ୍) ସଂଘ ପକ୍ଷରୁ ଆସନ୍ତା ୨୦ ତାରିଖରେ ବିଧାନସଭା ଘେରାଉ ଡାକରା ଦିଆଯାଇଛି। ଗୋଷ୍ଠୀ ସହାୟିକାଙ୍କୁ ସ୍ଥାୟୀ ନିଯୁକ୍ତି, ସର୍ବନିମ୍ନ ମଜୁରି, ଆଞ୍ଚଳିକ ମଞ୍ଚ ସଭାଗୃହ, ପ୍ରୋଭିଡେଣ୍ଟ ଫଣ୍ଡ, ପରିବାର ଚିକିତ୍ସା ଖର୍ଚ୍ଚ, ଗସ୍ତ ଖର୍ଚ୍ଚ, ସାମାଜିକ ସୁରକ୍ଷା, ଅତିରିକ୍ତ କାମ ପାଇଁ ବୋନସ, ବ୍ୟାଙ୍କ ମାଧ୍ୟମରେ ପ୍ରାପ୍ୟ ପ୍ରଦାନ ପ୍ରଭୃତି ବିଭିନ୍ନ ଦାବି ନେଇ ସଂଘ ୨୦ ତାରିଖରେ ବିଧାନସଭା ଘେରିବ ବୋଲି କୁହାଯାଇଛି। ଜିଲାର ଗୋଷ୍ଠୀ ସହାୟିକାମାନେ ଏହି ଆନ୍ଦୋଳନରେ ସାମିଲ ହେବା ପାଇଁ ସଂଘ ଜିଲା କମିଟିର ସମ୍ପାଦିକା ଅନୁସୂୟା ପ୍ରଧାନ, ସଭାପତି ରଶ୍ମିତା ଜେନା, ଏଆଇଟିୟୁସି ରାଜ୍ୟ ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, କୁମୁଦିନୀ ନନ୍ଦ, ମମତା ନାୟକ ଏବଂ ବବିତା ପ୍ରଧାନ ପ୍ରମୁଖ ଆହ୍ୱାନ ଦେଇଛନ୍ତି।

### ଚାକିରି ଦେବା ନାଁରେ ବଡ଼ ଠକେଇ ଘଟଣା
### ବିହାରରୁ ଆଉ ଜଣେ ମାଷ୍ଟରମାଇଣ୍ଡ ଗିରଫ

ଭୁବନେଶ୍ୱର,୧୭।୩(ବ୍ୟୁରୋ) - ଚାକିରି ଦେବା ନାଁରେ ଓଡ଼ିଶା ସମେତ ୧୭ ରାଜ୍ୟର ପ୍ରାୟ ଦେଢ଼ଲକ୍ଷ ଆଶାୟୀଙ୍କଠାରୁ ୬.୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ ଆଉ ଜଣେ ମାଷ୍ଟରମାଇଣ୍ଡଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ବିହାରରୁ ଗିରଫ କରିଛି। ସେ ହେଲେ ବିହାର ସିୱାନ ଜିଲା ମହାରାଜଗଞ୍ଜ ଅଞ୍ଚଳର ଅମିତ କୁମାର ସିଂ। ତାଙ୍କଠାରୁ ଠକେଇ ସମ୍ବନ୍ଧିତ ତଥ୍ୟ ଥିବା ଏକ ଲାପଟପ୍ ଜବତ ହୋଇଛି। ଅଭିଯୁକ୍ତ ଅମିତଙ୍କୁ ବୁଧବାର ଗିରଫ ପରେ ସ୍ଥାନୀୟ ସିୱାନସ୍ଥିତ ଏସିଜେଏମ୍-୬ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଶୁକ୍ରବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ମାସେ ତଳେ ମୁଖ୍ୟ ଅଭିଯୁକ୍ତ ଧରମପାଲ ସିଂ ଓ ୩ ସପ୍ତାହ ତଳେ ସହଯୋଗୀ ଜୟରାମ ତିୱାର ଗିରଫ ହୋଇ ଜେଲରେ ଅଛନ୍ତି। ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଜାରି ରଖିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ଗ୍ରାମୀଣ ରୋଜଗାର କଲ୍ୟାଣ ସଂସ୍ଥାନ ନାଁରେ ଏକ ନକଲି ସରକାରୀ ୱେବ୍‌ସାଇଟ୍ ଖୋଲିଥିଲେ। ଦିଲ୍ଲୀରେ ଏହାର ପଞ୍ଜୀକୃତ କାର୍ଯ୍ୟାଳୟ ସହ ମୁମ୍ବାଇ, ଭୋପାଳ ଓ ଡେରାଡୁନ୍‌ରେ ମଧ୍ୟ ଶାଖା ଖୋଲିଥିଲେ। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଆଦି ୧୭ଟି ରାଜ୍ୟରେ ନେଟ୍‌ୱର୍କ ତିଆରି କରିଥିଲେ। ଉକ୍ତ ୱେବ୍‌ସାଇଟ୍‌ରେ ସରକାରୀ ଢାଞ୍ଚାରେ ବିଜ୍ଞାପନ ଦେଇ ଚାକିରି ଆଶାୟୀଙ୍କୁ ଫସାଉଥିଲେ। ୱେବ୍‌ସାଇଟ ମାଧ୍ୟମରେ ଆଶାୟୀମାନେ କେବଳ ଆବେଦନ କରିପାରିବେ ବୋଲି କୁହାଯାଉଥିଲା। ଅନ୍‌ଲାଇନ୍ ଫି' ବାବଦକୁ ଜେନେରାଲ ଏବଂ ଓବିସି ବର୍ଗ ପାଇଁ ୩୭୦ ଟଙ୍କା ଥିବାବେଳେ ଜନଜାତି ପିଲାଙ୍କ ଲାଗି ୧୭୦ ଟଙ୍କା ରହିଥିଲା। ଫି' ଦାଖଲ ସହ ଆବେଦନ କରୁଥିବା ଆଶାୟୀଙ୍କୁ ଅନ୍‌ଲାଇନ ଜରିଆରେ ପରୀକ୍ଷା ଓ ସାକ୍ଷାତ୍କାର ନେବାକୁ ଅଭିଯୁକ୍ତମାନେ କହୁଥିଲେ। ପରବର୍ତ୍ତୀ ସମୟରେ ସମସ୍ତ ଆଶାୟୀଙ୍କୁ ଅଯୋଗ୍ୟ କହି କାଟିଦେଉଥିଲେ। ହେଲେ ଫି' ବାବଦକୁ ବହୁ କୋଟି ଟଙ୍କା ଠକି ନେଉଥିଲେ। ଏନେଇ ଅଭିଯୋଗ ପରେ ଜାନୁୟାରୀ ୨୫ରେ ଇଓଡବ୍ଲ୍ୟୁ ଏକ ମାମଲା (ନଂ.୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ତଥ୍ୟ ନ ଥିବା ସତ୍ୟପାଠ ଦ୍ୱାରା ଜଣାଇବାକୁ ନିର୍ଦ୍ଦେଶ

**ପୁରୀ ଅଫିସ, ୧୭।୩:**

ଶ୍ରୀମନ୍ଦିର ରତ୍ନଭଣ୍ଡାର ସଂକ୍ରାନ୍ତ ମାମଲାରେ ରାଜ୍ୟ ସରକାର ଗୁରୁବାର ହାଇକୋର୍ଟରେ ସତ୍ୟପାଠ ଦାଖଲ ନ କରି ଏହି ପ୍ରସଙ୍ଗରୁ ଦୂରେଇ ରହିବାକୁ ଚେଷ୍ଟା କରିଥିଲେ। ସେହିପରି ପୁରୀର ସାମାଜିକ କର୍ମୀ ଦିଲୀପ କୁମାର ବରାଳ ରତ୍ନଭଣ୍ଡାର ସମ୍ପର୍କରେ ବିଭିନ୍ନ ତଥ୍ୟ ପାଇବାକୁ ପୂର୍ବରୁ ରାଜ୍ୟ ସୂଚନା ଆୟୋଗଙ୍କ ନିକଟରେ ୪ଟି ମାମଲା ରୁଜୁ କରିଥିଲେ। ଶୁକ୍ରବାର ଉକ୍ତ ମାମଲାର ଶୁଣାଣି ଆରମ୍ଭ ହୋଇଛି। ତେବେ ଏହି ମାମଲାରେ ଶ୍ରୀମନ୍ଦିର ପ୍ରଶାସନର ଖାମ୍‌ଖିଆଲି ମନୋଭାବ ସାମ୍ନାକୁ ଆସିଛି। ରତ୍ନଭଣ୍ଡାର ସମ୍ପର୍କିତ ମଗାଯାଇଥିବା ତଥ୍ୟ ଶ୍ରୀମନ୍ଦିର ସୂଚନା ଅଧିକାରୀଙ୍କ ନିକଟରେ ନ ଥିବା ଆୟୋଗଙ୍କୁ ଅବଗତ କରାଯାଇଛି। ଫଳରେ ମେ ୨୨ରେ ସତ୍ୟପାଠ ଜରିଆରେ ତଥ୍ୟ ଉପଲବ୍ଧ ନ ଥିବା ସମ୍ପର୍କରେ ଜଣାଇବା ପାଇଁ ସୂଚନା ଅଧିକାରୀଙ୍କୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆୟୋଗଙ୍କୁ ଦେଇଥିବା କାଗଜପତ୍ରର ନକଲ ସୂଚନା ଅଧିକାର ଆଇନ ବଳରେ ପ୍ରଦାନ କରିବା ପାଇଁ ସୂଚନା ଅଧିକାର କର୍ମୀ ଦିଲ୍ଲୀପ ବରାଳ ଶ୍ରୀମନ୍ଦିର ପ୍ରଶାସନକୁ ତଥ୍ୟ ମାଗିଥିଲେ। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ତଥ୍ୟ ପ୍ରଦାନ କରାଯାଇ ନ ଥିଲା। ଫଳରେ ବରାଳ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କ ନିକଟରେ ତଥ୍ୟ ପାଇବା ପାଇଁ ଆବେଦନ କରିଥିଲେ। ଉନ୍ନୟନ ପ୍ରଶାସକ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ରଘୁବୀର ଦାସ କମିଶନଙ୍କ ରିପୋର୍ଟ ସରକାର ସାର୍ବଜନୀନ କରିନାହାନ୍ତି। ତେଣୁ ଏ ନେଇ କୌଣସି ତଥ୍ୟ ପ୍ରଦାନ କରାଯିବ ନାହିଁ। ବରାଳ ଏ ନେଇ ରାଜ୍ୟ ସୂଚନା ଆୟୋଗଙ୍କ ନିକଟରେ ଦ୍ୱିତୀୟ ଅପିଲ କରିଥିଲେ। ସେ ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୪୨୪/୨୨) ରୁଜୁ କରିବା ସହ ରତ୍ନଭଣ୍ଡାରର ଅନ୍ୟ ପ୍ରସଙ୍ଗକୁ ନେଇ ଅନ୍ୟ ୩ଟି ମାମଲା (ନଂ. ୭୦୨/୨୨, ୭୨୯/୨୨ ଓ ୭୩୦/୨୨) ରୁଜୁ କରିଥିଲେ। ବରାଳ ପ୍ରଥମ ମାମଲାରେ ୨୦୧୮ ଏପ୍ରିଲ ୪ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକର ବିବରଣୀ ସଂକ୍ରାନ୍ତ ସୂଚନା ମାଗିଥିଲେ। ସେହିପରି ଦ୍ୱିତୀୟ ମାମଲାରେ ୧୯୮୨ ଡିସେମ୍ବର ୨୬ରେ ରତ୍ନଭଣ୍ଡାର ରେଜିଷ୍ଟରରେ ଉଲ୍ଲେଖ ହୋଇଥିବା ସମସ୍ତ ତଥ୍ୟ ପ୍ରଦାନ ପାଇଁ ମାମଲା ରୁଜୁ କରିଥିଲେ। ତୃତୀୟ ମାମଲାରେ ୧୯୮୫ ଜୁଲାଇ ୧୪ରେ ରତ୍ନଭଣ୍ଡାର ରେଜିଷ୍ଟରର ତଥ୍ୟ ଦେବାକୁ ସେ ଆବେଦନ କରିଥିଲେ। ଯାହାର ପ୍ରଥମ ଶୁଣାଣି ଶୁକ୍ରବାର ରାଜ୍ୟ ସୂଚନା ଆୟୋଗଙ୍କ କାର୍ଯ୍ୟାଳୟରେ ହେବାର ଥିଲା। ତେବେ ଶ୍ରୀମନ୍ଦିର ସୂଚନା ଅଧିକାରୀ ଏହି ମାମଲା ସଂକ୍ରାନ୍ତରେ କୌଣସି ତଥ୍ୟ ନ ଥିବା ଆୟୋଗଙ୍କୁ ଜଣାଇଥିଲେ। ଅପରପକ୍ଷରେ ଏ ସମ୍ପର୍କରେ ଶ୍ରୀମନ୍ଦିର ସୂଚନା ଅଧିକାରୀ ଆଲୋକ ନାଗଙ୍କୁ ପଚାରିବାରେ ସେ କହିଛନ୍ତି, ଦିଲୀପ ବରାଳ କରିଥିବା କେସ ଉପରେ ଶୁକ୍ରବାର ରାଜ୍ୟ ସୂଚନା ଆୟୋଗଙ୍କ ନିକଟରେ ଶୁଣାଣି ହେବାର ଥିଲା। ମାତ୍ର ଶୁଣାଣିରେ ଆୟୋଗ କ'ଣ ନିର୍ଦ୍ଦେଶ ଦେଲେ ସେ ସମ୍ପର୍କରେ କିଛି ନ କହି ନାଗ ଫୋନ କାଟି ଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ବାରମ୍ବାର ଫୋନ୍ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଫଳରେ ଏଥିରୁ ଶ୍ରୀମନ୍ଦିର ପ୍ରଶାସନର ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

**ରାଜ୍ୟ ସୂଚନା ଆୟୋଗଙ୍କ ନିକଟରେ ରତ୍ନଭଣ୍ଡାର ମାମଲାର ଶୁଣାଣି**



ଅସ୍ତରାଗ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

## ଲାୟନ୍ସ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ପୁରୀ ଅଫିସ,୧୭।୩**

ପୁରୀ ଲାୟନ୍ସ କ୍ଲବ୍ ପକ୍ଷରୁ ସ୍ଥାନୀୟ ନବକଳେବର ରୋଡ୍‌ସ୍ଥିତ ଅସ୍ତରାଗ ବୃଦ୍ଧାଶ୍ରମରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ସୂର୍ଯ୍ୟକାନ୍ତ ପୃଷ୍ଟିଙ୍କ ଦ୍ୱାରା ଅନ୍ତେବାସୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ପ୍ରଦାନ କରାଯାଇଛି। ସମୁଦାୟ ୨୫ଜଣ ଅନ୍ତୋବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ଅବସରରେ କ୍ଲବ୍‌ର ସଭାପତି ଶ୍ୟାମସୁନ୍ଦର ଚନ୍ଦୁକା, ସମ୍ପାଦକ ଶିବପ୍ରସାଦ ଦାସ ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପୁରୀ ୱାଣ୍ଡର ୱାଟର ପାର୍କ ପରିସରରେ ଶୁକ୍ରବାର ସୁରକ୍ଷା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଶିବିରରେ ଲୋକଙ୍କର ଫିଜିଓଥେରାପି କରାଯାଉଛି ।

## କର୍ମଚାରୀ ଠିକ୍ ସମୟରେ ଆସୁ ନ ଥିବା ଅଭିଯୋଗ

**ପୁରୀ ଅଫିସ, ୧୭।୩:**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ଅନେକ ଅଧିକାରୀ ଓ କର୍ମଚାରୀ ଠିକ୍ ସମୟରେ କାର୍ଯ୍ୟ କ୍ଷେତ୍ରକୁ ଆସୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଏ ନେଇ ସାମାଜିକ କର୍ମୀ ଦିଲୀପ କୁମାର ବରାଳ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏକ ଅଭିଯୋଗପତ୍ର ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବରାଳ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟକୁ ଠିକ ସମୟରେ ଆସୁନାହାନ୍ତି। ଅଧିକାଂଶ କର୍ମଚାରୀ କାର୍ଯ୍ୟାଳୟକୁ ମଧ୍ୟାହ୍ନ ୧୨ଟା ପରେ ଆସୁଛନ୍ତି। ଏପରିକି ଜଣେ କର୍ମଚାରୀ କାର୍ଯ୍ୟାଳୟକୁ ୧ ଘଣ୍ଟା ପାଇଁ ଆସି ଚାଲିଯାଉଛନ୍ତି। କର୍ମଚାରୀମାନେ ଖାଇବା ପାଇଁ ଅପରାହ୍ନ ୧ଟାରୁ ଯାଇ ୪ଟା ବେଳକୁ କାର୍ଯ୍ୟାଳୟକୁ ଫେରୁଛନ୍ତି। ପୁଣି ଅପରାହ୍ନ ୫ଟା ବେଳକୁ କାର୍ଯ୍ୟାଳୟରୁ ଚାଲିଯାଉଛନ୍ତି। ଏପରିକି ଅଧିକାଂଶ କର୍ମଚାରୀ ଖାଇବାକୁ ଘରକୁ ଯାଇ ଆଉ ଫେରୁନାହାନ୍ତି। ସେହିପରି କାର୍ଯ୍ୟାଳୟର ରେଜିଷ୍ଟ୍ରି ଖାତାରେ କେତେଜଣ କର୍ମଚାରୀ ଦସ୍ତଖତ କରି ବିନା କାର୍ଯ୍ୟରେ କେଉଁଆଡ଼େ ଚାଲିଯାଉଛନ୍ତି। ତେଣୁ ଅଭିଯୋଗକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବରାଳ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଦୈନିକ ସର୍ବନିମ୍ନ ମଜୁରି ଦାବିକଲେ ଜଳ ଯୋଗାଣ କର୍ମଚାରୀ

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ନିୟୋଜିତ ଠିକା, ଅସ୍ଥାୟୀ ଓ ଏସ୍‌ଇଏମ୍ କର୍ମଚାରୀ ଦୈନିକ ସର୍ବନିମ୍ନ ମଜୁରି ଦାବି କରିଛନ୍ତି। ଓଡ଼ିଶା ପାଇପ୍ ୱାଟର ୱର୍କର୍ସ ଆସୋସିଏଶନ ପକ୍ଷରୁ ଶତାଧିକ କର୍ମଚାରୀ ଶୁକ୍ରବାର ଲୋୟର ପିଏଜିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇଥିଲେ। ମାସକ ମଧ୍ୟରେ ଦାବି ପୂରଣ ନ ହେଲେ ଏପ୍ରିଲ ୧୯ରେ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଥିବା ବାସଭବନ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସଂଘ ସଭାପତି ହୃଷୀକେଶ ସେଠୀ ଓ ସାଧାରଣ ସମ୍ପାଦକ ମନୋଜ ମହାନ୍ତି କହିଛନ୍ତି।

## ସେବା କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ ପରିସର ସଫେଇ



ସଫେଇ କାର୍ଯ୍ୟକ୍ରମରେ ସାମିଲ ଓଡ଼ିଶା ସାମ୍ୟବାଦ ବିକାଶ ମହାକ୍ରାନ୍ତି ପରିଷଦର ସଦସ୍ୟ ।

**ସାକ୍ଷୀଗୋପାଳ, ୧୭।୩ (ସ୍ୱ.ପ୍ର./ଡି.ଏନ୍.ଏ.)**

ଓଡ଼ିଶା ସାମ୍ୟବାଦ ବିକାଶ ମହାକ୍ରାନ୍ତି ପରିଷଦ ତରଫରୁ ଶୁକ୍ରବାର ସତ୍ୟବାଦୀ ବ୍ଲକ ପରିସର ସଫେଇ କରାଯାଇଛି। ପରିଷଦ ଆବାହକ ରବୀନ୍ଦ୍ରନାଥ ଭୋଇଙ୍କ ନିର୍ଦ୍ଦେଶରେ ବ୍ଲକରେ ଥିବା ଭାରତ ନିର୍ମାଣ ରାଜୀବଗାନ୍ଧୀ ସେବାକେନ୍ଦ୍ର ଓ ବ୍ଲକ ପରିସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଅନୁଷ୍ଠାନ ସଭାପତି ପ୍ରଫୁଲ୍ଲ ପାତ୍ର, ସମ୍ପାଦକ ଅର୍ଜୁନ ବେହେରା, ଉପସଭାନେତ୍ରି କଳ୍ପନା ଭୋଇ, କୋଷାଧ୍ୟକ୍ଷ ପ୍ରସନ୍ନ ସେଠୀଙ୍କ ସହ ପ୍ରମିଳା ଭୋଇ, ସୁମିତ୍ରା ଭୋଇ, ରଞ୍ଜୁଲତା ଦେଇ, ସୀମା ଭୋଇ, ଅକ୍ଷୟ ଭୋଇ, ଭ୍ରମର ସେଠୀ, ଜିତୁ ଦାସ, ଅଶୋକ ଭୋଇ, ଜୟଦେବ ସେଠୀ ପ୍ରମୁଖ ସଦସ୍ୟ ଏହି ସଫେଇ କାର୍ଯ୍ୟରେ ସାମିଲ ଥିଲେ। ଆମେ ବିଭିନ୍ନ ସମୟରେ ବ୍ଲକକୁ ଆସୁଥିବା ବେଳେ ଏଠାରେ ଅନେକ ଅନାବନା ଗୁଳ୍ମ ସହ ଅଳିଆ ଅପରିଷ୍କାର ଦୀର୍ଘ ଦିନ ହେଲା ଜମି ରହିଥିଲା। ଏପରି ସ୍ଥିତିକୁ ଦେଖି ସଙ୍ଗଠନର ପକ୍ଷରୁ ସତ୍ୟବାଦୀ ବ୍ଲକରେ ରହିଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସହ ବ୍ଲକ ପରିସରକୁ ସଫାସୁତୁରା କରିଥିଲୁ ବୋଲି କହିଛନ୍ତି ସଭାପତି ପ୍ରଫୁଲ୍ଲ ପାତ୍ର କହିଛନ୍ତି।

### ଛତୁ ମଞ୍ଜି ଉତ୍ପାଦନ ତାଲିମ ଶିବିର

**ପିପିଲି,୧୭।୩(ସ୍ୱ.ପ୍ର.)**

ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଏକ ୪ଦିନିଆ ଛତୁ ମଞ୍ଜି ଉତ୍ପାଦନ ତାଲିମ ଶିବିର ପିପିଲି ନିକଟ ଦାଣ୍ଡମୁକୁନ୍ଦପୁରସ୍ଥିତ କଳିଙ୍ଗ ଛତୁ ଉଦ୍ୟୋଗ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କଳିଙ୍ଗ ଛତୁ ଉଦ୍ୟୋଗର ମୁଖ୍ୟ ସନ୍ତୋଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଏଥିରେ ପୁରୀ ଜିଲାର ବିଭିନ୍ନ ବ୍ଲକରୁ ୧୦ଜଣ ମହିଳାଙ୍କ ସହ ୨୦ ଜଣରୁ ଊର୍ଦ୍ଧ୍ୱ ଆଗ୍ରହୀ ଛତୁ ଚାଷୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଛତୁ ଚାଷୀମାନେ କିପରି ଉନ୍ନତମାନର ଛତୁ ବିହନ ଉତ୍ପାଦନ ପାରିବେ, ଛତୁ ମଞ୍ଜି ତିଆରି କରିବା ପାଇଁ କାଚ ବୋତଲ ପରିବର୍ତ୍ତେ କିପରି ଜରି ମୁଣି ବା ପଲି ପାଉଚ ବ୍ୟବହାର କରାଯାଇପାରିବ ସେନେଇ ଏହି ତାଲିମରେ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମର ଶେଷ ଦିନରେ ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଲିମ ନେଇଥିବା ଛତୁ ଚାଷୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ସୁମିତ୍ରା ଆଚାର୍ଯ୍ୟଙ୍କ ସଂଯୋଜନାରେ ହୋଇଥିଲା।



ପିପିଲି ନିକଟ ଦାଣ୍ଡମୁକୁନ୍ଦପୁରସ୍ଥିତ କଳିଙ୍ଗ ଛତୁ ଉଦ୍ୟୋଗ କେନ୍ଦ୍ରରେ ଆୟୋଜିତ ଛତୁ ମଞ୍ଜି ଉତ୍ପାଦନ ତାଲିମ ଶିବିରରେ ପ୍ରଶିକ୍ଷାର୍ଥୀମାନେ ।

## ୱାର୍ଡ ସଭ୍ୟାସଭ୍ୟଙ୍କ ପ୍ରଶିକ୍ଷଣ କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ଅତିଥି ଏବଂ ପ୍ରଶିକ୍ଷାର୍ଥୀ ।

**କୃଷ୍ଣପ୍ରସାଦ,୧୭।୩(ଡି.ଏନ୍.ଏ.):**

ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସଭାଗୃହରେ ୱାର୍ଡମେମ୍ବରମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ, କ୍ଷମତା ଆଦି ସମ୍ପର୍କିତ ୩ ଦିନିଆ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଡିଓ ମନୋଜ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜବଲ୍ଲଭ ମିଶ୍ର, ହାଡ଼ିବନ୍ଧୁ ସେଠୀ କର୍ମଶାଳାରେ ପ୍ରଶିକ୍ଷକଭାବେ ଯୋଗଦେଇ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ସହ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଅବଗତ କରାଇଥିଲେ। ପ୍ରଭାତ କୁମାର ଜେନା, ଆଲୋକ କୁମାର ଖୁଣ୍ଟିଆ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଚିଲିକା ନୂଆପଡ଼ାରେ ଦଶଦୋଳ ମେଳଣ

**କୃଷ୍ଣପ୍ରସାଦ,୧୭।୩(ଡି.ଏନ୍.ଏ.):**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ନୂଆପଡ଼ାରେ ଐତିହାସିକ ଦଶଦୋଳ ମେଳଣ ଆରମ୍ଭ ହୋଇଯାଇଛି। ମୁଖ୍ୟ ପୀଠାଧୀଶ ଶ୍ରୀଗୁପ୍ତେଶ୍ୱର ଦେବଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରୁ ୧୬ ଠାକୁର ସୁସଜ୍ଜିତ ବିମାନରେ ପଟୁଆରରେ ଆସି ମଣ୍ଡପରେ ବିରାଜମାନ ହୋଇଥିଲେ। ପ୍ରତ୍ୟହ ଲୋକନୃତ୍ୟ ଭାରତଲୀଳା ସହ ଅପେରା ପାର୍ଟି ନାଟକ ପରିବେଷଣ କରୁଛନ୍ତି। ଚଳିତ ବର୍ଷ ପ୍ରଶାସନର କଟକଣା ଯୋଗୁ ଆତସବାଜି ପ୍ରଦର୍ଶନକୁ ବାରଣ କରାଯାଇଛି। ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନା, ସମ୍ପାଦକ ସୁକାନ୍ତ ପ୍ରଧାନଙ୍କ ସମେତ ୩୫ ଜଣିଆ କମିଟି ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକଙ୍କ ନେତୃତ୍ୱରେ ଫୋର୍ସ ମୁତୟନ କରାଯାଇଛି।


ଦେବ ବିମାନକୁ ଶୋଭାଯାତ୍ରାରେ ନିଆଯାଉଛି ।

## ପୁରୀ ଜିଲାକୁ ବାଲ୍ୟବିବାହମୁକ୍ତ କରିବାକୁ ଆହ୍ୱାନ

**ସଚେତନତା ଉପରେ ଗୁରୁତ୍ୱ**

**ପୁରୀ ଅଫିସ,୧୭।୩:**

କୈଳାସ ସତ୍ୟାର୍ଥୀ ଫାଉଣ୍ଡେଶନ ଓ ଭୁବନେଶ୍ୱରସ୍ଥିତ ରୁଚିକା ସାମାଜିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ତଥା ପୁରୀ ଜିଲା ପ୍ରଶାସନ ସହଯୋଗରେ ଶୁକ୍ରବାର ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ବାଲ୍ୟ ବିବାହମୁକ୍ତ ଭାରତ ଗଠନ ସଂକ୍ରାନ୍ତ ଏକାଭିମୁଖୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ କର୍ମଶାଳାକୁ ଉଦ୍‌ଘାଟନ କରି ଜିଲାକୁ ସମ୍ପୂର୍ଣ୍ଣ ବାଲ୍ୟ ବିବାହମୁକ୍ତ ପାଇଁ ପଦକ୍ଷେପ ନେବା ସହିତ ଆସନ୍ତା ଆର୍ଥିକ ବର୍ଷଠାରୁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି କାର୍ଯ୍ୟ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଯୋଗଦେଇ ସିଡିପିଓମାନଙ୍କ ସକ୍ରିୟ ଉଦ୍ୟମ ଯୋଗୁ ଜିଲାରେ ବାଲ୍ୟ ବିବାହ ରୋକାଯାଇପାରୁଛି ବୋଲି କହିଥିଲେ। ମିଶନ ବାତ୍ସଲ୍ୟର ଲକ୍ଷ୍ୟ, ଉଦ୍ଦେଶ୍ୟ, ସେବା ଏବଂ ବାଲ୍ୟ ବିବାହ ରୋକିବାରେ ଏହି ଯୋଜନାର ଭୂମିକା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ପୁରୀ ଚାଇଲ୍ଡ଼ଲାଇନ ନିର୍ଦ୍ଦେଶକ ଦେବାଶିଷ ରଥ କାର୍ଯ୍ୟକ୍ରମରେ ଯୋଗଦେଇ ବାଲ୍ୟ ବିବାହ, ଚାଲାଣର ଭୟାବହତା ସମ୍ପର୍କରେ ଉଲ୍ଲେଖ କରି ବାଲ୍ୟବିବାହ ରୋକିବାରେ ସାମ୍ନା କରୁଥିବା ଆହ୍ୱାନଗୁଡ଼ିକ ଉପସ୍ଥାପନ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ କାର୍ଯ୍ୟାଳୟର ସୁରକ୍ଷା ଅଧିକାରୀ ଶର୍ମିଷ୍ଠା ହୋତା ଗ୍ରାମାଞ୍ଚଳରେ ଦକ୍ଷତା ବୃଦ୍ଧି ପାଇଁ ବିଦ୍ୟାଳୟଗୁଡିକରେ ସଚେତନତା ବୃଦ୍ଧି ପାଇଁ ଆହ୍ୱାନ କରିଥିଲେ। ରୁଚିକା ସଙ୍ଗଠନର ତାଲିମଦାତା ଶିବାନୀ ନାୟକ ବାଲ୍ୟ ବିବାହ ନିରୋଧ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହିତ ବାଲ୍ୟ ବିବାହ ନିଷେଧର ପ୍ରକ୍ରିୟାଗୁଡିକ ସମ୍ବନ୍ଧରେ ସୂଚନା ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଶାଖାର ଆଇନ ଅଧିକାରୀ ସନ୍ତୋଷ କୁମାର ସାହୁ ପୋଲିସ, ପ୍ରଶାସନ ଏବଂ ଅଦାଲତଙ୍କ ମିଳିତ ସହଯୋଗ ଓ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ବାଲ୍ୟ ବିବାହମୁକ୍ତ ଗ୍ରାମ, ପଞ୍ଚାୟତ ୱାର୍ଡ ଗଠନ ଏବଂ ସରକାରଙ୍କ ନିର୍ଦ୍ଦେଶାବଳୀ ତଥା ଶିଶୁମିତ୍ର ପଞ୍ଚାୟତ ସମ୍ବନ୍ଧରେ ଆଲୋଚନା କରିଥିଲେ। ପରାମର୍ଶଦାତ୍ରୀ ରୋଜାଲିନ୍ ପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ୟୁନିଟର ବିଜୟ କୁମାର ପରିଡ଼ା, ଅକ୍ଷୟ କୁମାର ଚୌଧୁରୀ, ହରେକୃଷ୍ଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଶିଶୁ ପ୍ରକଳ୍ପ ଅଧିକାରୀ, ସୁପରଭାଇଜରଙ୍କ ସମେତ ୩୫ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ ।

**ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ପଦବୀରୁ ଚିତ୍ତରଞ୍ଜନଙ୍କୁ ଅବ୍ୟାହତି**

ଭୁବନେଶ୍ୱର,(ବ୍ୟୁରୋ): ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସଙ୍କୁ ତାଙ୍କ ପଦବୀରୁ ଅବ୍ୟାହତି ଦିଆଯାଇଛି। ଏ ନେଇ ଶୁକ୍ରବାର ବିଜୁ ଯୁବ ଜନତା ଦଳର ସଭାପତି ବ୍ୟୋମକେଶ ରାୟ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ନୂଆ ସାମ୍ମୁଖ୍ୟ ଗଢ଼ିବେ ମମତା, ଅଖିଳେଶ

■ କଂଗ୍ରେସ, ଭାଜପାଠାରୁ ସମଦୂରତ୍ୱ ରଖିବାକୁ ନିଷ୍ପତ୍ତି ■ ନବୀନଙ୍କୁ ଭେଟିବେ ଟିଏମ୍‌ସି ନେତ୍ରୀ

କୋଲକାତା, ୧୭।୩

ଭାଜପା ଏବଂ କଂଗ୍ରେସଠାରୁ ସମଦୂରତ୍ୱ ରକ୍ଷା କରି ନୂଆ ସାମ୍ମୁଖ୍ୟ ଗଠନ କରିବା ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତ୍ରୀ ମମତା ବାନାର୍ଜୀ ଏବଂ ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର କୋଲକାତାରେ ଅଖିଳେଶ ମମତାଙ୍କୁ ଭେଟିଛନ୍ତି। ମମତା ଆସନ୍ତା ୨୩ ତାରିଖରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ (ବିଜେଡି) ଅଧ୍ୟକ୍ଷ ନବୀନ ପଟ୍ଟନାୟକଙ୍କୁ ଭେଟିବେ। ବିଜେଡି ଉଭୟ କଂଗ୍ରେସ ଓ ଭାଜପାଠାରୁ ସମଦୂରତ୍ୱ ରକ୍ଷାକରି ଆସିଛି। ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାଜପାକୁ ପରାଜିତ କରିଥିବାରୁ ମମତାଙ୍କୁ ଏସ୍‌ପି ନେତା ଅଖିଳେଶ ଉଚ୍ଚ ପ୍ରଶଂସା କରିଥିଲେ। ଆଗାମୀ ନିର୍ବାଚନରେ ଗୈରିକ ଦଳକୁ ପରାଜିତ କରିବାକୁ ହେଲେ ଟିଏମ୍‌ସି ସୁପ୍ରିମୋଙ୍କ ସହ ଏସ୍‌ପି ଦୃଢ଼ଭାବେ ଛିଡ଼ାହେବ ବୋଲି ଅଖିଳେଶ କହିଛନ୍ତି।

ସମ୍ପ୍ରତି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲଣ୍ଡନରେ ଦେଇଥିବା ମନ୍ତବ୍ୟକୁ ନେଇ ଶାସକ ଦଳ ପାର୍ଲାମେଣ୍ଟରେ ଅଚଳାବସ୍ଥା ସୃଷ୍ଟି କରିଛି। ଭାଜପା ରାହୁଲଙ୍କୁ ବିରୋଧୀ ଦଳଗୁଡ଼ିକର ମୁଖ୍ୟ ନେତା ଭାବେ ଉପସ୍ଥାପନ କରି ସେମାନଙ୍କୁ ଟାର୍ଗେଟ କରିବାକୁ ଚାହୁଁଥିବା ବିରୋଧୀ ସନ୍ଦେହ କରୁଛନ୍ତି। କଂଗ୍ରେସକୁ ବ୍ୟବହାର କରି ଶାସକ ଦଳ ପାର୍ଲାମେଣ୍ଟ ଚଳାଇଦେବାକୁ ଚାହୁଁନାହିଁ। ୨୦୨୪ ନିର୍ବାଚନରେ କିଏ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ ତାହା ନିଷ୍ପତ୍ତି ନେବାର ଆବଶ୍ୟକତା ନାହିଁ ବୋଲି ଟିଏମ୍‌ସି ଏମ୍‌ପି ସୁଦୀପ ବନ୍ଦୋପାଧ୍ୟାୟ କହିଛନ୍ତି। କଂଗ୍ରେସକୁ ବିରୋଧୀ ଦଳଗୁଡ଼ିକର ବିଗ୍ ବସ୍ ଭାବିବା ଭ୍ରାନ୍ତ ଧାରଣା ବୋଲି ସେ ମତ ଦେଇଛନ୍ତି। ଭାଜପା ଏବଂ କଂଗ୍ରେସଠାରୁ ସମଦୂରତ୍ୱ ରକ୍ଷା କରିବା ଯୋଜନା ସମ୍ପର୍କରେ ଆଲୋଚନା ଲାଗି ମମତା ଅନ୍ୟ ବିରୋଧୀ ଦଳଗୁଡ଼ିକ ସହ ଆଲୋଚନା କରିବେ। ଆମେ ତୃତୀୟ ସାମ୍ମୁଖ୍ୟ କଥା କହୁନାହୁଁ। କିନ୍ତୁ ଭାଜପାକୁ ପରାଜିତ କରିବା କ୍ଷମତା ଆଞ୍ଚଳିକ ଦଳଗୁଡ଼ିକର ରହିଛି ବୋଲି ବନ୍ଦୋପାଧ୍ୟାୟ କହିଛନ୍ତି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ସିବିଆଇ, ଇଡି ଏବଂ ଆୟକର ବିଭାଗ ଭଳି କେନ୍ଦ୍ରୀୟ ସଂସ୍ଥାର ଦୁରୁପଯୋଗ କରି ବିରୋଧୀ ନେତାମାନଙ୍କୁ ଟାର୍ଗେଟ କରୁଛନ୍ତି। ଯେଉଁମାନେ ଭାଜପା ଭାକ୍ସିନ ପାଉଛନ୍ତି, ସେମାନେ ଏନେଇ ବିବ୍ରତ ନୁହନ୍ତି। କାରଣ ସିବିଆଇ, ଇଡି ମାମଲା ଥିବା ବିରୋଧୀ ନେତାମାନେ ଭାଜପାରେ ଯୋଗଦେଲେ ସେମାନଙ୍କ ମାମଲାକୁ ହଟାଇ ଦିଆଯାଉଥିବା ଅଖିଳେଶ ଖବରଦାତାମାନଙ୍କୁ କହିଛନ୍ତି।


କୋଲକାତାରେ ଶୁକ୍ରବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟୁଛନ୍ତି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ।



ପାର୍ଲାମେଣ୍ଟ ପରିସରସ୍ଥିତ ଗାନ୍ଧୀମୂର୍ତ୍ତି ସମ୍ମୁଖରେ ଶୁକ୍ରବାର ବିକ୍ଷୋଭରତ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ଓ ଅନ୍ୟ ବିରୋଧୀ ନେତୃବୃନ୍ଦ। (ଫଟୋ : ଚମନ ଗୌତମ)

# ଗାନ୍ଧୀମୂର୍ତ୍ତି ଆଗରେ ବିରୋଧୀଙ୍କ ଧାରଣା

## ଆଦାନୀ ଦୁର୍ନୀତିର ଜେପିସି ତଦନ୍ତ ଦାବି

ନୂଆଦିଲ୍ଲୀ, ୧୭।୩

ଆମେରିକୀୟ ଶର୍ଟସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଆଦାନୀ ଗ୍ରୁପ୍ ବିରୋଧରେ ଆଗତ ଷ୍ଟକ୍ସ ଜାଲିଆତିର ଜେପିସି ତଦନ୍ତ ଦାବିରେ ବିରୋଧୀ ଦଳଗୁଡ଼ିକର ନେତାମାନେ ଶୁକ୍ରବାର ପାର୍ଲାମେଣ୍ଟ ପରିସରସ୍ଥିତ ଗାନ୍ଧୀମୂର୍ତ୍ତି ସମ୍ମୁଖରେ ଧାରଣା ଦେଇଛନ୍ତି। ପାର୍ଲାମେଣ୍ଟ ସୋମବାର ପର୍ଯ୍ୟନ୍ତ ମୁଲତବୀ ହେବା ପରେ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ, ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀଙ୍କ ସମେତ ବାମପନ୍ଥୀ, ଡିଏମ୍‌କେ, ଏଏପି, ଶିବସେନା (ୟୁଟିବି), ଜେଏମ୍‌ଏମ୍ ଏବଂ ବିଆର୍‌ଏସ୍ ଏମ୍‌ପିମାନେ ମଧ୍ୟ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ସେମାନଙ୍କ ହାତରେ ଥିବା ପ୍ଲାକାର୍ଡ ଓ ବ୍ୟାନରଗୁଡ଼ିକରେ ସରକାର ବିରୋଧୀ ସ୍ଲୋଗାନ ଲେଖାଥିଲା। 'ସିମ୍ପୁଲ ହେ ମୋଦିଜୀ, ଆମେ ଜେପିସି ତଦନ୍ତ ଚାହୁଁ' ବୋଲି ଖାର୍ଗେ ଟୁଇଟ୍ କରିଛନ୍ତି।

# ପଦ୍ମ ଧରିବେ ପାଟଣା ପୂର୍ବତନ ବିଧାୟକ

## କେନ୍ଦୁଝରରେ ସନାତନ ଟିକେଟ ବାଣ୍ଟନ୍ତି : ହୃଷୀକେଶ


ହୃଷୀକେଶ ନାଏକ

କେନ୍ଦୁଝର/ପାଟଣା, ୧୭।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ହୃଷୀକେଶ ନାଏକ ବିଜେଡି ଛାଡ଼ି ଭାଜପାରେ ଯୋଗଦେବେ। ତାଙ୍କୁ ଅଣଦେଖା କରାଯାଉଥିବାରୁ ଦଳ ଛାଡ଼ିବେ ବୋଲି ପାଞ୍ଚଥର ବିଧାୟକ ହୋଇଥିବା ଏହି ୮୦ ବର୍ଷୀୟ ବରିଷ୍ଠ ନେତା କହିଛନ୍ତି। ଆସନ୍ତା ୨୬ ତାରିଖ କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କ ଭଦ୍ରକ ଜିଲା ଗସ୍ତ ସମୟରେ ସେ ଭାଜପାରେ ମିଶିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ତେବେ ଏନେଇ ସେ ଚମ୍ପୁଆର ପୂର୍ବତନ ବିଧାୟକ ସନାତନ ମହାକୁଡ଼ଙ୍କୁ ଦୋଷ ଦେଇଛନ୍ତି।

ହୃଷୀକେଶ କହିଛନ୍ତି, ଚମ୍ପୁଆ ପୂର୍ବତନ ବିଧାୟକ ଜିଲାରେ ଟିକେଟ ବାଣ୍ଟୁଛନ୍ତି। କ୍ରମାଗତ ଜିତିବା ସତ୍ତ୍ୱେ ୨୦୧୯ ନିର୍ବାଚନରେ ମୋତେ ଟିକେଟ ଦେଲେ ନାହିଁ। ପରେ କହିଲେ ଲୋକ ସଭା ଟିକେଟ ମିଳିବ। ଉକ୍ତ ସିଟ୍‌କୁ ସନାତନଙ୍କ ଅନୁଗତଙ୍କୁ ଦେଇଦେଲେ। ରାଜ୍ୟ ସଭା ପାଇଁ ଟିକେଟ ମିଳିବ ବୋଲି ପ୍ରତିଶ୍ରୁତି ମିଳିଲା। ଏପରିକି ଆଦିବାସୀ ଉନ୍ନୟନ ସମିତିର ଅଧ୍ୟକ୍ଷ ପଦ ମିଳିବ ବୋଲି ମଧ୍ୟ ଆଶ୍ୱାସନା ଦେଲେ। ତାହା ମଧ୍ୟ ମିଳିଲା ନାହିଁ। କିଛି ବର୍ଷ ହେଲା କୋଣଠେସା କରି କୌଣସି କାର୍ଯ୍ୟକ୍ରମକୁ ଡାକୁନାହାନ୍ତି। ଆଗାମୀ ନିର୍ବାଚନରେ ତ ମତେ ଟିକେଟ ଦେବେ ନାହିଁ, ତେଣୁ ବିଜେଡି ଛାଡି ଭାଜପାରେ ଯୋଗଦେବାକୁ ନିଷ୍ପତ୍ତି ନେଇଛି ବୋଲି ସେ କହିଥିଲେ। ଭାଜପା କାହିଁକି, କଂଗ୍ରେସ ନୁହେଁ ବୋଲି ପ୍ରଶ୍ନରେ ସେ କହିଛନ୍ତି, କଂଗ୍ରେସ ଦଳର କୌଣସି ସ୍ଥିତି ନାହିଁ। ଏଣୁ ଭାଜପାରେ ରହି କାମ କରିବି। ଦଳରୁ ଟିକେଟ ମିଳିଲେ ନିର୍ବାଚନ ଲଢ଼ିବି ଏବଂ ଲୋକଙ୍କ ବିକାଶ ପାଇଁ କାମ କରିବି ବୋଲି ହୃଷୀକେଶ କହିଛନ୍ତି। ଏନେଇ ପାଟଣା ବିଜେଡି ବିଧାୟକ ଜଗନ୍ନାଥ ନାଏକ କହିଛନ୍ତି, ପରିଣତ ବୟସରେ କ୍ଷମତା ଓ ପଦବୀ ଲୋଭ ଛାଡୁନାହିଁ। ସେ ଦଳ ଛାଡ଼ିଲେ କୌଣସି ପ୍ରଭାବ ପଡ଼ିବ ନାହିଁ। ତାଙ୍କ ପାଇଁ ଦଳ ବଦଳ ଏକ ଚିରାଚରିତ ଘଟଣା। ତାଙ୍କ ଅଭିଯୋଗ ମିଥ୍ୟା, ଦଳର ସୁପ୍ରିମୋ ଟିକେଟ ବାଟନ୍ତି ବୋଲି ସମସ୍ତେ ଜାଣିଛନ୍ତି। ଏଣୁ ଅନ୍ୟ କେହି ଦଳ ପାଇଁ ଟିକେଟ ବାଣ୍ଟିବା କହିବା ଠିକ୍ ନୁହେଁ ବୋଲି ଜଗନ୍ନାଥ କହିଥିଲେ।

ସୂଚନାଯୋଗ୍ୟ, ୧୯୮୦ ମସିହାରେ ଜନତା ପାର୍ଟିରୁ ପ୍ରଥମେ ଟିକେଟ ପାଇ ହୃଷୀକେଶ ବିଧାୟକ ହୋଇଥିଲେ। ୧୯୮୫, ୧୯୯୫ରେ କଂଗ୍ରେସରୁ ଟିକେଟ ପାଇ ବିଧାୟକ ହୋଇଥିଲେ। ୨୦୦୬ରେ ବିଜେଡ଼ିରେ ଯୋଗଦେଇ ବିଜେଡି ଟିକେଟରେ ୨୦୦୯, ୨୦୧୪ରେ କ୍ରମାଗତ ଭାବେ ବିଧାୟକ ହୋଇଥିଲେ। ତେବେ ୨୦୧୯ରେ ଦଳ ତାଙ୍କୁ ଟିକେଟ ଦେଇ ନ ଥିଲା।

# ଜେଲରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଭେଟିଲେ ଭାଜପା ବିଧାୟକ ଦଳ ପ୍ରତିନିଧି

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

ଭାଜପାର ୨୨ ଜଣ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ୧୮ ଦିନ ହେବ ଜେଲରେ ରହିଛନ୍ତି। ଭାଜପା ବିଧାୟକ ଦଳର ଏକ ପ୍ରତିନିଧି ଦଳ ଶୁକ୍ରବାର ଝାରପଡ଼ା ଜେଲରେ ଥିବା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଭେଟିଛନ୍ତି। କାର୍ଯ୍ୟକର୍ତ୍ତାମାନେ ଏ ପର୍ଯ୍ୟନ୍ତ ଜେଲରୁ ବାହାରିପାରି ନାହାନ୍ତି। ଦୀର୍ଘ ୨୩ ବର୍ଷର ଶାସନ ପରେ ମଧ୍ୟ ଓଡ଼ିଶାର ଆଇନଶୃଙ୍ଖଳା ବିପର୍ଯ୍ୟୟ ହେବା ବିଜେଡି ସରକାରର ସବୁଠୁ ବଡ଼ ବିଫଳତା ବୋଲି ପ୍ରତିନିଧି ଦଳ ନେତାମାନେ କହିଛନ୍ତି। ଅନ୍ୟାୟ, ଭ୍ରଷ୍ଟାଚାର, ଦୁର୍ନୀତିରେ ଉବୁଟୁବୁ ବିଜେଡି ସରକାର ଯୋଗୁ ଆଜି ରାଜ୍ୟବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ରାଜ୍ୟବାସୀଙ୍କ ସ୍ୱାର୍ଥରେ ଏହାର ପ୍ରତିବାଦ କରୁଥିବା ବିରୋଧୀଙ୍କ ସ୍ୱରକୁ ବିଜେଡି ସରକାର ଦମନ କରିବାର ପ୍ରୟାସ ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ଲଜ୍ଜାଜନକ। ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡର ସତ୍ୟାସତ୍ୟ ଉନ୍ମୋଚନ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ବିରୋଧ କରି ଶାନ୍ତିଶୃଙ୍ଖଳା ସହିତ ଆନ୍ଦୋଳନ କରୁଥିବା ୨୨ ଜଣ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ମିଛ ଦଫା ଲଗାଇ ଜେଲରେ ଭର୍ତ୍ତି କରିଦିଆଯାଇଥିବା ନେଇ ଅଭିଯୋଗ କରିଛନ୍ତି। ଏହି ପ୍ରତିନିଧି ଦଳରେ ବିଧାୟକ ନାଉରୀ ନାଏକ, ମୁକେଶ ମହାଲିଙ୍ଗ, ସୁକାନ୍ତ ନାୟକ, ଭବାନୀ ନାଏକ, ନିତ୍ୟାନନ୍ଦ ଗଣ୍ଡ, ନବଚରଣ ମାଝି, ବୁଢ଼ାନ ମୁର୍ମୁ, ସନାତନ ବିଜୁଳି, ଗଣେଶ ରାମ ଖୁଣ୍ଟିଆ, ସୂରଜ ସୂର୍ଯ୍ୟବଂଶୀ, ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ମୁଖପାତ୍ର ଠାକୁର ରଣଜିତ୍ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ପବିତ୍ର ଦାଶ, ରବି ବେହେରା, ରଶ୍ମିରଞ୍ଜନ କାନୁନଗୋ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଓମ୍ ପ୍ରକାଶ ମିଶ୍ର, ସମ୍ବଲପୁର ଜିଲା ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଆମକୁ ଦେଶଭକ୍ତି ପାଠ ପଢ଼ାନ୍ତୁ ନାହିଁ ଦେଶ ବିରୋଧୀ: ଖାର୍ଗେ

ନୂଆଦିଲ୍ଲୀ, ୧୭।୩

ଲଣ୍ଡନରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତୀୟ ଗଣତନ୍ତ୍ର ଉପରେ ଦେଇଥିବା ମନ୍ତବ୍ୟକୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ଦଳର ଅନେକ ନେତା ସମାଲୋଚନା କରିଛନ୍ତି। ଏହାର ଜବାବରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶୁକ୍ରବାର କହିଛନ୍ତି, ଯେଉଁମାନେ ଦେଶବିରୋଧୀ ସେମାନେ ଆମକୁ ଦେଶଭକ୍ତିର ପାଠ ପଢ଼ାଇବା ବନ୍ଦ କରନ୍ତୁ। ସେମାନେ ଆମଠୁ ଦେଶଭକ୍ତି ଶିଖିବା ଉଚିତ ହେବ। ନିକଟରେ ନଡ୍ଡା ରାହୁଲଙ୍କୁ ଭାରତ ବିରୋଧୀ ସ୍ଥାୟୀ ଟୁଲ୍‌କିଟ୍‌ର ଏକ ଅଂଶ ଭାବେ ଅଭିହିତ କରିଥିଲେ। ଏହା ଉପରେ ଖାର୍ଗେ କହିଛନ୍ତି, ଭାଜପା ନିଜର ସର୍ବୋତ୍ତମ ବନ୍ଧୁଙ୍କ ଦୁର୍ନୀତି, ଦେଶରେ ମୁଦ୍ରାସ୍ଫୀତି, ବେରୋଜଗାରି ଭଳି ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏପରି ଅଭିଯୋଗ ଆଣୁଛି। ଭାଜପା ନେତାମାନେ ସ୍ୱାଧୀନତା ପୂର୍ବରୁ ହିଁ ଦେଶବିରୋଧୀ କାର୍ଯ୍ୟ କରିଆସୁଛନ୍ତି। ସେମାନେ ସ୍ୱାଧୀନତା ସଂଗ୍ରାମରେ କେବେହେଲେ ସାମିଲ ହୋଇ ନ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫ରୁ ୭ ଦେଶକୁ ଯାଇ ଭାରତ ବିରୋଧୀ ମନ୍ତବ୍ୟ ଦେଇଥିଲେ। ଏଭଳି ବ୍ୟକ୍ତି ଆମକୁ ଦେଶବିରୋଧୀ ଆଖ୍ୟା ଦେବା ଦୁର୍ଭାଗ୍ୟଜନକ ବୋଲି ଖାର୍ଗେ ଏକାଧିକ ଟୁଇଟ୍ କରି କହିଛନ୍ତି।


**ବିଜ୍ଞାପନ ଠିକା ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଏଡିଭିଟି-କେଜିପି-ଅଡିଓଜିଙ୍ଗଲ୍‌ସ-୨୩ ଏବଂ ଏଡିଭିଟି-ଇଏମ୍ୟୁ-ଇଏଫ୍ଏଫ୍-୨୩ ତାରିଖ: ୧୭।୦୩।୨୦୨୩** । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ, ଖଡ଼ଗପୁର ଡିଭିଜନରେ ୧୬ଟି ଷ୍ଟେଶନରେ (ଗୋଟିଏ ଲଟ୍‌ରେ) ପିଏ ସିଷ୍ଟମ୍ ମାଧ୍ୟମରେ ଅଡିଓ ଜିଙ୍ଗଲ୍ ବଜାଇବା ଏବଂ ଇଏମ୍ୟୁ ରେକ୍ (ବାହ୍ୟ ସର୍ଫେସ୍ ଫୁଲ୍ ଫେସ୍‌ରେ ଗୋଟିଏ ଲଟ୍‌ରେ ୧୦ ଗୋଟି)ରେ ଭିନାଇଲ୍ ରାପିଂ ମାଧ୍ୟମରେ ବିଜ୍ଞାପନ ପ୍ରଦର୍ଶନ କରିବା ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା **https://www.ireps.gov.in** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ବିଜ୍ଞାପନ | ଏଡିଭିଟି-କେଜିପି-ଜେଆଇଏନ୍-୦୨ | ୦୩।୦୪।୨୩ | ୧୧.୩୦ ଘଟିକା | ୧୨.୦୦ ଘଟିକା |
| ବିଜ୍ଞାପନ | ଏଡିଭିଟି-କେଜିପି-୧୦-ଇଏମ୍ୟୁ | ୦୫।୦୪।୨୩ | ୧୧.୩୦ ଘଟିକା | ୧୨.୦୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-1209) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ



**ଉଦ୍ୟାନକୃଷି ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ କାର୍ଯ୍ୟାଳୟ, କେନ୍ଦୁଝର**
(ଫଳ ନିଲାମ ସମ୍ବନ୍ଧେ)
**ନିଲାମ ବିଜ୍ଞାପନ ସଂଖ୍ୟା- ୧୮୯୬ / ଉଦ୍ୟାନକୃଷି ତା୧୫।୦୩।୨୦୨୩**

**No. L-162:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ, ଉଦ୍ୟାନକୃଷି ଫାର୍ମ ଓ ବ୍ଲକ୍ ସ୍ତରୀୟ ନର୍ସରିରେ ଫଳନ୍ତି ଆମ୍ବ ଓ ଲିଚୁ ଗଛର ଫଳ ନିଲାମ ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜଉମୁଦ ଦିଆ ନିଲାମ ଆବେଦନ ଆହ୍ୱାନ କରାଯାଉଅଛି। ନିଲାମ ସଂକ୍ରାନ୍ତୀୟ ନିର୍ଦ୍ଧାରିତ ଫର୍ମ ଓ ସମସ୍ତ ସର୍ତ୍ତାବଳୀ ତଥ୍ୟ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ **ତା୨୦।୦୩।୨୦୨୩ରିଖଠାରୁ** ସମସ୍ତ ସରକାରୀ କାର୍ଯ୍ୟଦିବସମାନଙ୍କରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଟ ୨୦୦/-ଙ୍କା (ଦୁଇଶତ ଟଙ୍କା) ମାତ୍ର ବିନିମୟରେ ଉପଲବ୍ଧ ହେବ।

| ଫାର୍ମର ନାମ | ଗଛର ନାମ | ଗଛର ବୟସ | ବଢଳି ଥିବା ଗଛ ସଂଖ୍ୟା | ଜଉମୁଦ ଦିଆ ନିଲାମ ଆବେଦନ ପହଞ୍ଚିବା ଶେଷ ତାରିଖ ଓ ସମୟ | ସଫଳ ନିଲାମଧାରୀ ଚୟନ ପାଇଁ ବୈଠକର ତାରିଖ ଓ ସମୟ | ଆବେଦନ ଦରଖାସ୍ତ ସହିତ ଅମାନତ ରାଶି |
|---|---|---|---|---|---|---|
| କୁଆଁର ଫାର୍ମ | ଆମ୍ବ | ୨୦-୨୫ ବର୍ଷ | ୧୧୬୩ | ତା୨୭।୦୩।୨୦୨୩ରିଖ ଅପରାହ୍ନ ୫.୩୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ | ତା୨୮।୦୩।୨୦୨୩ରିଖ ପୂର୍ବାହ୍ନ ୧୧ ଘଟିକାରେ ଜଉମୁଦା ଲଫାପାଗୁଡ଼ିକ ଖୋଲାଯିବ | ଆବେଦନ ନିଲାମ ରାଶିର ୧୦% (DD/BD) ଡିମାଣ୍ଡ ଡ୍ରାଫ୍ଟ / ବ୍ୟାଙ୍କ ଡ୍ରାଫ୍ଟ |
| | ଲିଚୁ | ୨୦-୨୫ ବର୍ଷ | ୩୦ | | | |
| ତରମାକାନ୍ତ ଫାର୍ମ | ଆମ୍ବ | ୨୦-୨୫ ବର୍ଷ | ୭୦ | | | |
| ବ୍ଲକ୍ ସ୍ତରୀୟ ନର୍ସରି, ପାଟଣା | ଆମ୍ବ | ୮-୯ ବର୍ଷ | ୧୩୦ | | | |
| ବ୍ଲକ୍ ସ୍ତରୀୟ ନର୍ସରି, ଘଟଗାଁ | ଆମ୍ବ | ୨୦ ବର୍ଷ | ୧୦୦ | | | |
| ଭୂଇଁପୁର ଫାର୍ମ, ଚମ୍ପୁଆ | ଆମ୍ବ | ୨୦-୨୫ ବର୍ଷ | ୯୧୦ | | | |

ଆଗ୍ରହୀ ଆବେଦନକାରୀମାନେ ନିଲାମ ମୂଲ୍ୟ ଆକଳନ ପାଇଁ ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଅନୁମତି ନେଇ ଉକ୍ତ ଫଳ ବଗିଚା ପରିଦର୍ଶନ କରିପାରିବେ। ବିଭିନ୍ନ ଫାର୍ମ ପାଇଁ ପୃଥକ୍ ପୃଥକ୍ ଆବେଦନ ଫର୍ମ ସହିତ ଫର୍ମ କିଣା ରଶିଦ ଓ ଅମାନତରାଶିର DD/BD ଜଉମୁଦଦିଆ ଲଫାପାରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠିକଣା: ଉଦ୍ୟାନକୃଷି ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ କାର୍ଯ୍ୟାଳୟ, କେନ୍ଦୁଝର-୭୫୮୦୦୧ରେ ଉପରଲିଖିତ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚିବା ଆବଶ୍ୟକ।

OIPR-01405/11/0004/2223 ସ୍ୱା./- ଉଦ୍ୟାନକୃଷି ଉପନିର୍ଦ୍ଦେଶକ, କେନ୍ଦୁଝର



**OFFICE OF THE NOTIFIED AREA COUNCIL, G.UDAYAGIRI**
**Cancellation of Tender Call Notice**
No.648 / Date 15.03.2023

No.C-2670:- The Tender Call Notice No. 616 Dt.10.03.2023 of G.Udayagiri N.A.C. is hereby cancelled due to unavoidable circumstances.

**Sd./- Executive Officer, N.A.C., G.Udayagiri**
OIPR-13072/11/0002/2223



**GOVERNMENT OF ODISHA** No.A-1268
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, MECHANICAL CIRCLE, HIRAKUD**
Email address: semech-eicwr.od@nic.in
**E-Procurement Notice**
**Bid Identification No. ACEMC/MDHKD: 04/2022-23 dt.03.03.2023**

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Work | : | 08 (Eight) Nos. |
| 3. | Category of executors | : | SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates. |
| 4. | Bid Identification No. | : | ACEMC/MDHKD :04/2022-23 dt.03.03.2023 |
| 5. | Estimated Cost | : | Varies from 12.73 Lakh to Rs.17.12 Lakh (Excluding GST) |
| 6. | Period of Completion | : | Two Calendar Months |
| 7. | Date & time of availability of bid Documents in the Portal | : | From dt. 18 03.2023( 10 00 AM) to dt.28.03.2023 (5.30PM) |
| 8. | Last date/time for receipt of bid in the Portal | : | dt.28 03.2023 (up to 5.30 PM) |
| 9. | Date and Place of opening of Bid | : | dt.29.03.2023,11.00 AM onwards in O/o the undersigned |
| 10. | Name of the Officer inviting Bids | : | Additional Chief Engineer, Mechanical Circle, Hirakud. |

Further details can be seen only from e-procurement portal https://tendersodisha.gov.in

**Sd./- Additional Chief Engineer (M)**
OIPR-32344/11/0003/2223 **Mechanical Circle, Hirakud**



**Directorate of Handicrafts, Odisha**
1st Floor, HOD Building, Unit-V, Bhubaneswar
**Quotation Call Notice**
**No. 1856 / Date. 16.03.2023**

No. PP-67:- Sealed Quotation is hereby invited from reputed Firms / Agencies / Cultural Event Management Firms for organisation of Cultural programme in State Level Handicrafts Exhibition at IDCO Exhibition Ground, Bhubaneswar from 22.03.2023 to 31.03.2023. The detail notice is available in the website of the Directorate at https://crafts.odisha.gov.in. The intending Firms may submit the Quotations to the Directorate latest by 21.03.2023 up to 1.00 PM through registered post / speed post /courier / by hand.

OIPR-31034/11/0029/2223 **Sd./- Director**



**BERHAMPUR MUNICIPAL CORPORATION, GANJAM**
**INVITATIONS FOR BIDS (IFB)**
**Letter No. 3235/** **Date: 09.03.23**
**Invitation for Bids** No. C-2662
**NATIONAL COMPETITIVE BIDDING THROUGH E-PROCUREMENT**
**Bid Identification No. BMC (BAM):- 273/2022-2023**

| | | |
|---|---|---|
| 1 | The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A" | |
| 2 | Nature of work | CIVIL |
| 3 | No. of work | 02 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D. | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | Class of Contractor | As per the Annexure "A" |
| 7 | Availability of Bid Documents in the website | From 10.00 hrs. of **16.03.23** to 17.00 hrs. of **31.03.23** |
| 8 | Date & Time of Opening of Technical Bids | 11.30 hrs. onwards on **Dt. 03.04.23** |
| 9 | Date & time of opening of financial bids | Shall be intimated to the responsive Technically qualified bidder after evolution of Technical bids. |
| 10 | Mode of submission of tender | Tender should submitted Online in **www.tendersorissa.gov.in** |
| 11 | The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

**Sd./- Commissioner**
OIPR-13035/11/0080/2223 **Berhampur Municipal Corporation, Berhampur, Odisha**



**OFFICE OF THE MUNICIPAL COUNCIL, KEONJHARGARH**
email: keonjharm.hud@rediffmail.com
**Invitation for Bids (IFB) 'e' Procurement NOTICE**
**Bid Identification No. ODULB_KGM-10/2022-23**
Letter No.1960 / KGM/ Date 15.03.23

No.C-2669:-On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online bid in single cover system through e-Procurement.
1. Nature of work: Electrical work
2. No. of work: 04 Nos.
3. Value of works: Rs.2,45,000/- to 19,99,483/-.
4. Date & time of availability of bid document in the portal: From 16.03.2023 at 11.00 A.M. upto 27.03.2023 at 5.00 P.M.
5. Date of opening of bid in portal: 31.03.2023 at 11.00 A.M.
6. Name & address of the officer in inviting bid : EO, Keonjhargarh Municipality.

Further details can be seen from Website: www.tendersorissa.gov.in.

**Sd./- Executive Officer**
**Keonjhargarh Municipality**
OIPR-13115/11/0023/2223



**OFFICE OF THE MUNICIPAL COUNCIL, RAYAGADA**
**No. 1008** **Dt. 15.03.23**
**OPEN BID NOTICE**

No. C-2665:- Inviting open bid from the intending persons of Rayagada Municipality area to participate in the open bid process for collection of **Daily Market** fees within Rayagada Municipality Area for a period of one year from 01.04.2023 to 31.03.2024 of the financial year 2023-24 on lease basis which is scheduled to be held on 24.03.2023 at 12.00 AM in the office chamber of the undersigned in presence of the bidder or their authorized representatives. Interested bidder should deposit Rs.20,000/- (Rupees Twenty Thousand) only towards security deposit in shape of cash before one hour of bid process is started and should produce solvency of Rs 2.00 lakhs.

The interested bidders should submit application along with Xerox copy of Aadhaar Card, Pan Card, IT Clearance /GST Clearance Photo ID Card, before 24.03.2023.

The bid will be started from the minimum upset price fixed by the municipality which will be announced before start of bid process and highest bid will be finalized on the spot and the highest bidder should be prepared for deposit of ¼ amount of the approved bid amount on the spot and the balance amount will be deposited in three equal installments fixed by the Municipality. The successful bidder shall agree to collect the Daily Market fees as approved by the Municipality and for this purpose he should execute an agreement in stamped paper within seven days of receipt of the lease order failing which the Municipal authority will compelled to cancel the order issued earlier. The undersigned reserves the right to reject the order or the bid at any time without assigning any reason thereof.

**Sd./- Executive Officer, Rayagada Municipality**
OIPR-13150/11/0060/2223

# ନାମଯଜ୍ଞ

## ଗଳ୍ପ

### ନିମାଇଁ ମିଶ୍ର

ବାରମ୍ବାର ସେହି ଗୋଟିଏ କଥା କହିଲେ ବି ତମେ ମୋ' କଥାକୁ କର୍ଣ୍ଣପାତ କରୁନାହଁ ବୋଉ! ତୁମକୁ କିଏ କହିଲା ଏତେ ଭୋ'ରୁ ଗାଧୋଇ ଚଉଁରା ଆଉ ଠାକୁରଘର ଧୋଇବାକୁ। ଏଇ କାମ କରି ଥଣ୍ଡା ଯେ ତୁମ ପାଖ ଛାଡୁନାହିଁ। ଔଷଧ ଖାଇ ଖାଇ ଏ ବୟସରେ ସେଗୁଡ଼ା ବି ଆଉ କାମ କରୁନାହିଁ। ଡାକ୍ତର କହିଥିଲେନା ଗାଧୋଇବା ଦୂର କଥା, ପାଣିହାତ ବି ହେବେ ନାହିଁ ବୋଲି। ତମ ପୁଅ ଉଠନ୍ତୁ ଆଜି କହିବି ତୁମକୁ ନେଇ ବୃଦ୍ଧାଶ୍ରମରେ ଛାଡ଼ିଦେଇ ଆସିବେ। ମୁଁ ଆଉ ତମ ପାଇଁ ଏତେ ହୀନସ୍ତା ହେବିନାହିଁ।

ଆରେ ମା', ତୁ ବୁଝୁନୁ ଆଜିଠାରୁ କାର୍ତ୍ତିକ ମାସ ଚାଲିଲା। ବ୍ରାହ୍ମଣ ଘର ଆମର, ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଯେତିକି ପାରିବି ସେତିକି କରି ଚାଲିଥିବି। ତେଣିକି ତମ ଇଚ୍ଛା ଯାହା ତାହା କରିବ। ତୋ' ଶ୍ୱଶୁର ଯିବାର ପାଞ୍ଚ ବର୍ଷ ବିତିଗଲାଣି, ଏ ପର୍ଯ୍ୟନ୍ତ ନୀତି ନିୟମରେ ମୁଁ କାର୍ତ୍ତିକ ବ୍ରତ ପାଳନ କରିଆସୁଛି, ଦେହ ଖରାପ ହେଲା ବୋଲି କ'ଣ ବ୍ରତ ଭାଙ୍ଗିଦେବି? ଏତକ କହି ଓଦାଲୁଗା ବଦଳାଇବା ପାଇଁ ଭିତରକୁ ଚାଲିଗଲେ ଶାଶୁ ଶୁକଦେବୀ।

ବୋଉର ପାଟି ଶୁଣି ନିଦରୁ ଉଠିଆସିଲେ ପୁଅ ରମାକାନ୍ତ। କ'ଣ ହେଲା ଉମା, ସକାଳୁ ସକାଳୁ ବୋଉକୁ କ'ଣ କହିଲ ଯେ ସେ ଏମିତି ପାଟିକରୁଛି। ଉମା କିଛି କହିବା ଆଗରୁ ଲୁଗା ବଦଳାଇ ଫେରିଆସି ବୋଉ କହିଲେ ନାହିଁରେ ପୁଅ, ଆଜି କାର୍ତ୍ତିକ ମାସର ପ୍ରଥମଦିନ। ବୋହୂର ମନେଥିବ କି ନଥିବ, ମୁଁ ସକାଳୁ ଉଠି ଗାଧୁଆ ପାଧୁଆ ସାରି ଠାକୁର ଘରର ନୀତିକାନ୍ତି କରି ଚଉଁରାମୂଳ ଟିକେ ଧୋଇଦେଲି, ସେହି କଥା ଉମା ମତେ କହୁଥିଲା। ଏଥିରେ ତୋତେ ପାଟି ଟିକେ ଶୁଭିଗଲା, ନ ହେଲେ ଉମା ମତେ କେବେ କ'ଣ କିଛି କହେ? ତୁ ଗଲୁ ଆଉଟିକେ ଶୋଇପଡ଼ିବୁ, ଝାପ୍‌ସା ଝାପ୍‌ସା ଅନ୍ଧାର ଅଛି ତୁ ଯା... ଯା'। ନାଇଁ ବୋଉ! ମୁଁ ଆଜି ତୁମ ପୁଅଙ୍କ ପାଖରେ ସବୁକଥା କହିବି। ହେଇଟି ବୁଝିଲ! ବୋଉ ସକାଳୁ ସକାଳୁ ଗାଧୋଇ ସେଇ ଓଦାଲୁଗା ପିନ୍ଧି ପ୍ରାୟ ଏକଘଣ୍ଟା ହେବ ସବୁ କାମ କରିଚାଲିଛନ୍ତି। ହଁ, ମୁଁ ତାଙ୍କର କିଏକି, ମୋ' କଥା ସେ ଶୁଣିବେ! ଶୁକଦେବୀ ଉମାର ଓଠକୁ ଧରି ଗେହ୍ଲେଇ ହେଇ କହିଲେ, ତୁ ପରା ମୋର ସୁନାନାକୀ ବୋହୂ ଉମା। ଏ ଖଣ୍ଡମଣ୍ଡଳରେ ମୋ' ବୋହୂ ପରି ବୋହୂ କାହାର ଅଛି। ବାସ୍ ସେଦିନର କଥା ସେତିକିରେ ରହିଗଲା, ଯେଝା ବାଟରେ ଯିଏ ଚାଲିଗଲେ।

ଛଅ ମାସ ରହଣି ପରେ ଛୁଟି କଟାଇବା ପାଇଁ ନାତି ରମେଶ ଫେରିଛି ହାଇଦ୍ରାବାଦରୁ। ବହୁତ ଭଲପାଏ ସିଏ ତା' ଜେଜେମା'ଙ୍କୁ। ଆଉ ଜେଜେମା'ଙ୍କର



ସେ ରଙ୍କୁଣୀଧନ, ଦଣ୍ଡେ ନ ଦେଖିଲେ ଅଧିଗୁଣୀ ହୋଇଯା'ନ୍ତି। ସେ ଠାକୁରଘରେ ଥିବାବେଳେ, ଟିକେ ବାହାରକୁ ଯାଉଛି ଆସିବା ଡେରି ହେବ ବୋଲି ରମେଶ ବୋଉଙ୍କୁ କହି ଚାଲିଗଲା। ପୂଜାଘରୁ ଆସି ଶାଶୁ ନାତି ଟୋକାକୁ ନ ଦେଖି ଏକରକମ ବାୟାଣୀ। କୁଆଡ଼େ ଗଲା ରମେଶ ମୋତେ ଟିକେ କହିକରି ଯାଇ ନ ଥା'ନ୍ତା! ସେ ଆଜି ଆସୁ ତାକୁ ପଚାରିବି, ଏହା କହି ଅଖିଆ ଅପିଆ ଦାଣ୍ଡପିଣ୍ଡାରେ ବସିଲେ ଯେ ବେଳ ଗଡ଼ିଲା ପର୍ଯ୍ୟନ୍ତ। ବୋହୂ ଉମା ଯେତେ ବୁଝାଇଲେ ମଧ୍ୟ ସେ ବୁଝିବାକୁ ପ୍ରସ୍ତୁତ ନୁହନ୍ତି। ଏକା ଜିଦ୍ ନାତି ଆସୁ, ସାଙ୍ଗ ହୋଇ ଖାଇବି। ଉମା ଆଉ କ'ଣ କରିବେ, ଶାଶୁ ନ ଖାଇଲେ ସିଏ କେମିତି ଖାଇଦେବେ। ଘରଯାକର କାମ କରି ଶରୀର ଅବଶ। ଖଟ ଉପରେ ଟିକେ ଗଡ଼େଇ ହୋଇ ପଡ଼ିଛନ୍ତି ଉମା। ଦାଣ୍ଡପିଣ୍ଡାରେ ବସିଥିବା ଶାଶୁ କେତେବେଳେ ଗାଧୁଆ ଘରକୁ ଯାଇଛନ୍ତି ଯେ ସେଠାରେ ପଡ଼ିଯାଇ ବେହୋସ। ସତୁରି ବର୍ଷର ବୁଢ଼ୀ ସହଜେ ଅଖିଆଅପିଆ ନାତି ଟୋକାକୁ ଅନାଇ ଅନାଇ ଆସି ବେଳ ବୁଡ଼ିବାକୁ ବସିଲାଣି। ପୁଣି ବିଭିନ୍ନ ରୋଗରେ ଆକ୍ରାନ୍ତ। କେତେ ଅବା ଭାରା ସହିବ ଶରୀର।

ବୋଉ ବୋଉ ଡାକି ଡାକି ଘର ଭିତରେ ପ୍ରବେଶ କରିଛନ୍ତି ଅଫିସଫେରନ୍ତା ପୁଅ ରମାକାନ୍ତ। ଘରର ଦ୍ୱାର ସବୁ ଖୋଲା, ବୋଉ କିମ୍ବା ଉମା କାହାରି ଦେଖାନାହିଁ। ଶୋଇଲା ଘରକୁ ପଶିଯାଇ ଦେଖିଲେ ଉମା ନିଘୋଡ଼ ନିଦରେ। ଉମାକୁ ଉଠାଇଲେ ରମାକାନ୍ତ। ବୋଉ କାହିଁ ଦେଖାଯାଉନାହିଁ? ଆଖି ମଳିମଳି ଉମା କହିଲେ, ବୋଉ ତ ଅଖିଆଅପିଆ ନାତିକୁ ଅପେକ୍ଷା କରି ଦାଣ୍ଡପିଣ୍ଡାରେ ବସିଥିଲେ। ଶୋଇବା ଘର ତାଙ୍କର ଦେଖିଲଣି? ନା ସେଠାରେ ବି ନାହିଁ ବୋଲି କହିଲେ ରମାକାନ୍ତ। ତେବେ ଗାଧୁଆଘର ଟିକେ ଦେଖିଲ। ଚାଲିଲେ ରମାକାନ୍ତ ଗାଧୁଆଘରକୁ। ଦେଖିଲେ ଆଉଜା ହୋଇଥିବା ଗାଧୁଆଘର କବାଟ ଭିତରେ ବୋଉ ବେହୋସ ହୋଇ ପଡ଼ିଛି। ଦୁହେଁ ଟେକାଟେକି କରି ଆଣି ଶୋଇଲା ଘର ଖଟରେ ଶୁଆଇଦେଲେ। ସଙ୍ଗେ ସଙ୍ଗେ ଉଷୁମ କ୍ଷୀର ଆଣି ପିଆଇଦେଲେ ଉମା। ସେହି ବେହୋସ ଅବସ୍ଥାରେ ଦୁଇ ଢୋକ ପିଇ ଦେଲେ ଶାଶୁମା'। କ୍ଷୀଣ ସ୍ୱରରେ କହିଲେ, ମୋ' ନାତି ଆସିଲାଣି? କୁଆଡ଼େ ଗଲା ଏତେବେଳଯାଏ? ସେତେବେଳକୁ ରମେଶ ଆସି ଉଷୁମ ତେଲ ଜେଜେମା'ଙ୍କ ପାଦରେ ଘଷିବାରେ ବ୍ୟସ୍ତ। ପାଦ ପାଖରୁ ଉଠିଆସି ଜେଜେମା'ଙ୍କୁ ଚାହିଁ କହିଲେ, ଏଇ ଦେଖ ମୁଁ ତମ ପାଖରେ ଅଛି। ଚାଲଯିବା ଖାଇବା, ମୋତେ ଭୀଷଣ ଭୋକ। ରମେଶର ମୁଣ୍ଡ ଆଉଁଶି କହି ଚାଲିଥା'ନ୍ତି ଶୁକଦେବୀ– ଏଡ଼େ ଅବୁଝାଟା, ତୁ ଗଲାବେଳେ ମତେଟିକେ କହିକରି ଯାଇନଥା'ନ୍ତୁ! ଉମା ତୁ ଯାଆ ଆମ ପାଇଁ ବଢ଼ାବଢ଼ି କର। ବେଳ ବୁଡ଼ିଗଲେ ଆଉ ହବିଷଅନ୍ନ ଖାଇବା ନିଷେଧ। ଉମାଙ୍କ ହାତ ଧରି ଜାଣିଲେ ଉମା ଦେହରେ ତାତି। ଆରେ ଉମା ତୁ କିଛି ଖାଇଛୁ କି ନାହିଁ? ଇଏ ନ ଖାଇବା ଦ୍ୱାରା ଜ୍ୱର ନୁହଁ ବୋଉ, ତୋର କାର୍ତ୍ତିକ ବ୍ରତ ଉପାସନାକୁ ଜାଗ୍ରତ କରି ରଖିବା ପାଇଁ ଉମା ବି ସେହି ଦିନରୁ ବଡ଼ିଭୋରୁ ଉଠି ଗାଧୁଆପାଧୁଆ କରିବା ଦ୍ୱାରା ଥଣ୍ଡା ଜ୍ୱର ହୋଇଯାଇଛି– କହିଲେ ରମାକାନ୍ତ। ହଁ ରେ, ମୁଁ ବି ଦେଖୁଛି ସକାଳୁ ସକାଳୁ ନିତ୍ୟକର୍ମ ସାରି ଉମା ଠାକୁରଘରେ ଉପାସନାରେ ବସିଥିବ। ଜେଜେମା'ଙ୍କ ପାଟିରୁ କଥା ନ ସରୁଣୁ ରମେଶ କହିଲା– ବୋଉ, ତୁ ବି ଶେଷରେ ଜେଜେମା'ଙ୍କ ପଥ ଧରିଲୁଣି? ଆରେ ନା ନା ସୂର୍ଯ୍ୟ ଉଦୟ ପୂର୍ବରୁ ଗାଧୋଇଲେ ଦେହ ସୁସ୍ଥ ରହେ। ଯାକୁ କୁହନ୍ତି ବ୍ରହ୍ମସ୍ନାନ। ମୁନିରଷିମାନେ ପ୍ରାତଃସ୍ନାନ କରିବା ଫଳରେ ସର୍ବଦା ନୀରୋଗୀ। ତା'ପରେ ଯଦି ବୋଉ ସତୁରି ବର୍ଷ ବୟସରେ ଏସବୁ କାମ କରିପାରୁଛନ୍ତି, ତେବେ ମୁଁ କାହିଁକି ପାରିବି ନାହିଁ? ଆଉ ଗୋଟେ କଥା ମନେରଖ ରମେଶ, ମା'ବାପା ହେଲେ ଚଳନ୍ତି ଦେବତା। ସେମାନଙ୍କୁ ସନ୍ତୁଷ୍ଟ ରଖିଲେ ସେମାନଙ୍କର ଆଶୀର୍ବାଦ ତେତ୍ରିଶ କୋଟି ଦେବତାଙ୍କ ଆଶୀର୍ବାଦଠାରୁ ଆହୁରି ତେଜିୟାନ୍। ହଁ, ମୁଁ ଜାଣେ ତୁ ମତେ ନୀତିବାଣୀ ଶୁଣାଇବୁ, ହେଲେ ଗୋଟିଏ କଥା ମନେରଖ ତମେ। ପୂଜାର ଅର୍ଥ 'ପୂ'ରୁ ପବିତ୍ରତା, 'ଜା'ରୁ ଜାତ ହେବା। ସେହିଭଳି ଉପବାସ– 'ଉପ'ରୁ ନିକଟରେ, 'ବାସ'ରୁ ହେଲା ବସିବା। ଏହା ପରମାତ୍ମାଙ୍କ ନିକଟବର୍ତ୍ତୀ ହେବା ପାଇଁ ଗୋଟିଏ ମାଧ୍ୟମ। ତାହାର ଅର୍ଥ ନୁହେଁ ଅନ୍ତରାତ୍ମାକୁ କ୍ଲେଶ ଦେବା, ନ ଖାଇ ନ ପିଇ। ମୁଁ ଠିକ୍ ବୁଝିଛିରେ ରମେଶ ତୁ ଟିକେ ଜେଜେମା'ଙ୍କୁ ବୁଝାଇଦେ। ସେ ଯେପରି ଅଖିଆଅପିଆ ରହି ଏଇ ବୃଦ୍ଧା ଅବସ୍ଥାରେ ରୁଗ୍ଣ ଶରୀରକୁ କଷ୍ଟ ଦେଉଛନ୍ତି, ସେଥିରେ ଯେ କୌଣସି ସୁସ୍ଥ ଲୋକ ବି ଅସୁସ୍ଥ ହୋଇଯିବ। ଜେଜେମା'ଙ୍କ ହାତକୁ ନିଜ ମୁଣ୍ଡ ଉପରେ ରଖି ରମେଶ କହିଲା– ଜେଜେମା', ତମେ ମୋତେ ଭଲପାଅନା? ମୋ' କଥା ରଖିବ? ଏଣିକି ତମେ ବୋଉ କଥା ମାନି ଚାଲିବ। ଗୋଟିଏ କଥା ମନେରଖିବ, ଯେତେ ପ୍ରକାର ଯଜ୍ଞ ଅଛି ସବୁଠାରୁ ଶ୍ରେଷ୍ଠ ଯଜ୍ଞ ହେଉଛି ନାମଯଜ୍ଞ। ମୁଁ ତୁମକୁ ଗୋଟିଏ ନାମାମୃତ ପୁସ୍ତକ ଦେବି, ତାହା ପାଠ କଲେ କଳିଯୁଗରେ ନାମର ମାହାତ୍ମ୍ୟ ସବୁ ଜାଣିପାରିବ। ତାହାକୁ ପଢ଼ିଲେ ତମର ଏଇ ବୟସରେ ସେଇ ନୀତିବାଣୀଗୁଡ଼ିକ ତମ ପାଇଁ ବହୁତ ତାତ୍ପର୍ଯ୍ୟପୂର୍ଣ୍ଣ ହେବ। ଏହା ତମ ମନ, ଇନ୍ଦ୍ରିୟ ଏବଂ ଶରୀରକୁ ଆଧ୍ୟାତ୍ମିକ ମାର୍ଗରେ ଗତି କରିବାକୁ ସହାୟକ ହେବ। ଶରୀର ସୁସ୍ଥ ରହିବ। ଆଈ ନାତିଙ୍କ କଥୋପକଥନ ଭିତରେ ଉମାଯାଇ ବଢ଼ାବଢ଼ି କରି ଆସି କହିଲେ– ବୋଉ! ଆସନ୍ତୁ ସୂର୍ଯ୍ୟାସ୍ତ ହୋଇଯିବ। ସମସ୍ତେ ହବିଷାନ୍ନ ଖାଇବା ପାଇଁ ଚାଲିଗଲେ।

ରମେଶ ଦେଇଥିବା ପୁସ୍ତକଟି ପାଠ କରି ଜେଜେମା' ଏବେ ବହୁତ ଖୁସି। ଏବେ ସେ ଠିକ୍ ସମୟରେ ଉଠିବା, ଠିକ୍ ସମୟରେ ଗାଧୋଇବା, ଠିକ୍ ସମୟରେ ଖାଇବା ଏବଂ ଶୋଇବା ତଥା ଯଥାସମୟରେ ଧ୍ୟାନ ଓ ଧାରଣାରେ ରହିବା ଫଳରେ ଜେଜେମା' ଏବେ ସବୁବେଳେ ସୁସ୍ଥ। ରମେଶକୁ ଡାକି ଜେଜେମା' କହିଲେ, ବୁଝିଲୁ ରମେଶ, ନାମ ବିନୁ କଳି କାଳେ ନାହିଁ ଆର ଧର୍ମ, ସର୍ବ ମନ୍ତ୍ର ସାର ନାମ ଏଇ ଶାସ୍ତ୍ର ମର୍ମ, ହେଲେ ତୁ ଏତେ ସବୁ କଥା କୋଉଠୁ ଜାଣିଲୁ। ଆମ ଶିକ୍ଷାନୁଷ୍ଠାନ ପାଖରେ ଏକ ଆଶ୍ରମ ଅଛି, ସେଠାରେ ସବୁ ସମୟରେ ସତ୍‌ସଙ୍ଗ ହୁଏ। ବହୁ ସାଧୁସନ୍ଥଙ୍କର ସମାଗମ। ମୁଁ ବେଳେବେଳେ ସମୟ ଦେଇ ସେଠାକୁ ଯାଏ। ଏସବୁ ମୁଁ ସେହି ସତ୍‌ସଙ୍ଗରୁ ଶିକ୍ଷା ଲାଭ କରିଛି।

ମୋ: ୯୪୩୮୨୭୩୩୪୦

## କବିତା

### ପୁରସ୍କାର

**ପ୍ରଦୀପ କୁମାର ଚୌଧୁରୀ**

କଳବଳେ କୌଶଳେ
ଆଉ କେତେ ସମ୍ମାନ,
ମାନପତ୍ର ଓ ଫଳକ ସାଉଁଟି
ନିଜକୁ ନିଜେ ଶ୍ରେଷ୍ଠତାର
ପରିଚୟ ଦେବ?

ନିଜର ମାନ ସମ୍ମାନ ହରାଇ
ଧନ ଓ କ୍ଷମତାର
ପ୍ରୟୋଗଶାଳାରେ ନିଜକୁ ବିକି
ସଂଗୃହୀତ ସେହି ପୁରସ୍କାର
ତୁମକୁ କେଉଁ ଆନନ୍ଦ ଦେଉଛି,
ତାହା ତୁମେ ଯେବେ
ବିଶ୍ଳେଷଣ କରିବ
ତୁମ ଉପରେ ଛିଣ୍ଡି ପଡ଼ିବ ଆକାଶ।
ଆଉ ତୁମ ଆତ୍ମା ହିଁ ଏହାର
ସାକ୍ଷୀ ଦେଇ କହିବ,
ତୁମେ ଏବେ କକ୍ଷଚ୍ୟୁତ।

ଯୋଗାଡ଼କରି ପାଇଥିବା ମାନପତ୍ର,
କାନ୍ଥରେ ଟଙ୍ଗା ପୁରସ୍କାର ପ୍ରାପ୍ତିର
ଫଟୋଚିତ୍ର ଉପରେ
ଯେତେବେଳେ ତୁମର ନଜର ପଡ଼ିବ,
ଏକଥା ତୁମେ ନୀରବରେ ରହି
ଥରେ ଯଦି ଭାବିବ
ତୁମେ କେତେ ତଳମୁହାଁ,
ତୁମ ଛାତି ବିଦାରି ହୋଇଯିବ
ଯନ୍ତ୍ରଣାରେ
ଆଉ ନିଜକୁ ନିଜେ ବି
କ୍ଷମା ଦେଇପାରିବନି
ଅବସ୍ଥା ଠିକ୍ ସେଭଳି ହେବ
ଯେମିତି ତୁମ ଗଳାରେ
ମାଛକଣ୍ଟା ଅଟକି ଯାଇଛି
ନା ତଳକୁ ନା ଉପରକୁ,
ଏ ତ୍ରିଶଙ୍କୁ ଅବସ୍ଥା ଖୁବ୍ ଦୁଃଖ ଦେବ।
ନିଜକୁ ନିଜେ ବି କ୍ଷମା ଦେଇପାରିବନି,
ସେତେବେଳେ ନିଜେ କେବଳ ନିଜକୁ
ତିରସ୍କାର କରିବା ହିଁ ସାର ହେବ।

ମୋ: ୯୪୩୭୨୮୪୨୧୧

### ରାଜେଶ୍ୱରୀ

**ପ୍ରତିଭା ପରିଡ଼ା**

ମୋର ବୁନ୍ଦାଏ ଲୁହକୁ
ଧରି ରଖିବାକୁ ତୁମ ଭାଗ୍ୟ କାହିଁ?
ମୋର ଧାପେ ଅଭିମାନକୁ
ସାଇତି ରଖିବାକୁ
ତୁମର ଏତେ ବଡ଼ ଛାତି କାହିଁ?

ମୋର କଣିକାଏ ରକ୍ତର
ନିୟତି କଳିବାକୁ
ତୁମର ଦମ୍ଭ ବା କାହିଁ?
ମୋର ବିଶ୍ୱାସ ଖିଏର
ମୂଲ୍ୟ ତଉଲିବାକୁ
ତୁମର ଐଶ୍ୱର୍ଯ୍ୟ କାହିଁ?

ଦେଖ, ବିଛେଇ ଦେଲି ମୋ ଅର୍ପିତପଣ
ସାମ୍ନାରେ ତୁମ ପାଇଁ
ସମ୍ଭାଳିବାକୁ ତୁମର
ସକଳ ଅସ୍ତିତ୍ୱ, ପରମାର୍ଥ,
ସାରା ସଂସାରର ବିଷ
ଆଉ ଜୁଇର ନିଆଁ।

ମୋ: ୮୯୧୭୬୦୩୪୪୨

### ପ୍ରେମ ରେଣୁ

**ନୀଳିମା ନିବେଦିତା**

ତମେ ଓହ୍ଲେଇ ଦେଲ
ମୋର ଲାଜ ଆଖିରୁ
ମୁଁ ଖୋଲିଦେଲି ପରସ୍ତେ ଡର ମନରୁ,
ଆମେ ଦୁହେଁ ଭେଟୁଥିଲେ ଏକାସାଙ୍ଗେ
ଗୋଟେ ରଙ୍ଗିନ ପ୍ରଜାପତିକୁ
ନୂଆନୂଆ ଉଡ଼ିବା
ଶିଖୁଥିଲା ଯା'ର ଡେଣା
ଖାତିର ନଥିଲା ଝୁଣ୍ଟି ପଡ଼ିବାକୁ।

ତମେ ବିଞ୍ଚିଲାବେଳେ
ଫୁଲପକା ବୋକ ଓଠରୁ
ମୁଁ ମେଣ୍ଟେଇ ଚାଲିଥିଲି
ପ୍ରତୀକ୍ଷିତ ତୃଷ୍ଣା ମନରୁ,
ଆମେ ଦୁହେଁ ଭେଟୁଥିଲେ ଏକାସାଙ୍ଗେ
ଗୋଟେ ସଦ୍ୟଜାତ ଇନ୍ଦ୍ରଧନୁକୁ
ଏଇ ଏଇ ବିଛାଡ଼ି ହେଇ
ପଡ଼ିଥିଲା ଯା'ର ରଙ୍ଗ
ଆମକୁ ଆକାଶେ ପ୍ରେମ ଦେବାକୁ।

ମୋ: ୯୬୬୮୯୯୬୩୮୯

#### ଗୀତି କବିତା

### ଅଳ୍ପ ଦିନର ଅତିଥି ଫଗୁଣ

**ଧନଞ୍ଜୟ ସ୍ୱାଇଁ**

ଅଳ୍ପ ଦିନର ଅତିଥି ଫଗୁଣ
ଧରାକୁ ଆସିଛି ବୁଲି
ରକ୍ତରଙ୍ଗର ପଳାଶପାଟରେ
ଦିଶୁଛି ଭାରି ସେ ନାଲି...।୦।

ଖୁସିର ଖଜୁରିବଣେ ଏଇ ଖରା
ଦୋଳି ବାନ୍ଧିଲାଣି ଦୁଃଖ ଭୁଲି ପରା
ଝରା ପତରରେ ଝରାଇ ତା' ଲୁହ
ପଉଷ ଗଲାଣି ଚାଲି
ଧରାକୁ ଆସିଛି ବୁଲି...।୧।

ଖଟା କଇଁଆର ଖରାବେଳ ଦେଖି
ପିଲାଦିନ ଫେରେ ଚଣାଆମ୍ବ ଚାଖି
ପାଟବିଲେ ଖରା ନିଆଁ ନାଚ କରେ
କାଳିଶି ଲାଗିଲା ପରି
ଧରାକୁ ଆସିଛି ବୁଲି...।୨।

କୋଇଲି ପଢୁଛି ଚଇତର ଚିଠି
ମୁକୁଳା ଦିଶୁଛି ଫୁଲଙ୍କର ପିଠି
ବଉଳ ବଉଳ ବାସୁଛି ପବନ
ଫଗୁଣ ଗାଁରେ ବୁଲି
ଧରାକୁ ଆସିଛି ବୁଲି...।୩।

ମୋ: ୯୪୩୭୦୦୦୬୩୬

## ପୁସ୍ତକ ପରିଚୟ

### ରାହୁଗ୍ରସ୍ତ ଜହ୍ନ




**ଲେଖକ:** କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ
**ପ୍ରକାଶକ:** ପ୍ରବାହ, ଗୋବିନ୍ଦପୁର, ଯାଜପୁର-୭
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୫୫/-

ଆଲୋଚ୍ୟ ଉପନ୍ୟାସଟି ଲେଖକ ଶ୍ରୀ ବିଶ୍ୱାଳଙ୍କ ଦ୍ୱିତୀୟ ଉପନ୍ୟାସ ସୃଷ୍ଟି। ଜମିଦାର ଗୋଲକ ବିହାରୀ ଭ୍ରମରବର ରାଏ ମହାପାତ୍ରଙ୍କ ପରିବାରର ଏ କାହାଣୀ ସାମ୍ପ୍ରତିକ ସ୍ଥିତିରେ ଶିକ୍ଷା ଓ ବିବାହ-ପ୍ରସଙ୍ଗକୁ ନେଇ ଗତିଶୀଳ। ପ୍ରତାପ ଓ ପ୍ରଦୀପ ଗୋଲକ ବାବୁଙ୍କର ଦୁଇପୁଅ, ଯେଉଁମାନଙ୍କ ଉଚ୍ଚଶିକ୍ଷା ଓ ବିବାହାଦି ପାରିବାରିକ ଘଟଣାବଳୀ ପରିବାରରେ ସୃଷ୍ଟି କରୁଥିବା ମନସ୍ତାତ୍ତ୍ୱିକ ସ୍ଥିତି, ତଜ୍ଜନିତ ଜଟିଳତା ଓ ତା'ର ପରିଣତି ଉପନ୍ୟାସର ବିଷୟ। ପୂର୍ଣ୍ଣିମା ଓ ପ୍ରଦୀପର ବିବାହ ନାନା ଘାତ ପ୍ରତିଘାତ ସତ୍ତ୍ୱେ ଶେଷରେ ସାକାର ହୋଇଛି। ଉପନ୍ୟାସଟି ପଢ଼ିଲେ ଲାଗେ, ମଣିଷର ଜୀବନ ସମସ୍ୟା ସଂକୁଳିତ ହେଲେ ବି, ଝଞ୍ଜା କ୍ଷୁବ୍ଧ ହେଲେ ବି ପରିଶେଷରେ ମିଳନାନ୍ତକ। କାରୁଣ୍ୟ ଓ କରୁଣା ମଝିରେ ଜୀବନ ଏକ ଲୀଳା। ଜୀବନର ଏହି ଲୀଳାକୁ ଅତି ସାଧାରଣ ଭାଷାରେ ଲେଖକ ଉପନ୍ୟାସଟିରେ ରୂପ ଦେଇଛନ୍ତି। ଏହା ଗୋଟିଏ ନିର୍ଦ୍ଦିଷ୍ଟ ଘରର କଥା ନୁହେଁ, ଘର ଘରର କଥା। ବହିର ପ୍ରଚ୍ଛଦଲେଖରେ କୁହାଯାଇଛି– "କଥାକାର ବିଶ୍ୱାଳଙ୍କର ଗଦ୍ୟ ଶୈଳୀ ଯେତିକି ହୃଦୟସ୍ପର୍ଶୀ, ବିଷୟବସ୍ତୁ ମଧ୍ୟ ସେତିକି ରୋମାଞ୍ଚକର। ତାଙ୍କ ଦ୍ୱାରା ରଚିତ ଉପନ୍ୟାସରେ ସ୍ଥାନିତ ଚରିତ୍ରମାନେ ସାମାଜିକ ପଟ୍ଟଭୂମିରେ ପ୍ରତିଷ୍ଠିତ।" ଏହା ହିଁ ସମ୍ଭବତଃ ଲେଖକଙ୍କ ଉପନ୍ୟାସକୁ ପାଠକବେଦ୍ୟ କରିବାର ବାଣୀସୂତ୍ର।

### ଧୂଳିଘର




**କବି:** ଯାଦବେନ୍ଦ୍ର ସାହା
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୯୯/-

'ଧୂଳିଘର'ରେ ୩୩ଟି କବିତା। ସବୁ କବିତାରେ ସାଧାରଣରୁ ଅତିସାଧାରଣ ମଣିଷମାନେ ନିଜ ନିଜର ସୁଖଦୁଃଖ, ସ୍ୱପ୍ନ ଓ ସ୍ୱପ୍ନଭଙ୍ଗକୁ ନେଇ ଆତଯାତ। ଯାଦବେନ୍ଦ୍ରଙ୍କ କବିକଳ୍ପନାଯେ ମୌଳିକ, ପରଗୋଡ଼ାଣିଆ ନୁହେଁ– ଏକଥା ଏ ବହିର ପ୍ରଥମ କବିତାରୁ ଜଣାପଡ଼େ। ଇନ୍ଦିରାଆବାସଟିଏ ପାଇଁ ଜୀବନର ଅଧା ଆୟୁ କଟିଯାଇଥିବା କେହି ଜଣେ ରେବତୀ ଏ କବିତାର ଚରିତ୍ର, ମୁହଁ ଦେଖିବାକୁ ଝୁରୁଥିଏ ଆଇନା ଯାହା ପାଇଁ ଦୁଷ୍ପ୍ରାପ୍ୟ। ବହିର ଆଉ ଏକ କବିତା 'ଖରାକୁ ପଛ କରିଥିବା ଜଣେ ଲୋକ'। କବିତାର ଚରିତ୍ର ଖଏନୁ ରଣା। ଇଟା ବୋହୁଥିବା ଶ୍ରମିକଟିଏ। କିନ୍ତୁ ତା' ମୁଣ୍ଡରେ ପାଛିଆଏ ନୁହେଁ, ପୃଥିବୀଏ ଇଟାବୋଝ ଲଦାଥିବା କବି ଦେଖନ୍ତି। 'ପସରାବାଲି' କବିତାରେ ରାସ୍ତାକଡ଼ରୁ ଉଚ୍ଛେଦ ହେଇଯାଇଥିବା କେହି ଜଣେ ପସରାବାଲିର କାହାଣୀ ପ୍ରମାଣ କରେ ଯେ ଯାଦବେନ୍ଦ୍ର ଚାଷୀ-ମୂଲିଆର କବି, ମଣିଷ ପାଇଁ ତାଙ୍କ ଦରଜରେ ଲୁଚିଥାଏ ଦିଆସିଲିର ବାରୁଦ। ତେବେ, ତାଙ୍କ କବିତାର ଶିଳ୍ପ, ଶବ୍ଦ-ଚିହ୍ନଟରେ ପୋଖତପଣିଆ କ୍ରମାଗତ ସାଧନାର ଅପେକ୍ଷା ରଖେ। ସେଦିନ ତାଙ୍କ କବି-ଜୀବନରେ ଅବଶ୍ୟ ଆସିବ, ଯେଉଁଦିନ ସେ ବୁଝିଯିବେ ଯେ 'ବିଷାକ୍ତମୟ' ଏକ ଭୁଲ ପ୍ରୟୋଗ। ବେଉଷଣ କାଏମ୍ ରଖିଲେ ସବୁ ଭଲ କବିଙ୍କ ପରି ଅତି ଅଳ୍ପ ହେଉ ପଛେ, ନିଜ କବିତାର ଅକୁଳାଣପଣକୁ ଠଉରାଇ ଲାଜରେ ସେ ନିଜକୁ ନିଜେ ହସିବେ।

## ଫେଶନ

### ମିନି ଗଳ୍ପ

**ଅମ୍ବିକା ସ୍ୱାଇଁ**

ଛକରେ 'ମୋ' ବସ୍‌କୁ ଅପେକ୍ଷା କରି ଠିଆ ହୋଇଥିଲି। କିଛି ସମୟ ପରେ ବସ୍ ଆସିଲା। ତୁରନ୍ତ ଚଢ଼ିଗଲି। ପ୍ରବଳ ଭିଡ଼। ସିଟ୍ ନଥାଏ ବସିବାକୁ। ବସ୍‌ରୁ ଓହ୍ଲାଇ ପଡ଼ିଲି। ଠିକ୍ ପରେ ପରେ ଆଉ ଏକ ଏସି ବସ୍ ଆସିଲା। ପୂରା ଫାଙ୍କା ଥିଲା। ଏସି ବସ୍‌ରେ ଟିକେ କମ୍ ଭିଡ଼। କାରଣ ନର୍ମାଲ ବସ୍‌ଠାରୁ ଅଧିକ ପଇସା। ତେଣୁ ନର୍ମାଲ ବସ୍‌ରେ ଯିବାକୁ ଲୋକେ ବେଶୀ ପସନ୍ଦ କରୁଛନ୍ତି। ତେଣୁ ଏସି ବସ୍ ଫାଙ୍କା ଥିଲା ଚଢ଼ିଗଲି, ଏକ ସିଟ୍‌ରେ ବସିଲି। ପାଖରେ ଏକ ବୃଦ୍ଧ ବ୍ୟକ୍ତି ବସିଥିଲେ। ଧୋତି ପିନ୍ଧି ଥିଲେ, ଗାମୁଛା ଖଣ୍ଡେ କାନ୍ଧରେ ପକାଇ ଥିଲେ। କିଛି ଜିନିଷ ଭର୍ତ୍ତି ଥିବା ବ୍ୟାଗ୍‌ଟି ପାଖରେ ରଖିଥିଲେ। ବୋଧହୁଏ ସହରତଳି ଅଞ୍ଚଳର କେଉଁ ଏକ ଗାଁରୁ ଆସିଥିଲା ପରି ଲାଗୁଥିଲେ।



ମଉସା କିନ୍ତୁ ଭାରି ହସଖୁସିଆ ଲୋକ ପରି ଜଣାପଡୁଥିଲେ। ମଉସାଙ୍କ ସାମ୍ନାରେ ଜଣେ ହ୍ୟାଣ୍ଡସମ୍ ଯୁବକ ବସିଥିଲେ। ମୁଣ୍ଡରେ ଟୋପି, ଟି-ଶାର୍ଟ ସାଙ୍ଗକୁ ଜିନ୍ସ ପ୍ୟାଣ୍ଟ। ମଉସା ଜଣଙ୍କ ତାଙ୍କୁ ବାରମ୍ବାର ମନ ପୂରାଇ ଦେଖୁଥିଲେ। ହଠାତ୍ ମୋତେ ପଚାରିଲେ, ଆରେ ଝିଅ ଦେଖିଲ ସେ ପୁଅଟି ତ ବଡ଼ଲୋକିଆ ଛୁଆଟି ପରି ଲାଗୁଛି। ଏମିତି ଏତେ ଫଟା ଚିରା ପେଣ୍ଟ କ'ଣ ପିନ୍ଧିଛି? ଦୁଇ ଆଣ୍ଠୁରୁ ପେଣ୍ଟ ପୂଳାପୂଳା ଚିରିଯାଇଛି। ମୁଁ ଏକଥା ଶୁଣି ଫେଁ କିନା ହସି ଉଠିଲି। କହିଲି– ମଉସା, ଏ ପରା ଆଧୁନିକ ଯୁଗର ଫେଶନ୍... ମଉସା ମୋ' ହସରେ ହସ ମିଳାଇ କହିଲେ ଓହୋ, ଝିଅ... ସତରେ କି? ମୁଁ ଆଉ କ'ଣ ଏତେ କଥା ଜାଣିଛି କି! ଚିରା ପେଣ୍ଟ ପିନ୍ଧିବା ଆଜିକାଲିର ଫେଶନ...!

ମୋ: ୯୭୭୭୫୯୯୬୯୫

## କାଳକାଳକୁ



"ପ୍ରକୃତ ଆଳାପ ହେଉଛି ମନର ଆଳାପ, ପ୍ରଶ୍ନୋତ୍ତରରେ ଯେଉଁ ଆଳାପ ହୁଏ, ତାହା କ୍ଳାନ୍ତିକର।"

– ବେଦ ମେହେଟ୍ଟା

**ବେଦ ମେହେଟ୍ଟା** ଭାରତ ଜନ୍ମିତ ଆମେରିକୀୟ ଲେଖକ ଓ ଖବରକାର। ତାଙ୍କର ଜନ୍ମ ବ୍ରିଟିଶ୍ ଶାସିତ ଭାରତର ଲାହୋରରେ ୨୧ ମାର୍ଚ୍ଚ ୧୯୩୪ରେ ଏବଂ ପରଲୋକ ନ୍ୟୁୟର୍କର ମାନହାଟ୍ଟାନ୍‌ରେ, ୯ ଜାନୁୟାରୀ ୨୦୨୧ରେ। ଅଳ୍ପ ବୟସରୁ ଦୃଷ୍ଟିଶକ୍ତିହୀନ ଏହି ଲେଖକ ତାଙ୍କ ଆତ୍ମଜୀବନୀ ପାଇଁ ପାଠକ ମହଲରେ ଅଧିକ ଜଣାଶୁଣା, ଯାହା 'ନ୍ୟୁୟୋର୍କର' ପତ୍ରିକାରେ ୧୯୭୨ରୁ ୨୦୦୪ଯାଏଁ ଧାରାବାହିକ ଭାବେ ପ୍ରକାଶିତ।

# ଜେଜେମା'

### ଲଘୁ ଗଳ୍ପ

**– ମନୀଷା ପଣ୍ଡା**

ରୋଷେଇ ଘରୁ କାମସାରି ବାହାରି ଆସୁଆସୁ ନଣନ୍ଦ-ଭାଉଜ ଦୁହେଁ ମୁହାଁମୁହିଁ ହୋଇଗଲେ। ନେତ୍ରା ଭାଉଜଙ୍କ ଆଖିରେ ଆଖିଏ ଲୁହ ଦେଖି "କ'ଣ କାନ୍ଦୁଛ ଭାଉଜ?" ପଚାରିଦେବାକ୍ଷଣି "ଆରେ ନା' ମ କାନ୍ଦିବି କାହିଁକି? ଏ ପିଆଜଗୁଡ଼ାକ କାଟୁକାଟୁ ଏମିତିନା", କହି ବାହାନା କରି ଲୁଗା ଶୁଖେଇବା ଆଳରେ ଛାତ ଉପରକୁ ଚାଲିଗଲା ନେତ୍ରା। ନୀରବ ଆକାଶ ସହ ମୁହାଁମୁହିଁ ହୋଇ ନିରୋଳାରେ ମନଭରି କାନ୍ଦିଦେଲା, ଯେତିକି କାନ୍ଦିବାର ଥିଲା ତାକୁ। ଘରକଥା ମନେପଡ଼ି ଭିତରଟା ମନ୍ଥି ହୋଇଯାଉଥିଲା ତା'ର। ଜେଜେମା' ଖୁବ୍ ମନେପଡୁଥିଲା ସେଦିନ। ନେତ୍ରା ଗୋଟିଏ ଚାଉଳରେ ଗଢ଼ା, ସୁନାନାକୀ ଆଦରର ଗେହ୍ଲାଝିଅ। ଜେଜେମା' 'ନେତି ନେତି' କହି ଝୁରି ପକାଏ ଅନବରତ। କାଉ କା' ନ ରାବୁଣୁ ବିଶ୍ରାମ ପାଇଁ ବିଛଣାକୁ ଯିବା ପର୍ଯ୍ୟନ୍ତ ନେତି, ନେତି ବୋଲି ଜପାମାଳି ଗଡ଼ାଉଥାଏ ଜେଜେମା'। ସକାଳୁ ସଅଳ ବିଛଣା ନ ଛାଡ଼ିଲେ ଗରଗର ହୁଏ, ଗାଧୁଆବେଳ ଟିକିଏ ଉଛୁର ହେଲେ ବି ଶୁଣାଏ, କଲେଜରୁ ଫେରିବା ବିଳମ୍ବ ହେଲେ ଦାଣ୍ଡଠାରୁ ବାଡ଼ି ଟପାଚାଲି ମନେମନେ ବିରକ୍ତ ହେଉଥାଏ, ପୁଣି ଉପରକୁ ଚାହିଁ ଭଗବାନଙ୍କ ପାଇଁ ହାତ ଯୋଡୁଥାଏ। ସାଙ୍ଗସାଥି ପାଖପଡ଼ୋଶୀ ଥିବାବେଳେ ଜେଜେମା'ର 'ନେତି' ଡାକ ଶୁଣି ଚିଡ଼ିକି ଉଠେ ନେତ୍ରା, "ତୁ ବୁଢ଼ୀମା' ନୁହେଁ, ବୁଢ଼ୀ ଅସୁରଣୀ" କହି ଗୋଡ଼ କଚାଡ଼ି ଘର ଭିତରକୁ ଚାଲିଆସେ ସେ।

ଆଜି ସବୁ ମନେପଡ଼ିଯାଉଛି। ବିଦାରି ପକାଉଛି ଭିତରଟାକୁ। ନେତ୍ରା ଖାଇସାରି ହାତଧୋଇ ଉଠିଆସିଲା ବେଳେ ଜେଜେମା' ବୋଉକୁ କେତେଥର ଶୁଣେଇଛି, ହଇଲୋ ନେତି ବୋଉ! ଏ ବୁଢ଼ୀ କଥା ତ ସେ ଶୁଣିବାକୁ ନାହିଁ, ଅଣ୍ଡିରିଛୁଆ ପରି ଖାଇ ବାସନ ଡେଇଁ ହାତଧୋଇ ପଳେଇଯାଉଛି। ଖାଇବା ବାସନ ଉଠେଇବା କାମଟା ମଧ୍ୟ ତୁ ଶିଖେଇଲୁନି ତାକୁ। ଭାରି ଦହଗଞ୍ଜ ହବଲୋ ପରଘରକୁ ଗଲେ ମୋ' ସୁନାନାକୀ। ବୋଉ ମୁରୁକିହସା ମାରି ତା' କାମରେ ଲାଗିଥାଏ। ରାମକୃଷ୍ଣ କିଛି କହେନି। ଶେଷ କୁଆଁର ପୂନେଇରେ ବାପା ତାଙ୍କ ମନପସନ୍ଦ ଡ୍ରେସ ଆଣିବା ବେଳେ କହିଥିଲେ, ଦେଖିଲୁ ବୋଉ! ମୋ' ଝିଅକୁ ମାନିବ କି ନାହିଁ? ଏଇଟା ମୋ' ଝିଅର ଶେଷ କୁଆଁରପୂର୍ଣ୍ଣିମା ପରା। ପାଟିରୁ ନସରୁଣୁ ଜେଜେମା' ଆରମ୍ଭ କରିଥିଲା, ବୁଝିଲୁ ବାଇଆ!



ସିଲିକି ଲୁଗା ଖଣ୍ଡେ ଆଣିଥିଲେ କାମରେ ଲାଗିଥାଆନ୍ତା। କେଇଟା ଦିନ ନେତିକୁ ଆଉ ତୁ ଏମିତି ପୋଷାକ ପିନ୍ଧେଇବୁରେ। ମୋ' ଜାଣିବାରେ ବାପା ସେଦିନ ପ୍ରଥମ କରି ଜେଜେମା ଉପରେ ଚିଡ଼ି ଉଠିଥିଲେ। ବାପା ବୋଧେ କଷ୍ଟ ପାଇଥିଲେ କି କ'ଣ କବାଟ କିଳି ବସି ରହିଥିଲେ ଆଉ ଜେଜେମା' ଖାଲି ବାରମ୍ବାର ଖାଇବାକୁ ଡାକୁଥିଲା ସେଦିନ। ବାହାଘର ସରିଲା, ବିଦାହେବା ବେଳେ ଜେଜେମା' କାନ୍ଦିକାନ୍ଦି ଗଡ଼ିଯାଉଥିଲା, କାନିଟାକୁ ପିଣ୍ଡୁଳାକରି ପାଟିରେ ମାଡ଼ି ରଖିଥିଲା, 'ନେତିଟା ମୋର କିଛି ଜାଣିନି ଲୋ' ଏତିକି ବାରି ହେଉଥିଲା ତା' ବାହୁନା ଭିତରୁ। ଏବେ ପରଘରେ ନେତ୍ରା ସଂସାର ସମ୍ଭାଳୁଛି। ସମସ୍ତଙ୍କ ମନ ନେଇ ଚଳିବାକୁ ହେଉଛି। ସେଇ ଶାଢ଼ିପିନ୍ଧାଟା ବାଗ ହୋଇପାରୁନି ବୋଲି ଶାଶୁଘରେ ଶୁଣିବାକୁ ପଡୁଛି ନେତ୍ରାକୁ। ରୋଷେଇ ଘରେ ପିଠାପାଟି ଧରି କଡ଼େଇ ତାୱା ସହ କସରତ ବେଳେ ମନେପଡୁଛି ଜେଜେମା', କେହି ନ ଉଠୁଣୁ ବଡ଼ିସକାଳୁ ଉଠି ଘର ଖରକିବା ବେଳେ ମନେପଡୁଛି ଜେଜେମା'। ପନ୍ଦରଦିନ ପରେ ଶାଶୁଘରୁ ବାପଘର ବୁଲିବାକୁ ଫେରିଥିଲା ଦିନଟିଏ ପାଇଁ ନେତ୍ରା ସ୍ୱାମୀଙ୍କ ସହ। ଜେଜେମା' ଦେଖୁଦେଖୁ ଦେହ ମୁହଁରେ ହାତ ବୁଲେଇ ଆଣି ଡାକିଦେଲା 'ନେତି'! ନେତି ଲୋ' ମୋ' ସୁନାନାକୀ। ବୋଉଠାରୁ ଆରମ୍ଭ କରି ପାଖ ପଡ଼ୋଶୀ ସମସ୍ତେ କହୁଥିଲେ, 'ବୁଢ଼ୀଟା ଖୁବ୍ ଝୁରୁଛି ନେତ୍ରାକୁ'।

ଆଜି ଗୋଟିଗୋଟି ମନେପକାଇ ଖୋଲା ଆକାଶକୁ ଚାହିଁ ନେତ୍ରା ଓଦା ଗାଲ ଉପରେ ପାପୁଲିକୁ ନେଇ ଆଖିବୁଜି ପାଟିଖୋଲି ଡାକିଦେଲା– ଜେଜେମା'। ଭୁଲି ଯାଇଥିଲା ବୋଧେ ସେ, ଶାଶୁଘରେ ଅଛି ବୋଲି। ଜେଜେମା'ଠାରୁ ବହୁତ ଦୂରରେ।

ମୋ: ୮୨୪୯୬୮୬୦୯୩

# ୪ ଆନ୍ତଃଜିଲା ଲୁଟେରା ଗିରଫ

**ଉଦଳା,୧୭।୩(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଥାନା ପୋଲିସ ୪ ଆନ୍ତଃଜିଲା ଲୁଟେରାଙ୍କୁ ଗିରଫ କରିଛି। ସ୍ଥାନୀୟ ବରବାଡ଼ି କେନାଲ ନିକଟରେ ବିଳମ୍ବିତ ରାତିରେ ଲୁଟ୍ ପାଇଁ ପ୍ରସ୍ତୁତି ଚଳାଇଥିବା ସମୟରେ ପୋଲିସ୍ ଚଢ଼ାଉ କରି ସେମାନଙ୍କୁ ଧରିଥିଲା। ଚଢାଉ ସମୟରେ ଜଣେ ଲୁଟେରା ଖସିଯାଇଥିବା ବେଳେ ୪ ଜଣଙ୍କୁ ପୋଲିସ୍ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭଦ୍ରକ ଟାଉନ ଥାନା ଅଧୀନ ରାଣ୍ଡେ ଗ୍ରାମର ଚଣା ମୁଣ୍ଡା ଓରଫ୍ ବୁଟୁ(୨୦), ଗବସାହି ଗ୍ରାମର ବାପୁନ ସିଂ(୨୧), ଭଦ୍ରକ ଗ୍ରାମାଞ୍ଚଳ ଥାନା ଶରପୁର ଗ୍ରାମର ରାଜା ମୁଣ୍ଡା(୧୯) ଏବଂ ଭଣ୍ଡାରୀପୋଖରୀ ଥାନା ଖଡୁପୁର ଗ୍ରାମର ଚଗୁଲୁ ମୁଣ୍ଡା(୧୯)। ସେମାନେ ଭଦ୍ରକ ସମେତ ମୟୂରଭଞ୍ଜ, ବାଲେଶ୍ୱର ଏବଂ କେନ୍ଦୁଝର ଜିଲାର ବିଭିନ୍ନ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ପୋଲିସ୍ ସୂଚନା ଦେଇଛି। କିଛି ଦିନ ପୂର୍ବରୁ ଉଦଳା-କପ୍ତିପଦା ରାସ୍ତାରେ ହୋଇଥିବା ମଦ ଦୋକାନ ଲୁଟ୍ ଘଟଣାରେ ଏହି ଅଭିଯୁକ୍ତମାନେ ସମ୍ପୃକ୍ତ ଥିବାବେଳେ ସେମାନେ କପ୍ତିପଦା, ଖୁଣ୍ଟା ସମେତ ମୟୂରଭଞ୍ଜ ଜିଲାର ବିଭିନ୍ନ ଅଞ୍ଚଳରେ ଲୁଟ୍ କରିଛନ୍ତି। ଲୁଟ୍ ସମୟରେ ସେମାନେ ସାଙ୍ଗରେ ମୁଖା ନେଇ ଆସିଥାନ୍ତି। ବିଳମ୍ବିତ ରାତିରେ କାନ୍ଥ ଡାଡି ଲୋକଙ୍କ ଘରେ ପଶି ଲୁଟ୍ କରିବା ପରେ ମୁଖା ପିନ୍ଧି ଘଟଣାସ୍ଥଳରୁ ସହଜରେ ଖସି ଚାଲିଯାଆନ୍ତି। କେବଳ ଘର ଭିତରୁ ଲୁଟ୍ ନୁହେଁ, ବାଇକରେ ଆସି ସୁନାଚେନ୍ ଛିନତାଇ, ଟଙ୍କା ଲୁଟ୍ ଭଳି ବିଭିନ୍ନ ଘଟଣାରେ ଏମାନେ ସମ୍ପୃକ୍ତ ରହିଥିବା ଉପଖଣ୍ଡ ପୋଲିସ୍ ଅଧିକାରୀ ସାର୍ଥକ ରାୟ କହିଛନ୍ତି। ସେମାନଙ୍କଠାରୁ ୩ ବାଇକ୍, ୫ଟି ମୋବାଇଲ୍ ଫୋନ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୭୨/୨୩) ରୁଜୁ ହୋଇଛି।



ଗିରଫ ଅଭିଯୁକ୍ତମାନେ।

## ଘାଟିରେ ଦୁର୍ଘଟଣା, ଜଣେ ମୃତ, ୨୫ ଆହତ

**ଦିଗପହଣ୍ଡି,୧୭।୩(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କେରାଣ୍ଡିମାଳ ପର୍ବତ ଶିଖରରେ ଅବସ୍ଥିତ ମା' ନିଜ ବାଙ୍କେଶ୍ୱରୀଙ୍କୁ ଦର୍ଶନ ପାଇଁ ଯାଉଥିବା ଏକ ପିକଅପ ଭ୍ୟାନ୍ ଶୁକ୍ରବାର ଓଲଟି ପଡ଼ିଛି। ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୃତକ ଜଣକ ହେଲେ ଦିଗପହଣ୍ଡି ବ୍ଲକ ବମକୋଇ ପଞ୍ଚାୟତ ଖଇରପଙ୍କ ଗ୍ରାମର ଲିଙ୍ଗା କନିୟାରୀ (୪୨)। ଗୁରୁତରମାନେ ହେଲେ ଗଡ଼ଗୋବିନ୍ଦପୁର ପଞ୍ଚାୟତ ଧାନ୍ୟରାଶି ଗ୍ରାମର ବୃନ୍ଦା କନିୟାରୀ, ଭାଗ୍ୟଲତା ବାଡତ୍ୟା, ରମ୍ଭା ପ୍ରଧାନ, ଏଲ୍ .ଦମୟନ୍ତୀ।

ପ୍ରକାଶ ଯେ, ସକାଳୁ ଖଇରପଙ୍କ ଗ୍ରାମର ଡି. ଜାଗିଲିଙ୍କ ପୁଅର ମାନସିକ ପୂଜା କାର୍ଯ୍ୟ ସହ ମୁଣ୍ଡନ ନିମନ୍ତେ ଏକ ପିକଅପ ଭ୍ୟାନ୍‌ରେ ପର୍ବତ ଶିଖରରେ ଥିବା ମାଁ ବାଙ୍କେଶ୍ୱରୀ ପୀଠକୁ ଯାଉଥିଲେ। ତେବେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଉଥିବା ସମୟରେ ପିକ୍ ଅପ୍ ଭ୍ୟାନଟି ଘାଟି ରାସ୍ତାର ପିଲିକାଡିଅ ଗ୍ରାମ ନିକଟସ୍ଥ ମଗୁରମା ନାଳ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଖବର ପ୍ରଚାରିତ ହେବା ପରେ ନିକଟସ୍ଥ ଗ୍ରାମବାସୀଙ୍କ ସହଯୋଗ କ୍ରମେ ଗୁରୁତର ଅବସ୍ଥାରେ ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଲିଙ୍ଗାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଗୁରୁତର ୪ ଜଣଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ଦିଗପହଣ୍ଡି ପୋଲିସ ଏ ନେଇ ମକଦ୍ଦମା ରୁଜୁ କରିବା ସହ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଦୁର୍ଘଟଣାଗ୍ରସ୍ତ ପିକ ଅପ୍‌କୁ ପୋଲିସ ଜବତ କରିଛି। ଚାଳକ ଫେରାର ଥିବା ଜଣାପଡ଼ିଛି।



## OFFICE OF THE BASUDEVPUR MUNICIPALITY, BHADRAK

No.-1421 Date:- 17.03.23

**E-Procurement Notice**

**BID Identification No. BM_TCN_ 07_2022-23**

No. C-2674:- Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

| | | |
|---|---|---|
| 1. | Name of the Work | Civil Const works as mentioned in DTCN |
| 2. | No. of works | 05 nos. |
| 3. | Estimated Cost | As per Work List |
| 4. | Period of Completion | As per DTCN |
| 5. | Date and Time of Bidding | 20.03.2023(10am) to 26.03.2023 |
| 6. | Last date and time for receipt | 26.03.2023 up to 5.00 pm |
| 7. | Bids received online shall be opened on | 27.03.2023 from 11 am onwards |
| 8. | Name and address of the Officer Inviting Bid | Executive Officer, Basudevpur Municipality |

OIPR-13135/11/0022/2223 Sd./- Executive Officer, Basudevpur Municipality

## ODISHA HYDRO POWER CORPORATION LTD.

(A Government of Odisha Undertaking)

OFFICE OF THE SENIOR GENERAL MANAGER (ELECTRICAL)

UPPER KOLAB HYDRO ELECTRIC PROJECT

At: P.O.: BARINIPUT: DIST. KORAPUT - 764006

PHONE: (06854) 242001, FAX: - (06854) 242038

e-mail: sgmel.ukhep@gmail.com

CIN: U40101OR1995SGC003963

**TENDER CALL NOTICE No. OHPC: SGM (EL): UKHEP: 62 / 2022-23 Dated.16.03.2023**

**No.CAD-5174:**Sealed Tenders are invited in sealed envelopes from Authorized dealer/ reputed suppliers/ service providers for "Hiring of 01 No Commercial Registered Light Vehicle (Maruti Suzuki Ertiga/Sumo Gold/Bolero/Tuv 300) Vehicle for official use of Technical Wing Head, UKHEP, Bariniput".

| Sl. No. | Description/Type of Vehicle | Cost of Tender Paper (in Rs.) | EMD (in Rs.) |
|---|---|---|---|
| 1 | Hiring of 01 no Commercial Registered light Vehicle ( Maruti Suzuki Ertiga/Sumo Gold/ Bolero/TUV 300) for Official use of Technical Wing Head, UKHEP, Bariniput. | Rs.7080/- | 01% of Quoted Value |

The sale of Tender Paper will be from :- 28.03.2023 to 12:00 Hrs. of Date 11.04.2023

The last date & time of receipt of tender :- Up to 12:00 Hrs. of 11.04.2023

The date and time of opening of tender :-12:30 Hrs. of. 11.04.2023

For details of tender documents and Terms & Conditions downloading please visit our website www.ohpcltd.com

Sd./- C & P Head

OIPR-04002/11/0098/2223 Upper Kolab HEP, OHPC Limited, Bariniput

## ODISHA STATE SEEDS CORPORATION LIMITED

(A GOVERNMENT UNDERTAKING)

SANTARAPUR,BHUBANESWAR - 751002

Tel - MD 0674-2340573, Tel Fax - 2340096

E-mail-mdosscltd456@gmail.com

**NIT No.OSSC/Mktg(Hort)-05 /2023**

**Short e-Tender Call Notice for Procurement of Certified seed material of Ginger & Turmeric for 2022-23**

**No.CAD-5172:**OSSC Ltd. invites e-Tender only from Producers (and in case of GOI PSUs, their authorized Agencies) on item wise rate contract basis in double cover system through online mode only for the works below.

| | |
|---|---|
| Name of the Work | Purchase of Certified seed material of Ginger & Turmeric for 2022-23 |
| Nos. of Work | One |
| Availability of bid documents in portal | 15 hours on 18.03.2023 to 17 hours of 27.03.2023 |
| Last date of receipt of tender in portal | 17 hours of 27.03.2023 |
| Date and Time of Opening of Bid | 11 hours of 28.03.2023 |

The detailed descriptions of crops, varieties, quantity, parameters, terms and conditions specified in the tender schedule would be available in the e-Tender portal www.tendersodisha.gov.in. Any addendum/ corrigendum/cancellation can also be seen in the said website.

Sd./- Managing Director, OSSC Ltd.,

OIPR-01106/11/0027/2223

## OFFICE OF THE NOTIFIED AREA COUNCIL BALUGOAN, KHORDHA

**E-PROCUREMENT NOTICE**

**BID IDENTIFICATION NO-EO-N.A.C.-BLG-01/2022-23**

**No: 504 /Date:14.03.2023**

**No.C-2672:**The Executive Officer on behalf of NAC Balugaon invites percentage Bid through e-procurement in double cover system according to norm of e-procurement.

1. Type of Works : Civil construction works as in the DTCN
2. Total No. of works : 20 Nos.
3. Tender Amount Cost : Rs.9,99,000.00 to Rs.19,96,000.00
4. Period of Completion : 60 Days
5. Date and time of availability of Bid Documents in the Portal : From 10.00 A.M of Dt.17.03.2023 upto 5.00 P.M. of Dt.28.03.2023
6. Original Bid documents submission in Tender Box : Dt.29.03.2023 up to 2.00 P.M.
7. Date & Time of Opening of Tender : Dt.29.03.2023 at 3.00 P.M. Onwards

Further, the details of e-tender documents can be had from the E-Procurement portal www.tendersodisha.gov.in. Corrigendum if any shall only be published in above website.

Sd./- Executive Officer, N.A.C., Balugaon

OIPR-13173/11/0009/2223

## OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, SUBARNAPUR

No. 201/EM-NVBDCP/Sonepur Dated the 16.03.2023

**CANCELLATION NOTICE**

No. E-986: Recruitment for the Post of MPW (Male) NVBDCP conducted vide Advertisement No. 190 (2) in dated 25.06.2013 which was kept in abeyance vide Letter No. 1042/EM-NVBDCP/ Date: 13.12.2013 of CDM & PHO, Subarnapur is now hereby cancelled in view of Letter No. 31695/MF-II-NVBDCP-4/13 Date: 05.12.2013 of Joint Director, Health Services (NVBDCP), O/o. Director, Health Services, Odisha, Bhubaneswar.

Sd./- Chief District Medical & Public Health Officer, Subarnapur

OIPR-10118/11/0025/2223

## SUNDARGARH MUNICIPALITY

## OFFICE OF THE MUNICIPAL COUNCIL, SUNDARGARH

No.1082, Date: 17.03.2023

**EXPRESSION OF INTEREST**

**No.C-2676:** Executive Officer, Sundargarh Municipality.Sundargarh on behalf of Municipal Council, Sundargarh Municipality,Sundargarh invites Expression of Interest for Empanelment for Preparation of Plan, Detailed Estimate, Design, Structural Design, Drawing, Rate Analysis, Working drawings, Construction drawings with Detailed Project Report for "Different Projects of Sundargarh Municipality" from Registered/Experience/Reputed Consultants/Architects.

The Detail EOI documents will be available in the District website of Sundargarh www.sundargarh.nic.in from dt-20.03.2023 to dt-28.03.2023.

Last date of receipt of EOI: 28.03.2023 up to 04.00 P.M. Date of opening of EOI: 29.03.2023 at 11.00A.M.

The authority reserves the right to accept or reject any proposals without assigning any reason thereof.

Sd./-Executive Officer Sundargarh Municipality

OIPR-13130/11/0048/2223

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR

(District Programe Management Unit, NHM, Jajpur)

No. 1272 Dtd.: 16.03.2023

**CORRIGENDUM**

No. E-985: Corrigendum Advertisement for engagement of MBBS & Ayush Doctors at kaliapani PHC under DMF vide this office Advertisement No. 1179 dated 14.03.2023. The details of Posts, Mode of Recruitment, Remuneration, Qualification etc. is available in the district website **http://jajpur.nic.in**. The undersigned reserves all right to accept or reject the candidature of the candidates without assigning any reason thereof. Any typographical error (if any) may be exempted.

Sd./- Chief District Medical and Public Health Officer, Jajpur

OIPR-10042/11/0014/2223

## GOVERNMENT OF ODISHA

## ZILLA PARISHAD, KALAHANDI

E-mail. drdakalahandi@gmail.com

**E-Procurement Notice**

**Bid Identification No. ZP-KLD-T-4/ 2022-23**

No.CAD-5166 **No.1553 Dated 16.03.23**

| | | | |
|---|---|---|---|
| 1 | No. of the work | : | Building works 7 (Seven) Nos. |
| 2 | Estimated cost | : | Rs.30.00 Lakhs to Rs.40.00 lakhs |
| 3 | Class of contractor | : | 'B' & 'C' |
| 4 | Period of completion | : | 6 calendar months |
| 5 | Date and time of availability of bid document in the portal | : | 11.00 hrs. of 18.03.2023 to 17.00 hrs. of 26.03.2023 |
| 6 | Last date / time for receipt of bid in the portal | : | 17.00 hour of 26.03.2023 |
| 7 | Name and address of the officer inviting bid | : | Zilla Parishad, Kalahandi |
| 8 | Date & Venue of opening of the single cover bid and technical bid (Cover 1) of double cover bid | : | On 27.03.2023 at 11.00 A.M. in the Office of the Zilla Parishad, Kalahandi |

Further details can be seen from the e-procurement portal https://tendersodisha.gov.in

Sd./- CDO-cum-EO, Zilla Parishad, Kalahandi

OIPR-19287/11/0010/2223

## OFFICE OF THE CHIEF CONSTRUCTION ENGINEER WESTERN N.H.CIRCLE, SAMBALPUR

E-mail:senhsambalpur@gmail.com,Ph-0663-2412461

**Bid Identification**

**Quotation Call Notice No. 01 of 2022-23**

**No.911, Dtd.15.03.2023**

**No.b-54:**Sealed Quotations are invited having valid GST Registration certificate are invited in the prescribed format given in Annexure -III from interested reputed Travel Agencies / Tour Operator or Private individuals owning vehicle for providing 1 (one) no. of hired vehicle i.e. One Vehicle TUV300/ Bolero/ Sumo gold / Ertiga or equivalent for official use in the office of the Chief Construction Engineer , Western N.H.Circle, Sambalpur on monthly rent basis.

The application forms of quotation containing general information vide detailed Quotation Call Notice and terms and conditions of hiring of vehicles (Annexure-I,II,III) can be obtained from office of the Chief Construction Engineer, Western N.H.Circle, Sambalpur on payment of Rs 100/- from 20.03.2023 at 10.00 AM to dt 27.03.2023 up to 2.00 PM on working days and application forms should reach the undersigned on or before 28.03.2023 up to 2.00 PM & shall be opened on the same days at 4.00 PM in presence of the Quotationer or their authorized representative.

Sd./-Chief Construction Engineer

OIPR-34021/11/0010/2223 Western N.H.Circle, Sambalpur

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 2880/PSC Dt.17.03.2023**

**(DR - IV) (2PF-02-2022-23)**

No. D-347: It is for information of all provisionally qualified candidates relating to recruitment for the post of **Veterinary Assistant Surgeon/Additional VAS** pursuant to Advertisement No. 13 of 2022-23 that the Document Verification will commence from **27.03.2023 to 28.03.2023** as per the following programme.

The candidates are required to reach the office of OPSC at 19, Dr. P.K. Parija Road, Cuttack - 753001, **30 minutes before** the commencement of document verification as per the scheduled programme.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS**

| Date of Verification | Time of Verification | Roll Nos. of Candidates to be verified | Team to Verify |
|---|---|---|---|
| 27.03.2023 | 10.00 A.M. To 12.00 P.M. | 100001, 100002, 100003, 100004, 100005, 100006, 100007, 100008, 100009, 100010, 100011, 100012, 100013, 100014, 100015 = 15 Candidates | Team - I |
| | | 100016, 100017, 100018, 100019, 100020, 100021, 100022, 100023, 100024, 100025, 100027, 100028, 100029, 100030, 100031 = 15 Candidates | Team - II |
| | 12.00 P.M. To 01.30 P.M. | 100032, 100033, 100034, 100035, 100036, 100037, 100038, 100039, 100040, 100041, 100042, 100043, 100044, 100045, 100047 = 15 Candidates | Team - I |
| | | 100048, 100049, 100050, 100051, 100052, 100053, 100054, 100055, 100056, 100057, 100058, 100059, 100060, 100061, 100062 = 15 Candidates | Team - II |
| | 02.30 P.M. To 04.00 P.M. | 100063, 100064, 100065, 100066, 100067, 100068, 100069, 100070, 100071, 100072, 100073, 100074, 100075, 100076, 100077 = 15 Candidates | Team - I |
| | | 100078, 100079, 100080, 100081, 100082, 100083, 100084, 100085, 100086, 100087, 100088, 100089, 100090, 100092, 100093 = 15 Candidates | Team - II |
| | 04.00 P.M. To 05.30 P.M. | 100094, 100095, 100096, 100097, 100098, 100099, 100100, 100101, 100102, 100103 = 10 Candidates | Team - I |
| | | 100104, 100105, 100106, 100107, 100108, 100109, 100110, 100111, 100112, 100113 = 10 Candidates | Team - II |
| 28.03.2023 | 10.00 A.M. To 12.00 P.M. | 100114, 100115, 100116, 100117, 100118, 100119, 100120, 100121, 100123, 100124, 100125, 100126, 100127, 100128, 100129 = 15 Candidates | Team - I |
| | | 100130, 100131, 100132, 100133, 100134, 100135, 100136, 100137, 100138, 100139, 100140, 100141, 100143, 100144, 100145 = 15 Candidates | Team - II |
| | 12.00 P.M. To 01.30 P.M. | 100146, 100147, 100148, 100149, 100150, 100151, 100152, 100153, 100154, 100155, 100156, 100157, 100158, 100159, 100160 = 15 Candidates | Team - I |
| | | 100161, 100162, 100163, 100164, 100165, 100166, 100167, 100169, 100170, 100171, 100173, 100174, 100175, 100176, 100177 = 15 Candidates | Team - II |
| | 02.30 P.M. To 04.00 P.M. | 100178, 100179, 100180, 100181, 100182, 100183, 100184, 100185, 100187, 100188, 100190, 100191, 100192, 100193, 100194 = 15 Candidates | Team - I |
| | | 100195, 100196, 100197, 100198, 100199, 100200, 100201, 100202, 100203, 100204, 100205, 100206, 100207, 100208, 100209 = 15 Candidates | Team - II |
| | 04.00 P.M. To 05.30 P.M. | 100210, 100211, 100212, 100213, 100214, 100215, 100216, 100217, 100218, 100219 = 10 Candidates | Team - I |
| | | 100220, 100221, 100222, 100223, 100224, 100225, 100226, 100227, 100228 = 9 Candidates | Team - II |

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment to terms & conditions laid down in the Advertisement.

**THE CANDIDATES ARE REQUIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VERIFICATION:**

1. Hard copy of online application form Mentioning Roll No. at the Top Right-Hand Corner. Application forms are available in the website of the Commission. The candidates are requied to download the same using their respective Username and Password/OTP etc. through Online Recruitment Management System via **www.opscrecruitment.in**.
2. Three (03) Passport Size Photographs tagged with the Application Form.
3. H.S.C. or Equivalent Certificate in support of declaration of age.
4. B.V.Sc. or its equivalent Degree Certificate issued by the recognized university. Registration Certificate under the Odisha Veterinary Practitioner Act, 1970. (Issued within last date of submission of online application form i.e. 30.01.2023).
5. Permanent Registration Certificate under the State of Odisha Veterinary Practitioner Act, 1970 (Issued within last date of submission of online application form i.e. 30.01.2023).
6. Caste Certificate by Birth (SC/ST) issued within the last date i.e. 30.01.2023.
7. SEBC Certificate issued from 31.01.2020 to 30.01.2023 whereever applicable.
8. Required Odia Test Pass Certificate issued within the last date i.e. 30.01.2023.
9. Permanent Disability Certificate (indicating percentage of disability i.e. 40% and more) issued by the concerned Medical Board wherever applicable issued within the last date i.e. 30.01.2023.
10. No Objection Certificate (NOC) issued by the Competent Authority in case of in service candidates whereever applicable.
11. Attestation form duly filled-in signed and attested by a Gazetted Officer (to be downloaded from the website of the Commission).
12. Any proof of Identity.

**OIPR-12002/11/0290/2223** **Sd./- Secretary**

## GOVERNMENT OF ODISHA

## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

**No. 1471 /Date.16.03.2023**

No.O-1982

**"e" Procurement Notice for Road Work**

| | | | |
|---|---|---|---|
| 1 | Name of the work | : | Road work |
| 2 | Total No. of work | : | 01 No. of Road Work under Transferred Road Improvement Programme (TRIP) for the year 2022-23 |
| 3 | Estimated cost of the work | : | Rs.255.50 lakhs |
| 4 | Class of contractor | : | |
| | a) Estimated cost more than Rs.20.00 lakhs upto Rs.3.00 crores | | B class (of Odisha PWD) or relevant class of other licencing authorities |
| | b) Estimated cost more then Rs.1.00 crores upto Rs.20.00 crores | | A Class (of Odisha PWD) or relevant class of other licencing authorities |
| 5 | Period of completion | : | As mentioned in Column-7 of Annexure |
| 6 | Offered rates by bidder | : | The offered rate by the contractor shall be excluding GST |
| 7 | Other details | : | |

| Procurement Officer | Bid Identification No. | Availability of tender online for bidding | | Date & time of opening of tender | |
|---|---|---|---|---|---|
| | | From | To | Technical bid | Financial bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online - C.C. 12 of 2023 | 21.03.2023 at 11.00 A.M. | 04.04.2023 utp 5.00 P.M. | 05.04.2023 at 11.00 A.M. | To be intimated lateron |

Further details can be seen from the website: www.tendersodisha.gov.in.

OIPR-25082/11/0048/2223 Sd./- Chief Construction Engineer, Central Rural Works Circle, Bhubaneswar

## GOVERNMENT OF ODISHA

## DEPARTMENT OF P.R & D.W

No.i-510

**INVITATION FOR BIDS (IFB)**

**IDENTIFICATION No: - AGLB- 04 / 2022-23**

**E-mail address:** - ori-bangul@nic.in

1. **The Block Development Officer, Angul** on behalf of the Governor of Orissa invites **Percentage rate civil bid** in single cover system for the works as detailed in the table, from the class of eligible contractors as mentioned in Col.4 (four), registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-I form, for execution of **Building (Civil Work)**. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the following works.

| Sl. No | Name of works | Approx. Value of work. (Rs. In lakhs) | Class of contractor | Bid Security (Rs.) | Cost of documents (Non-refundable) | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Const. of Day Care Sub- Center at Chheliapada | 31.72 | 'B' or 'C' | 31720.00 | Rs.10,000/- (Only be downloaded from www.angul.nic.in) | Six Calendar months |
| 2 | Const. of PHC (N) Building at Banamira | 19.82 | 'C' or 'D' | 19820.00 | | Six Calendar months |
| 3 | Const. of Day Care Sub- Center at Tikarapada | 32.31 | 'B' or 'C' | 32310.00 | | Six Calendar months |
| 4 | Const. of Sub- Center at Bentapur | 32.50 | 'B' or 'C' | 32500.00 | | Six Calendar months |
| 5 | Const. of Day Care Sub- Center at Bantala | 31.92 | 'B' or 'C' | 31920.00 | | Six Calendar months |
| 6 | Const. of Day Care Sub- Center at Talagarh | 31.72 | 'B' or 'C' | 31720.00 | | Six Calendar months |
| 7 | Const. of Day Care Sub- Center at Saradhapur- A | 32.50 | 'B' or 'C' | 32500.00 | | Six Calendar months |
| 8 | Const. of Day Care Sub- Center at Inkarabandha | 31.72 | 'B' or 'C' | 31720.00 | | Six Calendar months |

For more details log on to **www.angul.nic.in** regarding detailed advertisement.

OIPR-19073/11/0001/2223 **Sd./- Block Development Officer, Angul**

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ,ବ୍ରହ୍ମପୁର

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR

At:Ambapua, Po:Engineering School,Near Income Tax Office,Berhampur-760011

(E-mail: serwbpr2004@yahoo.com, Tel/Fax:-0680-2404287)

No.O-1984: No.e-tender//1356//RWC//BAM//Dated 16.3.2023

**1st Corrigendum to Bid Identification No.Online Tender/80-2022-23/BPR**

1) The partial modification of Bridge works under BSY vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | 21.03.2023 to 04.04.2023 upto 3.00 PM instead of 10.03.2023 to 27.03.2023 |
| 2 | Last date & time of seeking tender clarification | :: | 03.04.2023 at 2.00 PM instead of 24.03.2023 at 2.00 PM |
| 3 | Date of Opening of Technical Bid | :: | 05.04.2023 at 11.00 AM instead of 28.03.2023 at 11.00 AM |
| 4 | Date of Opening of Financial Bid | :: | Will be intimated later on. |

2.

| Sl. No. | Name of the Work | Approx. Estimated Cost (Exclusive of GST) (in Rs.) (As per Earlier) | EMD required (in Rs.) to be submitted online (As per Earlier) | Approx. Estimated cost (Exclusive of GST) (in Rs.) (Now Replaced) | EMD Required (in Rs.) to be submitted online (Now Replaced) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Construction of H.L. Bridge over Bahuda at Ch-0.10 km on Tentiapada to Dabarasingi road in the District of Ganjam under BSY. (Span 5x30.64 m) | Rs.7,91,47,000/- | Rs.7,91,500/- | Rs.8,32,00,000/- | Rs.8,32,000/- |

All other contents will remain unchanged.

OIPR-25071/11/0128/2223 Sd./- Chief Construction Engineer, R.W.Circle,Berhampur

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। ଫଳରେ ଶୁକ୍ରବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନ୍‌ସେକ୍ସ ୩୫୫ (୩୫୫.୦୬) ପଏଣ୍ଟ ବୃଦ୍ଧି ଘଟି ୫୭,୯୯୦(୫୭,୯୮୯.୯୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୪(୧୧୪.୪୫) ପଏଣ୍ଟ ବଢ଼ି ୧୭,୧୦୦ (୧୭,୧୦୦.୦୫) ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡ଼ିଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଦେଶୀ ମୁଦ୍ରାଭଣ୍ଡାରରେ ହ୍ରାସ

ନୂଆଦିଲ୍ଲୀ,୧୭।୩

ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଏବଂ ମାନ୍ଦାବସ୍ଥା ଯୋଗୁ ଦେଶରେ କ୍ରମାଗତ ୩ୟ ମାସ ଲାଗି ବିଦେଶୀ ମୁଦ୍ରାଭଣ୍ଡାର (ଏଫ୍‌ଇଆର)ରେ ହ୍ରାସ ଘଟୁଛି। ଏପରିକି ଚଳିତ ସପ୍ତାହର କାରବାର ଶେଷ ବେଳକୁ ବିଦେଶ ମୁଦ୍ରାଭଣ୍ଡାର ୫୬୦ ବିଲିଅନ ଆମେରିକୀୟ ଡଲାରକୁ ହ୍ରାସ ପାଇଛି ବୋଲି ଶୁକ୍ରବାର ଭାରତୀୟ ରିର୍ଜଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଆର୍‌ବିଆଇର ଷ୍ଟାଟିଷ୍ଟିକ୍ ସପ୍ଲିମେଣ୍ଟ ତଥ୍ୟରୁ ଏ ନେଇ ବିସ୍ତୃତ ସୂଚନା ମିଳିଥିବା ଜଣାପଡ଼ିଛି। ଅପରପକ୍ଷରେ ମାର୍ଚ୍ଚ ୧୦ରେ ସପ୍ତାହ ଶେଷ ବେଳକୁ ବିଦେଶୀ ମୁଦ୍ରାଭଣ୍ଡାର ୫୬୦ ବିଲିୟନ ଆମେରିକୀୟ ଡଲାରକୁ ହ୍ରାସ ପାଇଛି। ହେଲେ ବିଗତ ୩ ମାସ ମଧ୍ୟରେ ଏହା ସର୍ବାଧିକ ହ୍ରାସ ବୋଲି କୁହାଯାଉଛି। ଏହା ପୂର୍ବରୁ ମାର୍ଚ୍ଚ ୩ରେ ଶେଷ ହୋଇଥିବା ସପ୍ତାହ ଶେଷ ବେଳକୁ ବିଦେଶୀ ମୁଦ୍ରାଭଣ୍ଡାର ୫୬୨.୪୦ ବିଲିୟନ ଆମେରିକୀୟ ଡଲାରରେ ରହିଥିଲା। ଡଲାର ତୁଳନାରେ ମୁଦ୍ରା ମୂଲ୍ୟ ହ୍ରାସକୁ ରୋକିବା ପାଇଁ ଆର୍‌ବିଆଇ ପୁଞ୍ଜିବଜାରରେ ହସ୍ତକ୍ଷେପ କରିଥାଏ। ରିଜର୍ଭରେ ପରିବର୍ତ୍ତନର ମୂଲ୍ୟାୟନରେ ଲାଭ ଓ କ୍ଷତିରୁ ହୋଇଥାଏ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି। ସେହିପରି ଗତ ସପ୍ତାହରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ମୂଲ୍ୟ ୦.୧% ହ୍ରାସ ପାଇଥିଲା। ବିଶେଷକରି ଆମେରିକାରେ ବ୍ୟାଙ୍କିଙ୍ଗ୍ କ୍ରାଇସିସ୍ ପାଇଁ ଏଭଳି ହୋଇଥିଲା। ତେବେ ଶୁକ୍ରବାର ଶେଷ କାରବାର ସୁଦ୍ଧା ଭାରତୀୟ ମୁଦ୍ରା ମୂଲ୍ୟ ୮୨.୫୫୨୫ ରେ ରହିଥିଲା। ଅପରପକ୍ଷରେ ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ନେଇ କୌଣସି ସମସ୍ୟା ନାହିଁ ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ବିସ୍ତୃତ ଆଲୋକପାତ କରିଛନ୍ତି।

# ‘କାରବାର ଉପରେ କୌଣସି ପ୍ରଭାବ ପକାଇବ ନାହିଁ’

## ପ୍ରମୋଟର ଶେୟାର ଫ୍ରିଜ୍ ଘଟଣା
## ସ୍ପଷ୍ଟୀକରଣ ରଖିଲା ପତଞ୍ଜଳି

ନୂଆଦିଲ୍ଲୀ,୧୭।୩

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ପତଞ୍ଜଳି ଆୟୁର୍ବେଦର ସହଯୋଗୀ କମ୍ପାନୀ ପତଞ୍ଜଳି ଫୁଡ୍‌ସ ଲିମିଟେଡ୍(ପିଏଫ୍‌ଏଲ୍)ର ପ୍ରମୋଟରଙ୍କ ଶେୟାରକୁ ଷ୍ଟକ୍ ବଜାର ପକ୍ଷରୁ ନିଷ୍କ୍ରିୟ(ଫ୍ରିଜ୍)କରି ଦିଆଯାଇଛି। ବିଶେଷକରି ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ(ସେବି) ନିୟମ ୨୦୧୫ର ଧାରା ୩୮ ଆଧାରରେ ଏଫ୍‌ପିଏଲ୍‌ର ପ୍ରମୋଟରଙ୍କ ଅଂଶଧନକୁ ସେବି ପକ୍ଷରୁ ନିଷ୍କ୍ରିୟ କରି ଦିଆଯାଇଛି। ୧୫ ମାର୍ଚ୍ଚରେ କମ୍ପାନୀ ପକ୍ଷରୁ ହେବାକୁ ଥିବା ଏକ୍ସଚେଞ୍ଜ ଫାଇଲିଂରୁ ଏହା ଜଣାପଡ଼ିଛି। ସେହିଭଳି ପୁଞ୍ଜିବଜାର ନିୟାମକ ପ୍ରମୋଟର ଏବଂ ପ୍ରମୋଟର କମ୍ପାନୀର ଶେୟାରକୁ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଫ୍ରିଜ୍ କରିଦେଇଛି। ଫଳରେ ଉକ୍ତ ଶେୟାର ଗୁଡ଼ିକର କାରବାର ଉପରେ ବର୍ତ୍ତମାନ କଟକଣା ରହିଛି। ଏପରିକି ନ୍ୟୂନତମ ପବ୍ଲିକ୍ ଶେୟାର ହୋଲ୍‌ଡିଂ ସର୍ତ୍ତ ପୂରଣ ନ କରିବା ଯୋଗୁ କମ୍ପାନୀ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଜଣାପଡ଼ିଛି। ସୂଚନା ମୁତାବକ କମ୍ପାନୀର ଯେଉଁ ୨୧ ପ୍ରମୋଟର ଏବଂ ପ୍ରମୋଟର କମ୍ପାନୀ ଶେୟାର ଉପରେ କଟକଣା ଲାଗିଛି, ସେଥିମଧ୍ୟରେ ପତଞ୍ଜଳି ମଧ୍ୟ ସାମିଲ ରହିଛି।

ଏ ନେଇ ଗୁରୁବାର କମ୍ପାନୀ ପକ୍ଷରୁ ଏକ ସ୍ପଷ୍ଟୀକରଣ ଦିଆଯାଇଛି। କମ୍ପାନୀର କହିବା ମୁତାବକ ୨୦୨୩ ଏପ୍ରିଲ ଯାଏ କମ୍ପାନୀର ଶେୟାର ଲକ୍ ଇନ୍ ରହିଥିବା ବେଳେ କମ୍ପାନୀର କାରବାର ଉପରେ ଏହା କୌଣସି ପ୍ରଭାବ ପକାଇବ ନାହିଁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ବାଦ୍ କମ୍ପାନୀର ଆର୍ଥିକ ସ୍ଥିତି ଉପରେ ଏହାର ପ୍ରଭାବ ମଧ୍ୟ ରହିବନି ବୋଲି କୁହାଯାଉଛି। ସେହିପରି ପବ୍ଲିକ୍ ଶେୟାର ହୋଲ୍‌ଡରଙ୍କ ସ୍ୱାର୍ଥ ରକ୍ଷା ଦିଗରେ କମ୍ପାନୀ ବେଶ୍ ସଚେତନ ରହିଛି। କମ୍ପାନୀକୁ ଅଭିବୃଦ୍ଧି ପଥକୁ ନେଇଯିବା ଏବଂ ଏକ ପ୍ରମୁଖ ଏଫ୍‌ଏମ୍‌ସିଜିରେ ପରିଣତ କରାଇବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ସେବି ନିୟମ ମୁତାବକ, ଷ୍ଟକ୍ ବଜାରରେ କୌଣସି ସୂଚୀଭୁକ୍ତ କମ୍ପାନୀ ଅତିକମ୍‌ରେ ୨୫% ଶେୟାର ପବ୍ଲିକ୍ ଶେୟାର ହୋଲ୍‌ଡରଙ୍କ ନିକଟରେ ରହିବା ଆବଶ୍ୟକ। ହେଲେ ପତଞ୍ଜଳି ଏ କ୍ଷେତ୍ରରେ ୮୦.୮୨% ଶେୟାର ନିଜ ପାଖରେ ରଖିଛି। ଏପରିକି ପବ୍ଲିକ୍ ଶେୟାର ହୋଲ୍‌ଡରଙ୍କ ଅଂଶ ୧୯.୧୮% ରହିଛି। ଅପରପକ୍ଷରେ ପବ୍ଲିକ୍ ଶେୟାର ହୋଲ୍‌ଡିଂ ନିୟମ ପାଳନ କରିବା ଲାଗି କମ୍ପାନୀ ୨୦୨୨ ମାର୍ଚ୍ଚରେ ପ୍ରାୟ ୪୩୦୦ କୋଟି ଟଙ୍କାର ପବ୍ଲିକ ଅଫର ଜାରି କରିଥିଲା। ଫଳରେ କମ୍ପାନୀରେ ପବ୍ଲିକ ଶେୟାର ହୋଲ୍‌ଡିଂ ୧୯.୧୮% କୁ ବୃଦ୍ଧି ପାଇଥିଲା। ବର୍ତ୍ତମାନ କମ୍ପାନୀ ଉକ୍ତ ଶେୟାର ବୃଦ୍ଧି କରି ୨୫%ରେ ରଖିବାକୁ ଲକ୍ଷ୍ୟ ରଖିଛି। ସେଥିପାଇଁ କମ୍ପାନୀ ଆଉ ୫.୮୨%ର ଶେୟାର ଜାରି କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ପିଏଫ୍‌ଏଲ୍ ଆଣିବ ଆଉ ଏକ ଏଫ୍‌ପିଓ


ବାବା ରାମଦେବ

ପତଞ୍ଜଳି ଫୁଡ୍‌ସ ଲିମିଟେଡ୍ (ପିଏଫ୍‌ଏଲ୍)ର ୨୧ ପ୍ରମୋଟରଙ୍କ ଉପରେ ଷ୍ଟକ୍ ଏକ୍ସଚେଞ୍ଜ କଟକଣା ଲଗାଇଛି। ଏପରିକି ପତଞ୍ଜଳି ପ୍ରମୋଟରଙ୍କ ଶେୟାର ଫ୍ରିଜ୍ କରିବା ପରେ କମ୍ପାନୀ ଆଉ ଏକ ଫଲୋ-ଅନ୍ ପବ୍ଲିକ୍ ଅଫର(ଏଫ୍‌ପିଓ) ଆଣିବାକୁ ଯାଉଛି ବୋଲି ବାବା ରାମଦେବ କହିଛନ୍ତି। ଏ ନେଇ ଚଳିତ ବର୍ଷ ଏପ୍ରିଲ ମାସରୁ କମ୍ପାନୀ ଆବଶ୍ୟକ ପଦକ୍ଷେପ ଓ ପ୍ରକ୍ରିୟା ଆରମ୍ଭ କରିବ ବୋଲି ରାମଦେବ ମତବ୍ୟକ୍ତ କରିଛନ୍ତି। ସେହିଭଳି କମ୍ପାନୀ ତା’ର ପବ୍ଲିକ୍ ଶେୟାର ହୋଲ୍‌ଡିଂକୁ ୨୫%କୁ ବଢ଼ାଇବା ଦିଗରେ ମଧ୍ୟ ଆବଶ୍ୟକ କାର୍ଯ୍ୟ କରୁଛି। ଏପରିକି ନିବେଶକମାନେ ଆଶଙ୍କା କରିବାର କୌଣସି କାରଣ ନାହିଁ ବୋଲି ରାମଦେବ ଆଶାବ୍ୟକ୍ତ କରିଛନ୍ତି। ବିଶେଷକରି ନିୟାମକଙ୍କ କାର୍ଯ୍ୟାନୁଷ୍ଠାନ ଯୋଗୁ ପିଏଫ୍‌ଏଲ୍‌ର କାର୍ଯ୍ୟଧାରାରେ କୌଣସି ପ୍ରଭାବ ପଡ଼ିବନାହିଁ। ସେହିପରି ପତଞ୍ଜଳି ଗ୍ରୁପ୍ ଦ୍ୱାରା ଏହା ପରିଚାଳିତ ହେଉଥିବାର ବିତରଣ, ବାଣିଜ୍ୟ ସମ୍ପ୍ରସାରଣ, ଲାଭ ଏବଂ ପ୍ରଦର୍ଶନ କ୍ଷତିଗ୍ରସ୍ତ ହେବ ନାହିଁ ବୋଲି ରାମଦେବ ନିବେଶକଙ୍କୁ ଭରସା ଦେଇଛନ୍ତି। ଅପରପକ୍ଷରେ କମ୍ପାନୀର ୬% ଅଂଶଧନ ପବ୍ଲିକ୍‌ଙ୍କ ନିକଟକୁ ହସ୍ତାନ୍ତର କରିବୁ। ତେବେ ବଜାର ପ୍ରଭାବିତ ଥିବାରୁ ଏହା ବିଳମ୍ବ ହୋଇଛି। ଚଳିତ ଆର୍ଥିକ ବର୍ଷ ଶେଷ ହେବା ପରେ ୨୦୨୩ ଏପ୍ରିଲରେ ଏଫ୍‌ପିଓ ନେଇ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ହେବ ବୋଲି ରାମଦେବ ସ୍ପଷ୍ଟ କରିଛନ୍ତି।

# ପ୍ରିପ୍‌ଲାଡରର ବାଜିମାତ୍

ନୂଆଦିଲ୍ଲୀ,୧୭।୩

ଦେଶର ପ୍ରମୁଖ ଅନ୍‌ଲାଇନ ମେଡିକାଲ ପ୍ରସ୍ତୁତି ପ୍ଲାଟ୍‌ଫର୍ମ ‘ପ୍ରିପ୍‌ଲାଡର’ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍) ପୋଷ୍ଟ ଗ୍ରାଜୁଏଶନ (ପିଜି)-୨୦୨୩ ବା ନିଟ୍ ପିଜି-୨୦୨୩ ପରୀକ୍ଷା ଫଳାଫଳରେ ବାଜିମାତ୍ କରିଥିବା ସୂଚନା ମିଳିଛି। ଏପରିକି ନିଟ୍ ପିଜି-୨୦୨୩ ପରୀକ୍ଷା ଫଳାଫଳ ଅନୁସାରେ ଶ୍ରେଷ୍ଠ ୧୦ଜଣ ସର୍ବଭାରତୀୟ ର୍‍ୟାଙ୍କଧାରୀ (ଏଆଇଆର୍)ଙ୍କ ମଧ୍ୟରୁ ୮ ଛାତ୍ର ପ୍ରିପ୍‌ଲାଡରର ବୋଲି ଜଣାପଡ଼ିଛି। ଅପରପକ୍ଷରେ ନ୍ୟାଶନାଲ ବୋର୍ଡ ଅଫ୍ ଏକ୍ସାମିନେନ୍ସ(ଏନ୍‌ବିଇ) ଦ୍ୱାରା ପରିଚାଳିତ ନିଟ୍ ପିଜି-୨୦୨୩ ପରୀକ୍ଷାର ଫଳାଫଳ ନିକଟରେ ପ୍ରକାଶ ପାଇଛି। ଉକ୍ତ ଫଳାଫଳ ଅନୁଯାୟୀ ଏଆଇଆର୍ ଧାରୀଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। ଉକ୍ତ ନାମ ଅନୁସାରେ ଶ୍ରେଷ୍ଠ-୧୦ (ଟପ୍-୧୦) ର୍‍ୟାଙ୍କରେ ପ୍ରିପ୍‌ଲାଡରର ୮ଜଣ ଛାତ୍ର ସାମିଲ ଥିବା ଜଣାପଡ଼ିଛି। ଏପରିକି ଶ୍ରେଷ୍ଠ ୧୦ ଏଆଇଆର୍ ର୍‍ୟାଙ୍କଧାରୀଙ୍କ ମଧ୍ୟରୁ ୮ଜଣ ପ୍ରିପ୍‌ଲାଡରର ଏବଂ ଉକ୍ତ ୮ର୍‍ୟାଙ୍କଧାରୀଙ୍କ ମଧ୍ୟରେ ଏଆଇଆର୍ ୧, ୨, ୩, ୪, ୫, ୬, ୭ ଏବଂ ୧୦ ର୍‍ୟାଙ୍କ ଅନ୍ତର୍ଭୁକ୍ତ ରହିଛି। ବିଶେଷକରି ନିଟ୍ ପିଜି, ଏମ୍‌ବିବିଏସ୍ ସ୍ନାତକମାନଙ୍କ ପାଇଁ ଏକ ଜାତୀୟ ସ୍ତରର ଯୋଗ୍ୟତା ଏବଂ ର୍‍ୟାଙ୍କିଙ୍ଗ୍ ପରୀକ୍ଷା,ଯାହାକି ଦେଶର ସରକାରୀ ଏବଂ ବେସରକାରୀ ମେଡିକାଲଗୁଡ଼ିକରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବାକୁ ଅନୁସରଣ କରିବାକୁ ହୋଇଥାଏ। ଉଲ୍ଲେଖଯୋଗ୍ୟ, ପ୍ରିପ୍‌ଲାଡରର ଶ୍ରେଷ୍ଠ ସ୍କୋରରଙ୍କ ମଧ୍ୟରେ ଜୟପୁରର ଡା. ଆରୁଷୀ ନରୱାନି ୮୦୦ରୁ ୭୨୫ ସହ ଏଆଇଆର୍-୧ରେ ସ୍ଥାନ ପାଇଛନ୍ତି। ସେହିଭଳି ଭଡୋଦରାରୁ ଡା. ପ୍ରେମ ତିଲକ ପାଲାନି- ଏଆଇଆର୍-୨, ଚାର୍କି ଦାଦ୍ରିରୁ ଡା. ରୂପେଶ ଥୋଲିଆ ଏଆଇଆର୍-୩ ସ୍ଥାନରେ ରହିଛନ୍ତି। ଏପରିକି ୧୨ ଓ ୩ ର୍‍ୟାଙ୍କର ଛାତ୍ର ଉଭୟ ୭୨୧ ନମ୍ବର ହାସଲ କରିଛନ୍ତି। ସେହିପରି ଭଡୋଦରାରୁ ଡା. ଆକାଶ ସେଠୀ ଏଆଇଆର୍-୪ (୭୧୮), ମୁମ୍ବାଇର ଡା. ମାଚାଭେ ଆମିୟା ପ୍ରସାଦ ଏଆଇଆର୍-୫ (୭୧୭), ଲଡ୍‌ୱାରୁ ଡା. କେଶବ ଗର୍ଗ ଏଆଇଆର୍-୬ (୭୧୬) ଏବଂ ଦିଲ୍ଲୀରୁ ଡା. ସାଗର ଲାମ୍ବା ଏଆଇଆର୍-୧୦ (୭୧୧) ସ୍ଥାନରେ ରହିଛନ୍ତି।

# ଟିଏସ୍‌ଏମ୍‌ଏଲ୍‌କୁ ଉତ୍କର୍ଷ ପୁରସ୍କାର

ନୂଆଦିଲ୍ଲୀ,୧୭।୩



ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍)କୁ ନିକଟରେ ଆଉ ଏକ ଜାତୀୟ ସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ଦୀର୍ଘସ୍ଥାୟୀ ଜଳ ପରିଚାଳନା ପାଇଁ ଟାଟା ଷ୍ଟିଲ୍ ମାଇନିଂର ଉନ୍ନତ ପ୍ରଯୁକ୍ତି ଓ ସମାଧାନ ବ୍ୟବସ୍ଥାକୁ ହୃଦୟଙ୍ଗମ କରି ଶ୍ରେଷ୍ଠ ଦୀର୍ଘସ୍ଥାୟୀ ଜଳ ପରିଚାଳନା ଓ ଘରୋଇ କ୍ଷେତ୍ର ବର୍ଗରେ ଟିଏସ୍‌ଏମ୍‌ଏଲ୍‌କୁ ‘ୱାଟର ଡାଇଜେଷ୍ଟ ୱାଟର ଆୱାର୍ଡ୍ସ’ସମ୍ମାନରେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଜଳ ପତ୍ରିକା ୱାଟର ଡାଇଜେଷ୍ଟ ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଟିଏସ୍‌ଏମ୍‌ଏଲ୍‌କୁ ସମ୍ମାନଜନକ ଉତ୍କର୍ଷ ପୁରସ୍କାର ଦିଆଯାଇଛି। ଏପରିକି ୱାଟର ଡାଇଜେଷ୍ଟ ଓ ୟୁନେସ୍କୋ ମିଳିତ ସହଭାଗିତାରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଟିଏସ୍‌ଏମ୍‌ଏଲ୍‌କୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟାଟା ଷ୍ଟିଲ୍ ମାଇନିଂକୁ ସମ୍ବର୍ଦ୍ଧିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଏଭଳି ଏକ ସମ୍ମାନଜନକ ପୁରସ୍କାର ଜିତିବା ଆମ ପାଇଁ ବାସ୍ତବରେ ଗର୍ବର ବିଷୟ। ବିଶେଷକରି ଜଳ ସଂରକ୍ଷଣ ଓ ଜଳର ଉଚିତ ପରିଚାଳନା ଲାଗି ଆମର ରହିଥିବା ଅତୁଟ ପ୍ରତିବଦ୍ଧତା ଓ ଦୃଢ଼ତାକୁ ମାନ୍ୟତା ଦେଇଥିବାରୁ ଜୁରି ସଦସ୍ୟମାନଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀଠାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀଙ୍କଠାରୁ ଟାଟା ଷ୍ଟିଲ୍ ମାଇନିଂର ବରିଷ୍ଠ ମହାପ୍ରବନ୍ଧକ ବିଭୁଦତ୍ତ ମହାନ୍ତି ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି।

# ଏଚ୍ ଆଣ୍ଡ ଏମ୍‌ର ଏକ୍ସକ୍ଲୁସିଭ କଲେକ୍ସନ

ଭୁବନେଶ୍ୱର,୧୭।୩



ଦେଶର ପ୍ରମୁଖ ରିଟେଲ ଗାର୍ମେଟ ଚେନ୍ ‘ଏଚ୍ ଆଣ୍ଡ ଏମ୍’ର ଏକ୍ସକ୍ଲୁସିଭ କଲେକ୍ସନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ବର୍ଷ ବସନ୍ତଋତୁ ଅବସରରେ ଉକ୍ତ ସଂଗ୍ରହ ନୂତନ ଋତୁ ପାଇଁ ଷ୍ଟାଇଲ ପରିବର୍ତ୍ତନର ସମ୍ଭାବନାକୁ ଅନୁସନ୍ଧାନ ଜାରି ରଖିଛି। ଏପରିକି ପୌରାଣିକ ଦ୍ୱୀପ ଇସ୍ଲା ହେନେସ୍ ଦ୍ୱାରା ଅନୁପ୍ରାଣିତ ହୋଇଛି। ଉକ୍ତ ସଂଗ୍ରହ ଗ୍ରାହକମାନଙ୍କୁ ପରୀକ୍ଷଣ କରିବାକୁ ସୁଯୋଗ ଦେଇଥାଏ। ସେହିଭଳି ବିଭିନ୍ନ ପ୍ରକାର କ୍ରାଫ୍ଟ ସଫ୍ଟ ଟୋନ୍, ବୋଲ୍ଡ ଆକୃତି ଏବଂ ଟ୍ୟାକ୍ଟିଲ୍ ଟେକ୍ସଚର ପ୍ରଦାନ କରିଥାଏ। ଏଚ୍ ଆଣ୍ଡ ଏମ୍ ବସନ୍ତ ୨୦୨୩ ସଂଗ୍ରହ ଦୁଇଟି ଡ୍ରପ୍‌ରେ ଆରମ୍ଭ ହେବ। ପ୍ରି-ସ୍ପ୍ରିଙ୍ଗ୍ ଚଳିତ ବର୍ଷ ମାର୍ଚ୍ଚ ୨ୟ ସପ୍ତାହରୁ ଏବଂ ମାର୍ଚ୍ଚ ୩୦ରେ ସ୍ପ୍ରିଙ୍ଗ୍ କଲେକ୍ସନ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ଷ୍ଟୋରରେ ଉପଲବ୍ଧ ହେବ। ଏ ସମ୍ପର୍କରେ କନ୍‌ସେପ୍ଟ ଡିଜାଇନର ଏଲିନା ମାସ୍‌ଗାଲୋସ୍ କହିଛନ୍ତି, ଏଚ୍ ଆଣ୍ଡ ଏମ୍‌ରେ ଆମେ ସମ୍ଭାବନାର ଏକ ନୂତନ ପରିଚୟ ଦେଖୁ। ଆମେ ଆଶା କରୁ ଉପରୋକ୍ତ ସଂଗ୍ରହ ଆମ ଗ୍ରାହକମାନଙ୍କୁ ବିଭିନ୍ନ ସୌନ୍ଦର୍ଯ୍ୟକରଣ ମାଧ୍ୟମରେ ଭ୍ରମଣ କରିବାକୁ ଉତ୍ସାହିତ କରିବ ଏବଂ ଇଲେକ୍ଟ୍ରିକ୍ ଖଣ୍ଡ ଦ୍ୱାରା ଅନୁପ୍ରାଣିତ ହୁଅନ୍ତି। ଅପରପକ୍ଷରେ ଏହି ସଂଗ୍ରହକୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା ପ୍ରି-ସ୍ପ୍ରିଙ୍ଗ୍ ଏବଂ ସ୍ପ୍ରିଙ୍ଗ୍। ପ୍ରତ୍ୟେକ ଉନ୍ମୋଚନରେ ୪ଟି ଥିମ୍ ଏକ ଭିନ୍ନ କାହାଣୀ କହିଥାଏ,ଯାହା ଇସ୍ଲା ହେନେସରେ ପରିବର୍ତ୍ତନ ପାଇଁ ଯୋଗ ଦେଖାଇଥାଏ।


# Classified Everyday
**0674-2580101, 2549949**


AUTOMOBILE

SALE

Ashok Leyland Linx AC Bus 2015 & Ford Figo 2017 for sale. Contact: 8908213777. D-71558


REAL ESTATE

SALE

**2BHK and 3BHK few flats for sale at Kalinga Vihar near Tata Ariana. Contact: 9437309741.** D-2952

Mega Duplex at project Retang Medical, Station, near CV Raman Tamando, Bhubaneswar. 7008459987. D-74825

**Immediate ଘରକରି ରହିବା ପାଇଁ ବାଳକାଟୀରେ sqft. 1100/- ରେ ଘରବାରି plot ମିଳୁଛି। 8114929186.** D-74660

North & West facing commercial 60’x45’ (2,700sqft.) corner freehold plot in Sahid Nagar. 7205845077. D-74525

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

ଭୁବନେଶ୍ୱର-ପୁରୀ **Bypass** ସାଇ ମନ୍ଦିର **NH side,** ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ **30ft.** ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। **9937450545.** D-74830

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/-, ଛତାବର 1200sqft.-5,40,000/-, ନଖରା-300/-. 6371569855. D-74832

Buy/ Sale Property-8984071303. 4BHK Duplex at Jharpada- 1.5crore and Nandankanan-89 Lakh. Residential Land at Brahamanajharilo-700, Chandaka-1100, Trinath Bazar-1150, Aiims-1200, Mancheswar- 1400, Tamando- 2000, Hanspal- 2300. D-3006

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74526

Yellowzone plot size1250 sqft. near to Ravi Talkies, Tankapani road, BBSR. Price 2400/- per sqft. for sale. Contact- 9437932367. D-73373

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/-, ଛତାବର 1200sqft.-5,40,000/-, ନଖରା-300/-. 6371569855. D-74832

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


CONSTRUCTION

**Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74826

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।


FOR RENT

Three Storied commercial building 580 sqft. total for rent at Bapuji Nagar Durga Mandir lane, Bhubaneswar. Contact: 9439900099, 9438140610. D-71370




Newly open full body massage ladies and gents. 8327740003, 9861883292. D-74659

“Only Professional body massage, Steam-Bath & Body Scrubbing. 9861550765”. D-2985

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74656

All types of Professional body massage by professional therapy. Contact: 9556924059 / 7077933109. D-2996

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

**Relax, Refresh your Body, Mind at Saikrupa Spa with best therapies. 8984068077.** D-2932

All types body massage with hiprofile smart lady, room services available. 9937833100. D-71366

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I Abdul Jabbar Mohammad, R/o. Village- Binapur, P.S.- Boden, Dist. Nuapada declare that my name is mentioned in my Educational certificate as Abdul Jabar Mohammad, but in my Aadhaar card and Bank Passbook mentioned as Abdul Jabbar Mohammad. That the names Abdul Jabbar Mohammad and Abdul Jabar Mohammad is one and same person. D-3011

I Pramila Behera alias Manorama Parida (40 year) W/o- Purnachandra Parida, Vill/PO- Andheipalli, Dist.- Bhadrak. I have an LIC Policy bearing No.- 586566899, where my name is Pramila Behera. after marriage my name is Manorama Parida as per my Aadhaar Card. Pramila Behera and Manorama Parida same and one person. D-3012

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰କମଳାମଣି ଦେବୀ**

ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ

ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମର ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରି ଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୭୪୪୦୧


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ତ୍ରିସା-ଗାୟତ୍ରୀ ସେମିଫାଇନାଲରେ

**ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

**ବର୍ମିଂହାମ୍, ୧୭।୩ (ପି.ଟି.):** ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତୀୟ ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ୧୭ ନମ୍ବର ମାନ୍ୟତାପ୍ରାପ୍ତ ଏହି ଭାରତୀୟ ଯୋଡ଼ି ୨୧-୧୪, ୧୮-୨୧, ୨୧-୧୨ରେ ନବଗଠିତ ଚାଇନିଜ ଯୋଡ଼ି ଲି ୱେନ ମେଇ ଏବଂ ଲିୟୁ ଜୁଆନ୍ ଜୁଆନ୍‌ଙ୍କୁ ହରାଇ ଦେଇଛନ୍ତି। ତ୍ରିସା-ଗାୟତ୍ରୀ ଯୋଡ଼ିଙ୍କୁ ଛାଡ଼ିଦେଲେ ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ଅନ୍ୟ ଭାରତୀୟ ଖେଳାଳିମାନେ ପରାଜିତ ହୋଇ ବିଦାୟ ନେଇ ସାରିଛନ୍ତି। ବର୍ତ୍ତମାନ ସେମାନେ ୮ମ ସିଡ୍ ଇଣ୍ଡୋନେସିଆର ଆପ୍ରିୟାନୀ ରାହାୟୁ ଓ ସିତି ଫାଦିଆ ସିଲ୍‌ଭା ରାମାଧାନ୍ତି କିମ୍ବା କୋରିଆର ବେକ୍ ହା ନା ଓ ଲି ସୋ ହି ଯୋଡ଼ିକୁ ଭେଟିବେ। ଗାୟତ୍ରୀ ଓ ତ୍ରିସା ଗତ ସଂସ୍କରଣରେ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେଥର ସେମାନଙ୍କୁ ଶେଷ ମୁହୂର୍ତ୍ତରେ ମୁଖ୍ୟ ଡ୍ର’ରେ ସ୍ଥାନ ମିଳିଥିଲା। ଏଥର କିନ୍ତୁ ଅଭିଜ୍ଞତା ଦୃଷ୍ଟିରୁ ସେମାନଙ୍କୁ ମୁଖ୍ୟ ଡ୍ର’ରେ ସ୍ଥାନ ମିଳିଛି। ଏଥର କିନ୍ତୁ ଅଭିଜ୍ଞତାକୁ ବିଚାର କରାଯାଇ ସେମାନଙ୍କୁ ମୁଖ୍ୟ ଡ୍ର’ରେ ସ୍ଥାନ ମିଳିଛି। ଗତବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେମାନଙ୍କୁ ବ୍ରୋଞ୍ଜ ପଦକ ମିଳିଥିଲା। ଫେବୃୟାରୀରେ ଅନୁଷ୍ଠିତ ବ୍ୟାଡ୍‌ମିଣ୍ଟନ ଏସିଆ ମିକ୍ସଡ ଟିମ୍ ଚାମ୍ପିୟନଶିପ୍‌ରେ ଏହି ଭାରତୀୟ ଯୋଡ଼ି ସେମାନଙ୍କଠାରୁ ଉଚ୍ଚ ର୍‍ୟାଙ୍କିଂପ୍ରାପ୍ତ ବିଶ୍ୱର ୭ ନମ୍ବର ଟାନ୍ ପିଅର୍ଲି ଓ ଥିନା ମୁରଲୀଧରନଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ତ୍ରିସା-ଗାୟତ୍ରୀ ଯୋଡ଼ି ପୂର୍ବ ରାଉଣ୍ଡଗୁଡ଼ିକରେ ୭ମ ସିଡ୍ ଥାଇଲାଣ୍ଡର ଜଙ୍ଗ୍‌କୋଲଫାନ୍ କିତିଥରାକୁଲ୍ ଓ ରବୀନ୍ଦ୍ର ପ୍ରଜଙ୍ଗଜାଇ ଏବଂ ବିଶ୍ୱର ପୂର୍ବତନ ନମ୍ବର ୱାନ ଯୋଡ଼ି ଜାପାନର ୟୁକି ଫୁକୁଶିମା ଓ ସାୟାକା ହିରୋତାଙ୍କୁ ପରାସ୍ତ କରିଥିଲେ।



ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ମ୍ୟାଚ ଜିତିବାପରେ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ।

# ସୁଆଙ୍ଗ-ଗଙ୍ଗପଡ଼ା ଫାଇନାଲ

**ପୁରୁଣା ଭୁବନେଶ୍ୱର, ୧୭।୩ (ଡି.ଏନ୍.ଏ.):** ଚ୍ୟାଲେଞ୍ଜ୍ କପ୍ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ସୁଆଙ୍ଗ ପଡ଼ିଆରେ ଚାଲିଥିବା ୫ମ ଆଧାରକାର୍ଡ କ୍ରିକେଟ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ସୁଆଙ୍ଗ ଓ ଗଙ୍ଗପଡ଼ା ଦଳ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲ ଗଙ୍ଗପଡ଼ା ଓ ଗୁରୁଜଙ୍ଗ ମଧ୍ୟରେ ହୋଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗଙ୍ଗପଡ଼ା ଦଳ ନିର୍ଦ୍ଧାରିତ ୧୫ ଓଭରରେ ୧୨୧ ରନକରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଗୁରୁଜଙ୍ଗ ପୂରା ୧୫ ଓଭର ଖେଳିଥିଲେ ହେଁ ୭ ଉଇକେଟ ହରାଇ ୧୧୪ ରନ କରିବାକୁ ସକ୍ଷମ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ସୁଆଙ୍ଗ ଓ ବାଲିଆପଡ଼ା ମଧ୍ୟରେ ହୋଇଥିଲା। ସୁଆଙ୍ଗ ୧୪୮ ରନରେ ଅଲ୍‌ଆଉଟ ହୋଇଥିବାବେଳେ ବାଲିଆପଡ଼ା ୧୧୬ ରନ ମଧ୍ୟରେ ସମସ୍ତ ଉଇକେଟ ହରାଇଥିଲା। ଦୁଇ ସେମିଫାଇନାଲରେ ରଶ୍ମିରଞ୍ଜନ ଜେନା ଓ ସମିତ୍ରା ସେଠୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମନୋଜ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରିୟବ୍ରତ ପାତ୍ର ଓ ଚିତ୍ତରଞ୍ଜନ ସିଂ ମ୍ୟାଚ ପରିଚାଳନା କରିଥିବାବେଳେ ଦିବ୍ୟାଂଶୁ ଶେଖର ସାହୁ ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ।





ହକି ଇଣ୍ଡିଆ ପୁରସ୍କାର ବିଜୟୀ ଖେଳାଳିମାନେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଓ ଅନ୍ୟ ଅତିଥିଙ୍କ ଗହଣରେ।

# ସବିତା, ହାର୍ଦ୍ଦିକ 'ପ୍ଲେୟର ଅଫ୍ ଦି ଇୟର'

**ନୂଆଦିଲ୍ଲୀ, ୧୭।୩**

ହକି ଇଣ୍ଡିଆର ୫ମ ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସବିତା ପୁନିଆ ଓ ହାର୍ଦ୍ଦିକ ସିଂ ଯଥାକ୍ରମେ ମହିଳା ଓ ପୁରୁଷ ବର୍ଗରେ 'ପ୍ଲେୟର ଅଫ୍ ଦି ଇୟର' ପୁରସ୍କାର ପାଇଛନ୍ତି। ୧୯୬୪ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଗୁରବକ୍ସ ସିଂ ୨୦୨୨ ବର୍ଷ ପାଇଁ ସମ୍ମାନଜନକ ମେଜର ଧ୍ୟାନ ଚାନ୍ଦ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପାଇଛନ୍ତି। ପୁରସ୍କାର ଆକାରରେ ତାଙ୍କୁ ଏକ ଟ୍ରଫି ସହ ୩୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ୧୯୬୮ ମେକ୍ସିକୋ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ଯୁଗ୍ମ ଅଧିନାୟକ ଥିବା ଗୁରବକ୍ସ ୧୯୬୬ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। କୋଭିଡ-୧୯ ପାଇଁ ସ୍ଥଗିତ ରହିଥିବା ହକି ଇଣ୍ଡିଆ ପୁରସ୍କାର ମଧ୍ୟ ଏହି ଉତ୍ସବରେ ପ୍ରଦାନ କରାଯାଇଥିଲା। ୧୯୫୬ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଅମିତ ସିଂ ବକ୍ସି ୨୦୨୧ ବର୍ଷ ପାଇଁ ମେଜର ଧ୍ୟାନ ଚାନ୍ଦ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ହାସଲ କରିଥିଲେ। ପୁରସ୍କାର ଆକାରରେ ବିଜେତା ମାନଙ୍କୁ ୨.୭ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର, କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିଜୁ, କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ତୋମାର, ହକି ଇଣ୍ଡିଆ ସଭାପତି ଦିଲୀପ ଟିର୍କୀ, ମହାସଚିବ ଭୋଲା ନାଥ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏଫ୍ଆଇଏଚ୍ ପୁରସ୍କାର ବିଜେତା ଏବଂ ଅନ୍ତର୍ଜାତୀୟ ହକି ମ୍ୟାଚ ଖେଳିବାରେ ମାଇଲଖୁଣ୍ଟ ସ୍ପର୍ଶ କରିଥିବା ଖେଳାଳିଙ୍କୁ ମଧ୍ୟ ହକି ଇଣ୍ଡିଆ ପକ୍ଷରୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

**ଗୁରବକ୍ସ ସିଂଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ**





ଗୁରବକ୍ସ ସିଂଙ୍କୁ ପୁରସ୍କୃତ କରୁଛନ୍ତି ହକି ଇଣ୍ଡିଆ ସଭାପତି ଦିଲୀପ ଟିର୍କୀ।

## ହକି ଇଣ୍ଡିଆ ପୁରସ୍କାର

- ମେଜର ଧ୍ୟାନ ଚାନ୍ଦ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ: ଗୁରବକ୍ସ ସିଂ (୩୦ ଲକ୍ଷ ଟଙ୍କା)
- ବଲବୀର ସିଂ ସିନିୟର ପ୍ଲେୟର ଅଫ୍ ଦି ଇୟର (ପୁରୁଷ): ହାର୍ଦ୍ଦିକ ସିଂ (୨୫ ଲକ୍ଷ ଟଙ୍କା)
- ବଲବୀର ସିଂ ସିନିୟର ପ୍ଲେୟର ଅଫ୍ ଦି ଇୟର (ମହିଳା): ସବିତା (୨୫ ଲକ୍ଷ ଟଙ୍କା)
- ଯୁଗରାଜ ସିଂ ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର (ପୁରୁଷ): ଉତ୍ତମ ସିଂ (୧୦ ଲକ୍ଷ)
- ଅସୁନ୍ତା ଲାକ୍ରା ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର (ମହିଳା): ମୁମତାଜ ଖାଁ (୧୦ ଲକ୍ଷ)
- ଧନରାଜ ପିଲେ ଫରୱାର୍ଡ ଅଫ୍ ଦି ଇୟର: ବନ୍ଦନା କାଟରିଆ (୫ ଲକ୍ଷ)
- ଅଜିତ ପାଲ୍ ସିଂ ମିଡ୍‌ଫିଲ୍ଡର ଅଫ୍ ଦି ଇୟର: ସୁଶିଳା ଚାନୁ ପୁଖରାମବାମ୍ (୫ ଲକ୍ଷ)
- ପର୍ଗତ ସିଂ ଡିଫେଣ୍ଡର ଅଫ୍ ଦି ଇୟର: ହରମନପ୍ରୀତ ସିଂ (୫ ଲକ୍ଷ)
- ବଲଜିତ ସିଂ ଗୋଲ୍‌କିପର ଅଫ୍ ଦି ଇୟର: କ୍ରିଶନ ବାହାଦୁର ପାଠକ (୫ ଲକ୍ଷ)
- ଜମନ ଲାଲ ଶର୍ମା ଆୱାର୍ଡ ଫର ଇନ୍‌ଭାଲ୍ୟୁଏବଲ୍ କଣ୍ଟ୍ରିବ୍ୟୁଶନ: ପ୍ରୀତମ ସିୱାଚ (୫ ଲକ୍ଷ)
- ହକି ଇଣ୍ଡିଆ ପ୍ରେସିଡେଣ୍ଟ୍ସ ଆୱାର୍ଡ: ହକି ଏସ୍ ଫାଉଣ୍ଡେଶନ (୫ ଲକ୍ଷ)
- ହକି ଇଣ୍ଡିଆ ପ୍ରେସିଡେଣ୍ଟ୍ସ ଆୱାର୍ଡ ଫର ଅମ୍ପାୟର/ଅମ୍ପାୟର ମ୍ୟାନେଜର: ଗୁରିନ୍ଦର ସିଂ ସାଙ୍ଘା (୨.୫୦ ଲକ୍ଷ)
- ହକି ଇଣ୍ଡିଆ ପ୍ରେସିଡେଣ୍ଟ୍ସ ଆୱାର୍ଡ ଫର ଟେକ୍ନିକାଲ ଅଫିସିଆଲ: ମହମ୍ମଦ ମୋଗୁଲ ମୁନିର (୨.୫୦ ଲକ୍ଷ)

## ଅନ୍ୟ ପୁରସ୍କାରରେ ସମ୍ମାନିତ

- ଏଫ୍ଆଇଏଚ୍ ପ୍ଲେୟର ଅଫ୍ ଦି ଇୟର (ପୁରୁଷ): ହରମନପ୍ରୀତ ସିଂ (୧୦ ଲକ୍ଷ)
- ଏଫ୍ଆଇଏଚ୍ ଗୋଲକିପର ଅଫ୍ ଦି ଇୟର (ପୁରୁଷ): ପି.ଆର. ଶ୍ରୀଜେଶ (୫ ଲକ୍ଷ)
- ଏଫ୍ଆଇଏଚ୍ ଗୋଲକିପର ଅଫ୍ ଦି ଇୟର (ମହିଳା): ସବିତା (୫ ଲକ୍ଷ)
- ଏଫ୍ଆଇଏଚ୍ କୋଚ୍ ଅଫ୍ ଦି ଇୟର (ମହିଳା): ଜାନେକ ସ୍କୁପମାନ (୫ ଲକ୍ଷ)
- ଏଫ୍ଆଇଏଚ୍ ରାଇଜିଂ ଷ୍ଟାର ଅଫ୍ ଦି ଇୟର (ମହିଳା): ମୁମତାଜ ଖାଁ (୫ ଲକ୍ଷ)
- ୩୦୦ ଅନ୍ତର୍ଜାତୀୟ ମ୍ୟାଚ: ମନପ୍ରୀତ ସିଂ (୩ ଲକ୍ଷ)
- ୨୫୦ ଅନ୍ତର୍ଜାତୀୟ ମ୍ୟାଚ: ରାଣୀ ରାମପାଲ (୨.୫୦ ଲକ୍ଷ)
- ୨୦୦ ଅନ୍ତର୍ଜାତୀୟ ମ୍ୟାଚ: ମନଦୀପ ସିଂ (୨.୦୦ ଲକ୍ଷ)
- ୨୦୦ ଅନ୍ତର୍ଜାତୀୟ ମ୍ୟାଚ: ନବଜୋତ କୌର (୨.୦୦ ଲକ୍ଷ)
- ୧୫୦ ଅନ୍ତର୍ଜାତୀୟ ମ୍ୟାଚ: ହରମନପ୍ରୀତ ସିଂ (୧.୫୦ ଲକ୍ଷ)
- ୧୫୦ ଅନ୍ତର୍ଜାତୀୟ ମ୍ୟାଚ ପରିଚାଳନା (ଅମ୍ପାୟର) ଜାଭେଦ ଶେଖ୍ (୧.୫୦ ଲକ୍ଷ)
- ୧୦୦ ଅନ୍ତର୍ଜାତୀୟ ମ୍ୟାଚ: ନେହା (୧.୦୦ ଲକ୍ଷ)
- ୧୦୦ ଅନ୍ତର୍ଜାତୀୟ ମ୍ୟାଚ: ନବନୀତ କୌର (୧.୦୦ ଲକ୍ଷ)
- ୧୦୦ ଅନ୍ତର୍ଜାତୀୟ ମ୍ୟାଚ: ଲାଲରେମସିଆମି (୧.୦୦ ଲକ୍ଷ)
- ଡେବ୍ୟୁ ମ୍ୟାଚରେ ଗୋଲ: କାର୍ଥି ସେଲଭାମ (୧.୦୦ ଲକ୍ଷ)
- ଏଫ୍ଆଇଏଚ୍ ହକି ପ୍ରୋ ଲିଗ୍ ଟପ୍ ଗୋଲ ସ୍କୋରର (ପୁରୁଷ): ହରମନପ୍ରୀତ ସିଂ (୧.୦୦ ଲକ୍ଷ)
- ଏଫ୍ଆଇଏଚ୍ ହକି ମହିଳା ନେସନ୍ସ କପ୍‌ରେ ଶ୍ରେଷ୍ଠ ଗୋଲକିପର: ସବିତା (୧.୦୦ ଲକ୍ଷ)
- ସୁଲତାନ ଜୋହର କପ୍ ହକିରେ ଟପ୍ ଗୋଲ ସ୍କୋରର: ସାରଦା ନନ୍ଦ ତିୱାରୀ (୧.୦୦ ଲକ୍ଷ)।

# ଜାତୀୟ ମହାସଂଘ ବିରୋଧରେ ଗଲେ ଡଚ୍ ବକ୍ସର

**ନୂଆଦିଲ୍ଲୀ, ୧୭।୩ (ପି.ଟି.)**

ଡଚ୍ ବକ୍ସର ମେଗାନ୍ ଡି’ କ୍ଲେର୍ ତାଙ୍କ ଜାତୀୟ ମହାସଂଘ ବିରୁଦ୍ଧରେ ଯାଇଛନ୍ତି। ଏଠାରେ ଚାଲିଥିବା ମହିଳା ବିଶ୍ୱ ଚାମ୍ପିୟନଶିପ୍‌କୁ ବର୍ଜନ କରିଥିବା ୧୧ଟି ଦେଶ ମଧ୍ୟରେ ସେ ଏକ ମାତ୍ର ବକ୍ସର ଭାବେ ଭାଗ ନେଇଛନ୍ତି। ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଆଇବା) ରୁଷିଆ ଓ ବେଲାରୁଷ ବକ୍ସରଙ୍କ ଉପରୁ ବାସନ୍ଦ ଦଣ୍ଡ ଉଠାଇଦେବା ଲାଗି ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ସେହି ଦେଶର ବକ୍ସରମାନେ ସେମାନଙ୍କ ଜାତୀୟ ପତାକା ଅଧୀନରେ ପ୍ରତିଯୋଗିତାରେ ଭାଗ ନେଇପାରିବେ। ଏହା ୟୁକ୍ରେନ୍ ବିରୁଦ୍ଧରେ ଯୁଦ୍ଧ ପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସୁପାରିସର ବିରୁଦ୍ଧାଚରଣ କରୁଛି। ରୁଷିଆ ଓ ବେଲାରୁଷକୁ ଅନୁମତି ଦିଆଯାଇଥିବାରୁ ୟୁଏସ୍ଏ, ବ୍ରିଟେନ, ଆୟର୍ଲାଣ୍ଡ, କାନାଡା, ସ୍ୱିଡେନ୍, ପୋଲାଣ୍ଡ, ନେଦରଲାଣ୍ଡସ୍, ଚେକ୍ ରିପବ୍ଲିକ, ୟୁକ୍ରେନ, ସୁଇଜରଲାଣ୍ଡ ଓ ନରୱେ ଆଦି ୧୧ଟି ଦେଶ ଚାମ୍ପିୟନଶିପକୁ ବର୍ଜନ କରିଛନ୍ତି। ଏହି ଦେଶଗୁଡ଼ିକ ମଧ୍ୟରୁ ଅନେକେ ମେ’ରେ ତାଶକେଣ୍ଟରେ ହେବାକୁଥିବା ପୁରୁଷ ବିଶ୍ୱ ଚାମ୍ପିୟନଶିପ୍‌ରୁ ଓହରିଯାଇଛନ୍ତି। ଡି’ କ୍ଲେର (୬୩ କେଜି) ଏକ ନ୍ୟୁଟ୍ରାଲ ବ୍ୟାନରରେ ଲାଇଟ୍‌ୱେଲ୍‌ଟରୱେଟ୍ କାଟେଗୋରିରେ ତାଜିକିସ୍ତାନର ନିଲୁଫର ବୋବୋୟୋରୋଭାଙ୍କୁ ହରାଇ ଦେଇଛନ୍ତି। ସେ ନେଦରଲାଣ୍ଡସ୍ ପାଇଁ ନୁହେଁ ନିଜ ଇଚ୍ଛାରେ ଏଠାକୁ ଆସିଛନ୍ତି ବୋଲି କହିଛନ୍ତି।



ମେଗାନ୍ ଡି’ କ୍ଲେର

# ଆୟର୍ଲାଣ୍ଡ ବିପକ୍ଷରେ ଟି୨୦ ସିରିଜ ଖେଳିବ ଭାରତ

**ଡବଲିନ୍, ୧୭।୩ (ପି.ଟି.):** ଭାରତୀୟ ଟି୨୦ ଦଳ ଆସନ୍ତା ଅଗଷ୍ଟରେ ଆୟର୍ଲାଣ୍ଡ ବିପକ୍ଷରେ ଏକ ୩ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବ। ଏହି ସିରିଜ ମାଲାହାଇଡ୍‌ରେ ଖେଳାଯିବ। ଏହାଦ୍ୱାରା ସ୍ଥାନୀୟ ଖେଳପ୍ରେମୀ ବିଶ୍ୱର ନମ୍ବର ୱାନ ଅନ୍ତର୍ଜାତୀୟ ଟି୨୦ ଦଳର ଖେଳ ଦେଖିବାର ସୁଯୋଗ ପାଇବେ ବୋଲି କ୍ରିକେଟ ଆୟର୍ଲାଣ୍ଡ ପ୍ରକାଶ କରିଛି। ଗତବର୍ଷ ଭାରତ ନୂଆ ଟି୨୦ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଏହି ଭେନ୍ୟୁରେ ୨ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥିଲା। ତେବେ ଆଗକୁ ଥିବା ୫୦-ଓଭର ବିଶିଷ୍ଟ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ଭାରତ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ହାର୍ଦ୍ଦିକଙ୍କୁ ଏହି ସିରିଜରେ ଖେଳାଇ ରିସ୍କ ନେବାକୁ ଚାହୁଁଛି କି ନା ତାହା ଲକ୍ଷ୍ୟ କରିବାର କଥା। ଅଗଷ୍ଟ ୧୮ରୁ ୨୩ ପର୍ଯ୍ୟନ୍ତ ଖେଳାଯିବାକୁଥିବା ଏହି ସିରିଜରୁ ଆୟର୍ଲାଣ୍ଡ କ୍ରିକେଟ ବୋର୍ଡ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବ।

# ଆଇଏସ୍ଏଲ୍ ଫାଇନାଲ ଆଜି





ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ (ବାମରୁ) ଏଟିକେଏମ୍‌ବି ଅଧିନାୟକ ପ୍ରୀତମ କୋଟାଲ, କୋଚ୍ ଜୁଆନ ଫେରାଣ୍ଡୋ, ବେଙ୍ଗାଲୁରୁ ଏଫ୍‌ସି କୋଚ୍ ସିମନ ଗ୍ରେସନ ଓ ଅଧିନାୟକ ସୁନୀଲ ଛେତ୍ରୀ।

**ମାର୍ଗାଓ, ୧୭।୩ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଫାଇନାଲ ଶନିବାର ଏଠାରେ ଅନୁଷ୍ଠିତ ହେବ। ଜବାହରଲାଲ ନେହେରୁ ଷ୍ଟାଡିୟମରେ ଏଟିକେ ମୋହନ ବାଗାନ (ଏଟିକେଏମ୍‌ବି) ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ମ୍ୟାଚ ଖେଳାଯିବ। ମୋହନ ବାଗାନ ସହିତ ମିଶିବା ପୂର୍ବରୁ ଏଟିକେ ଟାଇଟଲ ବିଜୟୀ ହୋଇ ସାରିଛି । ତେବେ ଏଟିକେ ମୋହନ ବାଗାନ ଏଥର ଆଇଏସ୍ଏଲ୍ ଟାଇଟଲ ସନ୍ଧାନରେ ରହିଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁ ଏଫ୍‌ସି ଦ୍ୱିତୀୟ ଟାଇଟଲ ଲକ୍ଷ୍ୟରେ ଅଛି। ଏଟିକେଏମ୍‌ବି ୫ ମ୍ୟାଚରେ ଅପରାଜେୟ ରହିଛି। ଗୋଟିଏ ମାତ୍ର ମ୍ୟାଚରେ ଗୋଲ ବରଣ କରିଥିବାବେଳେ ଅନ୍ୟ ୪ଟି ମ୍ୟାଚରେ କ୍ଲିନ୍ ଶିଟ୍ସ ପାଇଛି। ଲିଗ୍ ପର୍ଯ୍ୟାୟରେ ଡିଫେନ୍ସ ବିଭାଗ ହିଁ ଦଳର ମୁଖ୍ୟ ଶକ୍ତିଭାବେ ଉଭା ହୋଇଥିଲା। ପୂରା ସିଜନରେ ଦଳ ମାତ୍ର ୧୭ଟି ଗୋଲ ବରଣ କରିଥିଲା। ପରିସଂଖ୍ୟାନ ଅନୁସାରେ ହାଇଦ୍ରାବାଦ ଏଫ୍‌ସି ପଛକୁ ଏହା ଦ୍ୱିତୀୟ ଶ୍ରେଷ୍ଠ ଡିଫେନ୍ସିଭ ଦଳ। ପ୍ରୀତମ କୋଟାଲ ଓ ବ୍ରେଣ୍ଡନ ହମିଲ ସବୁବେଳେ ପ୍ରାଚୀର ସଦୃଶ ବିପକ୍ଷ ଦଳ ସମ୍ମୁଖରେ ଛିଡ଼ା ହୋଇଛନ୍ତି। ଶେଷ ୪ ଗେମ୍‌ରେ ହମିଲଙ୍କ ସ୍ଥାନରେ ସ୍ଲାଭ୍‌କୋ ଡାମଜାନୋଭିକ୍‌ଙ୍କୁ ସୁଯୋଗ ଦିଆଯାଇଥିଲେ ମଧ୍ୟ ସେ ଚମତ୍କାର ପ୍ରଦର୍ଶନ କରିଛନ୍ତି।

**ଏଟିକେ ମୋହନ ବାଗାନ ବନାମ ବେଙ୍ଗାଲୁରୁ ଏଫ୍‌ସି**

ଅନ୍ୟପକ୍ଷରେ ଆରମ୍ଭରୁ ଭଲ ପ୍ରଦର୍ଶନ କରିପାରି ନ ଥିଲେ ହେଁ ପରେ ସଫଳ ପ୍ରତ୍ୟାବର୍ତ୍ତନ କରି ଫାଇନାଲରେ ପ୍ରବେଶ କରିଛି ବେଙ୍ଗାଲୁରୁ ଏଫ୍‌ସି। ସେମିଫାଇନାଲର ପ୍ରଥମ ଚରଣରେ ଲିଗ୍ ଶିଲ୍ଡ ବିଜେତା ମୁମ୍ବାଇ ସିଟି ଏଫ୍‌ସି ନିକଟରୁ ହାରିଥିଲେ ହେଁ ଦ୍ୱିତୀୟ ଚରଣରେ ଆକର୍ଷଣୀୟ ପ୍ରଦର୍ଶନ କରି ଆଗକୁ ବଢ଼ିଛି। ଶେଷ ୫ଟି ମ୍ୟାଚରେ ମୁଖ୍ୟ କୋଚ୍ ସିମନ ଗ୍ରେସନ ତାରକା ଖେଳାଳି ସୁନୀଲ ଛେତ୍ରୀଙ୍କୁ ବଦଳ ଖେଳାଳିଭାବେ ବ୍ୟବହାର କରି ଫାଇଦାରେ ରହିଛନ୍ତି। ୩୮ ବର୍ଷୀୟ ଛେତ୍ରୀ ୩ଟି ମ୍ୟାଚରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟରେ ଗୋଲ ଦେଇ ଦଳକୁ ବିଜୟୀ କରାଇଛନ୍ତି। ଫାଇନାଲରେ ମଧ୍ୟ ଗ୍ରେସନ ଷ୍ଟାର୍ଟିଂ ଇଲେଭେନରେ ରୟ କ୍ରିଷ୍ଣା ଓ ପ୍ରତିଭା ସମ୍ପନ୍ନ ଶିବଶକ୍ତି ନାରାୟଣନଙ୍କୁ ନେଇ ଖେଳ ଆରମ୍ଭ କରିପାରନ୍ତି। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଶେଷ ୬ ଆଇଏସ୍ଏଲ୍ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ମାତ୍ର ଥରେ ବିଜୟୀ ହୋଇଛି। ୪ଥର ଏଟିକେଏମ୍‌ବି ବିଜୟ ହାସଲ କରିଛି।

# ଅମିତ, ପ୍ରିୟବ୍ରତଙ୍କ ଶତକ: ରାହୁଲ, ନିରଞ୍ଜନଙ୍କୁ ୫ ଉଇକେଟ

**ଭୁବନେଶ୍ୱର, ୧୭।୩ (କ୍ରୀଡ଼ା ପ୍ରତିନିଧି)**

**କଳାହାଣ୍ଡି କପ୍**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ୬ଟି ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ସମ୍ବଲପୁର, ଅନୁଗୋଳ, ବରଗଡ଼, କୋରାପୁଟ, ସୋନପୁର ଓ ଦେବଗଡ଼ ଦଳ ବିଜୟୀ ହୋଇଛନ୍ତି। ସମ୍ବଲପୁରର ଅମିତ ସୁନା (୧୧୪) ଓ ଦେବଗଡ଼ର ପ୍ରିୟବ୍ରତ ସାହୁ (୧୨୩) ଶତକ ହାସଲ କରିଥିବାବେଳେ ବରଗଡ଼ର ରାହୁଲ ଚୌଧାରୀ ଓ କୋରାପୁଟର ନିରଞ୍ଜନ ଗୌଡ଼ା ୫ ଉଇକେଟ ହାସଲ କରିଛନ୍ତି।

ରେଭେନ୍ସା ଗ୍ରାଉଣ୍ଡ-୧ରେ ସମ୍ବଲପୁର ୫ ଉଇକେଟରେ ବୌଦ୍ଧକୁ ପରାସ୍ତ କରିଛି। ବୌଦ୍ଧ ୫୦ ଓଭରରେ ୯ ଉଇକେଟ ହରାଇ ୨୧୬ ରନ କରିଥିବାବେଳେ ସମ୍ବଲପୁର ୩୧.୨ ଓଭରରେ ୫ ଉଇକେଟ ହରାଇ ୨୧୮ ରନ ସଂଗ୍ରହ କରି ନେଇଥିଲା। ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଗୋଳ ୨ ଉଇକେଟରେ କିଟ୍ ଦଳକୁ ହରାଇ ଦେଇଛି। କିଟ୍ ଦଳ ୩୦.୫ ଓଭରରେ ୧୪୩ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଅନୁଗୋଳ ୨୧.୪ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସନ୍‌ସାଇନ୍ ପଡ଼ିଆରେ ବରଗଡ଼ ୭ ଉଇକେଟରେ ନବରଙ୍ଗପୁରକୁ ପରାସ୍ତ କରିଛି। ନବରଙ୍ଗପୁର ୪୦.୧ ଓଭରରେ ୨୦୫ ରନରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ବରଗଡ଼ ୩୪.୧ ଓଭରରେ ୩ ଉଇକେଟ ହରାଇ ୨୦୬ ରନ କରି ବିଜୟୀ ହୋଇଥିଲା। ଅଡ଼ଶପୁର ଗ୍ରାଉଣ୍ଡରେ କୋରାପୁଟ ୪ ଉଇକେଟରେ ରାୟଗଡ଼ାକୁ ହରାଇଛି। ରାୟଗଡ଼ା ଦଳ ୨୨.୧ ଓଭରରେ ମାତ୍ର ୭୪ ରନରେ ଅଲ୍‌ଆଉଟ ହୋଇଥିବାବେଳେ କୋରାପୁଟ ୨୦.୫ ଓଭରରେ ୬ ଉଇକେଟ ହରାଇ ୭୬ ରନ ସଂଗ୍ରହ କରିଥିଲା। ଏମ୍‌ଜିଏମ୍ ଏସ୍ଓଏସ୍ ପଡ଼ିଆରେ ସୋନପୁର ୩ ଉଇକେଟରେ ବଲାଙ୍ଗୀରକୁ ହରାଇ ଦେଇଛି। ବଲାଙ୍ଗୀର ୫୦ ଓଭରରେ ୯ ଉଇକେଟ ହରାଇ ୨୩୮ ରନ କରିଥିଲା। ସୋନପୁର ୪୭.୧ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ଡ୍ରିମ୍ସ ଗ୍ରାଉଣ୍ଡରେ ଦେବଗଡ଼ ବୃହତ୍ ୧୫୧ ରନରେ କଳାହାଣ୍ଡିକୁ ପରାସ୍ତ କରିଛି। ଦେବଗଡ଼ ୫୦ ଓଭରରେ ୭ ଉଇକେଟ ହରାଇ ୩୨୦ ରନ କରିଥିବାବେଳେ କଳାହାଣ୍ଡି ୪୨.୧ ଓଭରରେ ୧୬୯ ରନକରି ସମସ୍ତ ଉଇକେଟ ହରାଇଥିଲା।





ଅମିତ ସୁନା



ପ୍ରିୟବ୍ରତ ସାହୁ



ନିରଞ୍ଜନ ଗୌଡ଼ା



ରାହୁଲ ଚୌଧାରୀ

# ଟିମ୍ ପେନ୍‌ଙ୍କ ଅବସର

**ହୋବାର୍ଟ, ୧୭।୩ (ଏପି)**

ଶୁକ୍ରବାର ଟାସ୍‌ମାନିଆର କୁଇନ୍ସଲାଣ୍ଡ ବିପକ୍ଷ ପ୍ରଥମ ଶ୍ରେଣୀ ମ୍ୟାଚ ଶେଷ ହେବା ପରେ ଅଷ୍ଟ୍ରେଲିଆର ପୂର୍ବତନ ଟେଷ୍ଟ କ୍ରିକେଟ ଅଧିନାୟକ ଟିମ୍ ପେନ୍ ଅବସର ଘୋଷଣା କରିଛନ୍ତି। ପେନ୍ ୨୦୧୮ରୁ ୨୦୨୧ ମଧ୍ୟରେ ଅଷ୍ଟ୍ରେଲିଆ ତରଫରୁ ୨୩ ଟେଷ୍ଟ ମ୍ୟାଚରେ ଅଧିନାୟକତ୍ୱ କରିବା ସହ ମୋଟ ଉପରେ ୩୫ଟି ଟେଷ୍ଟ ଖେଳିଛନ୍ତି। ୨୦୧୮ରେ ଅଷ୍ଟ୍ରେଲିଆର ଦକ୍ଷିଣ ଆଫ୍ରିକା ଟୁର୍ ସମୟରେ ବଲ୍ ଟ୍ୟାମ୍ପରିଂ ମାମଲାରେ ସମ୍ପୃକ୍ତିକୁ ନେଇ ଷ୍ଟିଭ୍ ସ୍ମିଥ୍‌ଙ୍କଠାରୁ ଅଧିନାୟକ ପଦ କାଢ଼ି ନିଆଯିବା ପରେ ସେ ଅଷ୍ଟ୍ରେଲିଆର ଅଧିନାୟକ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୨୧ ଶେଷ ଭାଗରେ ଜଣେ ପୂର୍ବତନ କ୍ରିକେଟ ଟାସ୍‌ମାନିଆ କର୍ମଚାରୀଙ୍କ ନିକଟକୁ ପଠାଇଥିବା ଏକ ବାର୍ତ୍ତାକୁ ନେଇ ପେନ୍ ଅଧିନାୟକ ପଦରୁ ଓହରିଯାଇଥିଲେ।

# ହନି ସିଂଙ୍କ ଉପରେ ହେବ ଡକ୍ୟୁମେଣ୍ଟାରି

**ମୁମ୍ବାଇ:** ବଲିଉଡ୍ ପ୍ରସିଦ୍ଧ ହିପ୍ ହପ୍ କଳାକାର ୟୋ ୟୋ ହନି ସିଂଙ୍କ ବୁଧବାର ଜନ୍ମଦିନ ଅବସରରେ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ରାପର ସିଂଙ୍କ ଉପରେ ଏକ ଡକ୍ୟୁମେଣ୍ଟାରି ଫିଲ୍ମ ହେବାକୁ ଯାଉଛି। ହେଲେ ଏଥିରେ ସବୁଠାରୁ ବଡ଼ କଥା ହେଉଛି, ନିକଟରେ ଓସ୍କାର ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'ଏଲିଫ୍ୟାଣ୍ଟ ହୁଇସ୍ପରର୍ସ'ର ନିର୍ମାତା ଗୁନିତ୍ ମୁଙ୍ଗା ଏହି ଡକ୍ୟୁମେଣ୍ଟାରିର ଦାୟିତ୍ୱ ନେଇଛନ୍ତି। ଏହି ଚଳଚ୍ଚିତ୍ର ଓସ୍କାର ବିଜେତା ଶିଖା ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ହେଉଥିବାବେଳେ ଏଥିରେ ନିର୍ଦ୍ଦେଶନା ଦେବେ ମୋଜେଜ୍ ସିଂ। ଏଥିରେ ଗୁନିତ୍ କହିଛନ୍ତି, ହନି ସିଂ ଭାରତୀୟ ସଙ୍ଗୀତ ଶିଳ୍ପରେ ଏକ ନୂତନ ପରିବର୍ତ୍ତନର ସାକ୍ଷୀ। ଯୁବପିଢ଼ିଙ୍କ ମଧ୍ୟରେ ତାଙ୍କୁ ନେଇ ଏକ କ୍ରେଜ୍ ରହିଛି। ହନି ସିଂଙ୍କ ଜୀବନ କାହାଣୀ ଉପରେ ଗୁନିତ୍ ଅନୁସନ୍ଧାନ କରିବାକୁ ଚାହୁଁଥିବା କହିଛନ୍ତି। ସେଥିପାଇଁ ସେ ନେଟ୍‌ଫ୍ଲିକ୍ସକୁ କୃତଜ୍ଞତା ଜଣାଇଛନ୍ତି। ହନି ସିଂଙ୍କ ଏହି ଫିଲ୍ମ ନେଟ୍‌ଫ୍ଲିକ୍ସରେ ଆସିବ। ଏହି ଚଳଚ୍ଚିତ୍ର ମାଧ୍ୟମରେ ପ୍ରଶଂସକ ତାଙ୍କ ଜୀବନ ସହିତ ପରିଚିତ ହେବେ।



# ସାମରିକ ବିକାଶ ଦ୍ୱାରା ଆର୍ଥିକ ବିକାଶ

ଦେଶରେ ସାମରିକ ଶକ୍ତିର ବିକାଶରେ ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏସବୁ ଉତ୍ପାଦନ ଏବଂ ଏହାର ରପ୍ତାନି ଦ୍ୱାରା ରାଜସ୍ୱ ବୃଦ୍ଧି ମାର୍ଗ ପ୍ରଶସ୍ତ ହୋଇଥାଏ। ତେଣୁ ପ୍ରତିବର୍ଷ ମାର୍ଚ୍ଚ ୧୮ରେ ଅର୍ଡିନାନ୍ସ କାରଖାନା ଦିବସ ପାଳନ କରାଯାଇଥାଏ।


ଅର୍ଡିନାନ୍ସ କାରଖାନା ଦିବସ

ଏହା ୧୮୦୧ ମସିହାରେ କୋଲକାତା ନିକଟରେ ଔପନିବେଶିକ ଭାରତରେ ପ୍ରଥମ ଅର୍ଡିନାନ୍ସ କାରଖାନାର ପ୍ରତିଷ୍ଠାକୁ ସ୍ମରଣ କରିଥାଏ। ବିଭିନ୍ନ ବନ୍ଧୁକ ଏବଂ ଗୁଳି ପାଇଁ କାରଖାନାର ଅନୁସନ୍ଧାନ, ବିକାଶ ଏବଂ ଉତ୍ପାଦନ କ୍ଷମତା ପାଇଁ ଭାରତୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ କାର୍ଯ୍ୟ କରିଥାଏ। ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ର ଉତ୍ପାଦନରେ ଭାରତ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ। ଆମ ଦେଶରେ ଉତ୍ପାଦନ ହେଉଥିବା ଆର୍ଟିଲିରି ଏବଂ ଗୁଳି ବିଷୟରେ ଜାଣିବା ପାଇଁ ଏହି ଦିନଟି ଏକ ଉତ୍ତମ ମାଧ୍ୟମ ଭାବେ ପରିଗଣିତ ହୋଇଥାଏ।

ଭାରତର ଅର୍ଡିନାନ୍ସ ଫ୍ୟାକ୍ଟ୍ରି ବୋର୍ଡ ହେଉଛି ବିଶ୍ୱର ୩୭ ତମ ବୃହତ୍ତମ ପ୍ରତିରକ୍ଷା ଉପକରଣ ଉତ୍ପାଦନକାରୀ। ପ୍ରତିରକ୍ଷା ଉପକରଣ ଉତ୍ପାଦନକାରୀଙ୍କ ଏହି ବୋର୍ଡକୁ ସମ୍ମାନିତ କରିବା ପାଇଁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ। ଏହି ବୋର୍ଡକୁ ଭାରତର ଚତୁର୍ଥ ଆର୍ମ ଅଫ୍ ଡିଫେନ୍ସ ବୋଲି ମଧ୍ୟ କୁହାଯାଏ। ୧୭୭୫ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ କୋଲକାତାର ଫୋର୍ଟ ୱିଲିୟମରେ ଏକ ବୋର୍ଡ ଅଫ୍ ଅର୍ଡିନାନ୍ସ ପ୍ରତିଷ୍ଠା କରି ଦେଶରେ ସେମାନଙ୍କର ଆର୍ଥିକ ତଥା ରାଜନୈତିକ ଶକ୍ତି ବିସ୍ତାର କରିଥିଲା। ଦେଶରେ ସୈନ୍ୟବାହିନୀରେ ଏହା ଆରମ୍ଭ ହୋଇଥିଲା। ବ୍ରିଟିଶମାନେ ୧୭୮୭ ମସିହାରେ ଇଶାପୋରରେ ଏକ ବନ୍ଧୁକ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିଥିଲେ, ଯାହାକି ୧୭୯୧ ମସିହାରେ ଉତ୍ପାଦନ ଆରମ୍ଭ କରିଥିଲା।

କୋଲକାତାର କୋସିପୋରରେ ବ୍ରିଟିଶମାନେ ୧୮୦୧ରେ ଏକ ବନ୍ଧୁକ ପରିବହନ ଏଜେନ୍ସି ପ୍ରତିଷ୍ଠା କରିଥିଲେ ଏବଂ ୧୮ ମାର୍ଚ୍ଚ ୧୮୦୨ରେ ଏଠାରୁ ଉତ୍ପାଦନ ଆରମ୍ଭ ହୋଇଥିଲା। ଏହି ସମୟରେ ଭାରତରେ ପ୍ରଥମ ଶିଳ୍ପ ଅର୍ଡିନାନ୍ସ କାରଖାନା ପ୍ରତିଷ୍ଠା ହୋଇଥିଲା ଏବଂ ସେମାନେ ଆଜି ମଧ୍ୟ କାର୍ଯ୍ୟ କରୁଛନ୍ତି। ଏହାପରେ ଉତ୍ପାଦନ କାରଖାନାଗୁଡ଼ିକର ବୃଦ୍ଧି ଘଟିଲା ଏବଂ ୧୯୪୭ ସୁଦ୍ଧା ଭାରତରେ ୧୮ଟି ଅର୍ଡିନାନ୍ସ କାରଖାନା ରହିଥିଲା। ସ୍ୱାଧୀନତା ପରେ ଆହୁରି ୨୧ଟି କାରଖାନା ନିର୍ମାଣ କରାଯାଇଥିଲା। ଅର୍ଡିନାନ୍ସ କାରଖାନା ବୋର୍ଡରେ ଭାରତୀୟ ଅର୍ଡିନାନ୍ସ କାରଖାନା ଅନ୍ତର୍ଭୁକ୍ତ ଏବଂ ଏହା ବର୍ତ୍ତମାନ ନିର୍ଦ୍ଦେଶାଳୟ ସମନ୍ୱୟ ଏବଂ ସେବା ଭାବରେ ଜଣାଶୁଣା। ଅର୍ଡିନାନ୍ସ କାରଖାନା ବୋର୍ଡ ୪୧ଟି କାରଖାନାର ତଦାରଖ କରେ, ଯେଉଁଥିରେ ୭୦ ହଜାରରୁ ଅଧିକ ଲୋକ ନିଯୁକ୍ତି ପାଇଛନ୍ତି। ଏହାର ବାର୍ଷିକ ଆୟ ହେଉଛି ୧୯ ହଜାର କୋଟି ଟଙ୍କା।


ଅଭିନନ୍ଦନ
ଧରିତ୍ରୀ ଜନ୍ମବାର୍ଷିକୀ
ଉତ୍ସବରେ ଶୁଭେଚ୍ଛା ।
ଉର୍ମିଳା ଫାଉଣ୍ଡେସନ
କାଳିଆବାଲି ଛକ

ଶୁଭେଚ୍ଛା ବାର୍ତ୍ତା
ଧରିତ୍ରୀ ଏକ ନିରପେକ୍ଷ, ସତ୍ୟନିଷ୍ଠ ଖବରକାଗଜ ଭାବେ ଜନାଦୃତ ହୋଇଛି । ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଖଲ୍ଲିକୋଟ ବ୍ଲକ ଏବଂ ତେନ୍ତୁଳିଆ ପଲ୍ଲି ପଞ୍ଚାୟତର ଜନସାଧାରଣଙ୍କ ସୁଖ, ସମୃଦ୍ଧି କାମନା କରୁଛି । ଆସନ୍ତୁ, ସମସ୍ତେ ମିଳିମିଶି ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିବା ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ।
କାଳୁରାମ ମହାରଣା
ସାମାଜିକ କର୍ମୀ ତଥା ଯୁବନେତା

ସ୍ୱନକ୍ଷତ୍ର ଅଭିନନ୍ଦନ
ନିର୍ଭୀକ ଓ ନିରପେକ୍ଷ ଖବର ପ୍ରସାରଣରେ ଧରିତ୍ରୀର ସ୍ୱତନ୍ତ୍ରତା ରହିଛି । ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଅବସରରେ ଖଲ୍ଲିକୋଟ ଅଞ୍ଚଳର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । କାର୍ଯ୍ୟାଳୟ ପରିସର ପରିଷ୍କାର ରଖନ୍ତୁ ।
ଚୈତନ୍ୟ ବେହେରା – ବରିଷ୍ଠ କିରାଣି
ସନ୍ତୋଷ କୁମାର ଶବର – କନିଷ୍ଠ କିରାଣି
ପ୍ରଭାତ ରଞ୍ଜନ ଆଚାର୍ଯ୍ୟ – କନିଷ୍ଠ କିରାଣି
ସବ୍‌ରେଜିଷ୍ଟର ଅଫିସ, ଖଲ୍ଲିକୋଟ

COLLEGE OF PHARMACEUTICAL SCIENCES
(A Unit of Ganjam & Phulbani Chemists & Druggists Association)
Estd. 1979
At/P.O. Mohuda, Berhampur, Dist.- Ganjam, Pin- 760 002, Odisha
Phone: 9777894786, 9861084994, 8895312379
The oldest & the first self financing Pharmacy College in the State of Odisha Offers ...
D. PHARM, B. PHARM & M. PHARM
in Pharmaceutics, Pharma Chemistry and P.A. & Q.A.
Email: principal_cpsbam@yahoo.co.in
Website: www.cpsmohuda.org
P.G. DEPARTMENT OF BIOSCIENCES
COLLEGE OF PHARMACEUTICAL SCIENCES, BERHAMPUR
(A Unit of Ganjam & Phulbani Chemists & Druggists Association)
At/P.O. Mohuda, Berhampur, Dist.- Ganjam, Pin- 760 002, Odisha
Phone: 9777894786, 9861084994, 9437617602
Approved by Berhampur University and Permanent affiliation from Government of Odisha Offers....
M.Sc. in BIOTECHNOLOGY : 60 SEATS
M.Sc. in MICROBIOLOGY : 60 SEATS
Email: principal_cpsbam@yahoo.co.in
Website: www.cpsbioscience.com

With Best Compliments From
HSI
HOTEL SAI INTERNATIONAL
INVITES YOU TO THE
Grand Opening
19TH MAR 2023
7.30PM ONWARDS
UNLIMITED BUFFET
AWAITING FOR YOUR VISIT
TEAM HSI
OPP. STADIUM,
PARALAKHEMUNDI,
GAJAPATI, ODISHA.
761200

ସ୍ୱନକ୍ଷତ୍ର ଅଭିନନ୍ଦନ
ଓଡ଼ିଶାର ଲୋକପ୍ରିୟ ଖବରକାଗଜ ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ୨୦ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀର ଉତ୍ତରୋତ୍ତର ମଙ୍ଗଳ କାମନା କରିବା ସହିତ ଖଲ୍ଲିକୋଟ ବ୍ଲକ ଅଞ୍ଚଳର ଗୁରୁଜନଙ୍କୁ ପ୍ରଣାମ ଓ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା । ମା ନାରାୟଣୀ ସମସ୍ତଙ୍କୁ ଖୁସିରେ ରଖନ୍ତୁ ।
ଭାରତୀ ମହାରଣା
ଖଲ୍ଲିକୋଟ ବ୍ଲକ ଉପାଧ୍ୟକ୍ଷା

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପୁରୁଷୋତ୍ତମପୁରର ସମସ୍ତ ବ୍ୟବସାୟୀବନ୍ଧୁଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଦୁର୍ଗାଚରଣ ଦାଶ (ଲିଟୁ)
ଓକିଲ,ପୂର୍ବତନ ସଭାପତି କପିଳେଶ୍ୱର ବଣିକ ସଂଘ, ପୁରୁଷୋତ୍ତମପୁର

'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟ/ସଦସ୍ୟା, ଏହାର କାର୍ଯ୍ୟକର୍ତ୍ତାଙ୍କୁ ମୋର ଅନେକ ଅନେକ ଅଭିନନ୍ଦନ ।
ଆର୍. ଚଲପତି ରାଓ
କାଶୀନଗର ଟାଉନ, ବିଜେଡି ସଭାପତି
ଜିଲ୍ଲା: ଗଜପତି

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବୁଗୁଡା ଏନଏସିର ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଅଭିନନ୍ଦନ । ଧରିତ୍ରୀର ଚଲାପଥ ପୁଷ୍ପମୟ ହେଉ ଏହାହିଁ କାମନା ।
ଶ୍ରୀ ଏସ୍. ଦିଲ୍ଲେଶ୍ୱର ପାତ୍ର
ଗଞ୍ଜାମ ଜିଲ୍ଲା ବିଜେଡି କାର୍ଯ୍ୟକାରୀ କମିଟିର ସଦସ୍ୟ,ବୁଗୁଡା

ଅଭିନନ୍ଦନ
ଧରିତ୍ରୀର ଜନ୍ମବାର୍ଷିକୀ
ଉତ୍ସବରେ ଶୁଭେଚ୍ଛା ।
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
କାଳିଆବାଲି ଛକ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ବ୍ରହ୍ମପୁର ସଂସ୍କରଣ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ କେଶପୁର ଆର.ଆଇ. ସର୍କଲର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଠିକ୍ ସମୟରେ ଜମିର ଟିକସ ପଇଠ କରନ୍ତୁ ।
ଏମ୍.ସୁଦାମ
କେଶପୁର ରେଭିନ୍ୟୁ ଇନ୍ସପେକ୍ଟର

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ସୀମାଞ୍ଚଳ ପାଢ଼ୀ
ଡାଇରେକ୍ଟର ଇଫ୍‌କୋ, ପୁରୁଷୋତ୍ତମପୁର

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପୁରୁଷୋତ୍ତମପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ।
ସୂର୍ଯ୍ୟନାରାୟଣ ପଣ୍ଡା
ଅଧ୍ୟକ୍ଷ, ଆତ୍ମା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ, ପୁରୁଷୋତ୍ତମପୁର

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପୁରୁଷୋତ୍ତମପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ପ୍ରତାପ ଚନ୍ଦ୍ର ପଣ୍ଡା
କଣ୍ଟ୍ରାକ୍ଟର, ପୁରୁଷୋତ୍ତମପୁର

ଧରିତ୍ରୀର ଜନ୍ମବାର୍ଷିକୀ
ଉତ୍ସବରେ ଶୁଭେଚ୍ଛା
ସୁବାସ ଚନ୍ଦ୍ର ବେହେରା
ଛତ୍ରପୁର ବିଧାୟକ

ବିଜୁ ଜନତା ଦଳ
ଲୋକପ୍ରୀୟ ଦୈନିକ ଖବର କାଗଜ
'ଧରିତ୍ରୀ' ର ବ୍ରହ୍ମପୁର ସଂସ୍କରଣର ୨୦ତମ ସନକ୍ଷତ୍ର ଅବସରରେ ଶୁଭେଚ୍ଛା ।
ସୌନ୍ଦର୍ଯ୍ୟାଭିମୁଖୀ ବ୍ରହ୍ମପୁର ସହରକୁ ଅଧିକ ସରସ, ସୁନ୍ଦର ଓ ଆକର୍ଷଣୀୟ କରିବାକୁ ଆମେ ସମସ୍ତେ ମିଳିମିଶି କାମ କରିବା ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଅଧିକ ସଶକ୍ତ କରିବା ନିମନ୍ତେ ସଂକଳ୍ପ ନେବା ।
ଶ୍ରୀ ଭୀମସେନ ଦଳେଇ
ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ
(ସମାଜ ସେବୀ)
ଶ୍ରୀମତି ସଂଘମିତ୍ରା ଦଳେଇ
ମେୟର, ବ୍ରହ୍ମପୁର

# ୧୪ ନିୟୁତ ଡଲାର ଦେବାକୁ ରାଜି ହେଲା ୟୁନିଭର୍ସିଟି

## ରେସ୍‌ଲରଙ୍କ ମୃତ୍ୟୁ ମାମଲା

**ୱିଲିୟମ୍ସବର୍ଗ (ୟୁଏସ୍), ୧୭।୩ (ଏପି)**

ଜଣେ ରେସ୍‌ଲର ଛାତ୍ରଙ୍କ ମୃତ୍ୟୁକୁ ନେଇ ଏକ ମାମଲାର ସମାଧାନ କରିବା ଲାଗି ସମ୍ପୃକ୍ତ ୟୁନିଭର୍ସିଟି ୧୪ ନିୟୁତରୁ ଅଧିକ ଆମେରିକୀୟ ଡଲାର ଦେବାକୁ ରାଜି ହୋଇଛି। ମୃତ ରେସ୍‌ଲର ୨୦ବର୍ଷୀୟ ଜୁନିୟର ଗ୍ରାଣ୍ଟ ବ୍ରେସ୍ ହେଉଛନ୍ତି ଟେନେସିର



ଜୁନିୟର ଗ୍ରାଣ୍ଟ ବ୍ରେସ୍

ଲୋସ୍‌ଭିଲେର ବାସିନ୍ଦା। କୁମ୍ବରଲାଣ୍ଡ୍ସ ୟୁନିଭର୍ସିଟି ପକ୍ଷରୁ ଆୟୋଜିତ ଏକ ହିଟ୍-ଇଲ୍‌ନେସ ପ୍ରୋଗ୍ରାମରେ ସେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଉତ୍ତାପଜନିତ ଇଞ୍ଜୁରୀ ବିଷୟରେ ସଚେତନତା ସୃଷ୍ଟି କରିଥାଏ। ୨୦୨୦ ଅଗଷ୍ଟ ୩୧ରେ ବ୍ରେସ୍ ଏହି ପ୍ରୋଗ୍ରାମ୍‌ରେ ସାମିଲ ଥିବା ବେଳେ ଅଂଶୁଘାତର ଶିକାର ହୋଇଥିଲେ। ସେ ସମୟରେ ସେ ପିଇବା ପାଇଁ ପାଣି ମାଗିଥିଲେ। ମାତ୍ର ତାଙ୍କୁ ମନା କରାଯାଇଥିଲା। ଫଳରେ ସେ ନାର୍କୋଲେପ୍‌ସିର ଶିକାର ହୋଇଥିଲେ ଏବଂ ତାଙ୍କର ମୃତ୍ୟୁ ଘଟିଥିଲା। କୋର୍ଟରେ ଦାଏର କରାଯାଇଥିବା ମକଦ୍ଦମା ଅନୁସାରେ ୨୦୨୦ ସିଜନ ଟ୍ରେନିଂର ପ୍ରଥମ ଦିବସରେ ଏହି ଘଟଣା ଘଟିଥିଲା। ସେଦିନ ପ୍ରାକ୍ଟିସ ପରେ ପ୍ରଶିକ୍ଷାର୍ଥୀମାନଙ୍କୁ ଏକାଧିକ ଥର ଏକ ଛୋଟ ପାହାଡ଼ର ଉପର ଓ ତଳ ହେବାକୁ ପଡ଼ିଥିଲା। ଏଥିରେ ବ୍ରେସ୍ କ୍ଲାନ୍ତ ହୋଇ ବସିପଡ଼ିଥିଲେ। ସେ ପିଇବା ଲାଗି ପାଣି ମାଗିଥିଲେ ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା କ୍ରମେ ବିଗିଡ଼ିବାରେ ଲାଗିଥିଲା। କିନ୍ତୁ କୋଚ୍‌ମାନେ ତାଙ୍କୁ ପାଣି ଯୋଗାଇଦେଇ ନ ଥିଲେ କିମ୍ବା ଟ୍ରେନର ଅବା ଡାକ୍ତରଙ୍କ ସହ ଯୋଗାଯୋଗ କରି ନ ଥିଲେ। ବ୍ରେସ୍ ସେହି ସ୍ଥାନ ଛାଡ଼ି ଚାଲିଯାଇଥିଲେ ଏକ ଆଉଟଡୋର ୱାଟର ଫାଉଣ୍ଟେନରୁ ପାଣି ପିଇବାକୁ, ମାତ୍ର ତାହା କାର୍ଯ୍ୟକରୁ ନ ଥିଲା। ପରେ ସେ ଏକ ବିଲ୍‌ଡିଂ ଭିତରେ ପ୍ରବେଶ କରିବାକୁ ଚେଷ୍ଟା କରି ସଫଳ ହୋଇ ନ ଥିଲେ। ସେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ୪୫ ମିନିଟ ପରେ କୋଚ୍‌ମାନେ ବ୍ରେସ୍‌ଙ୍କୁ ମୃତ ଅବସ୍ଥାରେ ପାଇଲେ। ତାଙ୍କ ହାତମୁଠାରେ କିଛି ମାଟି ଓ ଘାସ ରହିଥିଲା। ୟୁନିଭର୍ସିଟି କହିଛି ଏହି ମାମଲାକୁ ଡିଫେଣ୍ଡ କରାଯାଇ ପାରିଥାନ୍ତା। କିନ୍ତୁ ଆଇନ ପ୍ରକ୍ରିୟା ଲମ୍ବା ଓ ବ୍ୟୟବହୁଳ ହୋଇଥାନ୍ତା। ତେଣୁ ୟୁନିଭର୍ସିଟି ବ୍ରେସ୍‌ଙ୍କ ପରିବାରକୁ କ୍ଷତିପୂରଣ ଦେଇ ମାମଲାର ସମାଧାନ କରିବା ଲାଗି ନିଷ୍ପତ୍ତି ନେଇଥିଲା।

# ଭାରତକୁ ଜିତାଇଲେ ରାହୁଲ, ଜାଡେଜା

## ପ୍ରଥମ ଦିନିକିଆ


ଶତକୀୟ ଭାଗୀଦାରି ଅବସରରେ ରବୀନ୍ଦ୍ର ଜାଡେଜା ଓ ଲୋକେଶ ରାହୁଲ।

**ମୁମ୍ବାଇ, ୧୭।୩**

ଲୋକେଶ ରାହୁଲଙ୍କ ଅପରାଜିତ ଅର୍ଦ୍ଧଶତକ ଏବଂ ଅସମାପ୍ତ ୬ଷ୍ଠ ଉଇକେଟରେ ରବୀନ୍ଦ୍ର ଜାଡେଜାଙ୍କ ସହ ଶତକୀୟ ଭାଗୀଦାରି ବଳରେ ଭାରତ ଶୁକ୍ରବାର ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୫ ଉଇକେଟରେ ପରାସ୍ତ କରିଛି। ଦ୍ରୁତ ବୋଲରଙ୍କୁ ସୁହାଇଥିବା ପିଚ୍‌ରେ ଅଷ୍ଟ୍ରେଲିଆ ପୂରା ୫୦ ଓଭର ଖେଳି ନ ପାରି ୩୫.୪ ଓଭରରେ ୧୮୮ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଭାରତ ଏକଦା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ରାହୁଲଙ୍କ ଲଢୁଆ ଇନିଂସ ସହାୟତାରେ ୩୯.୫ ଓଭରରେ ୫ ଉଇକେଟ ହରାଇ ୧୯୧ ରନ ସଂଗ୍ରହ କରି ନେଇଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଜାଡେଜା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଟସ୍ ଜିତି ଭାରତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଦ୍ୱିତୀୟ ଓଭରରେ ଟ୍ରାଭିଡ ହେଡ୍ (୫)ଙ୍କୁ ଆଉଟ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ ମହମ୍ମଦ ସିରାଜ। ମିଚେଲ ମାର୍ଶ ଓ ଅଧିନାୟକ ଷ୍ଟିଭେନ ସ୍ମିଥ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ଦ୍ୱିତୀୟ ଉଇକେଟରେ ୭୨ ରନ ଯୋଗ ହେବାପରେ ସ୍ମିଥଙ୍କୁ ଲୋକେଶ ରାହୁଲଙ୍କ ହାତରେ କ୍ୟାଚ କରାଇ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ସ୍ମିଥ ୨୨ ରନ କରିଥିଲେ। ମିଚେଲ ମାର୍ଶ ଦୃଢ଼ତାର ସହ ବ୍ୟାଟିଂ କରି ସର୍ବାଧିକ ୮୧ (୬୫ ବଲ, ୧୦ ଚୌକା, ୫ ଛକା) ରନ କରିଥିଲେ। ଅଷ୍ଟ୍ରେଲିଆ ଏକଦା ୪ ଉଇକେଟ ହରାଇ ୧୬୯ ରନ କରିଥିବାବେଳେ ନାଟକୀୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯ ରନ୍ ମଧ୍ୟରେ ୬ ଉଇକେଟ ହରାଇଥିଲା। ଫଳରେ ଦଳର ସ୍କୋର ୧୮୮ରେ ସୀମିତ ହୋଇ ଯାଇଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ମହମ୍ମଦ ଶାମି ଓ ମହମ୍ମଦ ସିରାଜ ୩ଟି ଲେଖାଏ, ରବୀନ୍ଦ୍ର ଜାଡେଜା ୨ଟି ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ଶତକୀୟ ଭାଗୀଦାରି

ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ହେଁ ପିଚ୍ କଣ୍ଡିଶନରୁ ଫାଇଦା ଉଠାଇ ମିଚେଲ ଷ୍ଟାର୍କ ଓ ମାର୍କୁସ ଷ୍ଟୋଇନିସ ଘାତକ ବୋଲିଂ କରିବାରୁ ଭାରତ ମାତ୍ର ୧୬ ରନରେ ୩ଟି ଏବଂ ୩୯ ରନରେ ୪ର୍ଥ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇଶାନ କିଶନ ୩, ବିରାଟ କୋହଲି ୪, ଶୁବମନ ଗିଲ୍ ୨୦ ରନ କରିବାକୁ ସକ୍ଷମ ହୋଇଥିବାବେଳେ ସୂର୍ଯ୍ୟକୁମାର ଯାଦବ ଖାତା ଖୋଲିପାରି ନ ଥିଲେ। ଲୋକେଶ ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ଇନିଂସ ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ତେବେ ୫ମ ଉଇକେଟରେ ୫୫ ବଲ୍‌ରୁ ୪୪ ରନ ସଂଗ୍ରହ ହେବା ପରେ ହାର୍ଦ୍ଦିକଙ୍କୁ ଆଉଟ୍ କରି ଭାରତକୁ ୫ମ ଝଟ୍‌କା ଦେଇଥିଲେ ଷ୍ଟୋଇନିସ। ୩୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ହାର୍ଦ୍ଦିକ ୩ ଚୌକା ଓ ୧ ଛକା ସହାୟତାରେ ୨୫ ରନ କରିଥିବାବେଳେ ଷ୍ଟୋଇନିସଙ୍କ ଏକ ବାଉନ୍ସରକୁ ଖେଳିବାକୁ ଯାଇ ଡିପ୍ ବ୍ୟାକ୍‌ୱାର୍ଡ ସ୍କୋୟାରରେ କାମେରନ ଗ୍ରୀନ୍‌ଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଲୋକେଶ ରାହୁଲ କିନ୍ତୁ ଖେଳିଥିଲେ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ। ସେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ଅସମାପ୍ତ ୬ଷ୍ଠ ଉଇକେଟରେ ରବୀନ୍ଦ୍ର ଜାଡେଜାଙ୍କ ସହ ୧୦୮ ରନ ଯୋଗକରି ଭାରତକୁ ବିଜୟୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୯୧ ବଲ୍‌ର ସମ୍ମୁଖୀନ ହୋଇଥିବା ରାହୁଲ ୭ ଚୌକା ଓ ୧ ଛକା ସହାୟତାରେ ୭୫ ଓ ଜାଡେଜା ୬୯ ବଲ୍‌ରୁ ୪୫ (୫ଚୌକା) ରନରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ୩ଟି, ମାର୍କୁସ ଷ୍ଟୋଇନିସ ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୩୫.୪ ଓଭରରେ ୧୮୮/ଅଲ୍‌ଆଉଟ (ମିଚେଲ ମାର୍ଶ-୮୧, ଜୋଶ୍ ଇଂଲିଶ୍-୨୬, ଷ୍ଟିଭେନ ସ୍ମିଥ-୨୨, ମହମ୍ମଦ ଶାମି-୩/୧୭, ମହମ୍ମଦ ସିରାଜ-୩/୨୯, ରବୀନ୍ଦ୍ର ଜାଡେଜା-୨/୪୬, ହାର୍ଦ୍ଦିକ ପାଣ୍ଡ୍ୟା-୧/୨୯, କୁଲଦୀପ ଯାଦବ-୧/୪୮)। ଭାରତ ୩୯.୫ ଓଭରରେ ୧୯୧/୫ (ଲୋକେଶ ରାହୁଲ-୭୫*, ରବୀନ୍ଦ୍ର ଜାଡେଜା-୪୫*, ହାର୍ଦ୍ଦିକ ପାଣ୍ଡ୍ୟା-୨୫, ମିଚେଲ ଷ୍ଟାର୍କ-୩/୪୯, ମାର୍କୁସ ଷ୍ଟୋଇନିସ-୨/୨୭)।


ଉଇକେଟ ନେବାପରେ ମହମ୍ମଦ ସିରାଜ ତାରକା ଫୁଟବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଷ୍ଟାଇଲ୍‌ରେ ଖୁସି ମନାଉଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ